# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୫/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, June 5/2021 | ★★★★

୪୭ଶ ଭାଗ ୧୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଆଦିତ୍ୟଙ୍କ ହାତ ଧରିଲେ ୟାମୀ**

ବଲିଉଡ୍ ଅଭିନେତ୍ରୀ ୟାମୀ ଗୌତମ 'ଉରି ଦି ସର୍ଜିକାଲ ଷ୍ଟ୍ରାଇକ୍'ର ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କୁ ବିବାହ କରିଛନ୍ତି। **୧୪**

**୧୬** **ଆଜାରେଙ୍କା ଚତୁର୍ଥ ରାଉଣ୍ଡରେ**

ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଫ୍ରେଞ୍ଚ ଓପନ ଟେନିସ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।




# ଯୁକ୍ତ ୨ ପରୀକ୍ଷା ବାତିଲ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ଶେଷରେ ସବୁ ଦ୍ୱନ୍ଦ୍ୱର ଅନ୍ତ ଘଟିଛି। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଚଳିତବର୍ଷ ଯୁକ୍ତ୨ ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିଛନ୍ତି। ଏ ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରି କହିଛନ୍ତି, ସାରା ଦେଶରେ କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ପିଲାଙ୍କ ପାଠପଢ଼ା ଓ ଲୋକଙ୍କ ଜୀବନଜୀବିକା। କିନ୍ତୁ ଏସବୁଠାରୁ ଊର୍ଦ୍ଧ୍ୱରେ ରହିଛି ଜୀବନର ସୁରକ୍ଷା। ତେଣୁ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ସମସ୍ତଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ବାର୍ଷିକ ଯୁକ୍ତ୨ ପରୀକ୍ଷାକୁ ଚଳିତବର୍ଷ ବାତିଲ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୀବନ ଆଗ, ଆଉସବୁ ପଛ। ଜୀବନ ସୁରକ୍ଷିତ ରହିଲେ ଆଗକୁ ଅନନ୍ତ ସମ୍ଭାବନା ରହିବ ଏବଂ ସମାଜ ଓ ସଭ୍ୟତା ଆଗକୁ ବଢ଼ିବ। ତେଣୁ ଆମ ଦେଶ ଓ ଜାତିର ଭବିଷ୍ୟତ ଆମ ପିଲାମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ପରୀକ୍ଷାଠାରୁ ବହୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏପରି ସମ୍ବେଦନଶୀଳ ସମୟରେ ପରିସ୍ଥିତିକୁ ସମ୍ଭାଳିବାରେ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଉଦ୍ୟମ, ଦୃଢ଼ ମନୋବଳ ଓ ଧୈର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି। ଯୁକ୍ତ୨ ମୂଲ୍ୟାୟନ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସିଏଚ୍ଏସ୍ଇ ଦ୍ୱାରା ନିର୍ଦ୍ଧାରିତ ମାପଦଣ୍ଡ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ମୂଲ୍ୟାୟନରେ ଯଦି କୌଣସି ଛାତ୍ରୀଛାତ୍ର ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେମାନେ ଚାହିଁଲେ ପରବର୍ତ୍ତୀ ସମୟରେ ପରୀକ୍ଷା ଦେଇପାରିବେ। କିନ୍ତୁ କରୋନା ପରିସ୍ଥିତିର ସମୀକ୍ଷା କରି ପରୀକ୍ଷା କେତେବେଳେ କରାଯିବ ତାହା ସିଏଚ୍ଏସ୍ଇ ନିର୍ଣ୍ଣୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ସମୀକ୍ଷା ବୈଠକ ପରେ ସିବିଏସ୍ଇ ଦ୍ୱାଦଶ ପରୀକ୍ଷାକୁ ବାତିଲ ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ। ଏହାପରେ ସିଆଇଏସ୍ସିଇ ଦ୍ୱାରା ପରିଚାଳିତ ଆଇଏସ୍ସି ଦ୍ୱାଦଶ ପରୀକ୍ଷାକୁ ବୋର୍ଡ ବାତିଲ କରିଥିଲା। ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ସଚିବ, ସିଏଚ୍ଏସ୍ଇ ଅଧ୍ୟକ୍ଷ ଓ ଅନ୍ୟାନ୍ୟ ଅଧିକାରୀମାନେ ରାଜ୍ୟରେ ଯୁକ୍ତ୨ ପରୀକ୍ଷାକୁ ନେଇ ଭର୍ଚୁଆଲ ବୈଠକ କରିଥିଲେ। ବୈଠକରୁ କୌଣସି ପ୍ରତିକ୍ରିୟା ମିଳି ନ ଥିଲେ ସୁଦ୍ଧା ଶୁକ୍ରବାର ମୁଖ୍ୟମନ୍ତ୍ରୀ ଯୁକ୍ତ୨ ପରୀକ୍ଷାକୁ ବାତିଲ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାର ଦଶମ ଶ୍ରେଣୀ ପରୀକ୍ଷା ବାତିଲ କରିଥିବାବେଳେ ଯୁକ୍ତ୨ ପରୀକ୍ଷାକୁ ସ୍ଥଗିତ ରଖିଥିଲେ। କିନ୍ତୁ ପରୀକ୍ଷା ବାତିଲ ଦାବିକରି କେତେଜଣ ଛାତ୍ରୀଛାତ୍ର ଆନ୍ଦୋଳନ କରିଥିଲେ। ରାଜ୍ୟ ସରକାର ଜୁନ୍ ପ୍ରଥମ ସପ୍ତାହରେ କରୋନା ସ୍ଥିତି ଦେଖି ପରୀକ୍ଷା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ।



**ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

- କହିଲେ ସବୁଠୁ ଊର୍ଦ୍ଧ୍ୱରେ ଜୀବନ ସୁରକ୍ଷା
- ବିଶେଷଜ୍ଞଙ୍କ ପରାମର୍ଶ ଆଧାରରେ ହେବ ମୂଲ୍ୟାୟନ
- ସନ୍ତୁଷ୍ଟ ନ ହେଲେ ପରେ ପରୀକ୍ଷା ଦେଇପାରିବେ

# ୩ ହଜାର ଡାକ୍ତରଙ୍କ ଇସ୍ତଫା

**ଭୋପାଳ, ୪।୬**

**ମଧ୍ୟପ୍ରଦେଶରେ ସ୍ୱାସ୍ଥ୍ୟସେବା ପ୍ରଭାବିତ**

ମଧ୍ୟପ୍ରଦେଶ ହାଇକୋର୍ଟ ଜୁନିୟର ଡାକ୍ତରମାନଙ୍କ ଧର୍ମଘଟକୁ ବେଆଇନ କହିବା ସହ ସେମାନଙ୍କୁ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାର କିଛି ଘଣ୍ଟା ପରେ ରାଜ୍ୟର ୩,୦୦୦ ଡାକ୍ତର ସେମାନଙ୍କୁ ପଦବୀରୁ ଇସ୍ତଫା ଦେଇଛନ୍ତି। ଫଳରେ ମଧ୍ୟପ୍ରଦେଶରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଡାକ୍ତରମାନେ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିବେ ବୋଲି ମଧ୍ୟ ଘୋଷଣା କରିଛନ୍ତି। ସରକାର ଦାବିକୁ ଗ୍ରହଣ କରୁନାହାନ୍ତି, କେବଳ ପ୍ରତିଶ୍ରୁତି ଦେଉଛନ୍ତି ବୋଲି ମଧ୍ୟପ୍ରଦେଶ ଜୁନିୟର ଡକ୍ଟର୍ସ ଆସୋସିଏଶନ ସମ୍ପାଦକ ଅଙ୍କିତା ତ୍ରିପାଠୀ କହିଛନ୍ତି। ଧର୍ମଘଟ ବନ୍ଦ କରିବା ପାଇଁ ଡାକ୍ତରଙ୍କ ଘରକୁ ପୋଲିସ ପଠାଯାଉଛି। ଜୁନିୟର ଡାକ୍ତରମାନେ ବ୍ଲାକ୍‌ମେଲିଂ କରୁଥିବା ସରକାର ଯାହା ଅଭିଯୋଗ କରୁଛନ୍ତି, ତାହା ସତ୍ୟ ନୁହେଁ। ଯଦି ଆମେ ବ୍ଲାକ୍‌ମେଲ୍ କରିଥାନ୍ତୁ, ତେବେ ରୋଗୀ ସଂଖ୍ୟା ଏତେ କମିଲେ କିପରି ବୋଲି ଅଙ୍କିତା

☞ପୃଷ୍ଠା-୪

# ଅଭିବୃଦ୍ଧି ୧୦.୫ରୁ ୯.୫

**ମୁମ୍ବାଇ,୪।୬**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଶୁକ୍ରବାର ଏହାର ରେପୋ ରେଟ୍ ( ଯେଉଁ ସୁଧ ହାରରେ ବାଣିଜ୍ୟିକ ବ୍ୟାଙ୍କକୁ ଋଣ ପ୍ରଦାନ କରାଯାଏ) ଅପରିବର୍ତ୍ତିତ ରଖିଛି। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ୬ ସଦସ୍ୟ ବିଶିଷ୍ଟ ମୁଦ୍ରାନୀତି କମିଟି (ଏମ୍‌ପିସି) ରେପୋକୁ ୪% ଏବଂ ରିଭର୍ସ ରେପୋ ୩.୩୫% ସ୍ତରରେ ରଖିବା ନେଇ ଭୋଟ ଦେଇଛନ୍ତି। ସେହିଭଳି କରୋନା ଦ୍ୱିତୀୟ ଲହର ଯୋଗୁ କ୍ଷତିଗ୍ରସ୍ତ ଦେଶର ଅର୍ଥ ବ୍ୟବସ୍ଥାରେ ଉନ୍ନତି ଲାଗି କେନ୍ଦ୍ରୀୟ ବ୍ୟାଙ୍କ ୫୦ ହଜାର କୋଟି ଟଙ୍କାର ନଗଦ ସମ୍ପର୍କରେ ଘୋଷଣା କରିଛି। ବଜାର ପ୍ରଭାବିତ ହୋଇ ରହିଥିବାରୁ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ଆକଳନକୁ ଏହା ୧୦୦ ବେସିସ୍ ପଏଣ୍ଟ ହ୍ରାସ କରି ୯.୫% ସ୍ତରରେ ରଖିଛି। ଏହାବାଦ ଖୁଚୁରା ମୁଦ୍ରାସ୍ଫୀତି ୫.୧% ସ୍ତରରେ ରଖିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ବୈଠକ ପରେ ଗଭର୍ନର ଦାସ କହିଛନ୍ତି, ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ନୀତିଗତ ପଦକ୍ଷେପର ଆବଶ୍ୟକତା ରହିଥିବା ଏମ୍‌ପିସି ସଦସ୍ୟମାନେ ଉପଲବ୍ଧି କରିଛନ୍ତି। ଆଗାମୀ ଦିନରେ ସୁବିଧା ହେଲେ ରେପୋ ହ୍ରାସ ହେବା ସମ୍ଭାବନା ରହିଥିବା ଏଥିରୁ ଅନୁମାନ କରାଯାଉଛି। କେନ୍ଦ୍ରୀୟ ବ୍ୟାଙ୍କ ସରକାରଙ୍କ ପ୍ରତିଭୂତି ଅଧିଗ୍ରହଣ କାର୍ଯ୍ୟକ୍ରମ (ଜି-ଏସ୍ଏପି) ୨.୦ ଅଧୀନରେ ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ୧.୨ ଲକ୍ଷ କୋଟିର ପ୍ରତିଭୂତି କିଣିବ ବୋଲି ଜଣାପଡ଼ିଛି। ଜି-ଏସ୍ଏପି କାର୍ଯ୍ୟକ୍ରମ ୧.୦ରେ ଏପ୍ରିଲ ଏବଂ ମେ ମାସରେ ଆର୍‌ବିଆଇ ୧ ଲକ୍ଷ କୋଟି ଟଙ୍କାର ପ୍ରତିଭୂତି କ୍ରୟ ଲକ୍ଷ୍ୟ ରଖିଛି। ଜୁନ୍ ୧୭ରେ ପ୍ରାୟ ୪୦ ହଜାର କୋଟି ଟଙ୍କାର ପ୍ରତିଭୂତି କିଣାଯିବ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସରକାରଙ୍କ ଋଣ ଯୋଜନାକୁ ସହାୟତା କରିବା ନେଇ ଯୋଜନା ରହିଛି। ସେ ପୁଣି କହିଛନ୍ତି, ଦ୍ୱିତୀୟ ଲହର ପ୍ରଭାବ ଆର୍ଥିକ ସୁଧାର ଉପରେ

☞ପୃଷ୍ଠା-୪

- ୪% ସ୍ତରରେ ରେପୋ, ରିଭର୍ସ ରେପୋ ୩.୩୫%
- ୫୦ ହଜାର କୋଟିର ଅତିରିକ୍ତ ନଗଦ ସୁବିଧା
- ୧.୨ ଲକ୍ଷ କୋଟିର ପ୍ରତିଭୂତି କିଣାଯିବ
- ପର୍ଯ୍ୟଟନ ଶିଳ୍ପ ଲାଗି ୧୫ ହଜାର କୋଟିର ନଗଦ
- ସିଡ୍‌ବି ଦେବ ୧୬ ହଜାର କୋଟିର ଅତିରିକ୍ତ ଋଣ
- ୫୦ କୋଟି ଟଙ୍କା ଯାଏ ଋଣ ପୁନର୍ଗଠନ କରିହେବ

**ରେପୋ ରେଟ୍ ଅପରିବର୍ତ୍ତିତ କଲା ଆର୍‌ବିଆଇ**




# ୫ ସପ୍ତାହରେ ଡିଜେଲ ବଢ଼ିଲାଣି ୫.୩୬ ଟଙ୍କା



**ନୂଆଦିଲ୍ଲୀ/ଭୁବନେଶ୍ୱର,୪।୬**

ପେଟ୍ରୋଲ ଶୁକ୍ରବାର ଲିଟର ପିଛା ୨୭ ପଇସା ବଢ଼ିଥିବା ବେଳେ ଡିଜେଲ ୩୧ ପଇସା ବଢ଼ିଛି। ଗତ ୨ ଦିନର ବିରତି ପରେ ତୈଳ ଦର ବୃଦ୍ଧିକୁ ହିସାବ କଲେ ୫ ସପ୍ତାହ ମଧ୍ୟରେ ଡିଜେଲ ୫.୩୬ ଟଙ୍କା ଏବଂ ପେଟ୍ରୋଲ ୪.୩୭ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଡିଜେଲ ଦର ବୃଦ୍ଧି ଯୋଗୁ ସିଧାସଳଖ ପରିବହନ ବ୍ୟବସ୍ଥା ଉପରେ ପ୍ରଭାବ ପଡୁଥିବା ଜଣାପଡିଛି। ଦେଶର ପ୍ରମୁଖ ତୈଳ

☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ବିଫଳତାର ଚିଠି


# ଜୁହି ଚାୱ୍ଲାଙ୍କୁ ୨୦ ଲକ୍ଷ ଜରିମାନା

**ନୂଆଦିଲ୍ଲୀ, ୪।୬**

ଭାରତରେ ୫ଜି ଟେକ୍‌ନୋଲୋଜି କାର୍ଯ୍ୟକାରୀ କରିବା ବିରୋଧରେ ବଲିଉଡ୍ ଅଭିନେତ୍ରୀ ଜୁହି ଚାୱ୍ଲା ଦାଏର କରିଥିବା ପିଟିଶନକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏଥିସହିତ ଅଦାଲତ ଅଭିନେତ୍ରୀଙ୍କ ଉପରେ ୨୦ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଆତ୍ମପ୍ରଚାର ଲାଗି ଏଭଳି ପିଟିଶନ ଦାଏର କରାଯାଉଥିବା ହାଇକୋର୍ଟ କହିଛନ୍ତି। ପରିବେଶ୍‌ବିତ୍ ଜୁହି ତାଙ୍କ ପିଟିଶନରେ ଦର୍ଶାଇଥିଲେ ୫ଜି ତରଙ୍ଗର ବିକିରଣର ସମ୍ଭାବ୍ୟ ପ୍ରଭାବ ମାନବ ଓ ଅନ୍ୟାନ୍ୟ ପ୍ରାଣୀଙ୍କ ଉପରେ ପଡ଼ିବାର ଅଛି କି ନାହିଁ ତାହା ଉପରେ ଗବେଷଣା ହେବା ଆବଶ୍ୟକ। ୫ଜି ଟେକ୍‌ନୋଲୋଜି ମାନବ ଓ ଜୀବଜଗତ ପ୍ରତି ବର୍ତ୍ତମାନ ଓ ଭବିଷ୍ୟତରେ ନିରାପଦ ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ ପ୍ରମାଣପତ୍ର ଚାହିଁଥିଲେ ଜୁହି। ତେବେ ସେ ଏହି ଭର୍ଚୁଆଲ ଶୁଣାଣିର ଲିଙ୍କ୍‌କୁ ସୋସିଆଲ ମିଡିଆରେ ପ୍ରସାରିତ କରିବା ସହ ନିଜର ପ୍ରଚାର ଲାଗି ଉଦ୍ୟମ କରୁଛନ୍ତି ବୋଲି ଅଦାଲତ କହିଥିଲେ। ଅଭିନେତ୍ରୀଙ୍କ ପିଟିଶନରେ କୌଣସି ବଳିଷ୍ଠ ଆଧାର ନାହିଁ। ସେ ଅନାବଶ୍ୟକ, ନିନ୍ଦାତ୍ମକ ଏବଂ ବିରକ୍ତିକର ଯୁକ୍ତି କରିଛନ୍ତି। ଅନାବଶ୍ୟକ ମକଦ୍ଦମା ନ କରି ପ୍ରଥମେ ସେ ଏହି ପ୍ରସଙ୍ଗରେ ସରକାରଙ୍କୁ ଲେଖିବା ଆବଶ୍ୟକ ଥିଲା ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପକ୍ଷରେ ଅଭିନେତ୍ରୀ ଏକ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଭାରତରେ ୫ଜି ଟେକ୍‌ନୋଲୋଜିକୁ ନିଷିଦ୍ଧ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ। ଉକ୍ତ ଟେକ୍‌ନୋଲୋଜି ମାନବ ଓ ଜୀବଜଗତ ପାଇଁ ନିରାପଦ ବୋଲି କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ବିଶ୍ୱାସ ଦେବା ଆବଶ୍ୟକ ନେଇ ଜୁହି ତାଙ୍କ ସ୍ପଷ୍ଟୀକରଣରେ କହିଛନ୍ତି।







## ବ୍ଲାକ୍ ଫଙ୍ଗସ୍ ଇଞ୍ଜେକ୍ସନ ମାଗଣା ଯୋଗାଅ: ପ୍ରିୟଙ୍କା

ବ୍ଲାକ୍ ଫଙ୍ଗସ୍ ବା ମ୍ୟୁକୋର୍‌ମାଇକୋସିସ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିବାରୁ ଏହାର ଚିକିତ୍ସା ପାଇଁ ମାଗଣାରେ ଇଞ୍ଜେକ୍ସନ ଯୋଗାଇ ଦେବାକୁ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ପ୍ରତି ରାଜ୍ୟରେ କେତେ ସଂଖ୍ୟାରେ ଲୋକ ଏହି ରୋଗରେ ପୀଡ଼ିତ ଅଛନ୍ତି, ତାହା ଜନସାଧାରଣଙ୍କୁ ଜଣାଇବା ପାଇଁ ସେ କହିଛନ୍ତି। ଦେଶରେ ଏହି ରୋଗୀଙ୍କ ସଂଖ୍ୟା ୧୧,୦୦୦ ଅତିକ୍ରମ କରିଥିବାବେଳେ ଚିକିତ୍ସା ପାଇଁ ଇଞ୍ଜେକ୍ସନର ଅଭାବ ଦେଖାଦେଇଛି।



**ସଂକ୍ଷେପରେ**

## ୬ ବୁଡ଼ାଜାହାଜ ପ୍ରକଳ୍ପକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୪।୬(ପି.ଟି.):** ଭାରତୀୟ ନୌସେନା ପାଇଁ ୬ଟି ପାରମ୍ପରିକ ବୁଡ଼ାଜାହାଜ ନିର୍ମାଣ ନିମନ୍ତେ ଏକ ମେଗା ପ୍ରକଳ୍ପକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛି। ଏହି ପ୍ରକଳ୍ପରେ ୪୩,୦୦୦ କୋଟି ଟଙ୍କା ବ୍ୟୟ ହେବ। ଚାଇନା ଏହାର ସାମୁଦ୍ରିକ ଶକ୍ତି ବୃଦ୍ଧି କରିଥିବାରୁ ଭାରତୀୟ ନୌସେନାର ଶକ୍ତି ବଢ଼ାଇବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବିଦେଶରୁ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ହ୍ରାସ କରିବା ଲାଗି ଅତ୍ୟାଧୁନିକ ସାମରିକ ପ୍ଲାଟ୍‌ଫର୍ମ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିରେ ଘରୋଇ ପ୍ରତିରକ୍ଷା ଉତ୍ପାଦନକାରୀ କମ୍ପାନୀ ଏବଂ ପ୍ରମୁଖ ବିଦେଶୀ ପ୍ରତିରକ୍ଷା କମ୍ପାନୀ ଏକତ୍ର କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ସାମଗ୍ରୀ ପ୍ରାପ୍ତି ପରିଷଦ (ଡିଏସି) ବୈଠକରେ 'ପି-୭୫ ଇଣ୍ଡିଆ' ନାମରେ ଉକ୍ତ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ୧୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

## ଜେଲକୁ ଫେରିବା ଲାଗି ମୋଦିଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ, ୪।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା ଧମକ ଦେଇଥିବା ଦିଲ୍ଲୀ ଖଜୁରୀଖସ୍ ଅଞ୍ଚଳର ଜଣେ ୨୨ ବର୍ଷୀୟ ଯୁବକଙ୍କୁ ପୋଲିସ ଗିରଫ କରିଛି। ଜାମିନରେ ଆସିଥିବା ସଲମାନ ନାମକ ଏହି ଯୁବକ ଜେଲ୍ ଫେରିବାକୁ ଚାହୁଁଥିଲେ। ସେଥିପାଇଁ ସେ ଗୁରୁବାର ରାତିରେ ପୋଲିସକୁ ଫୋନ୍ କରି ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବାକୁ ଚାହାନ୍ତି ବୋଲି ଧମକ ଦେଇଥିଲେ। ପୋଲିସ ତାଙ୍କୁ ଗିରଫ କରିନେଇ ଥାନାରେ ଜେରା କଲାବେଳେ ସେ ଜେଲ୍‌କୁ ଫେରିଯିବା ଲାଗି ଏଭଳି ଧମକ ଦେଇଥିବା କଥା ସ୍ୱୀକାର କରିଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କୁ ଧମକ ଦିଆଯାଇଥିବାରୁ ଗୋଇନ୍ଦା ବିଭାଗ ସଲମାନଙ୍କୁ ଜେରା କରିବ ବୋଲି ଜଣାପଡ଼ିଛି।

## ପଦ୍ମ ପୁରସ୍କାର ପାଇଁ ସ୍ୱତନ୍ତ୍ର ଚୟନ କମିଟି ଗଢ଼ିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ

**ନୂଆଦିଲ୍ଲୀ, ୪।୬(ପି.ଟି.):** ପଦ୍ମ ପୁରସ୍କାର ଲାଗି ଉପଯୁକ୍ତ ପ୍ରତିଭା ମନୋନୟନ ନିମନ୍ତେ ସ୍ୱତନ୍ତ୍ର ଚୟନ କମିଟି ଗଠନ କରିବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଅସାଧାରଣ ଅବଦାନ ସତ୍ତ୍ୱେ ଅନେକ ବ୍ୟକ୍ତି ଏହି ପୁରସ୍କାର ପାଇଁ ମନୋନୀତ ହୋଇପାରିନାହାନ୍ତି। ସେମାନଙ୍କୁ ଖୋଜି ବାହାର କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ସମାଜକୁ ବିଭିନ୍ନ ଅବଦାନ ଥାଇ ଚର୍ଚ୍ଚାକୁ ଆସି ନ ଥିବା ଅନେକ ପ୍ରତିଭାଙ୍କୁ ବର୍ତ୍ତମାନର ସରକାର ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। କେନ୍ଦ୍ର ସରକାର ପଦ୍ମ ପୁରସ୍କାର ପାଇଁ ଜୁନ୍ ୧ରୁ ୧୫ ମଧ୍ୟରେ ଅନ୍‌ଲାଇନ ପୋର୍ଟାଲ 'padmaawards.Gov.In'ରେ ଆବେଦନ ଗ୍ରହଣ କରିବା ପାଇଁ ୱିଣ୍ଡୋ ଖୋଲା ରଖିଛନ୍ତି। ଏ ସମ୍ପର୍କରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜଣାଇଛି।

## ଆଜି ଭାଜପା ବିଧାୟକ, ଏମ୍‌ପିଙ୍କ ଘର ଆଗରେ ଚାଷୀଙ୍କ ବିକ୍ଷୋଭ

**ଗାଜିଆବାଦ, ୪।୬(ପି.ଟି.):** ବିବାଦୀୟ କୃଷି ଆଇନ ବିରୋଧରେ ଦୀର୍ଘଦିନ ହେଲା ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଶନିବାର ଦେଶବ୍ୟାପୀ ଭାଜପା ଏମ୍‌ପି ଏବଂ ବିଧାୟକମାନଙ୍କ ଘର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବେ। ଭାରତୀୟ କିଷାନ ୟୁନିୟନ (ବିକେୟୁ)ର ଜଣେ କାର୍ଯ୍ୟକର୍ତ୍ତାଙ୍କ କହିବା ଅନୁଯାୟୀ କେନ୍ଦ୍ର ସରକାର କୃଷି ଅଧ୍ୟାଦେଶ ଆଣିବାର ଏକ ବର୍ଷ ପୂର୍ତ୍ତି ଅବସରରେ ଏଭଳି ବିକ୍ଷୋଭ ପ୍ରଦର୍ଶନ ଲାଗି ନିଷ୍ପତ୍ତି ନିଆଯାଇଛି। ବିକ୍ଷୋଭକାରୀ ଚାଷୀମାନେ ଶନିବାର ଭାଜପା ଏମ୍‌ପି ଏବଂ ବିଧାୟକମାନଙ୍କ ଘର ବାହାରେ କୃଷି ଆଇନର ନକଲ ପୋଡିବେ ବୋଲି ବିକେୟୁ ଗଣମାଧ୍ୟମ ପ୍ରଭାରୀ ଧର୍ମେନ୍ଦ୍ର ମଲିକ କହିଛନ୍ତି। ଯେଉଁ ଜିଲାରେ ଭାଜପା ଏମ୍‌ପି କିମ୍ବା ବିଧାୟକ ନାହାନ୍ତି, ସେଠାରେ ଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ କରାଯିବ। କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ସଂଗଠନଗୁଡ଼ିକ ଗତବର୍ଷ ନଭେମ୍ବରରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଆସୁଛନ୍ତି। ଏନେଇ ସରକାରଙ୍କ ସହ କୃଷକ ସଂଗଠନଗୁଡ଼ିକର ଅନେକ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ହେଁ ଉଭୟ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିବାରୁ ଅଚଳାବସ୍ଥା ଦୂର ହୋଇପାରି ନାହିଁ।

## ୩.୫ ଘଣ୍ଟାରେ ନ୍ୟୁୟର୍କରୁ ଲଣ୍ଡନ




**ନ୍ୟୁୟର୍କ**

ଆମେରିକାର ନ୍ୟୁୟର୍କରୁ ବ୍ରିଟେନ ରାଜଧାନୀ ଲଣ୍ଡନକୁ ବିମାନରେ ଯାତ୍ରା କରିବାକୁ ହେଲେ ମାତ୍ର ୩.୫ ଘଣ୍ଟା ଲାଗିବ। ଏହି ଅନ୍ତର୍ଜାତୀୟ ଯାତ୍ରାକୁ ସୁଗମ କରିବା ପାଇଁ ଏୟାରଲାଇନ୍ ଷ୍ଟାର୍ଟଅପ୍ ବୁମ୍ ସୁପରସୋନିକ୍‌ଠାରୁ ୟୁନାଇଟେଡ୍ ଏୟାରଲାଇନ୍ସ ୧୫ଟି ବିମାନ କିଣିବ। ବର୍ତ୍ତମାନ ଉଡ଼ାଣ କରୁଥିବା ଏୟାରକ୍ରାଫ୍ଟଗୁଡ଼ିକର ବେଗଠାରୁ ବୁମ୍ ବିମାନର ଗତି ୨ ଗୁଣ ଅଧିକ। ତେବେ ଏହି ଯାତ୍ରୀ ସେବା ୨୦୨୯ରେ ଆରମ୍ଭ ହେବ ବୋଲି ଉଭୟ କମ୍ପାନୀ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି।

## ସମାଲୋଚକଙ୍କୁ ନିର୍ବାଚନ ଲଢ଼ିବା ମନା

**ମସ୍କୋ**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଶୁକ୍ରବାର ଏକ ନୂଆ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। କୌଣସି ବ୍ୟକ୍ତି ରାଷ୍ଟ୍ରପତିଙ୍କୁ ସମାଲୋଚନା କଲେ ଉକ୍ତ ଆଇନ ବଳରେ ସଂସଦୀୟ ନିର୍ବାଚନ ଲଢ଼ିପାରିବେ ନାହିଁ। ଏନେଇ ରୁଷିଆର ଲିଗାଲ ଇନ୍‌ଫର୍ମେଶନ ପୋର୍ଟାଲରେ ସୂଚନା ଦିଆଯାଇଛି। ଜେଲରେ ଥିବା କ୍ରେମଲିନ୍ ସମାଲୋଚକ ଆଲେକ୍ସି ନଭାଲନିଙ୍କ ସହଯୋଗୀମାନଙ୍କୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାରଣ କରିବା ଲାଗି ଏଭଳି ଆଇନ ପ୍ରଣୟନ କରାଯାଇଥିବା କୁହାଯାଉଛି। ନିମ୍ନ ସଦନ ଡୁମା ପାଇଁ ଆସନ୍ତା ସେପ୍ଟେମ୍ବରରେ ନିର୍ବାଚନ ହେବାକୁ ଥିବାରୁ ଏହା ପୂର୍ବରୁ ପୁଟିନଙ୍କ ପଦକ୍ଷେପକୁ ସମାଲୋଚକମାନେ ନିନ୍ଦା କରିଛନ୍ତି।



**ପ୍ରଥମ ଡୋଜ୍ ଟିକାକରଣ**

# ଆମେରିକାକୁ ଟପିଲା ଭାରତ



ଇନ୍ଦୋରରେ ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମରେ କିନ୍ନରମାନଙ୍କୁ ଭାକ୍ସିନ ଦେଉଛନ୍ତି ଜଣେ ସ୍ୱାସ୍ଥ୍ୟକର୍ମୀ।

**ନୂଆଦିଲ୍ଲୀ, ୪।୬**

କୋଭିଡ୍-୧୯ ଟିକା ପ୍ରଥମ ଡୋଜ୍ ଦେବାରେ ଭାରତ ଆମେରିକାକୁ ଟପିଯାଇଛି। ଆମେରିକାରେ ଏପର୍ଯ୍ୟନ୍ତ ୧୬.୯ କୋଟି ଲୋକଙ୍କୁ ପ୍ରଥମ ଡୋଜ୍ ଦିଆଯାଇଥିବାବେଳେ ଭାରତରେ ୧୭.୨ କୋଟି ଏହା ନେଇଥିବା ସରକାର ସୂଚନା ଦେଇଛନ୍ତି। ଆୱାର ୱାର୍ଲ୍ଡ ଇନ୍ ଡାଟା ପକ୍ଷରୁ ଦିଆଯାଇଥିବା ବିଶ୍ୱ ଟିକାକରଣ ତଥ୍ୟ ଅନୁଯାୟୀ ଆମେରିକୀୟଙ୍କ ତୁଳନାରେ ଭାରତୀୟ ପ୍ରଥମ ଡୋଜ୍ ଟିକା ଅଧିକ ନେଇଥିବା ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ କହିଛନ୍ତି।

### ଅପଚୟ ରୋକିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

ଉକ୍ତ ତଥ୍ୟରେ ଚାଇନା ଟିକାକରଣ ସମ୍ପର୍କରେ ସୂଚନା ଦିଆଯାଇ ନାହିଁ। ବ୍ରିଟେନ୍ ଏପର୍ଯ୍ୟନ୍ତ ୩.୯ କୋଟି ଏବଂ ଜର୍ମାନୀ ୩.୮ କୋଟି ଲୋକଙ୍କୁ ପ୍ରଥମ ଡୋଜ୍ ଦେଇଥିବା ଉକ୍ତ ତଥ୍ୟରୁ ଜଣାପଡ଼ିଛି।

କେନ୍ଦ୍ର ସରକାରଙ୍କ ସୂଚନା ଅନୁଯାୟୀ ଶୁକ୍ରବାର ସୁଦ୍ଧା ୧୭.୮୫ କୋଟି ଲୋକ ପ୍ରଥମ ଡୋଜ୍ ଟିକା ନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ୨୨.୪୧ ଲକ୍ଷ ଡୋଜ୍ ଦିଆଯାଇଛି। ଦେଶରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ୪୩ ପ୍ରତିଶତ ଲୋକ ଅନ୍ୟୂନ ଗୋଟିଏ ଡୋଜ୍ ଟିକା ନେଇ ସାରିଥିବା ଡ. ପଲ୍ କହିଛନ୍ତି। ବରିଷ୍ଠ ନାଗରିକ ଏବଂ ବହୁବିଧ ରୋଗ ଥିବା ବ୍ୟକ୍ତିମାନଙ୍କୁ ଟିକାକରଣ ଉପରେ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ସେମାନେ ଅଧିକ ସଂଖ୍ୟାରେ ଆସି ଟିକା ନେବା ପାଇଁ ରାଜ୍ୟ ସରକାର ଆହ୍ୱାନ କରିବାକୁ ନୀତି ଆୟୋଗ ସଦସ୍ୟ କହିଛନ୍ତି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକାକରଣର ସ୍ଥିତି ସମୀକ୍ଷା କରିଛନ୍ତି। ଦେଶରେ ବର୍ତ୍ତମାନ ମଧ୍ୟ ଟିକା ଅପଚୟ ହେଉଛି। ଟିକା ଯେପରି ନଷ୍ଟ ନ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମୋଦି କହିଛନ୍ତି।

## ଡେଲ୍ଟା ଭାରିଆଣ୍ଟ ବିରୋଧରେ କମ୍ ଆଣ୍ଟିବଡ଼ି ସୃଷ୍ଟି କରୁଛି ଫାଇଜର

**ଲଣ୍ଡନ, ୪।୬(ପି.ଟି.)**

ଭାରତରେ ପ୍ରଥମେ ଚିହ୍ନଟ ହୋଇଥିବା କରୋନା ଭୂତାଣୁର ଡେଲ୍ଟା ଭାରିଆଣ୍ଟକୁ ନିଷ୍କ୍ରିୟ କରିବା ପାଇଁ ଫାଇଜର-ବାୟୋଏନ୍‌ଟେକ୍ ପ୍ରସ୍ତୁତ ଟିକା ଯଥେଷ୍ଟ କମ୍ ଆଣ୍ଟିବଡ଼ି ସୃଷ୍ଟି କରୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଲାନ୍‌ସେଟ ପତ୍ରିକାରେ ପ୍ରକାଶିତ ଉକ୍ତ ଗବେଷଣାତ୍ମକ ଅଧ୍ୟୟନ ଅନୁଯାୟୀ ଫାଇଜର ଟିକା ମୂଳ ଭୂତାଣୁ ବିରୋଧରେ ଯେତିକି ଆଣ୍ଟିବଡ଼ି ସୃଷ୍ଟି କରୁଥିଲା ଡେଲ୍ଟା ଭାରିଆଣ୍ଟ କ୍ଷେତ୍ରରେ ଏହାର ୫ ଭାଗରୁ ଭାଗେ ପ୍ରସ୍ତୁତ କରୁଛି। ଉକ୍ତ ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେଇସାରିଥିବା ବ୍ୟକ୍ତିଙ୍କ ଆଣ୍ଟିବଡ଼ି ପରୀକ୍ଷାରୁ ଏହା ଜଣାପଡ଼ିଛି। ସେହିପରି ଅଧିକ ବୟସ୍କ ଲୋକଙ୍କ କ୍ଷେତ୍ରରେ ଆଣ୍ଟିବଡ଼ି ସ୍ତର କମ୍ ରହୁଥିବା ଉକ୍ତ ଅଧ୍ୟୟନରେ କୁହାଯାଇଛି। ଫାଇଜର ଭାକ୍ସିନ୍‌ର ପ୍ରଥମ ଡୋଜ୍ ନେବା ପରେ ବି.୧.୬୧୭.୨ ଭାରିଆଣ୍ଟ ବିରୋଧରେ ଆଣ୍ଟିବଡ଼ି ସ୍ତର କମ୍ ବିକଶିତ ହେଉଥିବାରୁ ଦୁଇ ଡୋଜ୍ ମଧ୍ୟରେ ବ୍ୟବଧାନ କମାଇବାକୁ ବ୍ରିଟେନ ସରକାର ଯୋଜନା କରିଛନ୍ତି। ବ୍ରିଟେନର ଫ୍ରାନ୍ସିସ୍ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଗବେଷକମାନଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଧ୍ୟୟନ କରିଥିଲା। କେବଳ ଆଣ୍ଟିବଡ଼ି ସ୍ତରରୁ ଟିକାର ପ୍ରଭାବକୁ ଆକଳନ କରାଯାଇପାରିବ ନାହିଁ। ଏଥିପାଇଁ ଅଧିକ ଅଧ୍ୟୟନର ଆବଶ୍ୟକତା ଥିବା ସେମାନେ କହିଛନ୍ତି। ଫାଇଜର-ବାୟୋଏନ୍‌ଟେକ୍ କୋଭିଡ୍ ଟିକାର ପ୍ରଥମ କିମ୍ବା ଉଭୟ ଡୋଜ୍ ନେଇଥିବା ୨୫୦ ଜଣ ସୁସ୍ଥ ବ୍ୟକ୍ତିଙ୍କ ରକ୍ତରେ ଆଣ୍ଟିବଡ଼ି ପରିମାଣ ଅନୁଧ୍ୟାନ କରାଯାଇଥିଲା। ଉକ୍ତ ଆଣ୍ଟିବଡ଼ି ସେଲ୍ ମଧ୍ୟରେ ଭୂତାଣୁ ପ୍ରବେଶକୁ କେତେ ପରିମାଣରେ ରୋକିବାରେ ସକ୍ଷମ ହେଉଛି ତାହା ପରୀକ୍ଷା କରାଯାଇଥିଲା। କୋଭିଡ୍ ଭୂତାଣୁର ୫ଟି ଭାରିଆଣ୍ଟକୁ ନେଇ ଏହି ପରୀକ୍ଷା ହୋଇଥିଲା। ତେବେ ଡେଲ୍ଟା ଭାରିଆଣ୍ଟ (ବି.୧.୬୧୭.୨)କୁ ପ୍ରତିରୋଧ କରିବାରେ ଆଣ୍ଟିବଡ଼ି ସ୍ତର ୫ ଭାଗରୁ କମ୍ ଥିବା ଜଣାପଡ଼ିଥିଲା।

## ଦିନକରେ ୧.୩୨ ଲକ୍ଷ ପଜିଟିଭ୍, ୨,୭୧୩ ମୃତ

**ନୂଆଦିଲ୍ଲୀ, ୪।୬(ପି.ଟି.)**

କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିବାବେଳେ ଶୁକ୍ରବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୧,୩୨,୨୬୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨, ୮୫,୭୪,୩୫୦ରେ ପହଞ୍ଚିଛି। ଆରୋଗ୍ୟ ହାର ୯୩ ପ୍ରତିଶତରୁ ଅଧିକ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗତ ୨୪ ଘଣ୍ଟାରେ ୨,୭୧୩ ଜଣଙ୍କ ମୃତ୍ୟୁ ସହ କରୋନା ଜନିତ ମୋଟ ମୃତ୍ୟୁସଂଖ୍ୟା ୩,୪୦,୭୦୨ରେ ପହଞ୍ଚିଛି।



ସକ୍ରିୟ ମାମଲା କ୍ରମାଗତ ୪ ଦିନ ହେଲା ୨୦ ଲକ୍ଷ ତଳେ ରହିଛି। ଦୈନିକ ପଜିଟିଭିଟି ହାର ୬.୩୮%କୁ ହ୍ରାସ ପାଇଛି। କ୍ରମାଗତ ୧୧ ଦିନ ହେଲା ଏହି ହାର ୧୦ ପ୍ରତିଶତ ତଳେ ଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସାପ୍ତାହିକ ପଜିଟିଭିଟି ହାର ୭.୨୭% ରହିଛି। ସକ୍ରିୟ ମାମଲା ସଂଖ୍ୟା ୧୬,୩୫,୯୯୩ରେ ପହଞ୍ଚିଛି, ଯାହା କି ମୋଟ ସଂକ୍ରମଣର ୫.୭୩%। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ କ୍ରମାଗତ ୨୨ ଦିନ ହେଲା ଆରୋଗ୍ୟ ସଂଖ୍ୟା ସଂକ୍ରମଣ ସଂଖ୍ୟାଠାରୁ ଅଧିକ ରହିଛି। ଅଦ୍ୟାବଧି ମୋଟ ୨, ୬୫,୯୭,୬୫୫ ଜଣ ସୁସ୍ଥ ହେଲେଣି।

## ପିଲାଙ୍କ ପାଇଁ ଉପଲବ୍ଧ ହେବ ଫାଇଜର

**ନୂଆଦିଲ୍ଲୀ, ୪।୬**




ଆମେରିକାର ଫାଇଜର କମ୍ପାନୀ ପ୍ରସ୍ତୁତ କୋଭିଡ୍ ଟିକା ଖୁବ୍‌ଶୀଘ୍ର ଭାରତ ଆସିବା ନେଇ ଆଶା କରାଯାଉଛି। ଏହା ବୟସ୍କଙ୍କ ସମେତ ଶିଶୁମାନଙ୍କ ପାଇଁ ମଧ୍ୟ ଉପଲବ୍ଧ ହେବ ବୋଲି ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ରଣଦୀପ୍ ଗୁଲେରିଆ ଶୁକ୍ରବାର କହିଛନ୍ତି। ଜୁଲାଇରୁ ଅକ୍ଟୋବର ମଧ୍ୟରେ ଫାଇଜର କମ୍ପାନୀ ୫ କୋଟି ଡୋଜ୍ ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ସହ କଥାବାର୍ତ୍ତା ଚଳାଇଛି। ନିଜ ଦେଶ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁମୋଦନ ଆଧାରରେ ବିଦେଶୀ ଟିକାକୁ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ଦିଆଯାଇଛି। ୧୨ରୁ ୧୫ ବର୍ଷ ବୟସ ବର୍ଗର ପିଲାମାନଙ୍କୁ ଫାଇଜର ଟିକା ଦେବା ପାଇଁ ଆମେରିକାର ଫୁଡ୍ ଆଣ୍ଡ ଡ୍ରାଗ୍ ପ୍ରଶାସନ ଗତ ମାସରେ ମଞ୍ଜୁରୀ ପ୍ରଦାନ କରିଥିଲା। ଉତ୍ତରଦାୟିତ୍ୱରୁ ସୁରକ୍ଷା ପାଇଁ ଫାଇଜର କମ୍ପାନୀ ଆବେଦନ କରିଥିବାବେଳେ ସରକାର ଏହି ଦାବି ପୂରଣ କରିବା ଲାଗି ପ୍ରସ୍ତୁତ ଥିବା ଜଣାପଡ଼ିଛି। ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଫାଇଜର ଟିକାକୁ ଏହି ସୁବିଧା ମିଳିଛି। ଆମେରିକା ଓ ବ୍ରିଟେନରେ ଏହି ଟିକା ଦିଆଯାଇଥିଲେ ମଧ୍ୟ ବିଶେଷ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇ ନ ଥିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେବାରେ ଏହା ସହାୟକ ହେବ ବୋଲି ଗୁଲେରିଆ କହିଛନ୍ତି। ଗୁରୁବାର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ମଧ୍ୟ ସରକାରଙ୍କ ନିକଟରେ ଉତ୍ତରଦାୟିତ୍ୱରୁ ସୁରକ୍ଷା ଲୋଡ଼ିଥିଲା।



ହଂକଂରେ ୟୁନିଭର୍ସିଟି ଛାତ୍ରୀଛାତ୍ର 'ପିଲାର୍ ଅଫ୍ ଶେମ୍' ଷ୍ଟାଚ୍ୟୁକୁ ଶୁକ୍ରବାର ସଫା କରୁଛନ୍ତି। ୧୯୮୯ ତିଆନାମେନ୍ ଦମନଲୀଳାରେ ପ୍ରାଣ ହରାଇଥିବା ଲୋକଙ୍କ ସ୍ମୃତିରେ ଏହି ସ୍ମାରକୀ ନିର୍ମାଣ କରାଯାଇଥିଲା। ମହମବତି ଜାଳି ପ୍ରତିବାଦ କରୁଥିବା ବିକ୍ଷୋଭକାରୀମାନଙ୍କୁ ପୋଲିସ ଗିରଫ କରିଛି। ଚାଇନା ପକ୍ଷରୁ ନିଷିଦ୍ଧ ଘୋଷିତ ଏହି କାର୍ଯ୍ୟକ୍ରମରେ କେହି ସାମିଲ ନ ହେବାକୁ ଚେତାବନୀ ଦିଆଯାଇଛି।

# ସହଜ ନୁହେଁ ୨୦୨୨ ନିର୍ବାଚନ

**କରୋନା ମହାମାରୀ ମୁକାବିଲାରେ ଉତ୍ତରପ୍ରଦେଶ(ୟୁପି)ର ଯୋଗୀ ଆଦିତ୍ୟନାଥ ସରକାରଙ୍କ ବିଫଳତାକୁ ନେଇ ଭାଜପା ଚିନ୍ତିତ। ୨୦୨୨ ବିଧାନସଭା ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ରାଜନୈତିକ ଦୃଷ୍ଟିରୁ ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ତଥା ଜନବହୁଳ ରାଜ୍ୟରେ ବ୍ୟାକ୍‌ଫୁଟ୍‌ରେ ଛିଡ଼ାହୋଇଛି ଗୈରିକ ଦଳ।**

ଯୋଗୀ ଆଦିତ୍ୟନାଥ | ନରେନ୍ଦ୍ର ମୋଦି



**ନୂଆଦିଲ୍ଲୀ/ଲକ୍ଷ୍ନୌ,୪।୬**

୪୦୩ ସଦସ୍ୟ ବିଶିଷ୍ଟ ଉତ୍ତରପ୍ରଦେଶ ବିଧାନସଭାର କାର୍ଯ୍ୟକାଳ ୨୦୨୨ ମାର୍ଚ୍ଚରେ ଶେଷ ହେବା ପୂର୍ବରୁ ରାଜ୍ୟରେ ନୂଆ ସରକାର ଗଠନ ଲାଗି ଭୋଟ କରାଯିବ। ୨୦୨୪ରେ ଦେଶରେ ସାଧାରଣ ନିର୍ବାଚନ ହେବ। ଉଭୟ ନିର୍ବାଚନରେ ଦଳ କ୍ଷତିଗ୍ରସ୍ତ ହେବା ଆଶଙ୍କା କରି ଭାଜପା କେନ୍ଦ୍ରୀୟ ନେତୃତ୍ୱ ଚିନ୍ତିତ। କାରଣ ଦିଲ୍ଲୀକୁ କ୍ଷମତାର ରାସ୍ତା ୟୁପି ଦେଇ ଗତି କରିଥାଏ। ଲୋକ ସଭାରେ ୟୁପିର ଆସନ ସଂଖ୍ୟା ହେଉଛି ୮୦। ଏଭଳି ଆଶଙ୍କା ପଛର କାରଣ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧ। ସେହିପରି କୋଭିଡ୍ ମୁକାବିଲାରେ ଯୋଗୀ ସରକାରଙ୍କ ବିଫଳତା ମଧ୍ୟ ଭାଜପା ପାଇଁ ବିପର୍ଯ୍ୟୟ ଆଣିଦେଇପାରେ ବୋଲି କୁହାଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅମଳରେ ବିଦ୍ରୋହର ସ୍ୱର ଉଠାଇଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କ ଅବସ୍ଥା କ'ଣ ହୋଇଥିଲା ଯୋଗୀ ତାକୁ ସ୍ମରଣ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

ମୋଦି-ଯୋଗୀଙ୍କ ମଧ୍ୟରେ ମତପାର୍ଥକ୍ୟ ଆଉ କାହାକୁ ଅଛପା ନାହିଁ। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସରେ ଯୋଗୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ ବୋଲି ଜଣାପଡ଼ିଛି। ଏଥିରେ ଜାତିଗତ ଓ କ୍ଷେତ୍ରୀୟ ସମୀକରଣକୁ ହିସାବକୁ ନିଆଯିବ। କେତେଜଣ ମନ୍ତ୍ରୀଙ୍କୁ ହଟାଯାଇ ନୂଆ ଚେହେରାଙ୍କୁ ସ୍ଥାନ ମିଳିବ। ଅନ୍ୟ କେତେଜଣ ମନ୍ତ୍ରୀଙ୍କ ବିଭାଗରେ ଅଦଳବଦଳ କରାଯାଇପାରେ। ସେହିପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ଆଇଏଏସ୍ ଅଧିକାରୀ ଅରବିନ୍ଦ କୁମାର ଶର୍ମାଙ୍କୁ ୟୁପି ସରକାରରେ ସ୍ଥାନ ମିଳିପାରେ। ତାଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହି ଗୁଜରାଟ କ୍ୟାଡର ଅଫିସର ନିକଟରେ ସ୍ୱେଚ୍ଛାକୃତ ଅବସର ନେଇ ୟୁପି ବିଧାନ ପରିଷଦକୁ ଏମ୍‌ଏଲ୍‌ସି ଭାବେ ନିର୍ବାଚିତ ହୋଇଛନ୍ତି। ଅରବିନ୍ଦ ଶର୍ମାଙ୍କୁ ଯୋଗୀ କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀ ନ ଦେଇ ଖୋଲାଖୋଲି ବିରୋଧ କରୁଥିବା କୁହାଯାଉଛି। କିନ୍ତୁ ବର୍ତ୍ତମାନ ସ୍ଥିତିରେ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ୟୁପି ନେତୃତ୍ୱରେ ବଡ଼ ଧରଣର ପରିବର୍ତ୍ତନ କରି ରିସ୍କ ନେବାକୁ ଚାହୁଁନାହାନ୍ତି। ତେଣୁ

### ୟୁପିରେ ମୋଦି-ଯୋଗୀ ଶୀତଳଯୁଦ୍ଧ

ରାଜ୍ୟରେ ଦଳୀୟ ସଙ୍ଗଠନ କିମ୍ବା ସରକାରରେ ନେତୃତ୍ୱ ପରିବର୍ତ୍ତନ ନ କରିବାକୁ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଏବଂ ଭାଜପା ପ୍ରଦେଶ ଅଧ୍ୟକ୍ଷ ସ୍ୱତନ୍ତ୍ର ଦେବ ସିଂ ବର୍ତ୍ତମାନ ନିଜ ନିଜ ପଦରେ ରହିବେ। ଆଗାମୀ ନିର୍ବାଚନରେ ଏହି ଦୁଇ ନେତା ନେତୃତ୍ୱ ନେଇପାରନ୍ତି।


ପ୍ରକାଶ ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମହାସଚିବ ଦତ୍ତାତ୍ରେୟ ହୋସ୍‌ବାଲେ ସୋମବାର ଲକ୍ଷ୍ନୌ ଗସ୍ତ ବେଳେ ସଂଘର ପଦାଧିକାରୀ ଏବଂ ଭାଜପାର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ଭାଜପାର ସଙ୍ଗଠନ ସମ୍ପାଦକ ବି.ଏଲ୍. ସନ୍ତୋଷ ଏବଂ ପ୍ରଦେଶ ପ୍ରଭାରୀ ରାଧାମୋହନ ସିଂଙ୍କୁ ଲକ୍ଷ୍ନୌ ପଠାଯାଇଥିଲା। ଲକ୍ଷ୍ନୌରେ ତିନି ନେତା ସ୍ଥାନୀୟ ନେତା ଏବଂ କେତେଜଣ ମନ୍ତ୍ରୀ ତଥା ବିଧାୟକଙ୍କୁ ଭେଟିଥିଲେ। ସ୍ୱତନ୍ତ୍ର ଦେବ ସିଂଙ୍କ ସ୍ଥାନରେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ଭାଜପାର ପ୍ରଦେଶ ଅଧ୍ୟକ୍ଷ କରାଯିବା ନେଇ କିଛି ଦିନ ହେଲା ଚର୍ଚ୍ଚା ହେଉଥିଲା। କିନ୍ତୁ ବିଧାନସଭା ନିର୍ବାଚନ ପାଇଁ ବେଶି ସମୟ ନ ଥିବାରୁ ଦଳ ନେତୃତ୍ୱ ପରିବର୍ତ୍ତନର ରିସ୍କ ନେବାକୁ ଚାହିଁଲା ନାହିଁ। ଫିଡ୍‌ବ୍ୟାକ୍ ମିଳିବା ପରେ ସ୍ଥିର କରାଯାଇଛି ଯେ, ୟୁପିରେ ସଙ୍ଗଠନ ଓ ସରକାର ମଧ୍ୟରେ ସମନ୍ୱୟ ଜରୁରୀ। ଏଥିପାଇଁ ନିୟମିତ ଭାବେ ବୈଠକ ବସିବ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆସନ୍ତା ମାସରେ ୟୁପି ଗସ୍ତ କରିବେ। ସଂଘ ଓ ଭାଜପା ନେତାଙ୍କ ଲଗାତର ଗସ୍ତ ଓ ମାରାଥନ୍ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିଲେ ହେଁ ୟୁପିରେ ଦଳର ବିଜୟ ଆଦୌ ସହଜ ହେବ ନାହିଁ ବୋଲି କୁହାଯାଉଛି। ନିକଟରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଭାଜପାର ଶୋଚନୀୟ ପରାଜୟକୁ ମଧ୍ୟ ଏଥିପାଇଁ ଦାୟୀ କରାଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୩୧,୦୯,୭୦୧ | ୩୭,୨୧,୨୫୧ | ୧୫,୫୮,୬୧,୧୬୬ |
| ଭାରତ | ୨,୮୬,୭୪,୩୭୫ | ୩,୪୨,୨୮୦ | ୨,୬୭,୨୪,୦୧୦ |
| ଓଡ଼ିଶା | ୭,୯୮,୬୯୯ | ୨୯୧୨(+୫୩) | ୭,୨୪,୪୦୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ବିଶ୍ୱ ପରିବେଶ ଦିବସ**




# ଟିକା ପ୍ରାଇସ୍ ବିଡିଂ ୯ରେ

ଭୁବନେଶ୍ୱର,୪।୬(ବ୍ୟୁରୋ

ଟିକା ପାଇଁ ଓଡ଼ିଶା ରାଜ୍ୟ ଔଷଧ ନିଗମ (ଓଏସ୍ଏମ୍ସିଏଲ) ପକ୍ଷରୁ ଡକାଯାଇଥିବା ଗ୍ଲୋବାଲ ଇ-ଟେଣ୍ଡରରେ ୨ ଜଣ ବିଡର ଅଂଶଗ୍ରହଣ କରିଛନ୍ତି। ସେମାନଙ୍କର ବିଡ୍କୁ ମୂଲ୍ୟାୟନ କରାଯାଉଛି। ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏହି ସୂଚନା ଦେଇଛନ୍ତି। ତେବେ ଏହି ଟେଣ୍ଡରରେ ଦେଶୀୟ କିମ୍ବା ଅନ୍ତର୍ଜାତୀୟ କମ୍ପାନୀ ଅଂଶଗ୍ରହଣ କରିଛନ୍ତି କି ନାହିଁ ସେ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ଟେଣ୍ଡର ଆବେଦନ ପାଇଁ ୪ ତାରିଖ ଧାର୍ଯ୍ୟ କରାଯାଇଥିଲା। ଆସନ୍ତା ୯ ତାରିଖରେ ଟେଣ୍ଡରର ପ୍ରାଇସ୍ ବିଡିଂ ଖୋଲାଯିବା ନେଇ ଔଷଧ ନିଗମ ସମୟ ଧାର୍ଯ୍ୟ କରିଛି।

ଏଠାରେ ସୂଚନାଯୋଗ୍ୟ କେନ୍ଦ୍ର ସରକାର ଆବଶ୍ୟକ ମୁତାବକ କୋଭିଡ୍ ଟିକା ଯୋଗାଇ ପାରୁ ନ ଥିବାରୁ ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ କ୍ରୟ କରିବାକୁ ଏପ୍ରିଲ ମାସରେ ଗ୍ଲୋବାଲ ଇ-ଟେଣ୍ଡର ଡାକିଥିଲେ। ତେବେ ସେହି ଟେଣ୍ଡରରେ ଜାତୀୟ କିମ୍ବା ଅନ୍ତର୍ଜାତୀୟ ଟିକା ଉତ୍ପାଦନକାରୀ କମ୍ପାନୀ ଅଂଶଗ୍ରହଣ କରି ନ ଥିଲେ। ଗତ କ୍ୟାବିନେଟ ବୈଠକରେ ରାଜ୍ୟ ସରକାର ବିଶ୍ୱସ୍ତରୀୟ ଟେଣ୍ଡର ପାଇଁ ସର୍ତ୍ତରେ କେତେକ କୋହଳ କରିଥିଲେ ମଧ୍ୟ ଅନ୍ତର୍ଦ୍ଦେଶୀୟ ଟିକା ଉତ୍ପାଦନକାରୀ କମ୍ପାନୀ ପ୍ରି-ବିଡିଂ ଟେଣ୍ଡରରେ ଅଂଶଗ୍ରହଣ କରି ନ ଥିଲେ। ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ଅନୁମତି ଆବଶ୍ୟକ ପଡୁଥିବାରୁ ବିଦେଶୀ କମ୍ପାନୀ ଏହି ଟେଣ୍ଡରରେ ଅଂଶଗ୍ରହଣ କରି ନ ଥିବା ଜଣାପଡ଼ିଛି। ଫଳରେ ରାଜ୍ୟ ସରକାର ଜୁନ୍ ୧ ତାରିଖରେ ଏ ନେଇ ଟେଣ୍ଡର ସର୍ତ୍ତରେ ସଂଶୋଧନ କରିଥିଲେ। ପୂର୍ବରୁ ଟେଣ୍ଡର ଆବେଦନ ପାଇଁ ଡିସିଜିଆଇ ଅନୁମୋଦନ ବାଧ୍ୟତାମୂଳକ ଥିଲା। ସଂଶୋଧନ ପରେ ବିଡରମାନେ ଆବଶ୍ୟକ କାଗଜପତ୍ର ସହିତ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ବୋଲି କୁହାଯାଇଥିଲା। ଡିସିଜିଆଇ ଅନୁମୋଦନ ଆଣିବା ପରେ ଟେଣ୍ଡରରେ ଯୋଗ୍ୟତା ଅର୍ଜନ କରିଥିବା କମ୍ପାନୀକୁ ପର୍ଚ୍ଚେଜ ଅର୍ଡର ଦିଆଯିବ ବୋଲି ସଂଶୋଧିତ ନିର୍ଦ୍ଦେଶାବଳୀରେ କୁହାଯାଇଥିଲା। ଏହା ସତ୍ତ୍ୱେ ଟେଣ୍ଡରରେ ମାତ୍ର ୨ଟି ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଟେଣ୍ଡର ପ୍ରକ୍ରିୟା ସଫଳ ହେଉ ନ ଥିବାରୁ ରାଜ୍ୟ ସରକାର ଟିକା ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଜୁନ୍ ୧ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖିଥିବା ବେଳେ ଜୁନ୍ ୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଉପରେ ଚାପ ପକାଇବା ପାଇଁ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

ରାଜ୍ୟରେ ଏ ପର୍ଯ୍ୟନ୍ତ ପ୍ରାୟ ୬୨ ଲକ୍ଷ ଲୋକଙ୍କୁ ଗୋଟିଏ ଡୋଜ୍ ଲେଖାଏ ଟିକାକରଣ କରାଯାଇଛି। ଗତ ଏପ୍ରିଲଠାରୁ ରାଜ୍ୟରେ ଦୈନିକ ୨ ଲକ୍ଷ ଲୋକଙ୍କୁ ଟିକା ଦିଆଯାଇ ଆସୁଛି। ଦିନକୁ ୩ ଲକ୍ଷ ଲୋକଙ୍କୁ ଟିକା ଦେବା ବ୍ୟବସ୍ଥା ଥିବାବେଳେ ଟିକା ଅଭାବରୁ ବର୍ତ୍ତମାନ ଏହା ୬୦ରୁ ୭୦ ହଜାରକୁ ଖସି ଆସିଛି। କେନ୍ଦ୍ର ସରକାର ୧୮ରୁ ୪୪ ବର୍ଷ ଲୋକଙ୍କ ପାଇଁ ସିଧାସଳଖ ଟିକା କିଣିବା ପାଇଁ ଅନୁମତି ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସିରମ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆରୁ ୨୨୦ ଲକ୍ଷ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍ରୁ ୧୦.୩୪ ଲକ୍ଷ କୋଭାକ୍ସିନ ଟିକା କିଣିବାକୁ ଅର୍ଡର ଦେଇଥିଲେ। ସେହି ସଂସ୍ଥାଗୁଡ଼ିକ ମଧ୍ୟ ଟିକା ଯୋଗାଇ ନ ଥିଲେ। ଫଳରେ ରାଜ୍ୟ ସରକାର ବିଶ୍ୱ ବଜାରରୁ ଟିକା କ୍ରୟ କରିବାକୁ ଇ-ଟେଣ୍ଡର ଆହ୍ୱାନ କରିଛନ୍ତି।

**ଅଂଶଗ୍ରହଣ କଲେ ୨ ସଂସ୍ଥା**




## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ତାଳଚେର,୪।୬(ନି.ପ୍ର.):** ଅନୁଗୋଳ ଜିଲା ତାଳଚେର ଥାନା କଣ୍ଡାଳ ପଞ୍ଚାୟତ ବଙ୍ଗାଳିଡେଲା ଗ୍ରାମରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଜୀବନ ବେହେରା (୫୫) ଟାଙ୍ଗିଆରେ ହାଣି ସ୍ତ୍ରୀ ହୀନ ବେହେରା (୪୯)ଙ୍କୁ ହତ୍ୟା କରିଛନ୍ତି। ପ୍ରକାଶ ଯେ, ଜୀବନ ବେହେରା କିଛି ଦନ ହେବ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ସୃଷ୍ଟି ହେଉଥିଲା। ଗୁରୁବାର ବଡପୁଅ ଓ ସାନପୁଅଙ୍କ ଅନୁପସ୍ଥିତର ସୁଯୋଗ ନେଇ ବିଳମ୍ବିତ ରାତିରେ ସ୍ତ୍ରୀଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏପରି କି ଶରୀରରୁ ମୁଣ୍ଡ କାଟି ଏକ ଜରିବସ୍ତାରେ ପୂରାଇ ରଖିଥିଲେ। ବିଶେଷସୂତ୍ରରୁ ଖବରପାଇ ତାଳଚେର ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ଏସ୍ଆଇ ବିପ୍ଳବ ସାହୁ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ଜୀବନଙ୍କୁ ଗିରଫ କରିଥିଲେ। ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଓ ସାଇଣ୍ଟିଫିକ ଟିମ୍ଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ମେଡିକାଲ ପଠାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୨୨୪/୨୧ରେ ଏକ ମାମଲା ରୁଜୁ କରାଯାଇ ଅପରାହ୍ନରେ ଜୀବନଙ୍କୁ କୋର୍ଟଚାଲାଣ କରାଯାଇଛି।

## ୭ରୁ କୋର୍ଟ, ଟ୍ରିବ୍ୟୁନାଲରେ ଶୁଣାଣି

### ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି

**କଟକ ଅଫିସ,୪।୬:** ରାଜ୍ୟ ସରକାରଙ୍କ ପକ୍ଷରୁ ବୃଦ୍ଧି କରାଯାଇଥିବା ଲକ୍ଡାଉନ୍ ସମୟ ସୀମା ଓ ଗ୍ରୀଷ୍ମ ଅବକାଶ ପରେ ଜିଲା କୋର୍ଟ ଓ ଟ୍ରିବ୍ୟୁନାଲ କିପରି କାର୍ଯ୍ୟ କରିବ ତାହାକୁ ନେଇ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଶୁକ୍ରବାର ଏକ ବିଜ୍ଞପ୍ତି ଜାରି କରିଛନ୍ତି। କୋର୍ଟ ଓ ଟ୍ରିବ୍ୟୁନାଲଗୁଡ଼ିକରେ ଆସନ୍ତା ୭ରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ସମସ୍ତ ମାମଲାର ଶୁଣାଣି କରାଯିବ। ଅଭିଯୁକ୍ତ ଯେଉଁଠାରେ ଥିବେ ସେଠିଠାରୁ ଭର୍ଚୁଆଲ ମୋଡ୍ରେ ଶୁଣାଣି କରାଯିବ। ଜିଲା କୋର୍ଟ ବିଚାରପତିମାନେ ବାର୍ ଆସୋସିଏଶନର ଆଇନଜୀବୀ ଓ ମାମଲାରେ ଲଢୁଥିବା ଆଇନଜୀବୀଙ୍କୁ ଏସମ୍ବନ୍ଧରେ ଅବଗତ କରାଇବେ। ତେବେ ରାଜ୍ୟ ସରକାରଙ୍କ ତରଫରୁ ଜାରି କରାଯାଇଥିବା କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି କୋର୍ଟ ଓ ଟ୍ରିବ୍ୟୁନାଲଗୁଡ଼ିକରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରାଯିବନାହିଁ। ଏଥିସହ ବିଚାରପତିମାନେ ମାମଲାଗୁଡ଼ିକ କୋର୍ଟରେ ସୁପରିଚଳନା କରିବା ପାଇଁ ବାର୍ ଆସୋସିଏଶନର ଆଇନଜୀବୀଙ୍କ ସହଯୋଗ ଲୋଡ଼ନ୍ତୁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ହାତୀ ଆକ୍ରମଣରେ ଯୁବକ ମୃତ

**କପ୍ତିପଦା,୪।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଶରତ ଥାନା ଅଧୀନ ରୁଗୁଡ଼ି ଭଗଲାସାହି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାର୍ସା ଟୁଡୁ। ଗୁରୁବାର ସନ୍ଧ୍ୟାରେ ସେ ସ୍ଥାନୀୟ ଦୁଗ୍ଧା ଜଙ୍ଗଲରୁ ଗୋରୁ ଚରାଇ ଫେରୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ଖବରପାଇ ଶରତ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉଦଳା ପଠାଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୪୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିବା କପ୍ତିପଦା ରେଞ୍ଜର ମହେଶ୍ୱର ସିଂ ପ୍ରକାଶ କରିଛନ୍ତି।

# ସଂକ୍ରମଣ ହାର ୧୧.୨୬%କୁ ଖସିଲା

## ଆଉ ୭,୭୨୯ ପଜିଟିଭ୍, ୩୯ ମୃତ

ଭୁବନେଶ୍ୱର,୪।୬(ବ୍ୟୁରୋ)

ରାଜ୍ୟରେ ସୁଧୁରୁଛି କରୋନା ସ୍ଥିତି। କମୁଛି କରୋନା ସଂକ୍ରମଣ ହାର। ଗତ ୨୯ ତାରିଖରେ ୯,୫୪୧ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ଲଗାତର ୪ ଦିନ ଏହି ସଂଖ୍ୟା ୮ ହଜାର ଉପରେ ରହିଥିଲା। କିନ୍ତୁ ଗତ ୨୪ ଘଣ୍ଟାରେ ୬୮,୬୦୪ ନମୁନା ପରୀକ୍ଷା ହୋଇଥିବାବେଳେ ୭,୭୨୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୧୧.୨୬ ପ୍ରତିଶତକୁ ଖସି ଆସିଛି। ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିବାର ଅନୁମାନ କରାଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି।

ତେବେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୦୬୨ଜଣ ରହିଛନ୍ତି। ସେହିପରି କଟକରୁ ୭୨୦, ଅନୁଗୋଳ ୪୪୯, ମୟୂରଭଞ୍ଜ ୪୪୨, ବାଲେଶ୍ୱର ୪୨୬, ଯାଜପୁର ୩୮୮, ପୁରୀ ୩୩୩, ରାୟଗଡ଼ା ୩୧୦, ସୁନ୍ଦରଗଡ଼ ୨୭୦, ଜଗତ୍ସିଂହପୁର ୨୫୫, ଢେଙ୍କାନାଳ ୨୫୨, କେନ୍ଦ୍ରାପଡ଼ା ୨୨୩, ନୟାଗଡ଼ ଓ ନବରଙ୍ଗପୁରରୁ ୨୧୯ ଲେଖାଏ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ନୂଆ ଆକ୍ରାନ୍ତ ସଂଖ୍ୟା ୨ଶହ ତଳକୁ ରହିଥିବାବେଳେ ମୋଟ ସଂକ୍ରମଣ ୭,୯୮,୬୯୯ରେ ପହଞ୍ଚିଛି।

ଅପରପକ୍ଷେ ରାଜ୍ୟରେ ଆଉ ୩୯ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬ଜଣ ଥିବାବେଳେ ଅନୁଗୋଳ, ଝାରସୁଗୁଡ଼ା, କଳାହାଣ୍ଡି, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲାରୁ ୩ଜଣ ଲେଖାଏ, ବୌଦ୍ଧ, କଟକ, ଦେବଗଡ଼, ଗଜପତି, ଗଞ୍ଜାମ ଓ ପୁରୀ ଜିଲାରୁ ୨ଜଣ ଲେଖାଏ ଏବଂ ବଲାଙ୍ଗୀର, ଢେଙ୍କାନାଳ, ଜଗତ୍ସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ସମ୍ବଲପୁରରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୯୧୨ରେ ପହଞ୍ଚିଛି।

ସେପଟେ ତୃତୀୟ ଲହରକୁ ନେଇ ଏବେ ଚିନ୍ତା ବଢ଼ିଲାଣି। ଏ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର କହିଛନ୍ତି, ବର୍ତ୍ତମାନ ୩୯ ପ୍ରତିଶତ ସାଧାରଣ ବେଡ୍ ବ୍ୟବହାର କରାଯାଉଛି। ଭେଣ୍ଟିଲେଟର ଓ ଅକ୍ସିଜେନ ବେଡ୍ ୬୦ ପ୍ରତିଶତ ଅଛି। ୫ରୁ ୬ଟି ଜାଗାରେ ନୂଆ କରି ସିସିସି, ଡିସିଏସସି ଓ ଡିସିଏସ୍ କରାଯାଇଛି। ଏକ୍ସପର୍ଟଙ୍କ ପୂର୍ବାନୁମାନ ଅନୁସାରେ ତୃତୀୟ ଲହରରେ ଶିଶୁ ପ୍ରଭାବିତ ହେବେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଛନ୍ତି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।



- ୩ହଜାର ନିକଟତର କରୋନା ମୃତ୍ୟୁ
- ତୃତୀୟ ଲହର ମୁକାବିଲା ନେଇ ଚାଲିଛି ପ୍ରସ୍ତୁତି

## ବଡ଼ଭାଇ ଗୁଳିମାଡ଼ରେ ସାନ ଗୁରୁତର

**ଭଞ୍ଜନଗର,୪।୬(ଡି.ଏନ.ଏ.):** ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ସଲପଡଇଲା ଗ୍ରାମରେ ଗୁରୁବାର ରାତିରେ ବଡ଼ ଭାଇ ଗୁଳିମାଡ଼ରେ ସାନଭାଇ ଗୁରୁତର ହୋଇଛନ୍ତି। ଗୁରୁତର ନରେନ୍ଦ୍ର ମଳିକଙ୍କୁ ପ୍ରଥମେ ଭଞ୍ଜନଗର ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ବଡ଼ଭାଇ ଦେବେନ୍ଦ୍ରଙ୍କୁ ଥାନାରେ ଅଟକ ରଖାଯାଇଛି। ନରେନ୍ଦ୍ରଙ୍କ ମା'ଙ୍କ ଏତଲା ପ୍ରକାରେ ନଂ.୧୨୮/ ୨୧ରେ ପୋଲିସ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଦେବେନ୍ଦ୍ର ଗୁରୁବାର ରାତିରେ ତାଙ୍କ ସ୍ତ୍ରୀଙ୍କୁ ମାରଧର କରୁଥିଲେ। ନରେନ୍ଦ୍ର ଆସି ଅଟକାଇବାରୁ ଦେବେନ୍ଦ୍ର ଘରେ ରଖିଥିବା ଦେଶୀ ବନ୍ଧୁକ ଆଣି ନରେନ୍ଦ୍ରଙ୍କ ଉପରକୁ ଗୁଳି ଚଳାଇଥିଲେ।


**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ତୁମେ ଆମକୁ ଦୁଃଖ ସାଗରରେ ଭସାଇ ହଠାତ୍ ଛାଡ଼ି ଚାଲିଗଲ । ତୁମର ପାର୍ଥିବ ଅନୁପସ୍ଥିତି ଆମ୍ଭମାନଙ୍କ ଜୀବନରେ ଏକ ବିରାଟ ଶୂନ୍ୟତା ସୃଷ୍ଟି କରିଛି । ତୁମର ସ୍ନେହ ଓ ଶ୍ରଦ୍ଧାସବୁଦିନ ପାଇଁ ଆମର ସ୍ମୃତି ହୋଇ ରହିବ । ଆଜିର ଏହି ଏକାଦଶାହ କର୍ମ ଅବସରରେ ତୁମର ଅମର ପୂଣ୍ୟ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।

**ସ୍ୱ ସରୋଜିନୀ ସାହୁ**

ପ୍ଲଟ ନଂ ୨/୩୦୦୭, ଏରଡି କଲୋନି ରିମଟାଙ୍ଗି, ଭୁବନେଶ୍ୱର
ଆବିର୍ଭାବ - ୧୭.୦୮.୧୯୫୩
ତିରୋଧାନ - ୨୭.୦୫.୨୦୨୧

-: ଶୋକସନ୍ତପ୍ତ :-

ସ୍ୱାମୀ- ଭଜମନ, ପୁତ୍ର- ସଞ୍ଜୟ,ସମିର,
ପୁତ୍ରବଧୂ- ସୁନିତା,ମିତାଲି, ଝିଅ- ପ୍ରତିମା,ନିଳିମା,
ନାତି- ସାଇଦୀପ, ନାତୁଣୀ- ଇସିତା
ସାହୁ ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ


# ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ

### ବ୍ୟବସାୟୀଙ୍କୁ ଅତିରିକ୍ତ ତହସିଲଦାର ପିଟିବା ଘଟଣା

### ମାନବାଧିକାର କମିଶନ ନିକଟରେ ଅଭିଯୋଗ

ଝାରସୁଗୁଡ଼ା ଅଫିସ,୪।୬

କୋଭିଡ୍ ତଦାରଖ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଝାରସୁଗୁଡ଼ା ଅତିରିକ୍ତ ତହସିଲଦାର ଯୋଗୀତା ତିର୍କୀ ଗତ ବୁଧବାର ଜଣେ ବୃଦ୍ଧ ତରଭୁଜ ବିକାଳି ଓ ତାଙ୍କ ନାବାଳକ ପୁଅଙ୍କୁ ବାଡିରେ ପିଟିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଘଟଣାର ତଦନ୍ତ ଆରମ୍ଭ ହୋଇଛି।

ଅତିରିକ୍ତ ତହସିଲଦାରଙ୍କ ମାଡ଼ ମାରିବା ଭିଡିଓ ପ୍ରଥମେ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ମାଜିଷ୍ଟ୍ରେଟ୍ଙ୍କ ଏଭଳି ଅମାନବୀୟ କାର୍ଯ୍ୟକୁ ବିଭିନ୍ନ ସଙ୍ଗଠନ ନିନ୍ଦା କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବ୍ରଜରାଜନଗରର ମାନବାଧିକାର କର୍ମୀ ରବି ସୋନୀ ଶୁକ୍ରବାର ଏ ନେଇ ମାନବାଧିକାର କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଅତିରିକ୍ତ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏଭଳି ସ୍ଥିତିରେ ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଶୁକ୍ରବାର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମାଡ଼ ଖାଇଥିବା ବୃଦ୍ଧ ବ୍ୟବସାୟୀ ଦେବେନ ଝା ଓ ନାବାଳକ ପୁଅଙ୍କୁ ତାଙ୍କ ଘରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାକୁ ଅତିରିକ୍ତ ତହସିଲଦାର ତିର୍କୀଙ୍କୁ ମଧ୍ୟ ଡକାଯାଇଥିଲା। ଉପଜିଲାପାଳ ଶିବ ଟପ୍ପୋ ପଚରାଉଚରା କରି ଉଭୟ ପକ୍ଷଙ୍କ ବୟାନ ରେକର୍ଡ କରିଥିବା ଜଣାପଡ଼ିଛି। ଭାଇରାଲ୍ ହୋଇଥିବା ଭିଡ଼ିଓ ଦେଖିବା ପରେ ମାଜିଷ୍ଟ୍ରେଟ୍ ବ୍ୟବସାୟୀଙ୍କୁ କାହିଁକି ଓ କେଉଁ ପରିସ୍ଥିତିରେ ବାଡିରେ ପଟିଲେ ତାହାର ତଦନ୍ତ ଚାଲିଛି ବୋଲି ଉପଜିଲାପାଳ ଶିବ ଟପ୍ପୋ କହିଛନ୍ତି। ସେ ଆଉ କହିଛନ୍ତି, ତଦନ୍ତ କରାଯାଇ ସବିଶେଷ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଏହା ଉପରେ ଜିଲାପାଳ ଯାହାକିଛି ପଦକ୍ଷେପ ନେବେ।





ମାଡ଼ ଖାଇଥିବା ବ୍ୟବସାୟୀଙ୍କୁ ପଚରାଉଚରା ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଣାଯାଉଛି।

# କରୋନାରୁ ସୁସ୍ଥ ହୃଦ୍‌ରୋଗୀ ହାର୍ଟ ଚେକ୍ ଅପ୍ କରିବାକୁ ପରାମର୍ଶ

ଭୁବନେଶ୍ୱର, ୪।୬(ବ୍ୟୁରୋ)

କରୋନାର ଦ୍ୱିତୀୟ ଲହରରେ ଆରୋଗ୍ୟ ଲାଭ କରିବା ପରେ ଆକ୍ରାନ୍ତଙ୍କ ଶରୀରରେ ଅନ୍ୟାନ୍ୟ ଜଟିଳତା ଦେଖାଯାଉଛି। ଫଳରେ ରୋଗୀ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଏଥିପ୍ରତି ହୃଦ୍‌ରୋଗୀମାନେ ଅଧିକ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଇଣ୍ଟରଭେନ୍ସନାଲ କାର୍ଡିଓଲୋଜିଷ୍ଟ ଓ କାର୍ଡିଆକ୍ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟ ଡା. ଅନୁପମ ଜେନା। ସେ କହିଛନ୍ତି, ଯେଉଁ ହୃଦ୍‌ରୋଗୀମାନେ ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସେମାନେ ଆରୋଗ୍ୟ ଲାଭ ପରେ ହାର୍ଟ ଚେକ୍ ଅପ୍ କରିବା ଉଚିତ। ଫଳରେ ଭାଇରସ୍‌ଜନିତ କୌଣସି ପାର୍ଶ୍ୱ ପ୍ରତିକ୍ରିୟାକୁ ଦୂର କରାଯାଇପାରିବ। ନଚେତ୍ ଭବିଷ୍ୟତରେ ହୃଦ୍‌ଘାତର ସମସ୍ୟା ଦେଖାଦେଇପାରେ। ଏସିଆ, ୟୁରୋପ ଓ ୟୁଏସ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କରୋନା ରୋଗୀଙ୍କ ଉପରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାଯାଇଛି ଯେ, କାର୍ଡିଓଭାସ୍କୁଲାର କୋମର୍ବିଡିଟି ବା ପୂର୍ବରୁ କୌଣସି ସମସ୍ୟା ରହିଥିଲେ ହୃତ୍‌ପିଣ୍ଡରେ ଜଟିଳ ସମସ୍ୟା ଦେଖାଯିବାର ଅଧିକ ସମ୍ଭାବନା ରହିଛି। ଅନେକ ସମୟରେ ବିଳମ୍ବରେ ରୋଗ ନିରୂପିତ ହେବା ଯୋଗୁ ରୋଗୀ ହସ୍ପିଟାଲରେ ପହଞ୍ଚିବା ବେଳକୁ ଅନେକ କ୍ଷତି ହୋଇସାରିଥାଏ। ତେଣୁ କରୋନାରୁ ଆରୋଗ୍ୟ ଲାଭ କରିବା ପରେ ସମ୍ପୂର୍ଣ୍ଣ ରୋଗ ନିରୂପଣ ନିଶ୍ଚିତ ଭାବେ କରାଯିବା ଆବଶ୍ୟକ। ଏହାଦ୍ୱାରା ହୃଦ୍‌ଘାତ ବା ହଠାତ୍ କାର୍ଡିଆକ ଆରେଷ୍ଟଜନିତ ବିପଦକୁ ଦୂର କରାଯାଇପାରିବ ବୋଲି ଡା. ଜେନା କହିଛନ୍ତି।






**ଆଜିର ମନ୍ତବ୍ୟ**

"ଜନସଂଖ୍ୟା ଓ ଗୋସମ୍ପଦ ବଢୁଥିବାରୁ ଜଳ ଉପଲବ୍ଧତା ହ୍ରାସ ପାଉଛି। ସେଥିପାଇଁ ଜଳ ସଂରକ୍ଷଣ ଜରୁରୀ ହୋଇପଡ଼ିଛି।"
–ପ୍ରକାଶ ଜାଭଡେକର, କେନ୍ଦ୍ର ପରିବେଶ ମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଭିଡ୍‌ରେ ଅନାଥ ୧୨ ପିଲାଙ୍କୁ ଭତ୍ତା

**ଭୁବନେଶ୍ୱର,୪।୬(ବ୍ୟୁରୋ)**

କୋଭିଡ୍–୧୯ ମହାମାରୀ ଯୋଗୁ ମା', ବାପାଙ୍କୁ ହରାଇଥିବା ୧୨ ଜଣ ପିଲାଙ୍କୁ ଭତ୍ତା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ଦେବା ନେଇ ଘୋଷଣା କରିଛନ୍ତି। କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜରୁ ୩ ଜଣ ଲେଖାଏ, ଭଦ୍ରକ, ରାୟଗଡ଼ା ଓ ଦେବଗଡ଼ରୁ ୨ ଜଣ ଲେଖାଏ ପିଲା ଭତ୍ତା ପାଇବେ। ଅନାଥ ଶିଶୁଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ସରକାର ସହଯୋଗ କରିବେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। କରୋନା ମହାମାରୀ ଅନେକ ପିଲାଙ୍କୁ ମାତାପିତା ଛେଉଣ୍ଡ କରିଦେଇଛି। ସେହି ଅନାଥ ପିଲାଙ୍କୁ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ମାସିକ ୫୦୦ ଟଙ୍କା ଭତ୍ତା ଦେବାକୁ ନିଷ୍ପତ୍ତି ନିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ କହିବା
କପାଳରେ ସିନା ହାତ ମାରିବା।**

କର୍ମ ସହିତ ଭାଗ୍ୟ ଓ ଭଗବାନ ଅନୁକୂଳ ନ ରହିଲେ ମଣିଷ କେବେହେଲେ ଆଗକୁ ବଢ଼ିପାରେ ନାହିଁ। ପରିସ୍ଥିତି ସାଥ୍ ନ ଦେଲେ ମଣିଷ ହତାଶ ହୋଇଯାଏ। ଏପରି ସ୍ଥଳେ କାହାର ଦୋଷ ନ ଦେଇ ଭାଗ୍ୟକୁ ଆଦରି ପଡିରହିବା ହିଁ ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ**

# ଅନ୍‌ଲାଇନରେ ଆବେଦନ କରିବେ କ୍ଷତିଗ୍ରସ୍ତ ଜମାକାରୀ

**ଭୁବନେଶ୍ୱର,୪।୬(ବ୍ୟୁରୋ)**

- ୱେବ୍‌ସାଇଟ ଉନ୍ମୋଚନ କଲେ ଅର୍ଥମନ୍ତ୍ରୀ
- ହାଇଟେକ୍ , ମେସର୍ସ ରାଜଧାନୀ ସିଷ୍ଟମ୍ ଓ ଇଷ୍ଟେଟସ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ଜମାକାରୀଙ୍କଠାରୁ ଅନ୍‌ଲାଇନ ଦରଖାସ୍ତ ଆହ୍ୱାନ

ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନରେ କ୍ଷତିଗ୍ରସ୍ତ ହୋଇଥିବା ଜମାକାରୀମାନଙ୍କୁ ଚିହ୍ନଟ ଓ ସେମାନଙ୍କର ଜମା ରାଶିର ପରିମାଣ ନିରୂପଣ ସକାଶେ ସମ୍ପୃକ୍ତ ଜମାକାରୀମାନଙ୍କଠାରୁ ଅନ୍‌ଲାଇନରେ ଦାବି ଦରଖାସ୍ତ ଆହ୍ୱାନ କରାଯିବ। ଜମାକାରୀମାନେ ରାଜ୍ୟ ସରକାରଙ୍କ www.opid.odisha.gov.inରେ ଆବେଦନ କରିପାରିବେ। ଏଥିପାଇଁ ଅର୍ଥ ବିଭାଗ ପକ୍ଷରୁ ଏହି ନୂତନ ୱେବ୍‌ସାଇଟ ଆରମ୍ଭ କରାଯାଇଛି। ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ଏହାକୁ ଉନ୍ମୋଚନ କରିଛନ୍ତି। ଭର୍ଚୁଆଲ୍ ମୋଡ୍‌ରେ ଏହି ୱେବ୍‌ସାଇଟକୁ ଉନ୍ମୋଚନ କରି ଅର୍ଥମନ୍ତ୍ରୀ କହିଛନ୍ତିଯେ, ପୂର୍ବରୁ ମେସର୍ସ ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀର କ୍ଷତିଗ୍ରସ୍ତ ଜମାକାରୀମାନଙ୍କଠାରୁ ଅଫ୍‌ଲାଇନ୍‌ରେ ଦାବି ଆବେଦନ ଆହ୍ୱାନ କରାଯାଇଥିଲା। ସେହିସବୁ ଦାବି ଆବେଦନପତ୍ର ଗ୍ରହଣ, ଡିଜିଟାଇଜେଶନ୍, ଡିଜିଟାଇଜ ଡାଟା ଅନୁସାରେ କ୍ଷେତ୍ରୀୟ ତଦନ୍ତ ରିପୋର୍ଟରେ ଡିଜିଟାଇଜେଶନ୍ ଆଦି କାର୍ଯ୍ୟ ସମୟସାପେକ୍ଷ, କଷ୍ଟକର ଓ ବ୍ୟୟବହୁଳ ଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ସହଜ ଓ ସରଳ ୱେବ୍‌ସାଇଟ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) ଜରିଆରେ ପ୍ରସ୍ତୁତ କରିଛନ୍ତି।

ବର୍ତ୍ତମାନ ଏହି ୱେବ୍‌ସାଇଟ ପ୍ରଚଳନ ପରେ ଜମାକାରୀମାନଙ୍କୁ ଦରଖାସ୍ତ ଦେବା ପାଇଁ ଆଉ ତହସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ। ସେମାନେ ନିଜ ଘରୁ କିମ୍ବା ନିକଟସ୍ଥ 'ମୋ ସେବା କେନ୍ଦ୍ର'ର ସହାୟତା ନେଇ ଅନ୍‌ଲାଇନରେ ଦରଖାସ୍ତ ଦାଖଲ କରିପାରିବେ। ନିକଟସ୍ଥ 'ମୋ ସେବା କେନ୍ଦ୍ର'ର ଠିକଣା ରାଜ୍ୟ ସରକାରଙ୍କ www.odisha.gov.in ସାଇଟ୍‌ରେ ଉପଲବ୍ଧ ଅଛି। ଅନ୍‌ଲାଇନ ମାଧ୍ୟମରେ ଦାଖଲ ହୋଇଥିବା ଦାବି ଦରଖାସ୍ତଗୁଡ଼ିକୁ ଖୁବ୍‌କମ୍ ସମୟ ମଧ୍ୟରେ ପ୍ରକ୍ରିୟାକରଣ କରାଯାଇପାରିବ। ଏହାଛଡ଼ା କ୍ଷେତ୍ରୀୟ ତଦନ୍ତକାରୀ ଟିମ୍ ତଦନ୍ତ କରି ପ୍ରକୃତ ଜମାକାରୀ ଚିହ୍ନଟ କରିପାରିବେ। ସେମାନଙ୍କର ବାସ୍ତବ ଜମାରାଶିର ପରିମାଣ ନିରୂପଣ ପାଇଁ ଏହି ୱେବ୍‌ସାଇଟ ମଧ୍ୟ ଅତ୍ୟନ୍ତ ସହାୟକ ହେବ। ଜମାକାରୀମାନେ ଅନ୍‌ଲାଇନ ଆବେଦନ କଲାବେଳେ କୌଣସି ବୈଷୟିକ ଅସୁବିଧାର ସମ୍ମୁଖୀନ ହେଲେ ତାହାର ସମାଧାନ ପାଇଁ ଟୋଲ୍ ଫ୍ରି ନମ୍ବର ମଧ୍ୟ ଜାରି କରାଯାଇଛି। ବର୍ତ୍ତମାନ କରୋନା ମହାମାରୀର ପ୍ରକୋପ ଯୋଗୁ ରାଜ୍ୟବ୍ୟାପୀ ଲକ୍‌ଡାଉନ ଓ ଶଟ୍‌ଡାଉନ ଚାଲୁଥିବାବେଳେ ଏହି ୱେବ୍‌ସାଇଟ ପ୍ରଚଳନ ଦ୍ୱାରା ଜମାକାରୀମାନେ ସେମାନଙ୍କର ଦାବି ଆବେଦନ(କ୍ଲେମ୍ ଆପ୍ଲିକେଶନ) ଦାଖଲ କରିପାରିବେ। ରାଜ୍ୟ ସରକାରଙ୍କ ୫–ଟି ଅନୁଯାୟୀ ଏହି ୱେବ୍‌ସାଇଟ ପ୍ରଚଳନ ଦ୍ୱାରା ପ୍ରକୃତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ ଓ ସେମାନଙ୍କର ବାସ୍ତବ ଜମାରାଶି ନିରୂପଣ ଅତ୍ୟନ୍ତ ସ୍ୱଚ୍ଛତାର ସହିତ ଏକ ନିର୍ଦ୍ଦିଷ୍ଟ ସମୟସୀମାରେ କରାଯାଇପାରିବ।

ପ୍ରାରମ୍ଭିକ ପର୍ଯ୍ୟାୟରେ ହାଇଟେକ୍ ଇଷ୍ଟେଟସ୍ ଓ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମେସର୍ସ ରାଜଧାନୀ ସିଷ୍ଟମ୍ ଓ ଇଷ୍ଟେଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର କଲ୍ୟାଣ ବିହାର ଫେଜ–୨, ଭାଗ୍ୟନଗର, କୁଞ୍ଜବିହାର ଓ ପୁଷ୍ପାଞ୍ଜଳି ଏନ୍‌କ୍ଲେଭ୍ ଯୋଜନାରେ ବାସୋପଯୋଗୀ ଜମି (ପ୍ଲଟ୍) ପାଇଁ ଟଙ୍କା ଜମା କରି କୌଣସି ଜମି(ପ୍ଲଟ୍) କିମ୍ବା ଟଙ୍କା ଫେରସ୍ତ ପାଇନାହାନ୍ତି, ସେମାନଙ୍କଠାରୁ ଅନ୍‌ଲାଇନ ମାଧ୍ୟମରେ ଜୁନ୍ ୪ରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଦାବି ଦରଖାସ୍ତ ଆହ୍ୱାନ କରାଯାଉଛି। ପରେ ଅର୍ଥ ଆତ୍ମସାତ୍ କରିଥିବା ଅନ୍ୟ କମ୍ପାନୀର କ୍ଷତିଗ୍ରସ୍ତ ଜମାକାରୀମାନଙ୍କଠାରୁ ଅନ୍‌ଲାଇନ ଦାବି ଦରଖାସ୍ତ ଆହ୍ୱାନ କରାଯିବ। ଉନ୍ମୋଚନ ଉତ୍ସବରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ନୃସିଂହ ଚରଣ ସ୍ୱାଇଁ, କଟକର ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅର୍ଥ ବିଭାଗର ଯୁଗ୍ମ ଶାସନ ସଚିବ ଚିତ୍ତରଞ୍ଜନ ହୋତା, ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାର ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତି, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର ଜେନେରାଲ ମ୍ୟାନେଜର (ପ୍ରଶାସନ) ମଧୁମିତା ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନଙ୍କୁ ପିନାରାୟୀଙ୍କ ସମର୍ଥନ

**କୋଭିଡ୍ ଟିକା ପ୍ରସଙ୍ଗ**

**ଭୁବନେଶ୍ୱର,୪।୬(ବ୍ୟୁରୋ)**

କୋଭିଡ୍–୧୯ ଟିକା କ୍ରୟ କରି ରାଜ୍ୟକୁ ଯୋଗାଇବାକୁ କେନ୍ଦ୍ର ସରକାର ଉପରେ ଚାପ ସୃଷ୍ଟି କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହଯୋଗ କାମନା କରିଛନ୍ତି। ନବୀନଙ୍କ ଏହି ଉଦ୍ୟମକୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ସମର୍ଥନ ଜଣାଇଛନ୍ତି। ନବୀନ ଜୁନ୍ ୨ ତାରିଖରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଚିଠି ଲେଖିଥିଲେ। ଏପରି କି ୬ ଜଣ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ କଥା ହୋଇଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପୂର୍ବରୁ ନବୀନଙ୍କ ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଗ୍ଲୋବାଲ ଇ–ଟେଣ୍ଡର ଜରିଆରେ ଟିକା ପାଇବା ଆଶା କମ୍ ଥିବାରୁ କେନ୍ଦ୍ର ସରକାର ଟିକା କ୍ରୟ କରି ସମସ୍ତ ରାଜ୍ୟକୁ ଯୋଗାଇବାକୁ ଦାବି କରିଛନ୍ତି।

# ବେକରେ ଛୁରି ଭୁସିଲେ କରୋନା ଆକ୍ରାନ୍ତ

**କଟକ ଅଫିସ,୪।୬**

କଟକ ଜିଲା ଟାଙ୍ଗୀଠାରେ ଥିବା ଏକ କୋଭିଡ୍ କେୟାର ସେଣ୍ଟର(ସିସିସି)ରେ ଜଣେ କରୋନା ଆକ୍ରାନ୍ତ ବେକରେ ଛୁରି ଭୁସି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅସ୍ତ୍ରୋପଚାର ପରେ ତାଙ୍କ ବେକରୁ ଛୁରି କଢାଯାଇଛି। ଏଥିସହ ତାଙ୍କୁ କୋଭିଡ୍ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ଥାନା ଅଧୀନ ଦେବୀନଗର ଗ୍ରାମର ସୁକୁମାର ସୁବୁଦ୍ଧିରାୟଙ୍କ ମୋବାଇଲ ଦୋକାନ ରହିଛି। ଲକ୍‌ଡାଉନ୍ ଯୋଗୁ ଦୋକାନ ବନ୍ଦ ରହୁଥିବାରୁ ମାନସିକ ଚାପରେ ରହୁଥିଲେ। ଇତିମଧ୍ୟରେ ସେ କରୋନାରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ଥିଲେ। ୨ ଦିନ ତଳେ ଟାଙ୍ଗୀଠାରେ ଥିବା ସିସିସିରେ ଭର୍ତ୍ତି ହୋଇଥିଲେ। ତେବେ ସିସିସିକୁ ଯିବା ସମୟରେ ଫଳ କାଟିବା ପାଇଁ ସାଙ୍ଗରେ ଏକ ଛୁରି ନେଇଥିଲେ। ଶୁକ୍ରବାର ସେହି ଛୁରିକୁ ନିଜ ବେକରେ ଭୁଶି ଦେଇଥିଲେ। ଅଧିକ ରକ୍ତସ୍ରାବ ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ଅସ୍ତ୍ରୋପଚାର ପରେ କରୋନା ଆକ୍ରାନ୍ତଙ୍କ ବେକରୁ ଛୁରି କଢାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସୁକୁମାର ମାନସିକ ଭାରସାମ୍ୟ ହରାଇ ଏପରି କରିଥାଇପାରନ୍ତି ବୋଲି ତାଙ୍କ ପରିବାର ସଦସ୍ୟ କହିଛନ୍ତି।

# ମହାନଦୀକୁ ଡେଇଁପଡ଼ିଲେ ଦମ୍ପତି

- ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ
- ସ୍ତ୍ରୀଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ

**କଟକ ଅଫିସ,୪।୬**

କଟକ ଯୋବ୍ରା ଆନିକଟ୍ ବ୍ରିଜରୁ ମହାନଦୀକୁ ଡେଇଁ ଶୁକ୍ରବାର ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀ ମଧ୍ୟ ମହାନଦୀକୁ ଡେଇଁ ପଡିଥିଲେ। ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦମ୍ପତିଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲେ। ସ୍ୱାମୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ସ୍ତ୍ରୀ ସାମାନ୍ୟ ଆହତ ହୋଇଛନ୍ତି ବୋଲି ଅଗ୍ନିଶମ ବିଭାଗର ସହକାରୀ ଅଧିକାରୀ ଅବନୀ କୁମାର ସ୍ୱାଇଁ କହିଛନ୍ତି। ଜଗତ୍‌ପୁର ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେରଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଅଞ୍ଚଳର ରାଜେଶ ସାହୁ (୩୦) କଲ୍ୟାଣନଗର ଅଞ୍ଚଳର ସ୍ୱାଗତିକା ମହାନ୍ତି(୨୭)ଙ୍କୁ ଏକ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ବିବାହ ପରଠାରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ଶୁକ୍ରବାର କୌଣସି କାରଣରୁ ତିକ୍ତତା ବୃଦ୍ଧି ପାଇବାରୁ ସ୍ୱାଗତିକା ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପାରିବାରିକ କଳହ ଯୋଗୁ ସେ ଏପରି ଉଦ୍ୟମ କରିଥାଇପାରନ୍ତି ବୋଲି ଥାନା ଅଧିକାରୀ ମେହେର କହିଛନ୍ତି।



## ପ୍ରଥମ ପୃଷ୍ଠାରୁ...

### ଅଭିବୃଦ୍ଧି ୧୦.୫ରୁ...

ଚାପ ପକାଇଛି। ମାତ୍ର ଦ୍ୱିତୀୟ ଲହରରେ ବଜାରକୁ ପ୍ରଥମ ଲହର ଭଳି ବେଶି କ୍ଷତି ପହଞ୍ଚାଇବନାହିଁ। କାରଣ ଚଳିତ ଥର ସାରା ଦେଶ ଲକ୍‌ଡାଉନ ହୋଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିବନାହିଁ। ଆଞ୍ଚଳିକ ସ୍ତରରେ ଏହାର କିଛିଟା ପ୍ରଭାବ ଦେଖାଯାଇପାରେ। ଆର୍‌ବିଆଇର ଅନ୍ୟ ଘୋଷଣା ମଧ୍ୟରେ ୧୫ ହଜାର କୋଟି ଟଙ୍କାର ନଗଦ ବ୍ୟବସ୍ଥା ମଧ୍ୟ ସାମିଲ ରହିଛି। ଏଥିଲାଗି ଏକ ୱିଣ୍ଡୋ ବ୍ୟବସ୍ଥା କରାଯାଇଛି, ଯାହା ୨୦୨୨ ମାର୍ଚ୍ଚ ୩୧ ଯାଏ ଖୋଲା ରହିବ। ଏହା ମାଧ୍ୟମରେ କୋଭିଡ୍–୧୯ ପ୍ରଭାବିତ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ପର୍ଯ୍ୟଟନ ଶିଳ୍ପକୁ ଋଣ ସହାୟତା ଯୋଗାଇ ଦିଆଯିବ। ସେହିଭଳି ଭାରତୀୟ କ୍ଷୁଦ୍ର ଶିଳ୍ପ ଉନ୍ନତୀକରଣ ବ୍ୟାଙ୍କ(ସିଡ୍‌ବି)କୁ ୧୬ ହଜାର କୋଟି ଟଙ୍କାର ଅତିରିକ୍ତ ପାଣ୍ଠି ଯୋଗାଣ ନେଇ ଘୋଷଣା କରାଯାଇଛି। ଫଳରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡିକ ଏହାଦ୍ୱାରା ପାଣ୍ଠି ଲାଭ କରିପାରିବେ। ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ବାଣିଜ୍ୟଗୁଡିକୁ ଆଶ୍ୱସ୍ତି ଦେବା ଲାଗି ନୂଆ ଋଣ ପୁନର୍ଗଠନ (ରିଷ୍ଟ୍ରକଚର) ୱିଣ୍ଡୋର ପରିସରକୁ ବୃଦ୍ଧି କରାଯାଇଛି। ନୂଆ ପଦକ୍ଷେପ ଦ୍ୱାରା ଆର୍ଥିକ ପ୍ରତିଷ୍ଠାନଗୁଡିକ ମୋଟ ୫୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବେ। ପୂର୍ବରୁ ୨୫ କୋଟି ଟଙ୍କାର ଋଣ ଉପରେ ଏହି ସୁବିଧା ଲାଗୁ ହେଉଥିବା ବେଳେ ବର୍ତ୍ତମାନ ଏହାକୁ ୫୦ କୋଟି ଟଙ୍କାକୁ ବଢ଼ାଯାଇଛି। ଦେଶର ବିଦେଶୀ ମୁଦ୍ରାଭଣ୍ଡାର ୬୦୦ ବିଲିୟନ ଡଲାର ଟପିବା ନେଇ ଗଭର୍ନର ଶକ୍ତିକାନ୍ତ ଆଶାବାଦୀ ଅଛନ୍ତି। ସେହିଭଳି ବିଶ୍ୱ ବାଣିଜ୍ୟରେ ବର୍ତ୍ତମାନ ସୁଧାର ଆସୁଥିବାରୁ ଏ ରପ୍ତାନି ନୀତି ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ବ୍ୟାଙ୍କ ଏବଂ ଅଣ ବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନ (ଏନ୍‌ବିଏଫ୍‌ସି)ଗୁଡିକ ସେମାନଙ୍କ ପୁଞ୍ଜିକୁ ବୃଦ୍ଧି କରିବା ଉପରେ ସେ ଆହ୍ୱାନ ଜଣାଇଛନ୍ତି। ଆର୍‌ବିଆଇ କ୍ରିପ୍ଟୋକରେନ୍ସିକୁ ନେଇ ଏହାର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିନାହିଁ। ଏହାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଆଶଙ୍କାରେ ରହିଛି। ସେହିଭଳି ନୂଆ ଅଡିଟର ନିଯୁକ୍ତି ଆଇନ ନେଇ ଶୀଘ୍ର ପକ୍ଷ ରଖାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ୫ ସପ୍ତାହରେ ଡିଜେଲ...

ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୯୫.୪୯ ଟଙ୍କା ଏବଂ ଡିଜେଲ ୯୩.୩୪ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷରେ ଓଡ଼ିଶାର ମାଲକାନଗିରିର ବିଭିନ୍ନ ବ୍ଲକରେ ପେଟ୍ରୋଲ ୧୦୧ ଟଙ୍କା ଟପିଥିବା ବେଳେ ଡିଜେଲ ପ୍ରାୟ ୧୦୦ ଟଙ୍କା ଛୁଇଁଥିବା ପେଟ୍ରୋଲିୟମ ଡିଲର ପକ୍ଷରୁ ସୂଚନା ମିଳିଛି।

ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୭ ପଇସା ଏବଂ ଡିଜେଲ ୨୮ ପଇସା ବଢ଼ିଥିବା ଜଣାପଡ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୪.୭୬ ଟଙ୍କା ଏବଂ ଡିଜେଲ ୮୫.୬୬ ଟଙ୍କାରେ ପହଞ୍ଚିଛି। ମେ ୪ ଠାରୁ ଦିଲ୍ଲୀ ବଜାରରେ ପେଟ୍ରୋଲ ଲିଟର ପିଛା ୪.୩୬ ଟଙ୍କା ଏବଂ ଡିଜେଲ ୪.୯୩ ଟଙ୍କା ବୃଦ୍ଧି ଘଟିଲାଣି। ସେହିପରି ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ ୯୬.୨୩ ଟଙ୍କା, ୯୪.୭୬ ଟଙ୍କା ଏବଂ ୧୦୦.୯୮ ଟଙ୍କାକୁ ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୯୦.୩୮ ଟଙ୍କା, ୮୮.୫୧ ଟଙ୍କା ଏବଂ ୯୨.୯୯ ଟଙ୍କାକୁ ଛୁଇଁଥିବା ଜଣାପଡିଛି। ଦେଶର ପ୍ରମୁଖ ରାଜ୍ୟ ମହାରାଷ୍ଟ୍ର, ରାଜସ୍ଥାନ ଓ ମଧ୍ୟପ୍ରଦେଶର ବିଭିନ୍ନ ସହରରେ ପ୍ରତିଦିନ ତେଲ ଦର ନୂଆ ନୂଆ ରେକର୍ଡ କରି ଚାଲିଛି। ମହାମାରୀ ସମୟରେ ମୁମ୍ବାଇ ପ୍ରଥମ ମେଟ୍ରୋ ସହର ଭାବେ ପେଟ୍ରୋଲ ୧୦୧ ଟଙ୍କା ଓ ଡିଜେଲ ୯୩ ଟଙ୍କା ଛୁଇଁବାକୁ ବସିଛି।

ତେଲ ଦର ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଟିକସ କିଛି ପରିମାଣରେ ହ୍ରାସ କଲେ ଖାଉଟି ମହାମାରୀ ସମୟରେ ଆଶ୍ୱସ୍ତି ଲାଭ କରିପାରିବେ ବୋଲି ତୈଳ ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଅପର ପକ୍ଷରେ କରୋନା କଟକଣା ଓ ସରକାରଙ୍କ ଶଟ୍‌ଡାଉନ ଓ ଲକ୍‌ଡାଉନ ଘୋଷଣା ଯୋଗୁ ଦୈନିକ ତୈଳ କାରବାର ପ୍ରାୟ ୬୦% ହ୍ରାସ ପାଇଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ସୂଚନା ଦେଇଛନ୍ତି।

### ୩ ହଜାର ଡାକ୍ତରଙ୍କ...

ପ୍ରଶ୍ନ କରିଛନ୍ତି। ସରକାରୀ କର୍ତ୍ତୃପକ୍ଷ ସେମାନଙ୍କ ଦାବି ପୂରଣ କରୁ ନ ଥିବାରୁ କାର୍ଯ୍ୟ ବନ୍ଦ କରିବାକୁ ପଡ଼ିଲା ବୋଲି ଜୁନିୟର ଡାକ୍ତର ସଂଘର ସଭାପତି ଡ. ଅରବିନ୍ଦ ମୀନା କହିଛନ୍ତି। ସରକାର ଷ୍ଟାଇପେଣ୍ଡ ୨୪ ପ୍ରତିଶତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବଢ଼ାଇ ନାହାନ୍ତି ବୋଲି ସେ କହିଛନ୍ତି।


## classifieds

**Everyday**
**0674-2580101, 2549302**





**SALE**

**1/2/3BHK ready to move apartment for sale at DHPL Enclave-2, Kalarahanga. Contact: 9937059891.** D-20803

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-20685

Bhubaneswar ସୁନ୍ଦରପଦା, ଡେରାସରେ ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/, 1100/, 650/- ଦିଆଯାଉଛି। 9853150290. D-70850

**Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813.** D-70848





1BHK family accommodation Satabdi Nagar (Unit-8), Bhubaneswar. 9238306267, 9980400668, Rent: 7800/-. D-20800

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Monalisa massage club : All types body massage with hiprofile smart lady rooms service available 9708545108. D-20823





**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20835


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସଙ୍ଗକୁ ଲକ୍ଷ୍ୟ ମଧ୍ୟ ପୂରଣ ହୋଇଯିବ। ଯାହା ଆଶା କରୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ବାଣିଜ୍ୟ, ନିର୍ମାଣ ତଥା ପରିବହନରେ ପ୍ରତିଯୋଗିତାମୂଳକ ମନୋଭାବ ଉପୁଜି ପାରେ।

**ବୃଷ**
ପାରିବାରିକ ସମସ୍ୟା ବାରମ୍ବାର ମନରେ ଚିନ୍ତା କରି ମନଟା ଭଲ ରହିବ ନାହିଁ। ଏଣେ କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ଘଟଣାବଳୀ ମନକୁ ବାରମ୍ବାର ଆଲୋଡିତ କରିବ। ପୁଣି କେତେକ କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ମନ ବଳାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି।

**ମିଥୁନ**
ଆଜିର ଦିନଟି ସାମଗ୍ରୀକ ଦୃଷ୍ଟିକୋଣରୁ ବହୁତ ଭଲ। ହାତକୁ ନେଇଥିବା କାମଗୁଡିକ ସହଜ ଓ ସୁବିଧାରେ ହୋଇଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ସାମାନ୍ୟ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ଓ କିଛି କରିବା ସକାଶେ ମନବଳାଇ କର୍ମମୁଖର ହେବେ। ପଡୋଶୀଙ୍କୁ କାମରେ ଲଗାଇ କୌଶଳରେ କାର୍ଯ୍ୟ ହାସଲ କରିନେବେ।

**କର୍କଟ**
ପ୍ରତି କ୍ଷେତ୍ରରେ ନିଜକୁ ଖାପଖୁଆଇ ପାରିଲେ କିଛି ଅସୁବିଧା ହେବନାହିଁ। ପରିସ୍ଥିତିକୁ ଯେତିକି ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ପ୍ରତିଦ୍ୱନ୍ଦ୍ୱିତା ବଢି ଚାଲିବା କାରଣରୁ ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହୋଇପାରନ୍ତି।

**ସିଂହ**
ଏକ ଭିନ୍ନ ପରିସ୍ଥିତିରେ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟି ହଠାତ୍ ହୋଇଯିବ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ କାମଗୁଡିକ ସୁବିଧାରେ ସମ୍ପନ୍ନ ହେବ। ଅର୍ଥ ଲାଭ ସଙ୍ଗକୁ ଶାରୀରିକ ସୁସ୍ଥତା ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅପ୍ରିୟ ସତ୍ୟ କହି ବନ୍ଧୁଙ୍କ ଚକ୍ଷୁଶୂଳ ହେବେ।

**କନ୍ୟା**
କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ଓ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ପର କଥାରେ ଭୁଲ ମାର୍ଗ ଅନୁସରଣ କରି ହଇରାଣ ହେବାକୁ ପଡିପାରେ। ଅପୂରଣୀୟ ଆଶା ମନକୁ ଆଲୋଡନ କରିବା କାରଣରୁ ସାମୟିକ ଅଶାନ୍ତ ରହିବେ। ଆମଦାନୀ କାରବାର କ୍ଷେତ୍ରରେ ବ୍ୟବସାୟିକ ସ୍ଥିତି ସୁଦୃଢ ରହିବ ଓ ଲାଭବାନ ମଧ୍ୟ ହେବେ।

**ତୁଳା**
ପୂର୍ବ ଶତ୍ରୁତାକୁ ନେଇ ବନ୍ଧୁଙ୍କ ସଦ୍‌ଭାବ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ଅବଶ୍ୟ ପଦସ୍ଥ ବ୍ୟକ୍ତିଙ୍କ ନିକଟରୁ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସକାଳ ସମୟଟି ବହୁତ ଭଲ, ଅର୍ଥଲାଭ ଓ ବନ୍ଧୁ ମିଳନ ଅବଶ୍ୟ ଘଟିବ।

**ବିଛା**
ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ପ୍ଲଟିଂ କାରବାରରେ ଅଗ୍ରଗତି, ବିବାଦୀୟ ଘଟଣାରେ ବିଜୟ ଲାଭର ସୂଚନା ରହିଛି। ଚେଷ୍ଟା କରୁଥିବା କାମ ନ ହେବା କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ। ଆର୍ଥିକ ଅଭାବ ବୋଧଜନିତ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। କ୍ରୀଡା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଆଜି ଘର କଥା ଓ ପିଲାଙ୍କ କିଛି ବ୍ୟତିକ୍ରମ ହେତୁ ମନ ଅସ୍ଥିର ରହିପାରେ। ବ୍ୟବସାୟ, ପରିବହନ, ବାଣିଜ୍ୟ ମାନ୍ଦା ହେବ ନାହିଁ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ। ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର**
ଆଜିର ଯାତ୍ରାରେ ସଫଳତା ମିଳିବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। ମାଲିମକଦ୍ଦମା, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟାଲୋଚନା ପରିପ୍ରେକ୍ଷୀରେ ସମ୍ପର୍କୀୟ ପରାମର୍ଶ ଲୋଡ଼ିପାରନ୍ତି। ଧୈର୍ଯ୍ୟର ସହ ପରିସ୍ଥିତିକୁ ସାମ୍ନା କଲେ ଉପକୃତ ହେବେ।

**କୁମ୍ଭ**
ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଗୃହସୀମା ଜନିତ ବିବାଦ, କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସୌଭାଗ୍ୟକ୍ରମେ ଆର୍ଥିକ ଉନ୍ନତି ଘଟିବ କିଛି ବ୍ୟାଙ୍କ ଜମା ମଧ୍ୟ କରି ପାରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରୁ ବହୁତ ଲାଭ ପାଇବେ।

**ମୀନ**
ଆଜି ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ଅବଶ୍ୟ ସଫଳତା ପାଇବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ଖାଦ୍ୟପେୟର ବିଷମତା ଜନିତ ହଠାତ୍ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ଶନିବାର, ଜୁନ୍ ୫ ତାରିଖ, ବିଶ୍ୱ ପରିବେଶ ଦିବସ। ରାଶିନକ୍ଷତ୍ର–ରେବତୀ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଆଜି ଗୃହପ୍ରବେଶ ପାଇଁ ଶୁଭଦିନ। ଅପରାହ୍ନ ଘ.୦୧.୫୬ମି. ଗତେ ଘ.୦୩.୪୧ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୦ମି. ଗତେ ଘ.୦୬.୦୩ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୨.୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୮.୨୭ମି. ଗତେ ଘ.୧୦.୦୬ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ନାବାଳିକା ବିବାହ ରୋକିଲା ସିଡବ୍ଲ୍ୟୁସି

**କାଳିଆପାଣି,୪।୬(ଡି.ଏନ.ଏ.):** ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ତଳ ନଗଡ଼ାରେ ଚାଲିଥିବା ଏକ ନାବାଳିକା ନାବାଳକ ବିବାହକୁ ଚାଇଲ୍ଡ ୱେଲ୍‌ଫେୟାର କମିଟି (ସିଡବ୍ଲ୍ୟୁସି) ପକ୍ଷରୁ ରୋକାଯାଇଛି। ସୂଚନା ଅନୁଯାୟୀ, ତଳ ନଗଡ଼ାର ୧୬ ବର୍ଷ ବୟସର ନାବାଳକଙ୍କ ସହ ଦ୍ୱୈତାରୀ ଥାନା ଅନ୍ତର୍ଗତ ବୁଢ଼ିପଦା ଗ୍ରାମର ନାବାଳିକାଙ୍କ ଗତ ମାସ ୩୧ ତାରିଖରେ ବିବାହ ହୋଇଥିଲା। ୧ ତାରିଖରେ ସିଡବ୍ଲ୍ୟୁସି ଅଧିକାରୀମାନେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ସୁଧାର ଗୃହକୁ ପଠାଇଥିଲେ। ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଉଭୟ ସାବାଳକ ହେବାପରେ ବିବାହ କରିବାକୁ ସିଡବ୍ଲ୍ୟୁସି ପକ୍ଷରୁ କୁହାଯାଇଛି। ଏନେଇ କାଳିଆପାଣି ଥାନାରେ ଏକ ମାମଲା (ନଂ.୫୫/୨) ରୁଜୁ ହୋଇଛି।

### ହାଇୱା-ଟିପ୍ପର ଧକ୍କା, ଡ୍ରାଇଭର ଗୁରୁତର

**ଧର୍ମଶାଳା,୪।୬(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ୫୩ ନଂ. ଜାତୀୟ ରାଜପଥର ମାଣ୍ଡିଆ ଛକ ନିକଟରେ ହାଇୱା ଓ ଟିପ୍ପର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟିପ୍ପର ଡ୍ରାଇଭର ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ରାଜପଥରେ ହାଇୱା ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଟିପ୍ପର ସହ ଧକ୍କା ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ପୋଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

### ଭୂମିକା କୋଭିଡ୍ ହସ୍ପିଟାଲରେ କରୋନା କଟକଣା ଅନୁପାଳନ ଦାବି

**ରସୁଲପୁର,୪।୬(ଡି.ଏନ.ଏ.):** ରସୁଲପୁର ବ୍ଲକ କୁଆଖିଆ ବଜାରଠାରେ ନୂତନ ଭାବେ ଲୋକାର୍ପିତ ହୋଇଥିବା ଭୂମିକା କୋଭିଡ୍ ହସ୍ପିଟାଲରେ କରୋନା କଟକଣା ଅନୁପାଳନ କରାଯିବାକୁ ଦାବି ହୋଇଛି। ଏନେଇ ଏକ ଦାବିପତ୍ର ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ଯୁବକ ସଂଘ ପକ୍ଷରୁ ହସ୍ପିଟାଲ ପରିଚାଳକଙ୍କୁ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ସାମାଜିକ କର୍ମୀ ଶିଶିର କୁମାର ପଣ୍ଡାଙ୍କ ନେତୃତ୍ୱରେ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ଉକ୍ତ ହସ୍ପିଟାଲରେ କରୋନା କଟକଣାର ଅନୁପାଳନ ହେଉନାହିଁ। ଡାକ୍ତରଖାନା ପରିସରରେ କାର୍ଯ୍ୟରତ କର୍ମଚାରୀ ଓ ରୋଗୀ ସମ୍ପର୍କୀୟମାନେ ବିନା ମାସ୍କରେ ବିଚରଣ କରୁଛନ୍ତି। କରୋନା ରୋଗୀଙ୍କୁ ନେବା ଆଣିବାରେ ବ୍ୟବହୃତ ଆମ୍ବୁଲାନ୍ସ ଓ ସେଥିରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମଚାରୀମାନେ ବ୍ୟବହାର କରୁଥିବା ବର୍ଜ୍ୟବସ୍ତୁ ଏଣେତେଣେ ଫିଙ୍ଗାଯାଉଛି। ଏଠାରେ କାର୍ଯ୍ୟରତ କର୍ମଚାରୀ ବାହାରକୁ ଆସୁଛନ୍ତି ଏବଂ ବିନା ମାସ୍କରେ ବୁଲୁଛନ୍ତି। ଏଭଳି ବ୍ୟବହାର କରୋନା ବୃଦ୍ଧି ଘଟାଇବାରେ ସହାୟକ ହେବ। ତେଣୁ ତୁରନ୍ତ କଟକଣା ଅନୁପାଳନ କରାଯାଉ। ଖିଲାପ ହେଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ

**ରସୁଲପୁର,୪।୬(ଡି.ଏନ୍.ଏ.):** ରସୁଲପୁର ବ୍ଲକ କୁଆଖିଆ ବଜାରସ୍ଥିତ ଭୂମିକା କୋଭିଡ୍ ହସ୍ପିଟାଲର ସ୍ଥିତି ସମୀକ୍ଷା କରିଛନ୍ତି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ। ହସ୍ପିଟାଲର ନିର୍ଦ୍ଦେଶକ ଭୀଷ୍ମ ପ୍ରସାଦ ରଥଙ୍କଠାରୁ ବିଧାୟକ କୋଭିଡ୍ ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। କରୋନା ଆକ୍ରାନ୍ତଙ୍କୁ ମିଳୁଥିବା ସ୍ୱାସ୍ଥ୍ୟସେବା, ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ, ଡାକ୍ତରଖାନା ପରିସରକୁ ସାନିଟାଇଜ୍ କରିବା ନେଇ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ମେ' ୨୪ରେ ଉକ୍ତ କୋଭିଡ୍ ହସ୍ପିଟାଲ ଲୋକାର୍ପିତ ହୋଇଥିଲା। ତେବେ ଉକ୍ତ ହସ୍ପିଟାଲରେ କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା କରାଯିବାରେ ଅବହେଳା ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗଗୁଡ଼ିକୁ ବିଧାୟକ ବଳବନ୍ତରାୟ ଗୁରୁତର ସହ ନେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଡାକ୍ତରଖାନାରେ ୧୭ଜଣ ଡାକ୍ତର ଅଛନ୍ତି। ଡାକ୍ତରମାନେ ୩ଟି ପର୍ଯ୍ୟାୟରେ ଡ୍ୟୁଟି କରୁଛନ୍ତି ବୋଲି ନିର୍ଦ୍ଦେଶକ ସୂଚନା ଦେଇଥିଲେ। ସର୍ବୋପରି ରୋଗୀଙ୍କ ଯତ୍ନକୁ ପ୍ରାଧାନ୍ୟ ଦେବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବୈଠକରେ ବିଡିଓ ଉମାକାନ୍ତ ପରିଡ଼ା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରଖାନାର ଦୈନନ୍ଦିନ କାର୍ଯ୍ୟାବଳୀ ଉପରେ ବ୍ଲକ ପ୍ରଶାସନ ନଜର ରଖିବ। କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଲେ ସେଥିରେ ସୁଧାର ଆଣିବା ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

# ଆର୍‌ପିଡିଏସିକୁ ଡର

## ଅସମାହିତ ନିଯୁକ୍ତି, ବିସ୍ଥାପନ ସମସ୍ୟା

ଯାଜପୁର ଅଫିସ,୪।୬

ବିସ୍ଥାପିତ ଓ ଜମିହରାଙ୍କ ସମସ୍ୟାର ପ୍ରତିକାର ଏବଂ ପ୍ରଭାବିତ ଅଞ୍ଚଳର ଉନ୍ନୟନ ପାଇଁ ପୁନର୍ବାସ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆର୍‌ପିଡିଏସି) ବୈଠକ ଶେଷ ଥର ପାଇଁ ୧୪।୯।୨୦୧୬ରେ ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ କଟକଠାରେ ଆର୍‌ପିଡିଏସି ବୈଠକ ହୋଇଛି ବୋଲି ପ୍ରଶାସନ ପକ୍ଷରୁ ଦାବି କରାଯାଉଛି। ତେବେ ଏଭଳି ଲୁଚାଛପା ବୈଠକ କାହିଁକି ଏବଂ କାହାସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ପ୍ରାୟ ୫ ବର୍ଷ ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଆର୍‌ପିଡିଏସି ବୈଠକ ନ ହେବା ଶିଳ୍ପ ବିସ୍ଥାପିତଙ୍କ ଦୁର୍ଦ୍ଦଶା ପ୍ରତି ପ୍ରଶାସନ ସମ୍ବେଦନହୀନ ମନେ ହେଉଛି।

ରାଜ୍ୟ ସରକାରଙ୍କ ପ୍ରଣିତ ପୁନର୍ବାସ ଓ ଥଇଥାନ ନୀତିକୁ ପ୍ରଶାସନିକ ସ୍ତରରେ ଗୁରୁତ୍ୱ ଦିଆଯାଉ ନଥିବାବେଳେ ଶିଳ୍ପସଂସ୍ଥା ମାଲିକଙ୍କୁ ଖୁସି କରିବା ପାଇଁ ବିସ୍ଥାପିତ ଓ ଜମିହରାଙ୍କ ସମସ୍ୟା ପ୍ରତି ଆଖିବୁଜି ଦିଆଯାଉଛି। ବିଶେଷକରି ଶିଳ୍ପ ଓ ଖଣି ସଂସ୍ଥାଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଅଞ୍ଚଳରେ ଅସନ୍ତୋଷ ସରକାରଙ୍କ ବିପକ୍ଷରେ ଏକ ନକାରାତ୍ମକ ଭାବନା ସୃଷ୍ଟି କରୁଛି। ଯାଜପୁର ଜିଲା କଳିଙ୍ଗନଗର କ୍ଷେତ୍ରରେ ଉଭୟ ରାଜ୍ୟ ଓ ଜିଲା ପ୍ରଶାସନ ଏହି ଭୂମିକା




ନେଇଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି।

ଓଡ଼ିଶା ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତିର ସଫଳ ରୂପାୟନ ପାଇଁ ଯାଜପୁର ସମେତ ଶିଳ୍ପ ବହୁଳ ଜିଲାଗୁଡିକରେ ୨୦୦୮ରୁ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଲେଖାଏ ବରିଷ୍ଠ ପଦାଧିକାରୀଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଭାବରେ ଅବସ୍ଥାପିତ କରାଯାଇଛି। କିନ୍ତୁ ଯାଜପୁର ଜିଲା ପାଇଁ ନିଯୁକ୍ତ ସମ୍ପୃକ୍ତ ଅଧିକାରୀ କାର୍ଯ୍ୟରେ ଯୋଗଦେଇ ନାହାନ୍ତି । ସେହିପରି ଜିଲାରେ ୧୦ରୁ ଊର୍ଦ୍ଧ୍ୱ ବଡ ଶିଳ୍ପ ରହିଥିବାବେଳେ ଏହାର ଜମିହରା ଓ ବିସ୍ଥାପିତଙ୍କ ପୁନର୍ବାସ ଓ ଥଇଥାନ ଦିଗ ଅବହେଳିତ ହୋଇ ରହିଛି। ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ବର୍ଷରେ ଅନ୍ତତଃ ୪ ଥର ଆର୍‌ପିଡିଏସି ବୈଠକ ହେବା କଥା। କିନ୍ତୁ ୪ ବର୍ଷ ୯ ମାସରୁ ଅଧିକ ସମୟ ହେଲା ଏହି ବୈଠକ ହୋଇନାହିଁ। ବିସ୍ଥାପିତ ଓ ଜମିହରାଙ୍କ ଅସନ୍ତୋଷରୁ ବିଭିନ୍ନ କାରଖାନାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଏବଂ କାରଖାନା ପ୍ରତିଷ୍ଠାରେ ବାଧା ସୃଷ୍ଟି ହେଉଥିଲେ ବି ପ୍ରଶାସନ ତତ୍ପରତା ପ୍ରକାଶ କରୁନାହିଁ। ଶିଳ୍ପ କାରଖାନାଜନିତ ବିସ୍ଥାପନକୁ ବନ୍ଦ କରିବା ପାଇଁ ଦିନ ଥିଲା ଲୋକଙ୍କୁ ପୋଲିସ ଗୁଳିର ସାମ୍ନା କରିବାକୁ ପଡୁଥିଲା। କିନ୍ତୁ କଳିଙ୍ଗନଗରରେ ଏବେ ପରିସ୍ଥିତି ଓଲଟା ହୋଇଛି। ଶିଳ୍ପଜନିତ ପରିବେଶ ଓ ସାମାଜିକ ପ୍ରଦୂଷଣରେ ଅତିଷ୍ଠ ହୋଇ ସାରଙ୍ଗପୁର, ବାରଗାଡିଆ, କୁଡୁମୀସାହି, ଟାଙ୍ଗରସାହି, ଅରାସାହି, କଟେରୀ ଗାଁ, ନୂଆଗାଁ, ଖୁରୁଣ୍ଟି, କେନ୍ଦୁଡିପି ଆଦି ଗ୍ରାମର ଲୋକେ ବିସ୍ଥାପନ କରିବାକୁ ଦାବି କରି ଆସୁଛନ୍ତି। ଅନ୍ୟପକ୍ଷେ କଳିଙ୍ଗନଗର ଶିଳ୍ପାଞ୍ଚଳ ପ୍ରତିଷ୍ଠାର ୨୫ ବର୍ଷ ପରେ ବି ୬ ଶିଳ୍ପ କାରଖାନା ଦ୍ୱାରା ବିସ୍ଥାପିତ ପରିବାରର ୫୪୯ ଉତ୍ତରାଧିକାରୀ ନିଯୁକ୍ତି ପାଇବାରୁ ବଞ୍ଚିତ ରହିଛନ୍ତି। ଏଭଳି ସ୍ଥିତିରେ ସୁକିନ୍ଦା ଖଣି ଅଞ୍ଚଳରେ ନୂଆ ଖଣି ହାତେଇଥିବା ବେଦାନ୍ତ ବାହାର ରାଜ୍ୟର ପ୍ରାୟ କର୍ମଚାରୀ ଓ ଅଧିକାରୀଙ୍କୁ ନିଯୁକ୍ତି ଦେଇଥିବା ଅଭିଯୋଗ ହୋଇଛି। ଏହାସହ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ୨୦୧୭-୨୧ ମଧ୍ୟରେ ବିଆରପିଏଲ(ବ୍ରାହ୍ମଣୀ ରିଭର୍ସ ପେଲେଟ ଲିଃ) ୩୦ ଜଣଙ୍କୁ ନୂଆ ନିଯୁକ୍ତି ଦେଇଛି। ଏଥିରେ ୨୦ ଜଣ ରାଜ୍ୟର ଓ ୧୦ ଜଣ ରାଜ୍ୟ ବାହାରର ବୋଲି ଦର୍ଶାଯାଇଛି। ତେବେ ନିଯୁକ୍ତି ପାଇଥିବା ବାହାର ରାଜ୍ୟର ସମସ୍ତେ ଅଫିସର କ୍ୟାଡର ହୋଇଥିବାବେଳେ ଓଡ଼ିଶାର ସମସ୍ତେ ଶ୍ରମିକ ଶ୍ରେଣୀଭୁକ୍ତ ବୋଲି ଜଣାପଡ଼ିଛି। ଏହା କେବଳ ଉଦାହରଣ ମାତ୍ର। ପ୍ରାୟ ସମସ୍ତ ଶିଳ୍ପ ଓ ଖଣି କମ୍ପାନୀରେ ଏଭଳି ନୀତି ଚାଲିଛି। ଇତିମଧ୍ୟରେ ନୀଳାଚଳ ଇସ୍ପାତ, ମେସ୍କୋ, ମୈଥାନ ଭଳି ବୃହତ୍ କାରଖାନା ବନ୍ଦ ପଡିଛି। ଏଥିରେ କାର୍ଯ୍ୟରତ ପ୍ରାୟ ୨୦ ହଜାର ସ୍ଥାନୀୟ ଲୋକେ ଜୀବିକା ହରାଇଛନ୍ତି। ଏଭଳିସ୍ଥିତିରେ ଆର୍‌ପିଡିଏସି ବୈଠକ ନ ବସିବା ପ୍ରଶାସନର କମ୍ପାନୀ ପ୍ରୀତି ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବିସ୍ଥାପିତମାନଙ୍କ ସମସ୍ତ ସମସ୍ୟାର ସମାଧାନ ହେଉଛି। ସେମାନଙ୍କ ପ୍ରତି କୌଣସି ପ୍ରକାର ଅବହେଳା କରାଯାଉ ନାହିଁ। ତେବେ ଆର୍‌ପିଡିଏସି ବୈଠକ ସମ୍ପର୍କରେ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ।

# ରବି ଧାନ ବିକ୍ରି ହୋଇପାରୁନି

ଚଣ୍ଡିଖୋଲ,୪।୬(ଡି.ଏନ.ଏ.)

ବଡ଼ଚଣା ବ୍ଲକ୍ ଅଞ୍ଚଳରେ ଶହଶହ ଚାଷୀ ଏବେ ରବି ଧାନ ବିକ୍ରି କରି ନ ପାରି ଚିନ୍ତାରେ ପଡ଼ିଛନ୍ତି। ସରକାରଙ୍କ ତରଫରୁ ଧାନ ମଣ୍ଡି ଖୋଲାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁସାରେ କେତେକ ସମବାୟ ସମିତି ଧାନ କିଣିବାକୁ ଅନୁମତି ମଧ୍ୟ ପାଇଛନ୍ତି। ତେବେ ସେମାନେ ଧାନ କିଣୁ ନ ଥିବାରୁ ଚାଷୀ ଧାନ କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ପରିବର୍ତ୍ତେ ୧୦୫୦ ଓ ୧୧୦୦ ଟଙ୍କାରେ ଦଲାଲମାନଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ବ୍ଲକ୍ ଅନ୍ତର୍ଗତ ସମିଆ, ଶାଳପଡ଼ା, ଦର୍ପଣ, ସିହା, ଚାରିନଙ୍ଗଳ, ମାଣ୍ଡୁକା ଓ ଅଚ୍ୟୁତବସନ୍ତ ଆଦି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚାଷୀ ରବି ଋତୁରେ ଧାନ ଚାଷ କରିଥାନ୍ତି। ସରକାର ଚାଷୀଙ୍କଠାରୁ ଧାନ କିଣିବାକୁ ମେ' ୫ ତାରିଖରୁ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହେଲେ ଅଦ୍ୟାବଧି ଗୋଟିଏ ହେଲେ ଧାନ ମଣ୍ଡି ଖୋଲି ନାହିଁ। ଚଳିତ ଥର ବଡ଼ଚଣାର ସମିଆ ସେବା ସମବାୟ ସମିତି, ମା' ଶାରଳା ଏସ୍‌ଏଚ୍‌ଜି ଓ ମଦରଟେରେସା ଏସ୍‌ଏଚ୍‌ଜିକୁ ମାତ୍ର ୧୨୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଅନୁମତି ମିଳିଛି। ଯାହାକି ଆବଶ୍ୟକତାଠାରୁ ଦଶ ଭାଗରୁ କମ୍। ସରକାର ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୬୮ ଟଙ୍କା ଧାର୍ଯ୍ୟ କରିଛନ୍ତି। ହେଲେ ପାକ୍ସଗୁଡିକ ନ ଖୋଲିବାରୁ ଚାଷୀ ଦଲାଲମାନଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି ଦଲାଲମାନେ




ଚାଷୀ ସାଇତି ରଖିଥିବା ଧାନବସ୍ତା।

ଚାଷୀଙ୍କଠାରୁ କମ୍‌ମୂଲ୍ୟରେ ଧାନ କିଣି ମିଲରଙ୍କ ନିକଟରେ ପହଞ୍ଚାଇ ଦେଉଛନ୍ତି। ଅନ୍ୟପକ୍ଷରେ ବିଭାଗ ଧାର୍ଯ୍ୟ ଲକ୍ଷଠାରୁ କମ୍ ଧାନ କିଣିବାକୁ ଯୋଜନା କରିଥିବାରୁ ବହୁ ପାକ୍ସ ଓ ସ୍ୱୟଂସହାୟକ ଗୋଷ୍ଠୀ ଧାନ କିଣିବାକୁ ଅମଙ୍ଗ ହେଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଧାନ କିଣିବା ପାଇଁ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଚାଷୀମାନେ ନିବେଦନ କରିଛନ୍ତି। ଯେପରି ଚାଷୀ ଧାନ ଚାଷ କରି ଆତ୍ମହତ୍ୟାର ଶିକାର ନ ହୁଅନ୍ତି ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ନେତା ଗୌରାଙ୍ଗ ବଳ ଦାବି କରିଛନ୍ତି। ଏସମ୍ପର୍କରେ ଜିଲା ସହ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ କହିଛନ୍ତି, ସବୁ ପାକ୍ସକୁ ମେ' ୫ରୁ ଧାନ କିଣିବାକୁ ନିର୍ଦ୍ଦେଶ ଦିଆସରିଛି। ଯେଉଁ ଚାଷୀମାନେ ପଞ୍ଜୀକରଣ କରିଛନ୍ତି ସେମାନେ ଧାନ ବିକ୍ରି କରିପାରିବେ।

# ରଗଡ଼ି ଜେଲ ରାସ୍ତାକୁ ନେଇ ଚିନ୍ତା

ରଗଡ଼ି,୪।୬(ଡି.ଏନ୍.ଏ.)

ଯାଜପୁର ଜିଲା ରଗଡ଼ି ଉପକାରାଗାର ୧୩ ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲା। ହେଲେ ବିଡ଼ମ୍ବନାର ବିଷୟ, ଏ ପର୍ଯ୍ୟନ୍ତ ଏହି ଉପକାରାଗାରକୁ ଯାତାୟାତ ପାଇଁ ସ୍ଥାୟୀ ରାସ୍ତା ହୋଇ ପାରିନାହିଁ। ରଗଡ଼ି ଛକ ଜାତୀୟ ରାଜପଥ ନିକଟରୁ ଜେଲ ମୁଖ୍ୟ ଫାଟକକୁ ସଂଯୋଗ କରୁଥିବା ଉକ୍ତ ୪୦୦ ମିଟର ରାସ୍ତା ଅଧିକାଂଶ ସମୟରେ ଯାତାୟାତ ଅନୁପଯୋଗୀ ହୋଇପଡୁଛି। ରାସ୍ତାକୁ ପିଚୁ କରିବାକୁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପ୍ରତିଦିନ କାରାଗାରକୁ ଜେଲ କର୍ମଚାରୀ, ବିଚାରାଧୀନ କଏଦୀ ଓ ତାଙ୍କ ସମ୍ପର୍କୀୟ ଯାତାୟାତ କରିଥାନ୍ତି। ବିଭାଗୀୟ ଅଧିକାରୀ ବି ଜେଲ ପରିଦର୍ଶନ




ରଗଡ଼ି ଉପକାରାଗାର ମୁଖ୍ୟ ଫାଟକ।

କରିବାକୁ ଆସିଥାନ୍ତି। ହେଲେ ରାସ୍ତା ଦୁରବସ୍ଥାରେ ସୁଧାର ଆସିନାହିଁ। ସମ୍ପ୍ରତି ଏହି କାରାଗାରରେ ୫ ମହିଳା ଓ ୨୩୯ ପୁରୁଷ କଏଦୀ ଅଛନ୍ତି। ବର୍ଷାଦିନେ ଜେଲକୁ ପଡ଼ିଥିବା ରାସ୍ତା ପାଣି କାଦୁଅରେ ବୁଡ଼ି ରହିଛି। ଗ୍ରୀଷ୍ମଋତୁରେ ସେହି ରାସ୍ତା ଶୁଖିଲା ରହିଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଟିକେ ଅସାବଧାନତା ହେଲେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଜେଲ ଚାରିପାଖରେ ଲାଗିଥିବା ଲାଇଟ୍ ଠିକ୍ ଭାବେ ଜଳୁ ନ ଥିବାରୁ ପରିସ୍ଥିତି ଗୁରୁତର ହୋଇଛି। ପୁରୁଣା ଲାଇଟ୍‌ଗୁଡ଼ିକ ହଟାଇ ନୂତନ ଏଲ୍‌ଇଡି ବଲ୍‌ବ ଲଗାଇବା ପାଇଁ ଜେଲ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଅମାନିଆଙ୍କଠାରୁ ୪୩,୭୦୦ ଟଙ୍କା ଜରିମାନା ଆଦାୟ

ଧର୍ମଶାଳା,୪।୬(ଡି.ଏନ.ଏ.)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଛି। ତେବେ ଅମାନିଆ କଟକଣାକୁ ବେଖାତିର କରି ବଜାରରେ ବୁଲୁଥିବା ଲକ୍ଷ୍ୟ କରାଯାଉଛି। ଶୁକ୍ରବାର ଧର୍ମଶାଳା ପୋଲିସ ପକ୍ଷରୁ ଜାରକା ବଜାରରେ ଯାଞ୍ଚ କରାଯାଇଛି। ଅମାନିଆ ବାଇକରେ ବୁଲୁଥିବା ବେଳେ ସେମାନେ ମାସ୍କ ଓ ହେଲମେଟ ବ୍ୟବହାର କରୁ ନ ଥିବା ନଜରକୁ ଆସିଥିଲା। ସେମାନଙ୍କଠାରୁ ୪୩,୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ହେଲମେଟ ଚେକିଂ ବାବଦକୁ ୪୨,୦୦୦ ଓ ମାସ୍କ ପାଇଁ ୧୭୦୦ ଟଙ୍କା ଆଦାୟ କରାଯାଇଛି। ଜାରକା ବିଟ ହାଉସ ଅଧିକାରୀ ରାଜକିଶୋର ନାୟକଙ୍କ ନେତୃତ୍ୱରେ ଏଏସ୍‌ଆଇ ଚନ୍ଦନ ନାୟକ ଓ ନୀଳମାଧବ ପଣ୍ଡା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ମିଶିଲେ ଅତଳାପୁର ସମିତିସଭ୍ୟ



ବିଧାୟିକାଙ୍କ ସହ ସମିତିସଭ୍ୟ ସାମିଲ ହୋଇଛନ୍ତି।

ରସୁଲପୁର,୪।୬(ଡି.ଏନ.ଏ.)

### ବିଧାୟିକାଙ୍କ ବିରୋଧରେ ୪ ସମିତିସଭ୍ୟ ମେଳି ହେବା ଘଟଣା

ରସୁଲପୁର ବ୍ଲକରେ ବିଜେଡି ରାଜନୀତି ବିବାଦ ପିଛା ଛାଡୁନି। ୧ ତାରିଖରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ବିରୋଧରେ ୪ ସମିତିସଭ୍ୟ ଗଣମାଧ୍ୟମ ସମ୍ମୁଖକୁ ଆସି ବିଷୋଦ୍‌ଗାର କରିଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ ଅତଳାପୁର ସମିତିସଭ୍ୟ ଲକ୍ଷ୍ମୀଧର ମହାନ୍ତି ବିଧାୟକଙ୍କ ସହ ସାମିଲ ହୋଇଛନ୍ତି। ସେ ବିଧାୟକଙ୍କ ସହ ମିଶି କାମ କରିବେ। ପଞ୍ଚାୟତର ଜନହିତକର ଯୋଜନାର ନେତୃତ୍ୱ ନେବେ ବୋଲି ଶୁଣାଯାଉଛି। ଏହି ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ସାହୁ ବ୍ଲକ ଯୁବ ବିଜେଡି ସଭାପତି ପଦରୁ ବହିଷ୍କାର ହୋଇଛନ୍ତି। ତାଙ୍କ ସ୍ଥାନରେ ସମିତିସଭ୍ୟ ମହାନ୍ତିଙ୍କୁ ସୁଯୋଗ ମିଳିବ ବୋଲି କୁହାଯାଇଛି। ତେବେ ସୁଯୋଗକୁ ହାତଛଡ଼ା ନ କରିବାକୁ ସମିତିସଭ୍ୟ ମହାନ୍ତି ଏଭଳି ନିଷ୍ପତ୍ତି ନେଇ ଥାଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। ଅନ୍ୟ ସଭ୍ୟାମାନେ ଖୁବ୍‌ଶୀଘ୍ର ଦଳରେ ସାମିଲ ହୋଇ କାମ କରିବେ ବୋଲି ବିଧାୟିକା ଆଶାବାଦୀ ଅଛନ୍ତି।

ମେ' ୨ରେ ଯୁବ ବିଜେଡି ସଭାପତି ବହିଷ୍କାର ହୋଇଥିଲେ। ସେବଠାରୁ ବରୀ ନିର୍ବାଚନମଣ୍ଡଳୀରେ ବ୍ଲକରୁ ସାମିଲ ହୋଇଥିବା ୧୦ ପଞ୍ଚାୟତରେ ରାଜନୀତି ସରଗରମ ହୋଇଥିଲା। ବହିଷ୍କୃତ ସଭାପତି ସମିତିସଭ୍ୟମାନଙ୍କୁ ନେଇ ବିଧାୟିକାଙ୍କ ବିରୋଧରେ ମେଳି କରୁଥିଲେ। ୯ ସମିତିସଭ୍ୟ ଏକ ବିଧାୟିକା ବରୋଧୀ ଆଲୋଚନାରେ ସାମିଲ ହୋଇଥିଲେ। ବିଧାୟିକାଙ୍କ ବିରୋଧରେ ସେମାନେ ଗଣମାଧ୍ୟମରେ କହିବାକୁ ଉସୁକା ଯାଉଥିବା ଅଡିଓ ଭାଇରାଲ ହୋଇଥିଲା। ଖବର ପ୍ରସାରିତ ହେବା କ୍ଷଣି ଗଣମାଧ୍ୟକୁ ସମ୍ମୁଖୀନ ହେବାକୁ କେତେଜଣ ସମିତିସଭ୍ୟ ରାଜି ହୋଇ ନ ଥିଲେ। ଶେଷରେ ୪ ସମିତିସଭ୍ୟଙ୍କୁ ନେଇ ଖବରଦାତା ସମ୍ମିଳନୀ ହୋଇଥିଲା। ସମିତିସଭ୍ୟ ମହାନ୍ତି କହିଛନ୍ତି, ସେ ବିଧାୟିକାଙ୍କ ସହ ମିଶି ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବେ। ବହିଷ୍କୃତ ସଭାପତି ସାହୁ କହିଛନ୍ତି, ସମିତିସଭ୍ୟଙ୍କ ସ୍ୱାଧୀନତା ରହିଛି। ସେମାନେ ନିଷ୍ପତ୍ତି ନେଇପାରିବେ। ମୋତେ ସହାୟତା ଲୋଡ଼ିବାରୁ ମୁଁ ସାହାଯ୍ୟ କରିଥିଲି। ମୋ ଆଡୁ କାହାକୁ ବିଧାୟିକାଙ୍କ ବିରୋଧରେ ଉସୁକାଇ ନ ଥିଲି ବୋଲି ସାହୁ ମତ ରଖିଛନ୍ତି।

# ବାଲି ଗାଡ଼ି ଜବତ: ଡ୍ରାଇଭର, ମାଲିକ ଗିରଫ

କଳିଙ୍ଗନଗର,୪।୬(ଡି.ଏନ.ଏ.)

ଦାନଗଦୀ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଏକ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ଉକ୍ତ ଗାଡ଼ିରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟପକ୍ଷରେ ହାଇୱା ଖସିଯିବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଡ୍ରାଇଭର ଓ ଗାଡ଼ି ମାଲିକଙ୍କୁ ଗିରଫ କରାଯାଇଛି। ଗୁରୁବାର ଉକ୍ତ ବାଲି ବୋଝାଇ ହାଇୱା ବିଜୁ ପଟ୍ଟନାୟକ ମାର୍ଗର ତେଲିବାହାଳି ଛକ ନିକଟରେ ଯାଉଥିବାବେଳେ ତହସିଲଦାର ନମ୍ରତା ମୋଦି ଅଟକାଇ ଥିଲେ। ହେଲେ ହାଇୱା ନ ଅଟକି ଚାଲି ଯାଇଥିଲା। ତହସିଲଦାର ମୋଦି ଦାନଗଦୀ ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକଙ୍କୁ ଜଣାଇଥିଲେ। ପୋଲିସ ସଦଳବଳ ଦାନଗଦୀ ବ୍ଲକ ସାମ୍ନାରେ ବାଲି ବୋଝେଇ ହାଇୱାଟିକୁ ଅଟକାଇ ଜଖପୁରା ଥାନାକୁ ନେଇଥିଲେ। ଥାନାରେ କାଗଜପତ୍ର ଯାଞ୍ଚ ପରେ ଏହା ଚୋରାବାଲି ବୋଲି ତହସିଲଦାର ଜାଣିବାକୁ ପାଇଥିଲେ। ଫଳରେ ତହସିଲଦାର ବାଲିଗାଡିରୁ ଜରିମାନା ଆଦାୟ କରିଥିଲେ। ତହସିଲଦାରଙ୍କୁ ଚକ୍‌ମା ଦେଖାଇ ହାଇୱା ଖସିଯିବାକୁ ଉଦ୍ୟମ କରିଥିବାରୁ ସମ୍ପୃକ୍ତ ଗାଡ଼ିର ଡ୍ରାଇଭର ରାମଚନ୍ଦ୍ରପୁର ଥାନା ଜଳସୁଆଁରର ନନ୍ଦ କିଶୋର ମାଝି(୪୦) ଏବଂ ହାଇୱା ମାଲିକ ରାମଚନ୍ଦ୍ରପୁର ଥାନା ବାନ୍ଧଗୋଡା ଗାଁର ସୁରୋଜ ଚକ୍ର(୫୦)ଙ୍କ ନାମରେ ତହସିଲଦାର ଜଖପୁରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ହାଇୱା ଡ୍ରାଇଭର ନନ୍ଦକିଶୋରଙ୍କୁ ଗୁରୁବାର ଗିରଫ କରିଥିବାବେଳେ ଶୁକ୍ରବାର ଗାଡ଼ି ମାଲିକଙ୍କୁ ଗିରଫ କରିଛି। ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୫/୨୧) ରୁଜୁ ହୋଇଛି।

## ଟ୍ରାନ୍ସଜେଣ୍ଡରଙ୍କୁ ପରିଚୟପତ୍ର ପ୍ରଦାନ

ଯାଜପୁର ଅଫିସ,୪।୬

ଟ୍ରାନ୍ସଜେଣ୍ଡର ବା ତୃତୀୟ ଲିଙ୍ଗମାନଙ୍କୁ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅନୁମୋଦନ କ୍ରମରେ ଟ୍ରାନ୍ସଜେଣ୍ଡର ପରିଚୟର ପତ୍ର ପ୍ରଦାନ କରାଯାଇଛି। ଯାଜପୁର ରୋଡରେ ରହୁଥିବା ଚିନୁ ସାହୁଙ୍କୁ ଏହି ପରଚୟପତ୍ର ମିଳିଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଏହି ପରିଚୟପତ୍ରକୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ବିଭାଗୀୟ କର୍ମଚାରୀ ବୈଦ୍ୟନାଥ ବିଶ୍ୱାଳ, ସେହ୍ନାଶିଷ ମିଶ୍ର, ଭଗବାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଧର୍ମଶାଳା ସିଡିଭିଓଙ୍କୁ ଶ୍ରେଷ୍ଠ ପ୍ରାଣୀ ଚିକିତ୍ସାଧିକାରୀ ସମ୍ମାନ

ଯାଜପୁର ଅଫିସ,୪।୬

ଧର୍ମଶାଳା ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ରଞ୍ଜନ କୁମାର ସେଠୀଙ୍କୁ ଜିଲା ଶ୍ରେଷ୍ଠ ପ୍ରାଣୀ ଚିକିତ୍ସାଧିକାରୀ-୨୦୨୧ ଭାବେ ସମ୍ମାନିତ ହୋଇଛନ୍ତି। ଶୁକ୍ରବାର ଜିଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ଆନୁକୂଲ୍ୟରେ କୋଭିଡ କଟକଣାକୁ ଅନୁପାଳନ କରି ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ଉପ-ନିର୍ଦ୍ଦେଶକ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ଡା.ପଦ୍ମନାଭ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ପଣ୍ଡା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ବିଶ୍ୱମ୍ଭର ଦାସ ପ୍ରମୁଖ ଯୋଗଦେଇଥିଲେ । ଡାକ୍ତର ସେଠୀ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୋଭିଡ୍ ପ୍ୟାକେଜ, କୃତ୍ରିମ ପ୍ରଜନନ, ଫାଟୁଆ ରୋଗ ନିରାକରଣ ଭଳି ପ୍ରମୁଖ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହାଛଡା ଯାଜପୁର ବ୍ଲକର ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଜ୍ୟୋତିରଞ୍ଜନ ମହାନ୍ତି, ଡାଟା ଏଣ୍ଟ୍ରି ଅପରେଟର ସମ୍ବିତ ନାୟକ, ଚୌକିଦାର ବ୍ରହ୍ମାନନ୍ଦ ମଲ୍ଲିକ, ପ୍ରାଣୀ ନିରୀକ୍ଷକ-ମଲପଡ଼ା ଅତୁଲ୍ୟ କୁମାର ସ୍ୱାଇଁ, ବଡ଼ଚଣାର ନାରାୟଣ ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।



ଡା. ରଞ୍ଜନ କୁମାର ସେଠୀଙ୍କୁ ସମ୍ମାନିତ କରାଯାଉଛି।

# ଜମି ଅଧିଗ୍ରହଣ ଲାଗି ମାତ୍ର ୨୦ ଲକ୍ଷ ମଞ୍ଜୁର

ଚଣ୍ଡିଖୋଲ,୪।୬(ଡି.ଏନ୍.ଏ.)

### ଚାରିନଙ୍ଗଳ ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ ନେଇ ଅନିଶ୍ଚିତତା

ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନରେ ବିରୂପା ନଦୀର ଧାଉଡ଼ିଆପଦା-ବାଉଜଙ୍ଗ ରାସ୍ତାର ଚାରିନଙ୍ଗଳଠାରେ ୬ ବର୍ଷ ହେଲା ଏକ ସେତୁ ନିର୍ମାଣ ହୋଇଛି। ହେଲେ ଉକ୍ତ ସେତୁର ସଂଯୋଗୀକରଣ ରାସ୍ତା ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଉଭୟ ପାର୍ଶ୍ୱର ସଂଯୋଗୀକରଣ ରାସ୍ତା ପାଇଁ ଜମି ଅଧିଗ୍ରହଣ ସରିନାହିଁ। ତେବେ ଜମି ଅଧିଗ୍ରହଣ ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ଆବଶ୍ୟକ ଥିବା ବେଳେ ବିଭାଗ ପକ୍ଷରୁ ମାତ୍ର ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଅପରପକ୍ଷରେ ଜମି ଅଧିଗ୍ରହଣରେ ବିଭାଗର ଅବହେଳାକୁ ନେଇ ନିର୍ମାଣକାରୀ ଠିକା ସଂସ୍ଥା କାର୍ଯ୍ୟରୁ ଓହରିଯାଇଛି। ତେବେ ସେତୁ ନିର୍ମାଣ ସମୟରେ ଶାସକ ଦଳ ଚାପରେ ବିଭାଗ ପକ୍ଷରୁ ନିର୍ମାଣ ସ୍ଥାନ ପରିବର୍ତ୍ତନ ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ସେତୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।

ଉକ୍ତ ସେତୁ ପାଇଁ ୨୭।୧୦।୧୪ରେ ବିଭାଗୀୟ ମଞ୍ଜୁରୀ ମିଳିଥିଲା। ସେତୁ



ଚାରିନଙ୍ଗଳଠାରେ ନିର୍ମାଣ ହୋଇଥିବା ସେତୁ।

ନିର୍ମାଣ ଦ୍ୱାରା ଚାରିନଙ୍ଗଳ, ପତରାଜପୁର, ଗୋପାଳପୁର, ଅଚ୍ୟୁତିବସନ୍ତ, ମାଣ୍ଡୁକା ଆଦି ପଞ୍ଚାୟତର ହଜାର ହଜାର ଜନସାଧାରଣ ଉପକୃତ ହେବେ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ସେତୁ ନିର୍ମାଣ କାର୍ଯ୍ୟ ୨୦୧୬ରେ ଆରମ୍ଭ ହୋଇ ୨୦୧୯ ମାର୍ଚ୍ଚରେ ଶେଷ ହୋଇଥିଲା।

ସେତୁର ଉଭୟ ପାର୍ଶ୍ୱରେ ସାଧାରଣ ଲୋକଙ୍କ ଜମି ରହିଥିବାରୁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରି ନ ଥିଲା। ବିଭାଗ ପକ୍ଷରୁ ଜମି ମାଲିକଙ୍କୁ ବୁଝାଶୁଝା କରି ଜମି ଅଧିଗ୍ରହଣ ପାଇଁ ରାଜି କରାଯାଇଥିଲା। ଏନେଇ ସେତୁର ବାମ ପାର୍ଶ୍ୱରେ ଜମି ଅଧିଗ୍ରହଣ ପାଇଁ ପ୍ରାୟ ୫୯ ଲକ୍ଷ ଓ ଡାହାଣ ପାର୍ଶ୍ୱ ପାଇଁ ପ୍ରାୟ ୧ କୋଟି ୯୧ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ଥିର ହୋଇଥିଲା। ତେବେ ଜମି ଅଧିଗ୍ରହଣରେ ଅହେତୁକ ବିଳମ୍ବ ପାଇଁ ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା କାର୍ଯ୍ୟ ଛାଡିବାକୁ ବିଭାଗ ନିକଟରେ ବାରମ୍ବାର ଆବେଦନ କରିଥିଲା। ଏହାକୁ ବିଚାରକୁ ନେଇ ୧।୬।୨୧ରେ ଚିଠିସଂଖ୍ୟା ୧୫୨୭୩ରେ ବିଭାଗ ପକ୍ଷରୁ ଠିକା ସଂସ୍ଥାର ଆବେଦନକୁ ମଞ୍ଜୁର କରାଯାଇଛି। ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ, ଜମି ଅଧିଗ୍ରହଣ ସରିବା ପରେ ସଂଯୋଗୀକରଣ ରାସ୍ତା ପାଇଁ ନୂତନ ଭାବେ ଟେଣ୍ଡର କରାଯିବ। ସେହିପରି ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତାଙ୍କ ଚିଠି ସଂଖ୍ୟା ୧୫୩୭୭ ତା: ୨।୬।୨୧ରେ ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ମାତ୍ର ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ତେବେ ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଆହୁରି କିଛିଦିନ ଲାଗିଯିବ ବୋଲି ଜଣାଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ବିଭାଗର ଅବହେଳାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ପ୍ରକୃତ ଜମି ମାଲିକଙ୍କୁ ପ୍ରାପ୍ୟ ପ୍ରଦାନ କରି ସଂଯୋଗୀକରଣ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ। ଏହି ପ୍ରକ୍ରିୟାରେ ସେତୁ କ୍ରିୟାନୁଷ୍ଠାନ କମିଟି ବିଭାଗକୁ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କମିଟି ସଭାପତି ଅଜୟ ସାମଲ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ସହକାରୀ ଯନ୍ତ୍ରୀ ତୁଳସୀ ପାତ୍ର କହିଛନ୍ତି, ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରାଯିବ। ଏହାପରେ ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯିବ।

ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡକୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। —ଶ୍ରୀଅରବିନ୍ଦ



# ବିଫଳତାର ଚିଠି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଭିଡ୍‌ର ଦ୍ୱିତୀୟ ଲହରରେ ସରକାର ଜଟିଳ ସମସ୍ୟାଗୁଡ଼ିକ ପ୍ରତି ଧ୍ୟାନ ଦେଉ ନ ଥିବା ଏବଂ ଏହାର ସଞ୍ଚାଳନରେ ବିଫଳ ହୋଇଥିବା ଅଭିଯୋଗ ଆଣିଛନ୍ତି ୧୬ ଜଣିଆ ସିଭିଲ ସର୍ଭ୍ୟାଣ୍ଟ ଗ୍ରୁପ୍ । ସେମାନେ ଏ ବାବଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ପୂର୍ବତନ କ୍ୟାବିନେଟ୍ ସଚିବ କେ.ଏମ୍. ଚନ୍ଦ୍ରଶେଖର, ପୂର୍ବତନ ବୈଦେଶିକ ସଚିବ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଶିବଶଙ୍କର ମେନନ, ପୂର୍ବତନ ସ୍ୱାସ୍ଥ୍ୟ ସଚିବ କେ. ସୁଜାଥା ରାଓ, ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ପରାମର୍ଶଦାତା ଟି.କେ.ଏ. ନାୟାର, ପୂର୍ବତନ ମୁଖ୍ୟ ସୂଚନା କମିଶନର ୱାଜାହତ ହବିବୁଲ୍ଲା ଏବଂ ଦିଲ୍ଲୀର ପୂର୍ବତନ ଲ୍ୟୁଟନାଣ୍ଟ ଗଭର୍ନର ନଜିବ ଜଙ୍ଗଙ୍କ ସମେତ ଅନ୍ୟ ସେବା ଅଧିକାରୀମାନେ ଏହି ଖୋଲାଚିଠିରେ ଦସ୍ତଖତ କରିଥିବାରୁ ଏହାର ଗୁରୁତ୍ୱ ରହିଛି। ଏହି ପୂର୍ବତନ ବାବୁମାନେ ନିଜକୁ କନଷ୍ଟିଚ୍ୟୁଶନାଲ କଣ୍ଡକ୍ଟ ଗ୍ରୁପ୍ ବୋଲି କହୁଛନ୍ତି। ଏମାନେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ମୋଦି ଏହା ଉପରେ ତୁରନ୍ତ ପଦକ୍ଷେପ ନେବା ଲାଗି ସେମାନେ ଅନୁରୋଧ କରିଛନ୍ତି। ପୂର୍ବତନ ବାବୁମାନେ ମଧ୍ୟ ଟିକା କିଣା ଓ ଯୋଗାଣକୁ କେନ୍ଦ୍ରୀକୃତ କରିବା ସହ ସବୁ ସବୁ ଭାରତୀୟଙ୍କୁ ମାଗଣାରେ ଦେବା ଲାଗି ଚିଠିରେ ଦର୍ଶାଇଛନ୍ତି। ସରକାରଙ୍କ କ୍ୟାବିନେଟ ସିଷ୍ଟମ୍ କ୍ରମଶଃ ନଷ୍ଟ ହେଉଛି ଏବଂ ଏହା ରାଜ୍ୟଗୁଡ଼ିକ ସହ ସମ୍ପର୍କ ଖରାପ ହେଉଥିବାରୁ ସେମାନେ ଏହା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଅବଶ୍ୟ ଏହି ଲମ୍ବା ଚିଠିରେ ସେମିତି କିଛି ନୂଆ ନାହିଁ। ଅନେକ ରାଜ୍ୟରେ ସାଧାରଣ ନାଗରିକମାନେ, ବିରୋଧୀ ଦଳଗୁଡ଼ିକ ଏବଂ ଏପରି କି ନ୍ୟାୟପାଳିକା ଏହି ସମାନ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି। ୨୦୧୪ରେ ମୋଦି କ୍ଷମତା ହାସଲ କରିବା ପରଠାରୁ ସେ ଯେଉଁ ମେଣ୍ଟ ଗଢିଛନ୍ତି,ସେଥିରେ ଏବେ ଫାଟ ସୃଷ୍ଟିହେବା ଆରମ୍ଭ ହୋଇଛି। ସରକାରଙ୍କ ମହାମାରୀ ନୀତିକୁ ନେଇ ଦେଶରେ ଦେଖାଦେଇଥିବା ଅସୋନ୍ତଷକୁ ସାମ୍ନା କରିବାକୁ ସରକାର ସକ୍ଷମ ନ ଥିବା ଜଣାପଡୁଛି।

### ଖେମ୍‌କାଙ୍କ ଅଭିଯୋଗ

ଦୃଢ ସଙ୍କଳ୍ପ ନେଇ କାମ କରୁଥିବା ହରିୟାଣା କ୍ୟାଡର ଆଇଏଏସ୍ ଅଧିକାରୀ ତଥା ହ୍ୱିସିଲବ୍ଲୋୟର ଅଶୋକ ଖେମ୍‌କା ଏବେ ପୁଣି ହରିୟାଣା ସରକାରଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ସରକାର ସିଭିଲ ସର୍ଭିସ ନିୟମର ଖୋଲାଖୋଲି ଉଲ୍ଲଂଘନ କରିଥିବା ଘଟଣାକୁ ଖେମ୍‌କା ଲୋକଲୋଚନକୁ ଆଣିଛନ୍ତି। ଜଣାପଡ଼ିଛି ଯେ,ରାଜ୍ୟ ସରକାର ଆଇପିଏସ୍, ଆଇଏଫ୍ଏସ ଏବଂ ଆଇଆରଏସ୍ ଅଧିକାରୀମାନଙ୍କୁ ପ୍ରମୁଖ ସଚିବ ଭଳି ଆଇଏଏସ୍ କ୍ୟାଡର୍ ପୋଷ୍ଟରେ କେନ୍ଦ୍ରର ବିନା ଅନୁମୋଦନରେ ନିଯୁକ୍ତି ଦେଇଆସୁଛନ୍ତି। ଗତ ବର୍ଷ ଖେମ୍‌କା କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ବିଳମ୍ବରେ ହେଲେ ବି ପ୍ରଶିକ୍ଷଣ ଓ କାର୍ମିକ ବିଭାଗ ଶେଷରେ ଏହା ଉପରେ ଧ୍ୟାନ ଦେଇଛି। ଉକ୍ତ ବିଭାଗ ମନୋହରଲାଲ ଖଟ୍ଟର ସରକାରଙ୍କଠାରୁ ଉକ୍ତ ପଦବୀଗୁଡ଼ିକର ଏବକାର ସ୍ଥିତି ଉପରେ ସବିଶେଷ ରିପୋର୍ଟ ମାଗିଛି। ଆଇଏଏସ୍ କ୍ୟାଡର୍ ନିୟମକୁ ଦୃଢ ଭାବେ ପାଳନ କରିବା ସହ ଅନ୍ୟ ସର୍ବ ଭାରତୀୟ କ୍ୟାଡର୍ ଅଧିକାରୀମାନଙ୍କୁ ଆଇଏଏସ୍ କ୍ୟାଡର୍‌ର ପ୍ରମୁଖ ସଚିବ ପଦବୀଗୁଡ଼ିକରେ ନିଯୁକ୍ତି ନ ଦେବା ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛି। ଏହାବାଦ୍ ପୂର୍ବରୁ ବିଭାଗର ଅନୁମୋଦନ ନ ନେଇ ତିନି ମାସ ଅବଧିରୁ ଅଧିକ ଯାଏ ନିଯୁକ୍ତି ନ ଦେବାକୁ ସରକାରଙ୍କୁ କହିଛି। ନାଗାଲାଣ୍ଡରେ ମଧ୍ୟ ସରକାର ରାଜ୍ୟ ସେବା ଅଧିକାରୀମାନଙ୍କୁ ଆଇଏଏସ୍ କ୍ୟାଡର୍ ପଦବୀରେ ନିଯୁକ୍ତି ଦେଉଥିଲେ। ଏଭଳି ଘଟଣା ଉପରେ କ୍ୱଚିତ ପ୍ରତିକ୍ରିୟା ପ୍ରକାଶ କରୁଥିବା କେନ୍ଦ୍ର ଏବେ ସକ୍ରିୟତା ପ୍ରକାଶ କରୁଥିବାରୁ ଖେମ୍‌କା ସନ୍ତୁଷ୍ଟ ହେବା ଉଚିତ।

### ଆଶା ଧୂଳିସାତ ହେଉଛି

ମୋଦି ସରକାର ଇଣ୍ଟେଲିଜେନ୍ସ ବ୍ୟୁରୋ ( ଆଇବି) ମୁଖ୍ୟ ଅରବିନ୍ଦ କୁମାର ଏବଂ ର' ମୁଖ୍ୟ ଏସ୍. କେ. ଗୋୟଲଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢାଇଛନ୍ତି। ଏମାନେ ଉଭୟ ଆଇପିଏସ୍ ଅଧିକାରୀ। ଆଉ ଦୁଇ ବରିଷ୍ଠ ଆଇପିଏସ ଅଧିକାରୀ ରାକେଶ ଅସ୍ଥାନା ଏବଂ ୱାଇ.ସି. ମୋଦି ସିବିଆଇ ମୁଖ୍ୟ ଦୌଡରୁ ବାଦ ପଡ଼ି ଯୋଜନାରେ ବାଧା ଉପୁଜିଲା ପରେ ସରକାର ଏହି ସମ୍ପ୍ରସାରଣ କରିଛନ୍ତି। ଅବସର ପାଇଁ ଯେଉଁ ଅଧିକାରୀମାନଙ୍କର କାର୍ଯ୍ୟକାଳ ୬ ମାସରୁ ଅଧିକ ଥିବ ସେମାନଙ୍କୁ ବିଚାରକୁ ନିଆଯିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଥିବା ଦର୍ଶାଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଏନ୍.ଭି ରମନ୍ନା ସେମାନଙ୍କ ନାମକୁ ବିରୋଧ କରିବା ପରେ ଏଭଳି ଘଟିଥିଲା। ଏବକାର ନିୟମରେ କୋହଳ କରାଯିବା ପରେ ଦୁଇ ଅଧିକାରୀଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରାଯାଇଥିଲା ବୋଲି କୁହାଯାଉଛି। ସେହିପରି ଶୁଣିବାକୁ ମିଳୁଛି ଯେ, ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍( ସିବିଡିଟି)ର ମୁଖ୍ୟ ପ୍ରମୋଦ ଚନ୍ଦ୍ର ମୁଡି ତାଙ୍କ କାର୍ଯ୍ୟକାଳ ଆଉ ଥରେ ସମ୍ପ୍ରସାରଣ ହେବାକୁ ଚାହୁଁଛନ୍ତି। ତେବେ ଆଇବି ଏବଂ ର' ଭଳି ଅଧିକ ସମ୍ବେଦନଶୀଳ ପଦବୀରେ ବିଶ୍ୱସ୍ତ ଅଧିକାରୀମାନଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ବିଶେଷ ଅଧିକାର ରହିଛି। ଆଇବି ମୁଖ୍ୟପଦ ପାଇବାକୁ ଲାଇନ୍‌ରେ ଥିବା ଅଧିକାରୀ କୁମାରଙ୍କ ସମ୍ପ୍ରସାରଣରେ ପ୍ରଭାବିତ ହେବେ ନାହିଁ କିନ୍ତୁ ଗୋୟଲଙ୍କ କ୍ଷେତ୍ରରେ ଅତି କମ୍‌ରେ ଦୁଇ ଜଣ ବରିଷ୍ଠ ଅଧିକାରୀ କ୍ଷତି ସହିବେ। ସେମାନେ ଗୋୟଲଙ୍କ ସମ୍ପ୍ରସାରିତ ଅବଧି ଶେଷ ହେବା ପୂର୍ବରୁ ଅବସର ନେଇ ସାରିଥିବେ। ଏହି ପ୍ରକ୍ରିୟା ଅବସର ନେବା ପୂର୍ବରୁ ମୁଖ୍ୟ ପଦବୀରେ କାର୍ଯ୍ୟ କରିବାକୁ ଚାହୁଁଥିବା ଅଧିକାରୀମାନଙ୍କ ଆଶାକୁ ଧୂଳିସାତ କରିଦେଉଛି।

Email: dilipcherian@gmail.com

# ବାଇଡେନ୍‌ଙ୍କ ବୈଦେଶିକ ନୀତି ବିଶ୍ୱକୁ ବିପଦ



ହରେକୃଷ୍ଣ ପଣ୍ଡା


ଆମେରିକାର ନୂତନ ରାଷ୍ଟ୍ରପତି ବାଇଡେନ ଶାସନଭାର ନେବା ପରେ ଯାହା ଅନୁମାନ କରାଯାଉଥିଲା ତାହା ଏବେ ବିପରୀତମୁଖୀ ବୋଲି ଜଣାପଡୁଛି। ବାଇଡେନ ସ୍ଥିର ମସ୍ତିଷ୍କର ବୋଲି ଜଣାଥିଲେ ହେଁ ଆଗାମୀ ଯୁଗ ଗଠନ ପାଇଁ ସାମର୍ଥ୍ୟଯୋଗ୍ୟ ନୁହନ୍ତି, ଯାହା ତାଙ୍କ ବୈଦେଶିକ ନୀତିରୁ ଅନୁମେୟ। ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ କରୋନା ମହାମାରୀକୁ ସମ୍ମୁଖୀନ ହେବା ସହିତ ଚାଇନା ପ୍ରତି କେବେହେଲେ କୋହଳ ମନୋଭାବ ପ୍ରଦର୍ଶନ କରି ନଥିଲେ। ଚାଇନାର ବିସ୍ତାରବାଦକୁ ନେଇ ଟ୍ରମ୍ପ ସବୁବେଳେ କହି ଆସିଥିଲେ। ଚାଇନାର ଯାବତୀୟ ଆକ୍ରମଣାତ୍ମକ କାର୍ଯ୍ୟକ୍ରମକୁ ଆମେରିକା ବିରୋଧ କରିବ। ଚାଇନାର ବିଭିନ୍ନ କ୍ଷେତ୍ରରେ ଯୁଦ୍ଧଖୋର ମନୋବୃତ୍ତିକୁ ସେ କଡ଼ା ବିରୋଧ କରୁଥିଲେ। ଆମେରିକାର ବୈଦେଶିକ ବିଭାଗ କହୁଥିଲା, ଚାଇନା କାହାଠାରୁ ବୈଷୟିକ ଜ୍ଞାନକୌଶଳ, କାହାଠାରୁ ସୂଚନା ପ୍ରଯୁକ୍ତି ଚୋରିକରି ନେଉଛି ତ ଅନ୍ୟ ଦେଶର ସୀମାକୁ ନେଇ ହସ୍ତକ୍ଷେପ କରୁଛି ଏବଂ ସେହି ଦେଶର ସାର୍ବଭୌମତ୍ୱ ଉପରେ ଆଞ୍ଚ ଆଣୁଛି। ତେବେ ଆମେରିକା ଏଭଳି ଉଦ୍ୟମକୁ ବରଦାସ୍ତ କରିବ ନାହିଁ। ବିଶେଷକରି ଭାରତର ସୀମା ଲଦାଖକୁ ନେଇ ଟ୍ରମ୍ପ ଶ୍ୟେନ ଦୃଷ୍ଟି ରଖିଥିଲେ। କିନ୍ତୁ ବାଇଡେନ୍ ରାଷ୍ଟ୍ରପତି ହେବା ପରଠାରୁ ଚାଇନା ପ୍ରତି ଥିବା ବୈଦେଶିକ ନୀତିର ଘୋର ପରିବର୍ତ୍ତନ ହୋଇଥିବା ଅନୁଭୂତ ହୁଏ।

ବାରାକ ଓବାମାଙ୍କର ସେହିଭଳି ନମ୍ର ସ୍ୱଭାବର ସୁଯୋଗ ହାସଲ କରିଥିଲା ଚାଇନା। ଦୀର୍ଘ ୧୨୦ ବର୍ଷ ଧରି ଆମେରିକା ସମଗ୍ର ବିଶ୍ୱର ନେତୃତ୍ୱକାରୀ ଦେଶ ଭାବେ ପରିଚୟ ସୃଷ୍ଟି କରିଆସିଥିଲା। ମିଳିତ ବିଶ୍ୱ ଜାତିସଂଘର ଆମେରିକା ଥିଲା ସର୍ବେସର୍ବା। ଏବେ ଯାହା ଜଣାପଡ଼େ ଚାଇନା କଳେବଳେ କୌଶଳେ ସେ ସ୍ଥାନ ନେଇ ସାରିଛି। ଏ କଥା ଆମେରିକାର ବୈଦେଶିକ ବିଭାଗ ଜାଣି ସାରିଛି। ସେଥିପାଇଁ ଟ୍ରମ୍ପ ହଠାତ ଜାତିସଂଘକୁ ଦେଉଥିବା ବାର୍ଷିକ ଦେୟ ବନ୍ଦ କରିଦେଇଥିଲେ। କିନ୍ତୁ କରୋନା ମହାମାରୀର ଜନକ ବୋଲି ଚାଇନାକୁ ଆଖ୍ୟା ଦେବା ସହିତ ବିଭିନ୍ନ ଦେଶକୁ ନେଇ ଚାଇନାର ଗବେଷଣାଗାର ତଦନ୍ତ କରାଯିବାକୁ ଘୋଷଣା କରିଥିଲେ। କିନ୍ତୁ ବାଇଡେନ ଆସିବା ପରେ ବୈଦେଶିକ ଚାପ କମିଗଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଲୋକେ ଯେଉଁମାନେ ଚାଇନାକୁ ସମର୍ଥନ କରନ୍ତି ସେମାନେ ତଦନ୍ତ ଭାର ନେଇ ଶେଷରେ ରିପୋର୍ଟ ଦେଲେ ୨୦୧୯ ମସିହା ପୂର୍ବରୁ ଚାଇନାରେ କରୋନା ଭାଇରସ୍ ନଥିଲା। ଅବଶ୍ୟ ତାକୁ କୌଣସି ରାଷ୍ଟ୍ର ବିଶ୍ୱାସକୁ ନେଲେ ନାହିଁ କିମ୍ବା ପ୍ରତିବାଦ କଲେ ନାହିଁ, ଯାହା ବିଶ୍ୱ ପାଇଁ ଚାଇନାର ଷଡ଼ଯନ୍ତ୍ର କାଏମ ରହିଲା। ଏବେ ଚାଇନା ବାଣିଜ୍ୟିକ ସମୃଦ୍ଧି ପାଇଁ ଜୋରସୋର ଉଦ୍ୟମ ଚଳାଇଥିବା ଦେଖାଯାଉଛି। ବାଇଡେନ ନୀରବ ଥିବା ବେଳେ ଦକ୍ଷିଣ ଏସିଆରେ ଚାଇନାର ଦାଦାଗିରି ଆରମ୍ଭ ହୋଇଗଲାଣି। ବାଂଲାଦେଶ ଉପରେ ଚାଇନାର ନାଲିଆଖି ଅନ୍ୟ ଛୋଟ ଛୋଟ ଦେଶ ପାଇଁ କାଳ ହେବାକୁ ବସିଲାଣି। ବାଣିଜ୍ୟିକ କ୍ଷେତ୍ରରେ ଏବେ ସବୁ ଦେଶ ବିଶେଷତଃ ଜି–୪ ଦେଶ ସମୂହ ତଳିତଳାନ୍ତ ହେବା ଉପରେ। ଚାଇନା ୨୦୧୫ ମସିହାରୁ ଜୈବିକ ଅସ୍ତ୍ର ପ୍ରସ୍ତୁତି ଆରମ୍ଭ କରି ଆସିଥିବା କଥା ଏବେ ଚାଇନାର ଜଣେ ବୈଜ୍ଞାନିକ ପ୍ରମାଣ ଦର୍ଶାଇଥିବା ବେଳେ ଅଷ୍ଟ୍ରେଲିଆ ଓ ଆମେରିକା ତା'ର ପ୍ରମାଣ ପାଇସାରିଛନ୍ତି। କିନ୍ତୁ ଟ୍ରମ୍ପ ତାଙ୍କ ସମୟରେ ଯେପରି ଅନ୍ତର୍ଜାତୀୟ ସମୁଦାୟକୁ ନେଇ ଚାଇନା ବିରୋଧରେ ଏକ ଅଘୋଷିତ ଯୁଦ୍ଧ ଆରମ୍ଭ କରିଥିଲେ ଏବେ ତାହା ବାଇଡେନ୍‌ଙ୍କ ସମୟରେ ହଠାତ ଠପ୍ ହୋଇଯାଇଥିବା ମନେହୁଏ। କିନ୍ତୁ କାହିଁକି, ବାଇଡେନ୍‌ଙ୍କ ଏପରି ଆଭିମୁଖ୍ୟ ? ସମଗ୍ର ବିଶ୍ୱକୁ ଧ୍ୱଂସମୁଖକୁ ଠେଲିଦେଇଥିବା ଗୋଟିଏ ଦେଶ ଯେ କି ବିଶ୍ୱ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ହୋଇ ମଧ୍ୟ ଏକାଧିପତ୍ୟ ନୀତି ଅବଲମ୍ବନ କରିଚାଲିଛି ତା' ବିରୋଧରେ ସମଗ୍ର ବିଶ୍ୱ ନୀରବ କାହିଁକି ? ଯାହା ମନେହୁଏ ତାହା କେବଳ ଆମେରିକାର ବୈଦେଶିକ ନୀତିର ନମନୀୟତା ପାଇଁ। ଯେତେ ଯାହା କହିଲେ ମଧ୍ୟ ବିଭିନ୍ନ ଦୃଷ୍ଟିକୋଣରୁ ଆମେରିକା ସମଗ୍ର ବିଶ୍ୱରେ ଏକ ଶକ୍ତିଶାଳୀ ଦେଶ। ଦୀର୍ଘ ଗୋଟିଏ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ବିଶ୍ୱର ନେତୃତ୍ୱ ନେଇ ଆସିଛି। କେତେବେଳେ ନିଜର ସ୍ୱାର୍ଥକୁ ନେଇ ତ କେତେବେଳେ ଅନ୍ୟାୟ ବିରୋଧରେ ପ୍ରତିରୋଧ କରିଆସିଛି। ଆମେରିକାର ପାରମ୍ପରିକ ଶତ୍ରୁ ବୋଲାଉଥିବା ରୁଷିଆକୁ ବାଣିଜ୍ୟ କ୍ଷେତ୍ରରେ ହେଉ କିମ୍ବା ରାଜନୈତିକ କ୍ଷେତ୍ରରେ ଆମେରିକା ଗତିରୋଧ କରିଆସିଛି। ଏବେ ବାସ୍ତବରେ ରୁଷିଆ ଆଉ ସେଭଳି ମନୋବୃତ୍ତିରେ ନାହିଁ। ସେ ସ୍ଥାନ ଦଖଲ କରିନେଇଛି ଚାଇନା। ଯେ କି ସେ ଶତ୍ରୁ ସ୍ଥାନରେ ଠିଆହୋଇ ସମ୍ମୁଖ ଯୁଦ୍ଧ ଚଳାଇଛି। ତେବେ ଏଠାରେ ପ୍ରଶ୍ନ ଉଠେ ବାଇଡେନ୍ ଆମେରିକା ତଥା ବିଶ୍ୱର ଗଣତାନ୍ତ୍ରିକ ଦେଶ ପ୍ରତି ସଚେତନ ହୋଇପାରି ନାହାନ୍ତି ନା ଇତିହାସ ସମ୍ପର୍କରେ ଅଜ୍ଞ ରହିଛନ୍ତି ? ନା ନିଜକୁ ଦୁର୍ବଳ ମନେକରୁଛନ୍ତି ?

କାରଣ ଭାରତ ଓ ଆମେରିକା ମଧ୍ୟରେ ଅତୀତରେ ଯେତେଗୁଡ଼ିଏ ଚୁକ୍ତି ସମ୍ପାଦିତ ହୋଇଛି ତାହା ଅନ୍ୟ କୌଣସି ଦେଶ ସହିତ ଏପରି ଚୁକ୍ତି ହୋଇ ନଥିବ। ଭାରତ ଆମେରିକାର ଏକ ସହଯୋଗୀ ଓ ସହଭାଗୀ ଦେଶ ବୋଲି ସମସ୍ତେ ଜାଣନ୍ତି। ନିକଟରେ ଟ୍ରମ୍ପ ମଧ୍ୟ ଭାରତର ବିଶ୍ୱସ୍ତତାକୁ ସ୍ୱୀକାର କରିଯାଇଛନ୍ତି। ଏପରି ସ୍ଥଳେ କରୋନା ମହାମାରୀ ଏକ ସମ୍ବେଦନଶୀଳ ଓ ମାନବୀୟ ବିଷୟ ହୋଇଥିବା ବେଳେ ଭାରତର ସଂକ୍ରମଣତା ବୃଦ୍ଧି ଘଟୁଥିବା ଦେଖି ଆମେରିକାର ରାଷ୍ଟ୍ରପତି ସାହାଯ୍ୟ ସହଯୋଗ ନ ଦେବାକୁ କହିବା ପରିତାପର ବିଷୟ। ଅବଶ୍ୟ ଚାପ ପଡ଼ିବା ଯୋଗୁ ସେ ପରେ ଭାରତକୁ ଏକାନ୍ତ ନିଜର କହିବା ଆରମ୍ଭ କରି ଦେଇଥିଲେ। ସହଯୋଗର ହାତ ବଢ଼ାଇ ପୁଣି ବନ୍ଦ କରିଦେଲେ। କିନ୍ତୁ ସେ ପୂର୍ବାପର ସମ୍ପର୍କ ତଥା ଚୁକ୍ତି ସମ୍ପର୍କରେ ହୁଏତ ଅଜଣା ରହିଯାଇଥିବେ। ଏହା ପୂର୍ବରୁ ଭାରତ–ଆମେରିକା ମ୍ୟୁଚୁଆଲ ଲଜିଷ୍ଟିକ ଆରେଞ୍ଜମେଣ୍ଟ ଅନୁଯାୟୀ ଦୁଇ ଦେଶ ମଧ୍ୟରେ ପରସ୍ପର ସାମରିକ ସହଯୋଗ ରହିବ। ସାମରିକ ଭିତ୍ତିଭୂମିକୁ ଦୁଇ ଦେଶ ବ୍ୟବହାର କରି ପାରିବେ। ଏ ଦିଗରେ ବାଇଡେନ୍ ଏବେ ନିଷ୍କ୍ରିୟ। ଗଲଓ୍ୱାନ୍ ଉପତ୍ୟକାରେ ଚାଇନାର ସାମରିକ ପ୍ରସ୍ତୁତିକୁ ନେଇ ଦକ୍ଷିଣ ଚୀନ ସାଗର ଏବେ ବି ଅଶାନ୍ତମୟ ହୋଇ ରହିଛି। ପୂର୍ବେ ଭାରତ ଓ ଆମେରିକା ଦୀର୍ଘ ୧୧ ବର୍ଷ ଧରି କଡ଼ା ଟକ୍କର ଦେଇ ଆସିଥିଲେ। ଆମେରିକାର ଆକ୍ରମଣ ଭୟରେ ଚାଇନା ଆଗକୁ ଯାଇପାରି ନଥିଲା। ୨୦୦୯ ମସିହାରୁ ଦକ୍ଷିଣଚୀନ ସାଗରରେ ଚାଇନା କୃତ୍ରିମ ଦ୍ୱୀପ ଏବଂ ସାମରିକ ଘାଟି ସ୍ଥାପନକରି ଯେଭଳି ଏକଚାଟିଆ ଅଧିକାର ଜାହିର କରି ଆସିଥିଲା ତାହାକୁ ମୁଖ୍ୟତଃ ଭାରତ–ଆମେରିକା ସମେତ ବିଭିନ୍ନ ରାଷ୍ଟ୍ର ବିରୋଧ କରିଥିଲେ। ଏବେ ଆମେରିକାର ସେଭଳି ନେତୃତ୍ୱ ନେବା ପ୍ରତୀୟମାନ ହେଉ ନ ଥିବା ବେଳେ ଭାରତ ଆମେରିକାକୁ ସଙ୍ଗରେ ନେଇ ଜାପାନ, ଅଷ୍ଟ୍ରେଲିଆ ସହ ମେଣ୍ଟ ଗଠନ କରି ଭାରତ–ପ୍ରଶାନ୍ତମହାସାଗରୀୟ ଅଞ୍ଚଳରେ ଚାଇନାକୁ ଟକ୍କର ଦେଇ ଚାଲିଛି। ୨୦୦୭ରେ ଏହି ସଂଗଠନ ଗଠନ କରାଯାଇ ୨୦୧୭ରେ ତାହା ପୁନର୍ଗଠିତ ହୋଇଛି। ଏହି କ୍ଷେତ୍ରରେ ଆମେରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଗାମୀ ଦିନରେ ବାଇଡେନ୍ କିପରି ଠିକ୍ ପନ୍ଥା ଗ୍ରହଣ କରିବେ ତାହା ସମୟ ହିଁ କହିବ। ତେବେ ଭାରତ, ଜାପାନ ତାଙ୍କ ନୀତିରେ କଠୋର ଥିବା ବେଳେ ଆମେରିକା ଓ ଅଷ୍ଟ୍ରେଲିଆର ନୀତି ସଂଶୟପୂର୍ଣ୍ଣ । ଏବେ କୋଭିଡ ମହାମାରୀ କ୍ଷେତ୍ରରେ ଆମେରିକାର ନେତୃତ୍ୱ ସେପରି ଜଣାପଡୁ ନ ଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତି ଆମେରିକାର ଆଭିମୁଖ୍ୟ ସ୍ପଷ୍ଟ ହୋଇନାହିଁ, ଯାହା ବିଶ୍ୱର ଭବିଷ୍ୟତ ନିର୍ଦ୍ଧାରଣ କରିବ। ଏବେ ଚାଇନାର ଏକାଧିପତ୍ୟକୁ ନ ରୋକିଲେ ତା'ର ବିଧ୍ୱଂସାତ୍ମକ କାର୍ଯ୍ୟ ସେତେ ବଳବତ୍ତର ହୋଇ ଚାଲିଥିବ। ସେଥିପାଇଁ ଆମେରିକାର ବୈଦେଶିକ ନୀତି ନମନୀୟ ହୋଇପଡ଼ିଲେ ବିଶ୍ୱଶାନ୍ତି ପ୍ରତିଷ୍ଠା ପରିବର୍ତ୍ତେ ବିଶ୍ୱ ଧ୍ୱଂସ ଆଡକୁ ମୁହାଁଇବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଏହା ବ୍ୟତୀତ ମିଳିତ ଜାତିସଂଘର ପୁନର୍ଗଠନ, ଆଫଗାନ୍, ଇରାନ, ମଧ୍ୟପ୍ରାଚ୍ୟ କ୍ଷେତ୍ରରେ ଆମେରିକାର ବୈଦେଶିକ ନୀତି କ'ଣ ହେବ ତାହା ନିର୍ଭର କରୁଛି ବାଇଡେନ୍ ସରକାରଙ୍କ ଉପରେ।

ଯାଜପୁର, ମୋ–୯୪୩୭୩୧୫୬୨୩

# ପରିସଂସ୍ଥାର ପୁନରୁଦ୍ଧାର ହେଉ



ଡ. ଦେବାନନ୍ଦ ବେଉରା

ଏହା କହିବା ବାହୁଲ୍ୟ ଯେ, ଆଜିର ପିଢ଼ି ପରିସଂସ୍ଥା କହିଲେ କିଛି ବୁଝନ୍ତି ନାହିଁ। ଅବଶ୍ୟ କିଛି ଓଡ଼ିଆ ଶବ୍ଦର ସ୍ୱଳ୍ପ ପ୍ରଚଳନକୁ ଦେଖିଲେ 'ପରିସଂସ୍ଥା' ବଦଳରେ ଇଂଲିଶ ଶବ୍ଦ 'ଇକୋସିଷ୍ଟମ'କୁ ଅନେକ ଅତି ଭଲରେ ବୁଝିବେ ତଥା ବୁଝାଇପାରିବେ। ସେ ଯାହା ହେଉ, ଯିଏ ଯେଉଁଥିରେ ବୁଝନ୍ତୁ, ବିଷୟ ଓ ବସ୍ତୁ ଏକ ଏବଂ ଅଭିନ୍ନ। ପ୍ରକୃତି, ପରିବେଶ ଓ ପରିସଂସ୍ଥାର ସମ୍ମିଳିତ ସଂରଚନାରେ ଆମ ଜୀବନ୍ତ ପୃଥିବୀର ଉତ୍ପତ୍ତି, ଉତ୍‌ଥାନ ତଥା ଉତ୍କୃଷ୍ଟତା ସମ୍ଭବପର ହୋଇଛି। ହେଲେ ସମ୍ପ୍ରତି ଏଗୁଡ଼ିକର ସ୍ଥିତି, କାର୍ଯ୍ୟକ୍ଷମତା ଓ ଗୁଣବତ୍ତାର ନିମ୍ନଗାମୀ ଗତିଶୀଳତା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ଭାବେ ଛିଡ଼ା ହୋଇସାରିଛି। ଅତଏବ ଏହି ପରିପ୍ରେକ୍ଷୀରେ ପରିବେଶ ପ୍ରତି ଆମର ପ୍ରତିବଦ୍ଧତାର ଆତ୍ମଚିନ୍ତନ ଓ ଦାୟିତ୍ୱବୋଧତାକୁ ଜାଗ୍ରତ କରିବାର ପ୍ରୟାସ ସ୍ୱରୂପ ଚଳିତ ୨୦୨୧ ମସିହା ବିଶ୍ୱ ପରିବେଶ ଦିବସ ବିଷୟବସ୍ତୁ ରଖାଯାଇଛି 'ପରିସଂସ୍ଥା ପୁନରୁଦ୍ଧାର'। ପରିସଂସ୍ଥାର ପୁନରୁଦ୍ଧାର କଥା ଯେତେବେଳେ ଉଠୁଛି ନିଶ୍ଚିତ ରୂପେ ବୁଝିବାକୁ ପଡ଼ିବ ପରିସଂସ୍ଥା ବିପର୍ଯ୍ୟସ୍ତ, ଅବକ୍ଷୟିତ ଅବା କବଳିତ। ଏହାକୁ ବ୍ୟବସ୍ଥିତ କରିବାକୁ ପଡ଼ିବ, ପୁନଃସ୍ଥାପନ ପୂର୍ବକ ସଂରକ୍ଷଣ କରିବାକୁ ପଡ଼ିବ। ନତୁବା କିଏ କହିବ ପରିବେଶ–ପରିସଂସ୍ଥାର ବିଘଟନରେ ଜୀବମଣ୍ଡଳ ସହିତ ମଣିଷକୁ କେଉଁଠୁ ମିଳିବ ବଞ୍ଚିରହିବାର ପ୍ରାକୃତିକ ସୁରକ୍ଷା କବଚ। କାହିଁ ଆଜିର କରୋନା ମହାମାରୀର ମହାସଙ୍କଟକୁ ଏଡ଼ାଇ ଦେବାରେ ପ୍ରାକୃତିକ ପ୍ରତିରକ୍ଷାର ଅଭାବ ରହିଯାଇନି ତ ? ଗଭୀର ଭାବେ ଚିନ୍ତନୀୟ–ଭବିଷ୍ୟତର ଏମିତି କେତେ କେତେ ବିପଦ ପାଇଁ।

ପରିସଂସ୍ଥା ଏକ ପରିବେଶାନୁକୂଳ ଭୌଗୋଳିକ ଖଣ୍ଡ ବା ସ୍ଥାନ, ଯାହା କିଛି ନିର୍ଦ୍ଦିଷ୍ଟ ଗଛଲତା, ଜୀବଜନ୍ତୁ, କୀଟପତଙ୍ଗ, ଗୁଳ୍ମ ଓ ଅଣୁଜୀବଙ୍କ ଅବସ୍ଥାନ ବଂଶବୃଦ୍ଧି ତଥା ଅଭିବୃଦ୍ଧି ପାଇଁ ସହାୟକ ହୋଇଥାଏ। ପରିସଂସ୍ଥା ସଜୀବ ପ୍ରଜାତି ଓ ନିର୍ଜୀବ ବସ୍ତୁ ମଧ୍ୟରେ ପୌଷ୍ଟିକ ଚକ୍ରୀକରଣର ଏକ ସକ୍ରିୟ ଉତ୍ସ ; ଯେଉଁଠି ଅହରହ ଅଙ୍ଗାରକ ଚକ୍ର, ଯବକ୍ଷାରଜାନ ଚକ୍ର, ଅମ୍ଳଜାନ ଚକ୍ର ତଥା ଜଳଚକ୍ର ମାଧ୍ୟମରେ ଶକ୍ତି ସଂଚାଳିତ ହୋଇଥାଏ। ଏତଦ୍‌ବ୍ୟତୀତ ଏହା ଜଳବାୟୁ ନିୟନ୍ତ୍ରଣ ଜଳ–ବାୟୁ–ମୃତ୍ତିକାର ଗୁଣବତ୍ତା ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ପରିସଂସ୍ଥା ଗୋଟେ ଗତିଶୀଳ ଓ ଚଳଚଞ୍ଚଳ ଅସ୍ତିତ୍ୱ ; ଯାହା ସମୟାନୁକ୍ରମେ ବିଭିନ୍ନ କାରଣ ପାଇଁ ବିପନ୍ନ ହୋଇଥାଏ ଏବଂ ପୁନଶ୍ଚ ପ୍ରାକୃତିକ ଭାବେ ପୂର୍ବସ୍ଥିତିକୁ ଫେରିଆସିଥାଏ। ଏହା ସେତେବେଳେ ସମ୍ଭବ ହୋଇଥାଏ, ଯେତେବେଳେ ପରିସଂସ୍ଥାର ଆଭ୍ୟନ୍ତରୀଣ ଓ ବାହ୍ୟ ପ୍ରକ୍ରିୟା କାର୍ଯ୍ୟକ୍ଷମତା ମଧ୍ୟରେ ସମନ୍ୱୟ ରୁହେ। ପରିସଂସ୍ଥା ମଧ୍ୟରେ ପରିଚାଳିତ ହେଉଥିଲେ ମଧ୍ୟ ମଣିଷର ପରିସଂସ୍ଥୀୟ ସେବା ଓ ସାଧନାର ମାତ୍ରାଧିକ ବ୍ୟବହାରିକ ଶୋଷଣ ଏହାକୁ ବିଘଟିତ କରିବା ସହିତ ପୁନଃସ୍ଥାପନ କରାଇଦେଉନି। ଏଣୁ ପୃଥିବୀର ଅନେକ ପରିସଂସ୍ଥା ବିପର୍ଯ୍ୟସ୍ତ, ବିଲୁପ୍ତପ୍ରାୟ ଅବା ସଙ୍କୁଚିତ। ଗୋଟେ ଛୋଟ ଉଦାହରଣରୁ ଏହା ବୁଝାପଡ଼ିବ–କୌଣସି ଜଙ୍ଗଲରୁ ଏକ ନିର୍ଦ୍ଦିଷ୍ଟ ପରିମାଣର କାଠ, ଜାଳେଣି ଇତ୍ୟାଦି ସଂଗ୍ରହ କଲେ ତାହା ପ୍ରାକୃତିକ ଉପାୟରେ ପୁନଃଭରିତ ହୋଇଥାଏ। ମାତ୍ର ସମ୍ପୂର୍ଣ୍ଣ ଜଙ୍ଗଲକୁ କାଟି ସଫା କରି ଯଦି କଳକାରଖାନା ସେଠାରେ ବସାଯାଏ ତେବେ ପରିସଂସ୍ଥା ପୂର୍ବ ସ୍ଥିତିକୁ ଫେରିପାରିବାର ସମ୍ଭାବନା ଶୂନ ହୋଇଯାଏ। ସେହିପରି ତୃଣଭୂମିକୁ ଚାଷ ଜମିରେ, ନଦୀ–ଗାଡ଼ିଆକୁ ପୋତି ସହରୀକରଣ, ପାହାଡ–ପର୍ବତ କାଟି ଖଣିଖାଦାନ ତଥା ଭିତ୍ତିଭୂମି ସମ୍ପ୍ରସାରଣ କରି ପରିସଂସ୍ଥା ଗୁଡ଼ିକରେ ଯେଉଁ କ୍ଷତି ପହଞ୍ଚାଯାଉଛି, ତାହା ପୁନଃସ୍ଥାପିତ ହେବାର ବାଟକୁ ସମୂଳେ ବନ୍ଦ କରିଦେଉଛି। ପ୍ରତ୍ୟକ୍ଷ ବା ପରୋକ୍ଷରେ ମଣିଷ ପ୍ରାୟୋଜିତ ପ୍ରାକୃତିକ ବିପର୍ଯ୍ୟୟ ସଂଖ୍ୟାଧିକ ଓ ଶକ୍ତିଶାଳୀ ହୋଇ ପରିସଂସ୍ଥାର ପ୍ରଭୂତ କ୍ଷତି ପହଞ୍ଚାଯାଉଛି। ବୈଶ୍ୱିକ ଉତ୍ତାପ ବୃଦ୍ଧି, ପ୍ରଦୂଷଣ,

## ବିଶ୍ୱ ପରିବେଶ ଦିବସ ଉପଲକ୍ଷେ

ଖାଦ୍ୟାଭାବ, ଜଳାଭାବ ଏବଂ ସ୍ଥାନାଭାବ ଯୋଗୁ ପରିସଂସ୍ଥାର ଜୀବଜନ୍ତୁ–ଗଛଲତା ମରି ହଜି ଯାଉଛନ୍ତି ; ଯାହା ଷଷ୍ଠ ସମୂହ ବିଲୋପନର ମୂଳ କାରଣ ସାଜିଛି।

ପରିସଂସ୍ଥା ଗୁରୁତର ଭାବେ ଅବକ୍ଷୟଗାମୀ ହେବା ଫଳରେ ଏହାର ସୁଦୂର ପ୍ରସାରୀ କୁପ୍ରଭାବ ଜୈବମଣ୍ଡଳ ଓ ଜୈବ ବିବିଧତା ଉପରେ ପଡ଼ିବା ସହିତ ମଣିଷର ଜୀବିକା ସଙ୍କୁଚିତ ହେବାରେ ଲାଗିଛି। ମଣିଷର ଜୀବନ–ଜୀବିକା ପରିସଂସ୍ଥା ସହ ସିଧାସଳଖ ସଂଶ୍ଳିଷ୍ଟ ରହିଥିବାରୁ ଏହାର ସ୍ପନ୍ଦନ ନିରନ୍ତର ବିକାଶର ପରିପନ୍ଥୀ ଭାବେ ଉଭା ହୋଇସାରିଲାଣି। ପରିସଂସ୍ଥୀୟ ବିଘଟନ ଅନେକ ଭୟଙ୍କର ପରିବେଶୀୟ ପ୍ରଭାବକୁ ଆମନ୍ତ୍ରିତ କରିଚାଲିଛି। ସବୁଜଗୃହ ବାଷ୍ପର ମୁଖ୍ୟ ଶୋଷକ ଉତ୍ସ ବୋଲାଉଥିବା ପରିସଂସ୍ଥା ବ୍ୟତିରେକ ବିଶ୍ୱତାପନ ବଢ଼ିଚାଲିବା ସହ ଦୃଷ୍ଟିପାତ କମିଚାଲିଛି। ସ୍ଥାନୀୟ ଜଳବାୟୁ ବିଶେଷ ଭାବେ ପ୍ରଭାବିତ ହେବା ଦ୍ୱାରା ଏହାର ଆଖିଦୃଶିଆ ପ୍ରଭାବ ମଣିଷ ସମାଜ ଉପରେ ପଡ଼ିଚାଲିଛି। ମୃତ୍ତିକାର ଜୈବିକ ଅଂଶ କମିଯିବା, ଜଳଧାରଣ ଶକ୍ତି ହ୍ରାସ ପାଇବା ଫଳରେ କୃଷି ଉତ୍ପାଦନ କମିଚାଲିଛି। ଉତ୍ପାଦନରେ ସାମୟିକ ବୃଦ୍ଧି ବା ସ୍ଥିତାବସ୍ଥା ପାଇଁ ମାତ୍ରାଧିକ ରାସାୟନିକ ସାର, କୀଟନାଶକ ମଣିଷ ସ୍ୱାସ୍ଥ୍ୟ ପାଇଁ ଘାତକ ପାଲଟିଛି। ପ୍ରାକୃତିକ ପ୍ରଜନନ ପ୍ରତିହତ ହେବା ଫଳରେ ଜୈବବିବିଧତା ସଙ୍କୁଚିତ ହେଉଛି, ଯାହାଦ୍ୱାରା ଖାଦ୍ୟଶୃଙ୍ଖଳ ଓ ଉର୍ଜା ସଂଚାଳନ ବାଧାପ୍ରାପ୍ତ ହେଉଛି। ପରିସଂସ୍ଥୀୟ ଯୋଗାଣରେ ବାଧା ସୃଷ୍ଟି ସମଗ୍ର ଜୈବମଣ୍ଡଳ ସହିତ ମଣିଷ ସମାଜ ପାଇଁ ମୌଳିକ ଆବଶ୍ୟକତାର ଉପଲବ୍ଧିକୁ ନିମ୍ନଗାମୀ କରିଚାଲିଛି।

ମଣିଷ ପାଇଁ ପରିସଂସ୍ଥୀୟ ସେବା ଅତୁଳନୀୟ। ଖାଦ୍ୟ, ବସ୍ତ୍ର, ବାସଗୃହ ପରି ମୌଳିକ ଉପାଦାନ ପ୍ରଦାନ କରିବା ସହିତ ବିଶୁଦ୍ଧ ଜଳ, ବାୟୁ, ପ୍ରମୋଦ ପରିବେଶ ପ୍ରଦାନ କରିଥାଏ। ପରିସଂସ୍ଥା ହିଁ ପରାଗସଙ୍ଗମକୁ ପ୍ରୋତ୍ସାହିତ କରିଥାଏ, ରୋଗ ନିରାକରଣରେ ସହାୟକ ହୁଏ, ମୃତ୍ତିକା ତିଆରି କରିଥାଏ। ଆଉ ଅହରହ ଚିତ୍ତବିନୋଦନ, ସାଂସ୍କୃତିକ, ଆଧ୍ୟାତ୍ମିକ ବାତାବରଣ ପ୍ରଦାନ କରିଥାଏ। ଏତେସବୁ ନିରନ୍ତର ସେବା ଗ୍ରହଣ କରିବା ପରେ ମଧ୍ୟ ମଣିଷର ଆବଶ୍ୟକତାଠାରୁ ଅଧିକ ପ୍ରାପ୍ତିର ମୋହ, ଆଧୁନିକତାରେ ଆତ୍ମଚେତନାକୁ ଆହୁତି ଦେବା ପ୍ରାକୃତିକ ସମ୍ପଦର ମାତ୍ରାଧିକ ଲୁଣ୍ଠନ, ପରିବେଶ ପରିପନ୍ଥୀ କାର୍ଯ୍ୟକଳାପ ବୃଦ୍ଧି ପରିସଂସ୍ଥାକୁ କବଳିତ କରିପକାଉଛି। ଏସବୁ କାର୍ଯ୍ୟରୁ ନିବୃତ୍ତ ନ ରହିଲେ ପରିସଂସ୍ଥା ପୁନରୁଦ୍ଧାର ହେବା କାଠିକର ପାଠ। ପରିସଂସ୍ଥା ଉଭେଇଗଲେ ମଣିଷ ସମାଜର କାୟାକଳ୍ପ ଲିଭିଯିବ, ଏହା ଆମେ ଜାଣିରଖିବା ଦରକାର।

ବିଗିଡି ଯାଇଥିବା ପରିସଂସ୍ଥାକୁ ତା'ର ମୂଳସ୍ଥିତିକୁ ଫେରିଆଣିବା ଏତେ ସହଜ କାର୍ଯ୍ୟ ନୁହେଁ, ଯେପରି ଏକଦା ଜଙ୍ଗଲ ଅବସ୍ଥାନ କରୁଥିବା ସ୍ଥାନକୁ ଆମେ କୃଷିକ୍ଷେତ, ଶିଳ୍ପାୟନ, ଖଣି ଖନନ, ସହରୀକରଣ ଇତ୍ୟାଦିକୁ ରୂପାନ୍ତରିତ କରିସାରିବା ପରେ ପୁଣି ସେ ସ୍ଥାନକୁ ମୂଳସ୍ଥିତିକୁ ଫେରାଇ ଆଣିବା କାଠିକର ପାଠ ମନେ ହୁଏ। ତେବେ ଆଉ ଅଧିକ ସେପରି ନ କରି ନୂତନ ସ୍ଥାନକୁ ଜଙ୍ଗଲୀକରଣ କରି ଉଦ୍ଦେଶ୍ୟ ସାଧନ କରାଯାଇପାରିବ। ଆକଳନ କରାଯାଇଛି–ଆସନ୍ତା ଦଶନ୍ଧି ଅର୍ଥାତ୍ ୨୦୩୦ ମସିହା ମଧ୍ୟରେ ୩୫୦ ନିୟୁତ ହେକ୍ଟର ଅବକ୍ଷୟିତ ସ୍ଥଳ ଓ ଜଳଜ ପରିସଂସ୍ଥାର ପୁନରୁଦ୍ଧାର ହୋଇପାରିଲେ ୯ ଲକ୍ଷ କୋଟି ଆମେରିକୀୟ ଡଲାରର ପରିସଂସ୍ଥୀୟ ସେବା ମିଳିବା ସହିତ ୧୩ରୁ ୨୬ ଗିଗାଟନ ସବୁଜ ଗୃହ ବାଷ୍ପ ବାୟୁମଣ୍ଡଳରୁ ଅପସାରିତ ହୋଇପାରିବ। ଦିନକୁ ଦିନ ବଢ଼ି ଚାଲୁଥିବା ପରିବେଶୀୟ ସଙ୍କଟ କାଳରେ ଏତେ ମାତ୍ରାର ଫାଇଦାକୁ ହାତଛଡା କରିବାଟା ମଣିଷ ସମାଜ ପାଇଁ ମୂର୍ଖତା ନୁହେଁ ତ କ'ଣ।

ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

## ଏଇ ଭାରତରେ

ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଯେଉଁ କେତେଜଣ ପ୍ରୟାସ ଜାରି ରଖିଛନ୍ତି ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ସମୀକ୍ଷା ଗନେରିୱାଲ ସମ୍ପୂର୍ଣ୍ଣ ଭିନ୍ନ। ସମୀକ୍ଷା ପ୍ଲାଷ୍ଟିକ ବ୍ୟବହାର କମାଇବା ଲାଗି କାଗଜ ବୋତଲ ତିଆରି କରୁଛନ୍ତି। ଭାରତରେ ଏହା ପ୍ରଥମ କରି ସେ ତିଆରି କରିଛନ୍ତି। କେବଳ କାଗଜ ବର୍ଜ୍ୟରୁ ହିଁ ଏହା ତିଆରି କରାଯାଉଛି। ଏହା ପ୍ଲାଷ୍ଟିକ ବୋତଲଠାରୁ ଶସ୍ତା। ଏହା ଶତ ପ୍ରତିଶତ ବିଘଟନଯୋଗ୍ୟ। ଖୁବ୍ କମ୍ ଦିନରେ ଏହା ମାଟିରେ ମିଶିଯାଉଛି। ଏଥିରେ ପାନୀୟ, ବିଭିନ୍ନ ପ୍ରକାର ତରଳ ଏବଂ ପାଉଡର ରଖାଯାଇପାରୁଛି। ସମୀକ୍ଷା ଏମ୍‌ବିଏ ଶେଷ କରିବା ପରେ ଏହି କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ସେ ନୋଏଡାରେ 'କାଗ୍‌ଜି ବଟଲସ୍' କମ୍ପାନୀ ପ୍ରତିଷ୍ଠା କରି ସେଠାରେ ବୋତଲ ତିଆରି କରୁଛନ୍ତି। ୨୦୧୮ରେ କାଗଜ ବୋତଲ ନିର୍ମାଣ କରିବାକୁ ପ୍ରୟାସ କରିଥିଲେ ବି ଏହାର ଦୁଇବର୍ଷ ପରେ ଡିସେମ୍ବର ୨୦୨୦ରେ ପ୍ରଥମେ ଏହାର ପ୍ରତିକୃତି ନିର୍ମାଣ କରିବାରେ ସଫଳ ହୋଇଥିଲେ। ଭାରତରେ ବର୍ଷକୁ ୩୦ ଲକ୍ଷ ମେଟ୍ରିକ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ବାହାରେ ଓ ଏହାକୁ ହ୍ରାସ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି । ଏବେ ତାଙ୍କ ପାଖରେ ଅଧିକ ଅର୍ଡର ପହଞ୍ଚିଛି ଓ ମାସକୁ ସେ ୨ ଲକ୍ଷ ବୋତଲ ଉତ୍ପାଦନ କରିପାରିବେ ବୋଲି କହନ୍ତି ୩୮ ବର୍ଷୀୟା ସମୀକ୍ଷା।

## ୨୫ ବର୍ଷ ତଳର ଧରିତ୍ରୀ

ୄ୫ ଜୁନ୍ ୧୯୯୬

- ସୁଇଜରଲାଣ୍ଡରୁ ଅସ୍ତ୍ରଶସ୍ତ୍ର କ୍ରୟ କରିବା କିମ୍ବା ନବାଆଣିବା କରିବା ପାଇଁ ଶ୍ରୀଲଙ୍କାବାସୀଙ୍କ ଉପରେ ସୁଇସ୍ କର୍ତ୍ତୃପକ୍ଷ ନିଷେଧାଦେଶ ଜାରି କରିଛନ୍ତି।
- ଦେଶର ମହାନଗରଗୁଡ଼ିକରେ ଟିକସଦାତାଙ୍କୁ ଉତ୍ତମ ସେବା ଯୋଗାଇଦେବା ନେଇ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏକ ନୂତନ ପରିଚୟ ବ୍ୟବସ୍ଥାର ପ୍ରବର୍ତ୍ତନ କରାଯାଇଛି।
- ପରିବେଶ ଓ ପ୍ରଦୂଷଣ ନିୟନ୍ତ୍ରଣ ସଂକ୍ରାନ୍ତ ମାମଲାଗୁଡ଼ିକର ଫଇସଲା ପାଇଁ କଲିକତା ହାଇକୋର୍ଟରେ 'ଗ୍ରୀନ୍ ବେଞ୍ଚ' ଗଠନ କରାଯିବା ଭାରତରେ ପ୍ରଥମ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 3 | | | | 8 | 7 | | 6 |
| 8 | | | 1 | | | 4 | | |
| 2 | | | | 6 | | | | |
| | | 3 | | | 9 | | | |
| 6 | 8 | 7 | 5 | | | 3 | | |
| | | | 4 | | | | | 2 |
| 1 | | | 9 | 2 | | | | 4 |
| | | 5 | 6 | | 4 | | | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 9 | 5 | 8 | 7 | 1 | 2 | 6 |
| 1 | 8 | 2 | 3 | 6 | 9 | 7 | 5 | 4 |
| 7 | 5 | 6 | 4 | 1 | 2 | 8 | 3 | 9 |
| 2 | 7 | 5 | 8 | 4 | 1 | 6 | 9 | 3 |
| 8 | 3 | 1 | 9 | 5 | 6 | 2 | 4 | 7 |
| 6 | 9 | 4 | 2 | 7 | 3 | 5 | 1 | 8 |
| 4 | 6 | 8 | 1 | 3 | 5 | 9 | 7 | 2 |
| 9 | 1 | 7 | 6 | 2 | 4 | 3 | 8 | 5 |
| 5 | 2 | 3 | 7 | 9 | 8 | 4 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟିକା ପ୍ରମାଣପତ୍ର ନ ମିଳିବା ସମ୍ପର୍କରେ

ମହାଶୟ,

ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଖାନାରେ ମୁଁ ଦ୍ୱିତୀୟ ଡୋଜ୍ କରୋନା ଟିକା କୋଭିଶିଲ୍ଡ ୮ ମେ'ରେ ନେଇଅଛି। ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ କମ୍ପ୍ୟୁଟର ମାଧ୍ୟମରେ ମୋ ଟିକା ନେବାର ପଞ୍ଜୀକରଣ ଦର୍ଶାଯାଉନାହିଁ। ଏବେ ଦ୍ୱିତୀୟ ଡୋଜ୍ ଟିକା ନେଇଥିଲେ ମଧ୍ୟ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଭାଗ କରୋନା ଟିକା ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଅଛି। ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଖାମଖିଆଲ ମନୋଭାବ ଯୋଗୁ ହଜାର ହଜାର ଟିକା ଲାଭାର୍ଥୀ ଟିକାକରଣ ପ୍ରମାଣପତ୍ର ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ପ୍ରକୃତ କରୋନା ଟିକାକରଣର ଆକଳନ ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଠିକ୍ ଭାବରେ କରିପାରୁ ନାହିଁ ବୋଲି କୁହାଯାଉଛି। ଯେଉଁମାନେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି, ସେମାନଙ୍କ ପ୍ରଥମ ଟିକାକରଣ ପ୍ରମାଣପତ୍ର ନ ଦର୍ଶାଇଲେ ଦ୍ୱିତୀୟ ଡୋଜ୍ ଟିକାକରଣ ସମୟକୁ ଅସୁବିଧାରେ ନିଶ୍ଚୟ ପଡ଼ିବେ ! ଏସବୁକୁ ଲକ୍ଷ୍ୟ ରଖି ନୟାଗଡ଼ ଜିଲା ସିଡିଏମ୍‌ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ କରିବେ ବୋଲି ଆଶା।

–ତାରାପ୍ରସାଦ ଜେନା, ରାଜ ରଣପୁର, ନୟାଗଡ଼

## ଚିରନ୍ତନୀ

ମୃତ୍ୟୁ ପରେ କି ସୁଖ ଅଛି
କି ଅବା ବିଭୀଷିକା
କଳ୍ପନାର ରାଇଜେ ବୁଲ କାହିଁ ?
ନିଭିଲେ ଥରେ ନ ଜଳେ ଆଉ
ଜୀବନ–ଦୀପଶିଖା
ଜୀବନ ପରେ ନାହିଁରେ କିଛି ନାହିଁ !
–(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପରିସଂସ୍ଥାର ପୁନରୁଦ୍ଧାର

କରୋନା ଭୂତାଣୁର ତାଣ୍ଡବ ଆମର ସବୁ ଖୁସି ଛଡ଼େଇ ନେଇଛି । କରୋନା କବଳରେ ଉତ୍ସବର ରଙ୍ଗ ଫିକା ପଡ଼ିଯାଉଛି । ଏକ ଭୟାତୁର ପରିବେଶ ମଧ୍ୟରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଦିବସର ଗୁରୁତ୍ୱକୁ ଆମେ ଭୁଲିଯାଇଛୁ । ଏବେ ଆମ ପାଇଁ ଯାହା ଗୁରୁତ୍ୱପୂର୍ଣ୍ଣ ମନେହୁଏ, ତାହା ହେଉଛି ଜୀବନ ଓ ଜୀବିକା । ଜୀବନକୁ ସୁରକ୍ଷିତ ରଖିବା ସକାଶେ ଜୀବିକାକୁ ଛାଡିବାକୁ ହେଉଛି କିମ୍ବା ଜୀବିକାକୁ ବଞ୍ଚେଇବା ସକାଶେ ଜୀବନକୁ ପାଣି ଛଡ଼େଇ ଘରୁ ବାହାରିବାକୁ ହେଉଛି । ଜୀବନ ଓ ଜୀବିକାର ସଂଘର୍ଷ ଭିତରେ ସତର୍କତାର ସହିତ ଗତି କରିବାକୁ ପଡୁଛି । ଆମର ଜୀବନ ଓ ଜୀବିକା ସହିତ ଯାହାର ନିବିଡ ସମ୍ପର୍କ ରହିଛି, ତାହା ହେଉଛି ପରିବେଶ । କାରଣ ଆମେ ପରିବେଶର ଗୋଟିଏ ଗୋଟିଏ ଉପାଦାନ । ପରିବେଶ ସୁସ୍ଥ ରହିଲେ ଯାଇ ଆମେ ସୁସ୍ଥ ରହିବା ।

'ପରିବେଶ' ଶବ୍ଦ ମଧ୍ୟରେ ଆମେ ଅଛୁ, ଆମର ଘରଦ୍ୱାର ରାସ୍ତାଘାଟ ଅଛି, ଆମ ଚାରିପଟେ ରହିଥିବା ମାଟିପଥର, ଗଛଲତା, ପାହାଡପର୍ବତ, ନଦୀଝରଣା, ପଶୁପକ୍ଷୀ ଓ ଜୀବାଣୁଭୂତାଣୁ – ସମସ୍ତେ ଅଛନ୍ତି । ଜୀବନଧାରଣ ପାଇଁ ପରିବେଶ ଉପରେ ଆମେ ନିର୍ଭର କରୁ । ପରିବେଶ ସୁସ୍ଥ ରହିଲେ ଯାଇ ପୃଥିବୀ ଉପରେ ଜୀବଜଗତ ତିଷ୍ଠିପାରିବ । କିନ୍ତୁ ଆମର ଅବିବେକୀ କାର୍ଯ୍ୟକଳାପ ଦ୍ୱାରା ପରିବେଶର ଅବସ୍ଥା ବିଗିଡି ଯାଇଛି ।

ଜଳବାୟୁର ଅନିୟମିତତା ପଛରେ ଆମର ଅବିବେକୀ କାର୍ଯ୍ୟକଳାପ ହିଁ ଖଳନାୟକ ସାଜିଛି । ଆ.ପି.ସି.ସି. ସୂଚନା ଅନୁଯାୟୀ ଗତ ୨୫୦ ବର୍ଷ ଭିତରେ ପୃଥିବୀ ପ୍ରତି ଯେଉଁ ସବୁ ବିପଦ ଆସିଛି, ସେଥିପାଇଁ ଆମର ଅବିବେକୀ କାର୍ଯ୍ୟକଳାପ ୯୦ ପ୍ରତିଶତ ଦାୟୀ । ମିଳିତ ଜାତିସଂଘ ନେତୃତ୍ୱରେ କାର୍ଯ୍ୟରତ ୧୩୦୦ ବିଶେଷଜ୍ଞ ଏହାର ପ୍ରମାଣ ଦେଇଛନ୍ତି । କଳକାରଖାନାର ଧୂଆଁ ଓ ଜୀବାଶ୍ମ ଇନ୍ଧନର ବ୍ୟବହାର ଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ତ୍ୱରାନ୍ୱିତ ବେଗରେ ବୃଦ୍ଧି ପାଉଛି । ଗତ ୧୫୦ ବର୍ଷରେ ଏହାର ପରିମାଣ ପ୍ରାୟ ୪୦ ପ୍ରତିଶତ ବୃଦ୍ଧିପାଇଛି । ଏହି ବାଷ୍ପ ତାପକୁ ଧରିରଖୁଛି । ତେଣୁ ବାୟୁମଣ୍ଡଳର ତାପମାତ୍ରା କ୍ରମଶଃ ବୃଦ୍ଧିପାଉଛି, ଯାହାକୁ 'ସବୁଜଗୃହ ପ୍ରଭାବ' ବୋଲି କୁହାଯାଉଛି । ଅଙ୍ଗାରକାମ୍ଳ ସହିତ ଜଳୀୟବାଷ୍ପ, ମିଥେନ, ସିଏଫ୍‌ସି, ନାଇଟ୍ରସ୍ ଅକ୍‌ସାଇଡ୍ ଇତ୍ୟାଦି ବାଷ୍ପ ମଧ୍ୟ ଜାଗତିକ



ଉଷ୍ମତା ବୃଦ୍ଧିରେ ସହାୟତା କରନ୍ତି । ଏସବୁ ବାଷ୍ପକୁ କୁହାଯାଉଛି 'ସବୁଜଗୃହ ବାଷ୍ପ' । 'ସବୁଜଗୃହ ପ୍ରଭାବ' ହିଁ ଜଳବାୟୁକୁ ଅନିୟମିତ କରିବାରେ ପ୍ରମୁଖ୍ୟ ଭୂମିକା ଗ୍ରହଣ କରିଛି । ପୃଥିବୀପୃଷ୍ଠକୁ ପ୍ରତିଦିନ ଯେତିକି ତାପ ଆସୁଛି, ସେତିକି ଯଦି ପ୍ରତିଦିନ ଶୂନ୍ୟକୁ ଚାଲିଯାଆନ୍ତା, ତେବେ ଆମର ଜଳବାୟୁ ଧାରାରେ କୌଣସି ପରିବର୍ତ୍ତନ ହୁଅନ୍ତା ନାହିଁ । କିନ୍ତୁ ସୌରତାପ ବାୟୁମଣ୍ଡଳରେ ବନ୍ଦୀ ହେଇ ରହିବା ଫଳରେ ସବୁ ଅସୁବିଧା ହେଉଛି । ପ୍ରଚଣ୍ଡ ଖରା ଫଳରେ ଯାହା ତ ବିପଦ ପଡୁଛି । ତା' ସହିତ ଗୁଳୁଗୁଳି ବଢିଯାଉଛି । ଲଘୁଚାପ ସୃଷ୍ଟିର ସମ୍ଭାବନା ବି ବୃଦ୍ଧି ପାଉଛି, ଯାହା କି ଝଡବାତ୍ୟାକୁ ନିମନ୍ତ୍ରଣ କରୁଛି । ନିକଟରେ ଓଡିଶା ଉପକୂଳରେ 'ୟାସ୍' ବାତ୍ୟା ଏହାର ଏକ ଜ୍ୱଳନ୍ତ ଉଦାହରଣ ଥିଲା । ବାତ୍ୟା ପରେ ପରେ ୩–୪ ଦିନ ଧରି ଅସହ୍ୟ ଗୁଳୁଗୁଳି ବି ଲାଗିରହିଲା ।

ଜଳବାୟୁର ଅନିୟମିତତା ହେତୁ ଉପକୂଳ ଅଞ୍ଚଳଗୁଡିକ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛି । ୧୮୭୭ ରୁ ୧୯୯୦ ମସିହା ଭିତରେ ତାମିଲନାଡୁରେ ୮୯ ଥର,

**ଜୀବନଧାରଣ ପାଇଁ ପରିବେଶ ଉପରେ ଆମେ ନିର୍ଭର କରୁ । ପରିବେଶ ସୁସ୍ଥ ରହିଲେ ଯାଇ ପୃଥିବୀ ଉପରେ ଜୀବଜଗତ ତିଷ୍ଠିପାରିବ । କିନ୍ତୁ ଆମର ଅବିବେକୀ କାର୍ଯ୍ୟକଳାପ ଦ୍ୱାରା ପରିବେଶର ଅବସ୍ଥା ବିଗିଡ଼ିଯାଇଛି ।**

ପଶ୍ଚିମବଙ୍ଗରେ ୧୭୪ ଥର, ଆନ୍ଧ୍ରପ୍ରଦେଶରେ ୨୦୩ ଥର ଏବଂ ଓଡିଶାରେ ୪୨୨ ଥର ଲଘୁଚାପ ଓ ଝଡ ଅନୁଭୂତ ହୋଇଥିଲା । ପୂର୍ବରୁ ଆମ ରାଜ୍ୟରେ ବର୍ଷକୁ ଥରେ ଦୁଇଥର ଲଘୁଚାପ ସୃଷ୍ଟି ହେଉଥିଲା । ଏବେ ବର୍ଷକୁ ହାରାହାରି ୧୫ ଥର ଲଘୁଚାପ ସୃଷ୍ଟି ହେଉଛି । ବୃଷ୍ଟିପାତର ଅନିୟମିତତା ହେତୁ ନଦୀଗୁଡିକ ଆଜି ପ୍ରାଣପ୍ରବାହ ବଦଳରେ ପ୍ରଗଲ୍‌ଭା ଓ ବନ୍ୟାପ୍ରବଣା । ମୌସୁମୀବାୟୁର ଅନିୟମିତତା ପାଇଁ ଚାଷୀକୁଳ ହନ୍ତସନ୍ତ ।

୧୯୭୮ରୁ ୨୦୧୮ ମଧ୍ୟରେ ଓଡିଶା ୪୬ଟି ବାତ୍ୟାର ସମ୍ମୁଖୀନ ହୋଇଛି । ୧୯୯୯ର ମହାବାତ୍ୟା ସବୁଦିନ ମନେରହିବ । ୨୦୧୩ ଅକ୍ଟୋବରରେ ଆସିଥିବା ପ୍ରଳୟଙ୍କରୀ ବାତ୍ୟା 'ଫାଇଲିନ୍',୨୦୧୪ର ହୁଡ୍‌ହୁଡ୍, ୨୦୧୮ର ତିତ୍‌ଲି, ୨୦୧୯ର ଫନୀ ଓ ୨୦୨୦ର ଅମ୍ଫନ ପରି ବାତ୍ୟାକୁ ଭୁଲିହେବ ନାହିଁ । ହିମାଳୟର ବରଫ ତରଳି ଚାଲିଛି । ଭବିଷ୍ୟତରେ ଅନେକ ନଦୀ ଜଳଶୂନ୍ୟ ହେବ । ମେରୁ ଅଞ୍ଚଳରେ ଥିବା ବରଫ ପର୍ବତଗୁଡିକ ମଧ୍ୟ ତରଳିବାରେ ଲାଗିଛି । ଚରମ ପରିବେଶରେ ଅନେକ ପ୍ରଜାତିର ଜୀବଜନ୍ତୁ ଓ ଗଛଲତା ଲୋପ ପାଇଗଲେଣି । ଅନେକ ଜଙ୍ଗଲ ନିଶ୍ଚିହ୍ନ ହେଲାଣି । ଚାଷୀର କ୍ଷେତରେ ଆଉ ଆଗ ଭଳି ଧାନ, ଗହମ ଫଳୁନାହିଁ । ବାରିବଗିଚାରେ ପୂର୍ବପରି ପନିପରିବା ଧରୁନାହିଁ । ପ୍ରାକୃତିକ ସଂପଦର ଅବିବେକୀ ବ୍ୟବହାର, କଳକାରଖାନା, ଆମର ଲୋଭ ଓ ଭୋଗବିଳାସ ହେତୁ ଆହୁରି ନୂଆ ନୂଆ ସମସ୍ୟା ମୁଣ୍ଡଟେକୁଛି । ଆମେ ଉନ୍ନତି କରୁଛନ୍ତି ସତ, କିନ୍ତୁ ନିରନ୍ତର ଉନ୍ନତିଠାରୁ ଦୂରରେ ଅଛନ୍ତି ।


ପରିବେଶ ପ୍ରତି ଆମର ଆଚରଣ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଜୁନ୍ ୫ କO୦କୁ 'ବିଶ୍ୱ ପରିବେଶ ଦିବସ' ଭାବେ ପାଳନ କରାଯାଉଛି । ତେବେ ଚଳିତ ବର୍ଷ ଯେଉଁ ବିଷୟ ଉପରେ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରାଯାଇଛି, ତାହା ହେଉଛି – 'ପରିସଂସ୍ଥାର ପୁନରୁଦ୍ଧାର' (ଇକୋସିଷ୍ଟମ୍ ରେଷ୍ଟୋରେସନ୍) । ଉନ୍ନତି ନାମରେ ଆମର କୌଣସି ପଦକ୍ଷେପ ପରିବେଶକୁ ପ୍ରଦୂଷିତ ନ କରୁ, ଆମର ବା–ପା–ମା (ବାୟୁ–ପାଣି–ମାଟି)କୁ ରୋଗାକ୍ରାନ୍ତ ନ କରୁ । ଆଗକୁ ଅଗ୍ରସର ହେଉଥିବା ଆମର ପ୍ରତିଟି ପାଦ ଦୁଃସ୍ଥ ପରିବେଶକୁ ସୁସ୍ଥ କରିବା ଦିଗରେ ସହାୟକ ହେଉ ।


–କମଳାକାନ୍ତ ଜେନା
ସ୍ୱୟଂଶାସିତ ସରକାରୀ କଲେଜ, ଭଦ୍ରକ,
ମୋ : ୯୪୩୯୫୦୧୬୫୧

**ଏ ବର୍ଷର ବାର୍ତ୍ତା**


୧୯୭୪ ମସିହାରୁ ସାରା ପୃଥିବୀରେ ଜୁନ ୫ରେ ପାଳିତ ହୋଇ ଆସୁଛି ବିଶ୍ୱ ପରିବେଶ ଦିବସ । ଚଳିତ ବର୍ଷ ଏହି ଦିବସ ପାଇଁ ବାର୍ତ୍ତା ରହିଛି – 'ପରିସଂସ୍ଥାର ପୁନରୁଦ୍ଧାର' (ଇକୋସିଷ୍ଟମ୍ ରେଷ୍ଟୋରେସନ୍) ।



# କରୋନା ଭୂତାଣୁ ପରିବେଶ ସୁରକ୍ଷା



ପରିବେଶର ସୁରକ୍ଷା ବିନା ଶୃଙ୍ଖଳିତ, ସୁସ୍ଥ ତଥା ଦୀର୍ଘାୟୁ ଜୀବନଯାପନ ଅସମ୍ଭବ। ପ୍ରକୃତି ଓ ପରିବେଶର ଅବକ୍ଷୟ ମନୁଷ୍ୟ ସଭ୍ୟତାକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି। ସବୁଜ ରଙ୍ଗରେ ପୂର୍ଣ୍ଣ ମନଲୋଭା ବୃକ୍ଷ ରାଶିରେ ପରିପୂର୍ଣ୍ଣ ବଣ ଜଙ୍ଗଲକୁ ମଣିଷ ବିଭିନ୍ନ ଉପାୟରେ କାଟି, ପୋଡ଼ି ଧ୍ୱଂସ କରି ଚାଲିଛି ; ଯଦ୍ୱାରା ବଣରେ ବାସ କରୁଥିବା ବାଘ, ଭାଲୁ, ଗଧିଆ, ଚିତା, ହାତୀ, ହରିଣ, ମାଙ୍କଡ଼, ବିଭିନ୍ନ ପ୍ରଜାତିର ପକ୍ଷୀ, ସରୀସୃପ ସମୂହ ଜୀବନ ରକ୍ଷା ପାଇଁ ପ୍ରାଣ ବିକଳରେ ଜନବସତି ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଲା ମନୁଷ୍ୟ ନିଜର ବାହୁବଳ ତଥା ଅଜ୍ଞାନର ବଶବର୍ତ୍ତୀ ହୋଇ ଜଙ୍ଗଲକୁ କାଟିବା ସହ ଜଙ୍ଗଲରେ ଅଗ୍ନି ସଂଯୋଗ କରି ପରିବେଶ ଓ ପ୍ରାକୃତିକ ସମ୍ପଦକୁ ଜାଳି ପୋଡି ପାଉଁଶ କରିଦେଉଛି। ଯଦ୍ୱାରା ପରିବେଶ ଓ ପ୍ରକୃତି ସନ୍ତୁଳନ ହେବା ପରିବର୍ତ୍ତେ ମାନବ ସଭ୍ୟତା ଉପରେ ସିଧାସଳଖ ଏହାର ପ୍ରତିକୂଳ ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି ; ଯାହା କି ଆଗାମୀ ପିଢ଼ି ପାଇଁ ଉଦ୍‌ବେଗର କାରଣ । ମନୁଷ୍ୟ ବିଭିନ୍ନ ପ୍ରକାର କୃତ୍ରିମ ଉପାୟରେ ଜଙ୍ଗଲ ସମ୍ପଦକୁ ନଷ୍ଟକରି ଚାଲିଛି। ଏହାର କୁପରିଣାମ ଦ୍ୱାରା ଜଳବାୟୁରେ ଅମ୍ଳଜାନର ପରିମାଣ ହ୍ରାସ ପାଇବା ସହ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ପାଉଛି। ସ୍ୱଚ୍ଛ ଅମ୍ଳଜାନର ଅଭାବ ହେତୁ ମନୁଷ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଯଥେଷ୍ଟ ଆଶଙ୍କା ରହିଛି, କାରଣ ଶୁଦ୍ଧ ଅମ୍ଳଜାନ ହିଁ ମନୁଷ୍ୟକୁ ସୁସ୍ଥ ରଖିବା ସହ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇ ଜୀବାଣୁ, ଭୂତାଣୁଜନିତ ସଂକ୍ରମଣରୁ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱ ସ୍ତରରେ କରୋନା ଭୂତାଣୁ(କୋଭିଡ୍–୧୯)ର ପ୍ରକୋପରେ ବିଭିନ୍ନ ବଡ ବଡ ସହରରୁ ଗ୍ରାମାଞ୍ଚଳ ଏପରି କି ବଣ ଜଙ୍ଗଲଭରା ପାହାଡ଼ିଆ ଇଲାକାରେ ବସବାସ କରୁଥିବା ସାଧାରଣ ଜନତା ମଧ୍ୟ କବଳିତ। ଏଠାରେ ଆମେ ସାଧାରଣ ଭାବେ ଜାଣି ରଖିବା ଏହି କି ଜନସଂଖ୍ୟା କ୍ଷିପ୍ର ଗତିରେ ବୃଦ୍ଧି ପାଉଥିବା ହେତୁ, ପରିଷ୍କାର ଅମ୍ଳଜାନ ବହୁ ମାତ୍ରାରେ ଆବଶ୍ୟକ ପଡୁଥିବା ବେଳେ, ମନୁଷ୍ୟ ପ୍ରାକୃତିକ ସମ୍ପଦକୁ ନଷ୍ଟକରି ଚାଲିଛି। ଯେହେତୁ ବଡବଡ ବୃକ୍ଷ ବଣ ଜଙ୍ଗଲରେ ରହିଛି। ସେହି ବୃକ୍ଷରାଜି ହିଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ୟାସ ଗ୍ରହଣ କରି ପ୍ରଚୁର ପରିମାଣରେ ଅମ୍ଳଜାନ ବାୟୁ ମଣ୍ଡଳକୁ ଛାଡୁଛି। ସେହି ଅମୂଲ୍ୟ ସମ୍ପଦକୁ ହେୟ ଜ୍ଞାନରେ ନଷ୍ଟ କରି ଆଜି କୃତ୍ରିମ ଉପାୟରେ ସୃଷ୍ଟି ଅମ୍ଳଜାନ ପାଇଁ ଡହଳ ବିକଳ ହେଉଛି, ତେଣୁ ଏବେଠୁ ହିଁ ସତର୍କ ରହି ବଣ ଜଙ୍ଗଲରୁ କାଠ କଟା ବନ୍ଦ କରିବା, ନିଜ ନିଜର ବାଡ଼ି ବଗିଚାରେ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରିବା ସହ ନିଜର ବାସ ଗୃହରେ ଅଧିକ ଅମ୍ଳଜାନ ଛାଡୁଥିବା 'ତୁଳସୀ, ଘିକୁଆଁରୀ' ଆଦି ଗଛ ଲଗାଇବା ଜରୁରୀ।

ଚଳିତବର୍ଷର ବିଶ୍ୱ ପରିବେଶ ଦିବସ ପାଇଁ ବାର୍ତ୍ତା ହେଲା–'ଇକୋସିଷ୍ଟମ ରେଷ୍ଟୋରେଶନ' । ବର୍ତ୍ତମାନ ଓ ଆଗାମୀ ପିଢ଼ିଙ୍କ ଜୀବନ ସୁରକ୍ଷା ନିମନ୍ତେ, ସମସ୍ତେ ମାନସିକ ସ୍ତରରେ ଏକାଠି ହୋଇ ଏହି ବାର୍ତ୍ତାକୁ ପାଳନ କରିବା ଜରୁରୀ। ତା'ହେଲେ ସାରା ବିଶ୍ୱ ଏକ ଉତ୍ତମ ପରିବେଶ ଗଠନ ଦିଗରେ ଅଗ୍ରସର ହୋଇପାରିବ।

**–ଡା. ବସନ୍ତ କୁମାର ଷଡ଼ଙ୍ଗୀ**
ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚନ୍ଦାହାଣ୍ଡି,
ନବରଙ୍ଗପୁର,
ମୋ : ୭୮୯୪୧୧୨୪୮୭

## ଅମ୍ଳଜାନ ସଙ୍କଟ

ବର୍ତ୍ତମାନ କରୋନାର ଦ୍ୱିତୀୟ ଲହରରେ ପ୍ରମୁଖ ଚିନ୍ତାର କାରଣ ସାଜିଛି ଅକ୍ସିଜେନ୍ ବା ଅମ୍ଳଜାନ ସଙ୍କଟ। ଦିନ ଥିଲା ଜଙ୍ଗଲର ସବୁଜିମା ପରିବେଶକୁ ଏକ ନୂଆ ରୂପ ଦେଉଥିଲା। ପବନ ସହ ବର୍ଷା ଠିକ୍ ସମୟରେ ହେଉଥିଲା। ହେଲେ ଦିନକୁ ଦିନ ପରିବେଶ ତାହାର ରୂପ ବଦଳାଉଛି। ଜଙ୍ଗଲ କ୍ଷୟ, କଳକାରଖାନା, ଘର ତିଆରି ପାଇଁ ଗଛ କାଟିବା ଦ୍ୱାରା ବାୟୁମଣ୍ଡଳରେ ଅମ୍ଳଜାନ ପରିମାଣ ପ୍ରଭାବିତ ହେଉଛି। ତେଣୁ ଏବେ ବୃକ୍ଷରୋପଣକୁ କାର୍ଯ୍ୟକ୍ରମକୁ ଆହୁରି କ୍ରିୟାଶୀଳ କରିବାର ଉପଯୁକ୍ତ ସମୟ ଆସିଛି। ନୂଆ ଗଛ ଲଗାଇବା ସହ ପୁରୁଣା ଗଛର ଯତ୍ନ ନେଲେ ଆମର ପରିବେଶ ସୁନ୍ଦର ରହିବ ଏବଂ ଆମେ ପ୍ରଚୁର ପରିମାଣର ଅମ୍ଳଜାନ ପାଇପାରିବା।

## ବିଶ୍ୱତାପନ ବଢ଼ାଉଛି ସମୁଦ୍ର ଜଳସ୍ତର

ସମ୍ପ୍ରତି ବୃଦ୍ଧି ପାଉଥିବା ବିଶ୍ୱ ତାପନଯୋଗୁ ପରିବେଶ ଉପରେ ସଙ୍କଟ ଘନେଇବାରେ ଲାଗିଛି। ମିଥେନ, ଅଙ୍ଗାରକାମ୍ଳ, ଜଳୀୟବାଷ୍ପ, ନାଇଟ୍ରସ ଅକ୍ସାଇଡ ପରି ଗ୍ରୀନହାଉସ ଗ୍ୟାସ ସୌରତାପକୁ ଧରିରଖି ପୃଥିବୀର ତାପମାତ୍ରା ବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ଆଧୁନିକୀକରଣ, ଆଶାତୀତ ଶିଳ୍ପ ବୃଦ୍ଧି ସହ ଦୈନନ୍ଦିନ ଜୀବନରେ ମଣିଷର ବହୁବିଧ ଆବଶ୍ୟକତା ପୂରଣ କରୁଥିବା ମେଶିନ୍ ବିଶ୍ୱତାପନ ବୃଦ୍ଧି ସହ ଜଡ଼ିତ ହୋଇଛି। ବିଶ୍ୱତାପନ ଯୋଗୁ ମେରୁ ଅଞ୍ଚଳରେ ଥିବା ବରଫ ତରଳିବାରେ ଲାଗିଛି। ଏଥିଯୋଗୁ ପୃଥିବୀ ଉପରେ ନୂଆ ବିପଦ ଘନେଇ ଆସୁଛି। ସମୁଦ୍ରର ଜଳସ୍ତର ବୃଦ୍ଧି ପାଇ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ସଙ୍କଟ ଦେଖାଦେଇଛି। ବିଶେଷଜ୍ଞଙ୍କ ସୂଚନା ଅନୁସାରେ ଏଭଳି ଜାରି ରହିଲେ ଆଗାମୀ ଦିନରେ ଉପକୂଳବର୍ତ୍ତୀ ଅଞ୍ଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବ। କେବଳ ସଚେତନତା ହିଁ ପୃଥିବୀକୁ ରକ୍ଷା କରିପାରିବ ବୋଲି ପରିବେଶବିତ୍‌ମାନେ ମତପୋଷଣ କରୁଛନ୍ତି।



## ମୁଁ ପରିବେଶ କହୁଛି



ମୁଁ ପରିବେଶ କହୁଛି– ଆଜି ନିଜ ପାଇଁ ନିଜ ସପକ୍ଷରେ କହିବାକୁ ବାଧ୍ୟ ହୋଇଛି, ଯାହା ବାସ୍ତବିକ ବିଡମ୍ବନାର ବିଷୟ। ମୁଁ ପରିବେଶ – ମୁଁ ହିଁ ମନୁଷ୍ୟ ଜୀବନର ଆଧାର। ପ୍ରକୃତିର ପାଞ୍ଚୋଟି ମୌଳିକ ତତ୍ତ୍ୱ ଯଥା ଜଳ, ବାୟୁ, ମୃତ୍ତିକା, ଉଦ୍ଭିଦ ଏବଂ ପ୍ରାଣୀଜଗତ ମିଶି ପରିବେଶର ଯେଉଁ ପଞ୍ଚାମୃତ ସୃଷ୍ଟି କରିଛନ୍ତି, ତାହା ହିଁ ମୋର ବିଶେଷତ୍ୱ। ମୁଁ ହିଁ ସୃଷ୍ଟିର ନିୟାମକ – ମାନବ ସମାଜର କ୍ରମବିକାଶ ସମ୍ଭବ କେବଳ ମୋରି ପାଇଁ। ଆବହମାନ କାଳରୁ ମୁଁ ସମଗ୍ର ଜୀବନସତ୍ତାକୁ ଧାରଣ କରି ସୁଶୀତଳ ଜଳ ଓ ପବନ ପ୍ରଦାନ କରି ସତ୍ୟ–ଶିବ–ସୁନ୍ଦରର ସୃଜନଶୀଳତାକୁ ପ୍ରଦର୍ଶିତ କରି ଚାଲିଛି। ମାତ୍ର ସଭ୍ୟତାର ବିକାଶ ସହିତ ଶିଳ୍ପର ପ୍ରସାର ଓ ପ୍ରଗତି ପାଇଁ ମୋତେ ଈଶ୍ୱର ପ୍ରଦତ୍ତ ମନେକରି ଏଇ ମାନବ ସମାଜ ମୋର ସମସ୍ତ ମୌଳିକତାକୁ ଅବକ୍ଷୟ କରି ଚାଲିଛି । ହେ ମାନବ ସମାଜ ! ତୁମେ ସବୁ ଜାଣି ବି ନ ଜାଣିଲା ପରି ଅଭିନୟ କରି ଚାଲିଛ। ମୋତେ ବାରମ୍ବାର ଉତ୍ପୀଡ଼ନ ଦେଇ ବି ତୁମଠାରେ ଶାନ୍ତି କି ଅନୁଶୋଚନା ନାହିଁ। ତୁମର ଯୁକ୍ତି ଯେ ମୋ ପ୍ରାକୃତିକ ଅକ୍ଷତ ସ୍ଥିତି ତୁମ ପ୍ରଗତିର ପରିପନ୍ଥୀ। ମାତ୍ର ତୁମର ଏଇ ଆତ୍ମଘାତୀ ପାଗଳାମି ଅଦୂର ଭବିଷ୍ୟତରେ ସମଗ୍ର ମାନବିକତାକୁ କ୍ଷତିଗ୍ରସ୍ତ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ବାୟୁ, ଜଳ ପ୍ରଦୂଷଣ ସହିତ ମୃତ୍ତିକା, ଜଙ୍ଗଲର ଅବିରତ ଅବକ୍ଷୟ ଦ୍ୱାରା ତୁମେ ନିଜକୁ ତଥା ମାନବଜାତିକୁ ସାମଗ୍ରିକ ମୃତ୍ୟୁର ବିପଜ୍ଜନକ ଆଶଙ୍କା ଆଡ଼କୁ ଠେଲିଦେଉଛ। ତଥାପି ଶେଷଥର ପାଇଁ ତୁମକୁ ଏକ ସୁଯୋଗ ଦେଉଛି। ଶିଳ୍ପର ଅଭିବୃଦ୍ଧି ସହିତ ମାନବିକତାକୁ ମନେରଖ ଏବଂ ମୋର ପରିଚର୍ଯ୍ୟା ପାଇଁ ଯତ୍ନବାନ ହୁଅ। କାରଣ ଶିଳ୍ପର ବିକାଶ ସହିତ ପରିବେଶର ସୁରକ୍ଷା ଏକାନ୍ତ କାମ୍ୟ। ତୁମେ ନିଜର ଆତ୍ମଘାତୀ ମାନସିକତାଠାରୁ ଦୂରକୁ ଯିବାକୁ ପଡ଼ିବ, ଅନ୍ୟଥା ତୁମେ ହିଁ ତୁମକୁ ଏବଂ ତୁମର ଭବିଷ୍ୟତ ବଂଶଧରଙ୍କୁ କରାଳ ଲହରି ଆଡ଼କୁ ଟାଣି ଆଣିବ। ଆଜି ଏଇ ଉଦ୍‌ବେଗଜନକ ଏବଂ ଘଡ଼ିସନ୍ଧି ପରିପ୍ରେକ୍ଷୀରେ କହୁଛି ଆଉ ଆଶା କରୁଛି ସମୟ ଥାଉ ଥାଉ ନିଜେ ସଚେତନ ହୋଇ ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଆନ୍ତରିକତାର ସହିତ ସତର୍କ ହୁଅ।

**–ସୁନନ୍ଦ ପରିଡ଼ା**
ବରିଷ୍ଠ ପ୍ରବନ୍ଧକ,
ବରସୁଆ ଲୌହ ଖଣି, ଟେନ୍‌ସା

# ଆଜିର ମନ୍ତ୍ର

ପ୍ରକୃତି ଓ ପରିବେଶ, ଗୋଟିଏ ବୃନ୍ତର ଦୁଇଟି ସ୍ତବକ। ଯେଉଁଭଳି ପ୍ରକୃତି ଫୁଲଟିଏ ଫୁଟାଏ, ସେହିଭଳି ପରିବେଶ ତାକୁ ସୁନ୍ଦର ରୂପରେ ଓ ସୁବାସିତ ଗନ୍ଧରେ ଭୂଷିତ କରାଏ। ପ୍ରକୃତି ସିନା ସ୍ରଷ୍ଟା ହେଲେ ପରିବେଶ ସୃଷ୍ଟିର ରୂପାୟନ। ପରିବେଶ ଯେତିକି ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ ସେତିକି ଦୂରଦୃଷ୍ଟି ସମ୍ପନ୍ନ, ଯେପରି ଉଦାର ସେପରି ଶୃଙ୍ଖଳିତ, ଯେପରି ସହନଶୀଳ ସେପରି ସ୍ନେହଶୀଳ ଓ ଯେପରି ସଂଯତ, ସେପରି ଉଦାର। ପାଣିପଥର, ମାଟିଗୋଡି, ବୃକ୍ଷଲତା, କାନେ କେଦାର, ଜୀବଜନ୍ତୁ ଓ କୀଟପତଙ୍ଗ ଏବଂ ସର୍ବୋପରି ମଣିଷ ସିନା ପ୍ରକୃତି ଦ୍ୱାରା ସୃଷ୍ଟି ହେଲେ ପରିବେଶ ସମଗ୍ର ସୃଷ୍ଟିକୁ ପାଳନ, ପୋଷଣ ଏବଂ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛି।

ବିଶ୍ୱବାସୀ ଆଜି ବହୁବିଧ ଆହ୍ୱାନରେ ସମ୍ମୁଖୀନ। କରୋନାର ଲେଉଟାଣି, ଘନ ଘନ ମହାବାତ୍ୟା, ଜଙ୍ଗଲପୋଡ଼ି, ପଙ୍ଗପାଳର ଅତର୍କିତ ଆକ୍ରମଣ, ଏବେ ଜୀବନ ମାଗୁଛି ମେଲାଣି। ସତର୍କ, ସାବଧାନ, ସଚେତନ ଓ ସୁସ୍ଥ ଜୀବନ ହିଁ ଆମକୁ ମେଲାଣିଠୁ ବଞ୍ଚିତ କରିପାରିବ। ପରିବେଶ ବୋଇଲେ ଆମେ ବୁଝୁ ଯେ ମଣିଷ ସହିତ ସମସ୍ତ ଜୀବଜନ୍ତୁ, ବୃକ୍ଷଲତା ଓ କୀଟପତଙ୍ଗଙ୍କୁ ପ୍ରଭାବିତ କରୁଥିବା ପରିବେଷ୍ଟନୀ ଅର୍ଥାତ୍ ବଞ୍ଚି ରହିବାର ସୁସ୍ଥ ଅବସ୍ଥା ଓ ସୁସ୍ଥ ପରିସ୍ଥିତି ସମୂହ। ଯେପରି ପରିବେଶ ବ୍ୟବସ୍ଥା କରିଛି ଜୀବଜନ୍ତୁଙ୍କ ପାଇଁ ନେବାକୁ ପ୍ରଶ୍ୱାସରେ ଅମ୍ଳଜାନ, ଛାଡ଼ିବାକୁ ନିଃଶ୍ୱାସରେ ଅଙ୍ଗାରାକାମ୍ଳ। ସେହି ପରିବେଶ ବ୍ୟବସ୍ଥା କରିଛି ବୃକ୍ଷଲତାଙ୍କ ପାଇଁ ନେବାକୁ ଅଙ୍ଗାରକାମ୍ଳ ଓ ଦେବାକୁ ଅମ୍ଳଜାନ। ସେହିପରି ଯେଉଁ ପରିବେଶ ବଗର ଆବଶ୍ୟକତା ଅନୁସାରେ ଥଣ୍ଟ ଓ ବେକକୁ ଲମ୍ବା କରିଛି, ବଣିର ଆବଶ୍ୟକତା ଅନୁସାରେ ସେହି ପରିବେଶ ସାନ କରିଛି। ମାତ୍ର ପରିତାପର ବିଷୟ ଯେ ପୃଥିବୀ ପୃଷ୍ଠରେ ଜନସଂଖ୍ୟାର ବିସ୍ଫୋରଣ, ଅବିଚାରିତ ଭାବରେ ଜଙ୍ଗଲଧ୍ୱଂସ, ମୃତ୍ତିକାକ୍ଷୟ, ଅମ୍ଳବୃଷ୍ଟି, କଳକାରଖାନାଜନିତ ପାଣି ଓ ବାୟୁ ଦୂଷିତକରଣ, ନଗର ଓ ନଗରୀର ଅନିୟମିତ ସମ୍ପ୍ରସାରଣ, କୀଟମରା ଔଷଧ ତଥା କୃତ୍ରିମ ସାରର କ୍ଷେତରେ ବହୁଳ ପ୍ରୟୋଗ, ଶବ୍ଦ ପ୍ରଦୂଷଣ, ସର୍ବୋପରି ମଣିଷର ଅବିବେକ ପଣିଆ ତଥା ପରିବେଶ ସଚେତନତାର ଅଭାବ ଆଜି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ। ଫଳରେ ଅତ୍ୟନ୍ତ ଉପକାରୀ ଓଜୋନ ସ୍ତରର ବିଘଟନ, ବିଶ୍ୱ ତାପମାତ୍ରାର ବୃଦ୍ଧି, ସବୁଜ ଘରର ସମସ୍ୟା, ବରଫ ତରଳୀକରଣ ଆଦି ବହୁବିଧ ଜଟିଳ ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟାଗୁଡିକ ଭବିଷ୍ୟତରେ ମହିଷାସୁରର ରୂପ ନେଇଛି ଓ ସେଥିରୁ ସୃଷ୍ଟ ମହାବାତ୍ୟା, ମହାବନ୍ୟା, ଦୁର୍ଭିକ୍ଷ ଓ ମହାମାରୀ ଭଳି ଘୋର ବିପତ୍ତି ବାରମ୍ବାର ମାଡ଼ି ଆସୁଛି। ତାହାର ଜ୍ୱଳନ୍ତ ଉଦାହରଣ ଆଜି ଆମ ସମ୍ମୁଖରେ। କରୋନା ଭୂତାଣୁର ଦ୍ୱିତୀୟ ଲହର ପୁଣି ଥରେ ହଜାଇ ଦେଇଛି ନିଦ। ଇତିହାସ ପୁଣି କଡ଼ ଲେଉଟାଇଲାଣି। ଭୂଗୋଳ ବିକୃତ ହେଲାଣି। ଏବେ ଆଉ ଏକତ୍ର ରହିବାର ଅଭିଳାଷ ନାହିଁ, ''ଦୂରତାର ଡାକ ଶୁଭିଲାଣି। ସମାଜରେ ରହି ସାମାଜିକ ଦୂରତାର ମନ୍ତ୍ର ଏବେ ସମସ୍ତେ ପ୍ରାୟ ଘୋଷିଲେଣି। ସମୟ ଆସିଛି, ଭୂତାଣୁ ସାହସ ଦେଇଛି, ସଜାଗ କରାଇଛି। ଆମ ଆଖି ଖୋଲି ଦେଇଛି, ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରାଇବାର ସୁଯୋଗ ଦେଇଛି। ଆସନ୍ତୁ ଦୃଢ଼ ମନୋବଳ ସହିତ ନୋଭେଲ କୋଭିଡ୍ –୨କୁ ସମୂଳେ ଧ୍ୱଂସ କରିବା। ଆମେ ସଂକଳ୍ପ ନେବା, 'କରୋନା ହାରିବ, ଆମେ ଜିତିବା'।

ବିଗତ ୨୦ ବର୍ଷ ଭିତରେ ଆମ ଓଡ଼ିଶା ୮ଟି ମହାବାତ୍ୟାର ସମ୍ମୁଖୀନ ହୋଇ ତା'ର ଆର୍ଥିକ ମାନଦଣ୍ଡ ଅତ୍ୟନ୍ତ ଦୁର୍ବଳ ହେବା ସହିତ ଅସୁମାରୀ ପଶୁପକ୍ଷୀ ତଥା ଜନହାନି ଘଟିଛି। ଅମ୍ପନ ଓ ପରେ ୟାସ୍ ଭଳି ମହାବାତ୍ୟାର ମୁଖ୍ୟକାରଣ ସାଜିଛି ଜଙ୍ଗଲଧ୍ୱଂସ, ମୃତ୍ତିକାକ୍ଷୟ, ଜମି ଅଧିକରଣ, କଳକାରଖାନା ଓ ସହରର ଦ୍ରୁତ ଅଭିବୃଦ୍ଧି। ଏଭଳି ମହାବିପତ୍ତିରୁ ରକ୍ଷା ପାଇବାକୁ ହେଲେ ସର୍ବପ୍ରଥମେ ସମୁଦ୍ରତଟ କ୍ଷୟକୁ ରୋକିବାକୁ ପଡ଼ିବ।


> "ଆମେ ଚାହିଁଲେ ପ୍ରକୃତି ଓ ପରିବେଶକୁ ତା'ର ମୂଳ ସ୍ୱରୂପରେ ଅର୍ଥାତ ଶାନ୍ତିକାମୀ କରିପାରିବା। ସମୟ ଆସିଛି ଏକ ବିଶ୍ୱ, ଏକ ପରିବାର ଗଠନ କରିବାର। ଏହା ହିଁ ପରିବେଶ ଦିବସର ମନ୍ତ୍ର ହେଉ।"

ପରିବେଶୀୟ ତାପ ବୃଦ୍ଧିର ମୂଳ କାରଣ ହୋଇଛି ଶିଳ୍ପାୟନ, ନଗରୀକରଣ, କଂକ୍ରିଟଜଙ୍ଗଲ, ଜଙ୍ଗଲପୋଡ଼ି, ଜଙ୍ଗଲ ଧ୍ୱଂସ, ଅଖଣ୍ଡ ପଶୁ ଶିକାର, ପୋଡୁଚାଷ ତଥା ଜମି ଅଧିଗ୍ରହଣ। ଏ ସମସ୍ତ ଅପ୍ରାକୃତିକ ପ୍ରଦୂଷଣକୁ ରୋକିବାକୁ ହେଲେ, ବୃହତ ଜଙ୍ଗଲର ଅଭିବୃଦ୍ଧି, ଛୋଟବଡ଼ ଅନେକ କ୍ଷୁଦ୍ର ଜଙ୍ଗଲ ସୃଷ୍ଟି ତଥା ପ୍ରତିଟି ବାଡ଼ି ବଗିଚାର ଅଭିବୃଦ୍ଧି ନିହାତି ଜରୁରୀ। 'ଜଙ୍ଗଲ ଯେଉଁଠି ଜୀବନ ସେଇଠି' ଏହି ନୀତି ଆପଣେଇବାକୁ ପଡ଼ିବ। ମନେରଖନ୍ତୁ ପ୍ରକୃତି ଓ ପରିବେଶ କେବେ ବି ଇଚ୍ଛା କରି ରୁଦ୍ର ରୂପଧାରଣ କରେନାହିଁ। ଏମାନଙ୍କ ସହନଶକ୍ତି ଅସୀମ। ଅତ୍ୟାଚାରର ସୀମା ଟପିଗଲେ ବିଚଳିତ ହୋଇ ପରିବେଶ ତା'ର ଭାରସାମ୍ୟ ହରାଇବସେ। ଆମେ ଚାହିଁଲେ ପ୍ରକୃତି ଓ ପରିବେଶକୁ ତା'ର ମୂଳ ସ୍ୱରୂପରେ ଅର୍ଥାତ ଶାନ୍ତିକାମୀ କରିପାରିବା। ସମୟ ଆସିଛି ଏକ ବିଶ୍ୱ, ଏକ ପରିବାର ଗଠନ କରିବାର। ଏହା ହିଁ ପରିବେଶ ଦିବସର ମନ୍ତ୍ର ହେବା ଆବଶ୍ୟକ। ଏକକ ବିଶ୍ୱ ପରିବାର ପ୍ରତିଷ୍ଠା ହେଲେ ମାନବ ଜାତିର ଭବିଷ୍ୟତ ଉଜ୍ଜ୍ୱଳ ଓ ପୃଥିବୀ ଯୁଦ୍ଧ ରହିତ ହେବ, ଫଳରେ ଏକ ଶାନ୍ତିପୂର୍ଣ୍ଣ ଓ ଦରଦୀ ବିଶ୍ୱ ପରିବେଶ ସୃଷ୍ଟି ହେବ।

**–ପ୍ରଫେସର ଡ. ଅଜୟ କୁମାର ପାତ୍ର,**
**ପରିବେଶବିତ୍**
ମୋ– ୯୪୩୮୯୨୧୩୯୧



















# ଚିନ୍ତା ଘାରିଲେ ବି ପ୍ରତିକାର ଶୂନ

ଲୋକନାଥ ମିଶ୍ର
ନୟାଗଡ଼ ଅଫିସ,୪।୬

## ଉଜୁଡ଼ି ଚାଲିଛି ନୟାଗଡ଼ ଜଙ୍ଗଲ

ବଣପାହାଡ଼ ଘେରା ନୟାଗଡ଼ ଜିଲାରେ ଜଙ୍ଗଲିଆ ଅଞ୍ଚଳ ଧୀରେ ଧୀରେ ପଦା ହେଉଛି। ଜଙ୍ଗଲ ପରିମାଣ କମି ଚାଲିଥିବାବେଳେ କଂକ୍ରିଟ କୋଠାବାଡି ଓ ରାସ୍ତା ନିର୍ମାଣ ବୃଦ୍ଧି ପାଇଛି। ସଚେତନତାର ଅଭାବ ଓ ବିକାଶ ନାଁରେ ବିନାଶ ଚାଲିଥିବାରୁ ସ୍ଥଳ, ଜଳ ଓ ଆକାଶ ପ୍ରଦୂଷିତ ହୋଇ ଚାଲିଛି। ବୁଦ୍ଧିଜୀବୀ, ପରିବେଶବିତ୍, ସରକାର ଓ ସାଧାରଣ ଲୋକଙ୍କୁ ପରିବେଶ ସୁରକ୍ଷା ଚିନ୍ତା ଘାରୁଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା ଶୂନ।

ପରିବେଶବିତ୍ ସଞ୍ଜୟ ସାହୁ କୁହନ୍ତି, ପାହାଡ଼ିଆ ଅଞ୍ଚଳ ନୟାଗଡ଼ ଜିଲାରେ ପଥରଚୋର, କାଠଚୋର, କରତ କଳ ଓ କ୍ରଶର ମାଲିକ, ଶିକାରୀଙ୍କ ଯୋଗୁ ବହୁ ମୁଣ୍ଡିଆ ପଦା ହୋଇଗଲାଣି। ଅନେକ ଜଙ୍ଗଲ ଲୋପ ହୋଇଗଲାଣି। ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା ଯୋଗୁ ନୟାଗଡ଼ ଜିଲାରେ କିଛି ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ହୋଇ ପାରିଛି। ହେଲେ ନୂଆ ଜଙ୍ଗଲ ସୃଷ୍ଟି କରିବାରେ ଆନ୍ତରିକତା ନ ଥିବା ପରି ମନେ ହେଉଛି। ପରିବେଶ ସୁରକ୍ଷା ପାଇଁ ନୂଆ ଆଇନ ଆଣି ଲୋକମାନଙ୍କୁ ଏଥିରେ ସଂଶ୍ଳିଷ୍ଟ କରାଇ ନିଜ ପରିବେଶକୁ ନିଜେ ସମ୍ଭାଳିବାକୁ ବ୍ୟବସ୍ଥା କରାଇବା ଦରକାର।

ଗଛ ସାର୍ ତଥା ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ କୁହନ୍ତି, ପ୍ରକୃତି ଉପରେ ମଣିଷର ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ବିଗିଡ଼ିଚାଲିଛି ପରିବେଶ। ଭୂତଳ ଜଳ ବି ବିଷ ହେଲାଣି। ପଲିଥିନ ବ୍ୟାଗ୍ ବ୍ୟବହାର ନିଷିଦ୍ଧ ହୋଇଥିଲେ ହେଁ ଏହାର ଅଧିକ ବ୍ୟବହାର ହେଉଛି। ପ୍ରଦୂଷିତ ପରିବେଶ କେବଳ ମାନବ ସଭ୍ୟତା ପାଇଁ ନୁହେଁ, ଜୀବଜଗତ ପାଇଁ ମହା ବିପତ୍ତି ସୃଷ୍ଟି କରିଛି। ଜନସଂଖ୍ୟା ବିସ୍ଫୋରଣର ପ୍ରତିକୂଳ ପ୍ରଭାବ ପ୍ରକୃତି ଆଉ ସହ୍ୟ କରିପାରୁନି। ଭୂମିର ବ୍ୟବହାରିକ ପରିବର୍ତ୍ତନ, ଜଙ୍ଗଲ କ୍ଷୟ, ପ୍ରାକୃତିକ ଆବାସସ୍ଥଳୀ ନଷ୍ଟ ପଛରେ ମଣିଷର ହାତ ରହିଛି। ଭଲ ପରିବେଶ ପାଇଁ ଆନ୍ଦୋଳନର ଆବଶ୍ୟକତା ଦେଖାଦେଇଛି।

ପରିବେଶବିତ୍ ଶାନ୍ତନୁ ବିଶୋଇ କୁହନ୍ତି, ବିକାଶ ନାଁରେ ଗଛ କଟା ଚାଲିଛି। ତେବେ ନୂଆ ବୃକ୍ଷ ସେଇ ପରିମାଣର ଲଗା ଯାଉନି। ବୃକ୍ଷରୋପଣ ନାଁରେ ଯେଉଁ ବାହାବା ନିଆଯାଉଛି ତେବେ କେତେ ଗଛ ବଞ୍ଚୁଛି ତା'ର ହିସାବ କେହି ଦେଉ ନାହାନ୍ତି। କିଛି ଫଟୋ ଓ ଭିଜୁଆଲ ସଂଗ୍ରହ କରାଯାଇ ପରିବେଶବିତ୍ ପୁରସ୍କାର ହାତେଇବା ପାଇଁ ଯେତିକି ତତ୍ପରତା ପ୍ରକାଶ ପାଉଛି ପରିବେଶ ସୁରକ୍ଷା ପାଇଁ ସେତିକି ଉଦ୍ୟମ ନାହିଁ। ପରିବେଶ ସୁରକ୍ଷାକୁ ଯଦି ଗୁରୁତ୍ୱ ଦିଆ ନ ଯାଏ ଆଗକୁ ଆସୁଥିବା ବିପଦ କୋଭିଡ୍‌ଠାରୁ ଅଧିକ ଭୟଙ୍କର ହେବ। ଏଥିରେ ସନ୍ଦେହ ନାହିଁ।

ଡିଏଫଓ ଧନରାଜ ଏଚ୍‌ଡି କୁହନ୍ତି, ନୟାଗଡ଼ ବନଖଣ୍ଡରେ ୩୭ ପ୍ରତିଶତ ଜଙ୍ଗଲ ରହିଛି। ବନବିଭାଗ ସହ ୩୩୬ ବନସୁରକ୍ଷା ସମିତି ଜଙ୍ଗଲ ସୁରକ୍ଷା କାମରେ ନିୟୋଜିତ ଅଛନ୍ତି। ବୃକ୍ଷରୋପଣକୁ ଗୁରୁତ୍ୱ ସହ କାଠଚୋରଙ୍କୁ ଦମନ ପାଇଁ ପଦକ୍ଷେପ ନିଆଯାଉଛି।


ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଜାମେଣ୍ଢି ପଞ୍ଚାୟତ ବଣିଗାଁ ନିକଟସ୍ଥ ଝୁଡ଼ି ଜଙ୍ଗଲରେ ଶାଳ ଗଛ କାଟି ନେବା ପାଇଁ ପକା ଯାଇଛି।

# ବର୍ଜ୍ୟଜଳରେ ହନ୍ତସନ୍ତ ସହରବାସୀ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ୍, ୪।୬

ରାଜ୍ୟର ବିଭିନ୍ନ ସହରରୁ ନିର୍ଗତ ବର୍ଜ୍ୟଜଳକୁ ବୈଜ୍ଞାନିକ ପଦ୍ଧତିରେ ବିଶୋଧନ ଓ ପ୍ରକ୍ରିୟାକରଣ ନ କରି ବାହାରକୁ ଛଡ଼ାଯାଉଥିବାରୁ ତାହା ସୁସ୍ଥ ପରିବେଶ ପାଇଁ ବିପଦ ହୋଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ୧୧୪ ସହରାଞ୍ଚଳରୁ ଦୈନିକ ୨୧୦୩.୧୪ ଟନ କଠିନ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି। ଏହାବାଦ୍ ୧୪୨୫ କିଲୋଲିଟର ପର୍ ଡେ (କେଏଲ୍‌ଡି) ସେପ୍ଟିକ ଟ୍ୟାଙ୍କର ମଳପଙ୍କ (ସେପ୍ଟେଜ୍) ସୁପରିଚାଳନା ନିମନ୍ତେ ଦୈନିକ ୨୦୩୭ କିଲୋଲିଟର କ୍ଷମତା ବିଶିଷ୍ଟ ୧୧୮ ସେପ୍ଟେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ନିର୍ମାଣ କରାଯାଉଛି। ଏଥିମଧ୍ୟରୁ ୧୪ଟି ଏସ୍‌ଟିପି କାର୍ଯ୍ୟକ୍ଷମ କରାଯାଇଛି ବୋଲି କୁହାଯାଉଛି। ଦୀର୍ଘଦିନ ହେଲା ଅବଶିଷ୍ଟ ପ୍ରକଳ୍ପଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏଭଳି ଅବହେଳା ଯୋଗୁ ସହରବାସୀ ହନ୍ତସନ୍ତ ହେଉଛନ୍ତି। ସମ୍ପୃକ୍ତ ମ୍ୟୁନିସିପାଲିଟି ଓ ଏନ୍‌ଏସିଗୁଡ଼ିକ କେବଳ ଅବହେଳା କରୁନାହାନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ତାଗିଦକୁ ମଧ୍ୟ ବେଖାତିର କରୁଛନ୍ତି।

ପ୍ରମୁଖ ଶିଳ୍ପାଞ୍ଚଳ ସମ୍ବଲପୁର ଓ ରାଉରକେଲା କଥା ଦେଖିଲେ, ଏହି ୨ ସହରରୁ ନିର୍ଗତ ବର୍ଜ୍ୟଜଳକୁ ବିଶୋଧନ କରିବାକୁ ଗୋଟିଏ ଲେଖାଏ ୪୦ ଏମ୍‌ଏଲ୍‌ଡି(ମିଲିୟନ ଲିଟର ପର୍ ଡେ) କ୍ଷମତା ବିଶିଷ୍ଟ ସିୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ୨୦୧୬ ଡିସେମ୍ବରରୁ ନିର୍ମାଣ କରାଯାଉଛି। ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ୨୦୧୧ ଜନସଂଖ୍ୟା ଆକଳନ ଅନୁସାରେ ସମ୍ବଲପୁର ସହରରୁ ଦୈନିକ ୪୩.୫୧ ଏମ୍‌ଏଲ୍‌ଡି ଓ ରାଉରକେଲାରୁ ୩୫.୬୫ ଏମ୍‌ଏଲ୍‌ଡି ବର୍ଜ୍ୟଜଳ ନିର୍ଗତ ହେଉଛି। ଯାଜପୁର ପୌରାଞ୍ଚଳରୁ ୯ କେଏଲ୍‌ଡି ଓ ବ୍ୟାସନଗର ପୌରାଞ୍ଚଳରୁ ୧୪ କେଏଲ୍‌ଡି ବର୍ଜ୍ୟଜଳ ନିର୍ଗତ ହେଉଛି। ଏହି ଦୁଇ ସହରରେ ୨୦ ଓ ୩୦ କେଏଲ୍‌ଡି କ୍ଷମତା ବିଶିଷ୍ଟ ସିୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ବ୍ୟାସନଗର ପୌରାଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ଡ୍ରେନେଜ ବ୍ୟବସ୍ଥା ଓ ବହିର୍ଗମନ ପଥ ଅଗ୍ରାଧିକାର ଭିତ୍ତିରେ ନିର୍ମାଣ ହେଉ ନ ଥିବାରୁ ସହରର ପରିମଳ ଓ ଡ୍ରେନେଜ ବ୍ୟବସ୍ଥା ସାଂଘାତିକ ହୋଇପଡ଼ିଛି। ସହରର ଡିଗିସାହି, ଉମାପଦା, ହାଉସିଂବୋର୍ଡ କଲୋନୀ ଆଦି ଅଞ୍ଚଳରେ ନର୍ଦ୍ଦମା ପାଣି ରାସ୍ତାରେ ଜମି ରହିବା ସହ ଘର ଭିତରକୁ ପଶି ଜଳ ପ୍ରଦୂଷଣକୁ ଉତ୍କଟ କରୁଛି। ରାଜ୍ୟରେ ଯେଉଁ ସହରରେ ଏସ୍‌ଟିପି ଏବଂ ସିୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକାରୀ ହୋଇନାହିଁ ସେଠାରେ ଅନୁରୂପ ପରିସ୍ଥିତି ଦେଖାଦେଉଛି। ସହରର ସ୍ୱଚ୍ଛ ଓ ସୁସ୍ଥ ପରିମଳ ପ୍ରତ୍ୟେକ ସ୍ୱାୟତ୍ତ ଶାସନ ସଂସ୍ଥାର ମୌଳିକ ଦାୟିତ୍ୱ । କିନ୍ତୁ କୌଣସି ଜିଲାପାଳ କିମ୍ବା ଲୋକ ପ୍ରତିନିଧି ଏଥିପ୍ରତି ଦୃଷ୍ଟି ନ ଦେବା ବିଡ଼ମ୍ବନା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।



କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗର ମ୍ୟୁନିସିପାଲିଟିର ମହତାବ ନଗର ବସ୍ତି ମଝିରେ ବର୍ଜ୍ୟଜଳ।

# ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ଭୂମିପୂଜା

ରାଉରକେଲା ଅଫିସ, ୪।୬

ରାଉରକେଲାର ବିପିୟୁଟି କ୍ୟାମ୍ପସ ପରିସରରେ ନିର୍ମାଣ ହେବାକୁ ଯାଉଥିବା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ଭୂମିପୂଜା ହୋଇଯାଇଛି। ଫଳରେ ସୁନ୍ଦରଗଡ଼ ଜିଲା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଏକ ନୂଆ ପରିଚୟ ଆଣିବାକୁ ଯାଉଥିବା ଏହି କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କାମ ଶୁକ୍ରବାରଠାରୁ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ଏହି ଭୂମିପୂଜା କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ସାରଦା ପ୍ରସାଦ ନାୟକ, ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲି ସୁନିଲ ନରୱଣେ ଏବଂ ଇଡ୍‌କୋ ରାଉରକେଲା ଡିଭିଜନ ମୁଖ୍ୟ ବିଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଠାରେ ୨୦୨୩ ପୁରୁଷ ହକି ବିଶ୍ୱକପ ଖେଳାଯିବାକୁ ଥିବାରୁ ଏହି ଷ୍ଟାଡିୟମକୁ ରେକର୍ଡ ସମୟ ଭିତରେ ନିର୍ମାଣ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଗତ ଫେବୃୟାରୀରେ ରାଉରକେଲାଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଷ୍ଟାଡିୟମର ଶିଳାନ୍ୟାସ କରି ଏହାକୁ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରିଥିଲେ।


ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ଭୂମିପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ପୁରସ୍କୃତ ହେବେ ୧୫୫ ପ୍ରକୃତିମିତ୍ର, ୧୬୮ ପ୍ରକୃତିବନ୍ଧୁ

ଭୁବନେଶ୍ୱର,୪।୬(ବ୍ୟୁରୋ)

## ଆଜି ବିଶ୍ୱ ପରିବେଶ ଦିବସ

ପ୍ରତିବର୍ଷ ୫ ଜୁନ୍‌ରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି । ଏହି ଦିବସରେ ସମଗ୍ର ବିଶ୍ୱ ସମ୍ମୁଖୀନ ହେଉଥିବା ବିଭିନ୍ନ ପରିବେଶ ସମସ୍ୟା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ଓଡ଼ିଶାରେ ମଧ୍ୟ ସେମିନାର, ୱେବିନାର୍, ପ୍ରତିଯୋଗିତା, ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ରାଜ୍ୟରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଆଗ୍ରହ ସୃଷ୍ଟି କରିବାକୁ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ଏବଂ ସଂଗଠନକୁ ଉତ୍ସାହିତ କରାଯାଉଛି। ପ୍ରତ୍ୟେକ ବ୍ଲକ୍‌ରେ ପ୍ରକୃତିମିତ୍ର ଏବଂ ପ୍ରକୃତିବନ୍ଧୁ ପୁରସ୍କାର ଭାବରେ ମାନପତ୍ର ସହିତ ଯଥାକ୍ରମେ ୨୦,୦୦୦ ଏବଂ ୧୦,୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଉଛି। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ୧୫୫ ପ୍ରକୃତିମିତ୍ର ଏବଂ ୧୬୮ ପ୍ରକୃତିବନ୍ଧୁଙ୍କୁ ପୁରସ୍କୃତ କରାଯିବ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ଅବସରରେ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ବିଶ୍ୱ ପରିବେଶ ଦିବସ-୨୦୨୧ର ବିଷୟବସ୍ତୁ ହେଉଛି 'ଇକୋସିଷ୍ଟମ୍‌ର ପୁନରୁଦ୍ଧାର'। ରାଜ୍ୟ ବାରମ୍ବାର ବାତ୍ୟା ଓ ବନ୍ୟାର ସମ୍ମୁଖୀନ ହେଉଛି, ଯାହା ଆମ ଇକୋସିଷ୍ଟମ୍‌କୁ ନଷ୍ଟ କରିଥାଏ। ଏହି ପ୍ରାକୃତିକ ଘଟଣାଗୁଡ଼ିକରୁ ଆମେ ଅନେକ ଜିନିଷ ଶିଖିଛୁ । ପ୍ରଭାବ ହ୍ରାସ କରିବାକୁ ପ୍ରସ୍ତୁତି ପ୍ରଣାଳୀ ଓ ମୁକାବିଲାକୁ ମଜଭୁତ କରିଛୁ । ଉପଯୁକ୍ତ ପରିଚାଳନା ହେତୁ ଅନେକ ଜୀବନ ରକ୍ଷା ହୋଇପାରୁଛି। ଯେଉଁଥିପାଇଁ ଓଡ଼ିଶା ବିଶ୍ୱରେ ଏକ ଉଦାହରଣ ପାଲଟିଛି ବୋଲି ମନ୍ତ୍ରୀ କହିଛନ୍ତି। ଇକୋଟୁରିଜମ୍ ସ୍ଥାନଗୁଡ଼ିକର ବିକାଶ କରି ବୃହତ୍ ପଦକ୍ଷେପ ନିଆଯାଇଛି । ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ରଙ୍କର ପରିବେଶ ସୁରକ୍ଷା ଦିଗରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି।




## ୬ ୱାର୍ଡ କଣ୍ଟେନ୍‌ମେଣ୍ଟ ଜୋନ୍

**କଟକ ସଦର,୪।୬(ଡି.ଏନ.ଏ.)-** କଟକ ସଦର ବ୍ଲକ ଅଧୀନ ବେଣ୍ଟକାର ପଞ୍ଚାୟତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ସରପଞ୍ଚ ବବିତା ବେହେରା ଉକ୍ତ ପଞ୍ଚାୟତର ୧, ୨, ୩, ୪, ୫ ଓ ୬ ନଂ. ୱାର୍ଡକୁ ଶୁକ୍ରବାରଠାରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି।

## ୧୧ ଦୋକାନ ସିଲ୍

**କଣାସ,୪।୬(ସ୍ୱ.ପ୍ର)-** କରୋନାର ଦ୍ୱିତୀୟ ଲହରକୁ ରୋକିବା ପାଇଁ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟ ସୀମାକୁ ବଢ଼ାଇଛନ୍ତି। ତଥାପି କଣାସ ବ୍ଲକ ଅଞ୍ଚଳରେ କେତେଜଣ ଅମାନିଆ ଏହି ନିୟମ ମାନୁ ନ ଥିବା ଦେଖିବାକୁ ମିଳିଛି। ଜରୁରୀ ସାମଗ୍ରୀ ଦୋକାନ ବ୍ୟତୀତ ଅନ୍ୟ ଦୋକାନ ସବୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଥିବାବେଳେ ବ୍ଲକରେ କେତେଜଣ ଅମାନିଆ ନିୟମ ଉଲ୍ଲଂଘନ କରି ଦୋକାନ ଖୋଲୁଛନ୍ତି। ତେବେ ଶୁକ୍ରବାର କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିବା ୧୧ଟି ଦୋକାନରେ ତହସିଲଦାର ଲକ୍ଷ୍ମୀଧର ମହାରଣା ଚଢ଼ାଉ କରି ସିଲ୍ କରିଛନ୍ତି। ସିଲ୍ ଦୋକାନଗୁଡ଼ିକ ମଧ୍ୟରେ ବିଜିପୁର ବଜାରରେ ୨ଟି, ଜଙ୍କିଆ ଓ ଚୁପୁରିଙ୍ଗି ବଜାରରେ ୩ଟି ଓ କଣାସ ବଜାରେ ୬ଟି ରହିଥିବା ତହସିଲଦାରଙ୍କଠାରୁ ସୂଚନା ମିଳିଛି।

Happy World Environment Day TPCODL

ବୈଦ୍ୟୁତିକ ନିରାପତ୍ତା ସମ୍ବନ୍ଧୀୟ ସତର୍କ ସୂଚନା

✓ ଘରେ ଥିବା ଆର୍ଥିଙ୍ଗକୁ ଠିକ୍ ଭାବରେ ଯାଞ୍ଚ କରାଇ ନିଅନ୍ତୁ । ଏହା ଠିକ୍ ଭାବରେ କାମ କରୁନଥିଲେ ନୂତନ ଆର୍ଥିଙ୍ଗ କରାଇ ନିଅନ୍ତୁ, ଏହା ଆପଣଙ୍କ ଜୀବନ ବଞ୍ଚାଇ ଦେଇପାରେ ।
✓ ସର୍ବଦା ଅଭିଜ୍ଞ ବିଦ୍ୟୁତ କାରିଗରଙ୍କ ଦ୍ୱାରା ନିଜ ଘରର ବିଦ୍ୟୁତ୍ ମରାମତି କାର୍ଯ୍ୟ କରାନ୍ତୁ।
✓ ସର୍ବଦା ଉପଯୁକ୍ତ ଆଇଏସ୍‌ଆଇ (ISI) ମାର୍କଥିବା ବିଦ୍ୟୁତ୍ ତାର କିମ୍ବା ବିଦ୍ୟୁତ୍ ସରଞ୍ଜାମ ବ୍ୟବହାର କରନ୍ତୁ।
✓ ଆପଣଙ୍କ ଘର ପାଖ ଦେଇ ଯାଇଥିବା କୌଣସି ବିଦ୍ୟୁତ୍ ତାର କିମ୍ବା ଖୁଣ୍ଟରେ କିଛି ଅଘଟଣ ବା ସମସ୍ୟା ଥିଲେ ତୁରନ୍ତ କାର୍ଯ୍ୟାଳୟରେ କିମ୍ବା ନିକଟସ୍ଥ FUSE କଲ୍ କେନ୍ଦ୍ର (FUSE CALL CENTRE) ରେ ଜଣାନ୍ତୁ।
× ବର୍ଷା ହେବା ସମୟରେ କିମ୍ବା ଘଡଘଡି ସମୟରେ ବିଦ୍ୟୁତ୍ ଖୁଣ୍ଟ ତଳେ କିମ୍ବା ପାଖରେ ରୁହନ୍ତୁ ନାହିଁ।
× ହୁକିଙ୍ଗ ପକାଇ ବିଦ୍ୟୁତ୍ ବ୍ୟବହାର କରନ୍ତୁ ନାହିଁ । ଏହା ଆପଣଙ୍କର ଜୀବନକୁ କେତେବେଳେ ବି ନେଇପାରେ ।
× ବିଦ୍ୟୁତ୍ ଲାଇନ୍ ତଳେ ଘର କିମ୍ବା କୌଣସି ଅସ୍ଥାୟୀ ତମ୍ବୁ (TENT) ତିଆରି କରନ୍ତୁ ନାହିଁ।
× ଆପଣଙ୍କ ଘରେ କିମ୍ବା ଘର ବାହାରେ ଥିବା କୌଣସି ବିଦ୍ୟୁତ୍ ତାରକୁ ଧରନ୍ତୁ ନାହିଁ ।
× ବିଦ୍ୟୁତ ତାର ଉପରେ କୌଣସି ଓଦା ଲୁଗା କିମ୍ବା ଧାତବ ଜିନିଷ ରଖନ୍ତୁ ନାହିଁ।
× ବିଦ୍ୟୁତ୍ ଖୁଣ୍ଟରେ ଛିଣ୍ଡିପଡିଥିବା ତତ୍ ସଲଗ୍ନ କୌଣସି ଲୁହା ତାରରେ (STAY) ଗୃହପାଳିତ ପଶୁଙ୍କୁ ବାନ୍ଧନ୍ତୁ ନାହିଁ।
× କୌଣସି ପରିସ୍ଥିତିରେ ନିଜେ କିମ୍ବା ନିଜର କାହାକୁ ଘରେ ଲାଗିଥିବା ବିଦ୍ୟୁତ୍ ତାରରେ କାମ କରାନ୍ତୁ ନାହିଁ।
× ବିଦ୍ୟୁତ୍ ତାର ଛିଣ୍ଡିପଡିଥିବା କିମ୍ବା କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଭୂମିଠାରୁ କମ୍ ଉଚ୍ଚତାରେ ଥିବା ଦେଖିଲେ, ତା ପାଖକୁ ଯାଆନ୍ତୁ ନାହିଁ । ସଙ୍ଗେ ସଙ୍ଗେ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଜଣାନ୍ତୁ।

ଆପଣଙ୍କ ତଥା ଆପଣଙ୍କ ପରିବାରଜନଙ୍କ ଜୀବନ ମୂଲ୍ୟବାନ,
ସାମାନ୍ୟତମ ଅସାବଧାନତା ଏହାକୁ ମୂଲ୍ୟବିହୀନ କରିଦେଇପାରେ ।

ଧରିତ୍ରୀ
DHARITRI
ଶନିବାର, ୫ ଜୁନ୍, ୨୦୨୧

**ଏସ୍‌ଆଇଏସ୍ ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ**

**କଟକ ଅଫିସ, ୪।୬:** ରାଜ୍ୟରେ ସିକ୍ୟୁରିଟି ଆଣ୍ଡ୍ ଇଣ୍ଟେଲିଜେନ୍ସ ସର୍ଭିସେସ୍ (ଏସ୍‌ଆଇଏସ୍) ପକ୍ଷରୁ ବେକାର ଯୁବତୀଯୁବକଙ୍କ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଜୁନ୍ ଶେଷ ପର୍ଯ୍ୟନ୍ତ ଏସ୍‌ଆଇଏସ୍‌ର ସମସ୍ତ କାର୍ଯ୍ୟାଳୟ ଚୌଦ୍ୱାର, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁର, ଯାଜପୁର, ପାରାଦୀପ, ବାଲେଶ୍ୱର, ସମ୍ବଲପୁର, ରାଉରକେଲା, ବଡ଼ବିଲରେ ଏହି ପ୍ରକ୍ରିୟା ଚାଲିବ। ଆଗ୍ରହୀ ପ୍ରାର୍ଥୀ ଏସ୍‌ଆଇଏସ୍ କମ୍ପାନୀର ଅଧିକାରୀଙ୍କ ସହ ଯୋଗାଯୋଗ କରି ସମସ୍ତ ସୂଚନା ନେଇପାରିବେ। ଆବେଦନକାରୀମାନେ ସୀମିତ ତାଲିମ ନେବା ପରେ ନିଯୁକ୍ତି ପାଇବେ ବୋଲି ଏସ୍‌ଆଇଏସ୍‌ର ଆଞ୍ଚଳିକ ତାଲିମ ଏକାଡେମୀର ଦାୟିତ୍ୱରେ ଥିବା ରାଜୀବ କୁମାର ଶାହ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଡା. ମନୋଜ ସାହୁଙ୍କୁ ଜାତୀୟ ସମ୍ମାନ



**ଭୁବନେଶ୍ୱର, ୪।୬ (ବ୍ୟୁରୋ):** ସମ୍ ହସ୍ପିଟାଲର ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗ ମୁଖ୍ୟ ଡାକ୍ତର ମନୋଜ କୁମାର ସାହୁଙ୍କୁ 'କାମରାଜ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ' ସମ୍ମାନ ମିଳିଛି। ତାମିଲନାଡୁର ଥେନିସ୍ଥିତ ଏହି ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଦେଶର ବରିଷ୍ଠ ତଥା ବିଶିଷ୍ଟ ଡାକ୍ତର, ଚିକିତ୍ସା ବିଜ୍ଞାନ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ନେଇ ଏକ ଜାତୀୟ ୱେବିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ସାହୁ ଯୋଗଦେଇ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରର କିପରି ଅତ୍ୟାଧୁନିକ ଜ୍ଞାନକୌଶଳର ବିନିଯୋଗ କରାଯାଇ ପେଟ ରୋଗର ଉତ୍ତମ ଚିକିତ୍ସା କରାଯାଉଛି ସେ ସମ୍ପର୍କରେ କହିଥିଲେ। ବର୍ତ୍ତମାନ ଚିକିତ୍ସା ବିଜ୍ଞାନ ପଢୁଥିବା ଛାତ୍ରୀଛାତ୍ର ଏପରି ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଜ୍ଞାନ ଆହରଣ କରି ତାହାକୁ ବିନିଯୋଗ କରି ଉତ୍ତମ ତଥା ଉଚ୍ଚମାନର ଚିକିତ୍ସା ସେବା ଯୋଗାଇ ପାରିବେ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଡା. ସାହୁଙ୍କୁ 'ବେଷ୍ଟ ଆଉଟଷ୍ଟାଣ୍ଡିଂ ଏକାଡେମିକ୍ ଲିଡରଶିପ୍ ନ୍ୟାଶନାଲ ଆୱାର୍ଡ' ପ୍ରଦାନ କରାଯାଇଥିଲା।

### ରଥଖଳାରେ ୨ ମହାରଣା ହାତାହାତି

**ପୁରୀ ଅଫିସ, ୪।୬:** ରଥଖଳାରେ ଶୁକ୍ରବାର ଦୁଇ ମହାରଣା ସେବକ ହାତାହାତି ହୋଇଛନ୍ତି। ରଥର ଏକ ଚକ ନିର୍ମାଣକୁ ନେଇ ଉଭୟଙ୍କ ମଧ୍ୟରେ ମାର୍‌ପିଟ ହୋଇଥିବା ଜଣାପଡ଼ିଛି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନା ଅନୁଯାୟୀ, ଜଣେ ମୁଖ୍ୟ ମହାରଣା ଓ ସହଯୋଗୀ ମହାରଣାଙ୍କ ମଧ୍ୟରେ ରଥଚକ ନିର୍ମାଣକୁ ନେଇ ପ୍ରଥମେ କଥା କଟାକଟି ହୋଇଥିଲା। ପରେ ଏହା ଉଗ୍ରରୂପ ନେଇ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଫଳରେ ପ୍ରାୟ ଅଧଘଣ୍ଟା ଧରି ଅତିକର ପରିସ୍ଥିତି ସୃଷ୍ଟି ସହ ରଥ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟ ସାଥୀ ମହାରଣା ସେବକଙ୍କ ହସ୍ତକ୍ଷେପ ପରେ ସ୍ଥିତି ସୁଧୁରିଥିଲା। ଖବର ପାଇ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ରଥଖଳାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ଶ୍ରୀମନ୍ଦିର ପରିସରରେ ଦୁଇ ଜଣ ଜେଟିପି ହାତାହାତି ହୋଇଥିଲେ। ସେହିପରି ଆନନ୍ଦ ବଜାରରେ ଦୁଇ ସେବାୟତଙ୍କ ମଧ୍ୟରେ ବଚସା ହୋଇଥିଲା। ଏବେ ରଥଖଳାରେ ଦୁଇ ମହାରଣା ସେବକ ହାତାହାତି ହେବା ଘଟଣା ଶ୍ରୀମନ୍ଦିର ପ୍ରଶାସନର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଦେଶୀଧାନକୁ ଝୁରୁଛନ୍ତି ଚାଷୀ

**କଣାସ, ୪।୬(ସ୍ୱ.ପ୍ର)**



ସମୟ ଓ ପାଣିପାଗର ପରିବର୍ତ୍ତନରେ ପାରମ୍ପରିକ ଚାଷର ପ୍ରଣାଳୀ ମଧ୍ୟ ବଦଳି ଚାଲିଛି। ଅତ୍ୟାଧୁନିକ ବିହନ ଓ ସାର, ଔଷଧର ବ୍ୟବହାର ଯୋଗୁ ପୁରାତନ ଦେଶୀଧାନ ବିହନକୁ ଚାଷୀ ଧୀରେ ଧୀରେ ଭୁଲିଯିବାକୁ ବସିଛି। ଫଳରେ ପୁରୁଷାନୁକ୍ରମେ ପାରମ୍ପରିକ ରୀତିରେ ଚାଷ କରାଯାଉଥିବା ୫୦ରୁ ଊର୍ଦ୍ଧ୍ୱ କିସମର ଧାନ ଲୁପ୍ତ ହୋଇଗଲାଣି। ପୁରୀ ଜିଲା ଚିଲିକା ଉପକୂଳବର୍ତ୍ତୀ କଣାସ ବ୍ଲକର ଚାଷୀମାନେ ମୁଖ୍ୟତଃ ଧାନଚାଷ ଉପରେ ନିର୍ଭର କରନ୍ତି। ଦୀର୍ଘ ୨୦ବର୍ଷ ହେଲା ଶାରଦ ଧାନ ଫସଲ ହରାଇ ଚାଷୀମାନେ ଦେଶୀଧାନ ବିହନ ପାଇଁ ଝୁରି ହେଉଛନ୍ତି। କଣାସ ବ୍ଲକ ଖାଲୁଆ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ବର୍ଷା ଓ ବନ୍ୟା ଦାଉ ସାଧୁଛି। ପୂର୍ବରୁ ହେଉଥିବା ଶାରଦ ଧାନ ବନ୍ୟାଜଳ ଦ୍ୱାରା ୧୦ ରୁ ୧୫ଦିନ ବୁଡ଼ି ରହୁଥିଲେ ମଧ୍ୟ ଧାନଗଛ କ୍ଷତିଗ୍ରସ୍ତ ହେଉ ନ ଥିଲା। ସେ ସବୁ ବିହନ ଧୀରେ ଧୀରେ ବିଲୁପ୍ତ ହେବା ସାଙ୍ଗକୁ କମ୍ ଦିନରେ ଅଧିକ ଅମଳକ୍ଷମ (ହାଇବ୍ରିଡ୍) ଧାନ ବିହନ ଆଦୃତ ହେବା ଯୋଗୁ ଚାଷୀମାନେ ପୂର୍ବରୁ କରୁଥିବା ୫୦ପ୍ରକାରରୁ ଅଧିକ ଦେଶୀ ଧାନ ବିହନ ଲୋପ ପାଇଗଲାଣି। ପାଣିପାଗ ପରିବର୍ତ୍ତନ ଓ ବାରମ୍ବାର ବନ୍ୟା ଯୋଗୁ ହାଇବ୍ରିଡ୍ ଧାନ ବିହନ କ୍ଷତିଗ୍ରସ୍ତ ହୋଇଯାଉଥିବାରୁ ପୁରୁଖା ଚାଷୀମାନେ ଦେଶୀ ଧାନବିହନ ଖୋଜୁଛନ୍ତି। ଧଳାକାର୍ତ୍ତିକା, ସରୁବାଙ୍କୋଇ, ମୋଟା ବାଙ୍କୋଇ, କେଉଟିଆ ଚମ୍ପା, ପଖିଆ, ମାଗୁରା, ପଦ୍ମକେଶରୀ, ନିଶଙ୍କଲାଙ୍ଗୁରା, ତୁଳସୀବାସ, କଣ୍ଟାମୁର, କନିଅର, ଗଜରା, ବିଆଳି, ମଧୁରା, ବାଙ୍କୋଇ, ମହିପାଳ, ମୟୂରକଣ୍ଠା, ଚନ୍ଦ୍ରଉଦିଆ, ବାସୁଦେବ, ସରଗତାରା, ରଙ୍ଗିଆରାଇ, ଭାରିକଦମା, କର୍ପୂରକେଳି ଆଦି ଦେଶୀଧାନ ଆଉ ଦେଖିବାକୁ ମିଳୁନାହିଁ। ମରୁଡ଼ି, ବନ୍ୟା, ରୋଗ, ପୋକ କାଟିବା ପ୍ରଭୃତି ସହିବା କ୍ଷମତା ଦେଶୀଧାନ ବିହନର ଅଧିକ ହୋଇଥିବାରୁ ଏବେ ଚାଷୀ ପୁଣି ଏଥିପ୍ରତି ଆଗ୍ରହ ପ୍ରକାଶ କଲେଣି। ତେଣୁ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଦେଶୀଧାନ ଯୋଗାଇଦିଆଯିବାକୁ ନିମିରି ଗ୍ରାମର ଶ୍ରୀକାନ୍ତ କୁମାର ପଟ୍ଟଯୋଶୀ, ସହନା ଗ୍ରାମର ସୁକାନ୍ତ କିଶୋର ସାମନ୍ତରାୟ ଏବଂ ବୈଦ୍ୟନାଥ ପାଟଣା ଗ୍ରାମର ହାଡ଼ିବନ୍ଧୁ ପାଢ଼ୀ ପ୍ରମୁଖ ବହୁ ଚାଷୀ ଦାବି କରିଛନ୍ତି।



ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ବିବାହ ପ୍ରସ୍ତାବ ଦେଇ ୩.୨୦ ଲକ୍ଷ ଠକି ନେଲେ

**ଭୁବନେଶ୍ୱର, ୪।୬(ବ୍ୟୁରୋ):** ପ୍ରଥମେ ଜଣେ ଯୁବତୀଙ୍କ ସହ ମିତ୍ରତା କରି ତାଙ୍କୁ ବିବାହ ପ୍ରସ୍ତାବ ଦେଲେ। ପରେ ତାଙ୍କ ଠାରୁ ୩ଲକ୍ଷ ୨୦ହଜାର ଟଙ୍କା ଠକିନେଲେ। ସମ୍ପୃକ୍ତ ଯୁବତୀ ଟଙ୍କା ଫେରସ୍ତ ମାଗିବାରୁ ତାଙ୍କୁ ଧମକଚମକ ଦେଇ ଜଣେ ଯୁବକ ଫେରାର ହୋଇଯାଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଶେଷରେ ଯୁବତୀ ଜଣକ ନ୍ୟାୟ ପାଇଁ ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଅନୁଗୋଳ ଅଞ୍ଚଳର ଜଣେ ଯୁବତୀ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାମ କରନ୍ତି। ତାଙ୍କର ମାଟ୍ରିମୋନିଆଲ ମାଧ୍ୟମରେ କେନ୍ଦ୍ରାପଡ଼ା ଜିଲା ମାନପୁର ବ୍ଲକ ଗୋଛଳା ଗ୍ରାମର ବିକାଶ ବେହୁରାଙ୍କ ସହ ବିବାହ ସ୍ଥିର ହୋଇଥିଲା। ବିକାଶ ନିଜକୁ ଜଣେ ବଡ଼ ବ୍ୟବସାୟୀ ଭାବେ ପରିଚିତ କରାଇବା ସହ ଭୁବନେଶ୍ୱର ଓ ବାଙ୍ଗାଲୋରରେ ତାଙ୍କର ଘର ଥିବା କହିଥିଲେ। ଏହାପରେ ସେ ବିଭିନ୍ନ ଆଳ ଦେଖାଇ ସମ୍ପୃକ୍ତ ଯୁବତୀଙ୍କଠାରୁ ବିଭିନ୍ନ କିସ୍ତିରେ ପ୍ରାୟ ୩ ଲକ୍ଷ ୨୦ ହଜାର ଟଙ୍କା ନେଇଥିଲେ। ଯୁବତୀ ଜଣକ ନିଜ ଫୋନ ପେ' ମାଧ୍ୟମରେ ଏହି ଟଙ୍କା ବିକାଶଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ବିକାଶ ଜଣେ ଠକ ବୋଲି ଯୁବତୀ ଜଣକ ଜାଣିବାକୁ ପାଇ ତାଙ୍କୁ ଦେଇଥିବା ଟଙ୍କା ମାଗିଥିଲେ। ତେବେ ବିକାଶ ଟଙ୍କା ଫେରାଇବା ପରିବର୍ତ୍ତେ ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ ବୋଲି ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଏ ନେଇ ସେ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ କେସ୍ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବିଜୟ ସାହୁଙ୍କ ଶେଷକୃତ୍ୟ ସମ୍ପନ୍ନ


ବିଜୟ ସାହୁଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

**ସତ୍ୟନଗର ଶ୍ମଶାନରେ ଦିଆଗଲା ଗାର୍ଡ ଅଫ୍ ଅନର**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ତଥା ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରମ୍ୟାନ୍ ବିଜୟ କୁମାର ସାହୁଙ୍କ ଶେଷକୃତ୍ୟ ଶୁକ୍ରବାର ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନରେ ସମ୍ପନ୍ନ ହୋଇଛି। ତାଙ୍କ ପାର୍ଥିବ ଶରୀର ଶ୍ମଶାନରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସେଠାରେ ଖୋର୍ଦ୍ଧା ଜିଲାପାଳ ସନତ କୁମାର ମହାନ୍ତି, ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

କିଛିଦିନ ତଳେ ବିଜୟ କରୋନାରୁ ସୁସ୍ଥ ହୋଇଥିଲେ। ହେଲେ କରୋନା ପରବର୍ତ୍ତୀ ଜଟିଳତା ନେଇ ହାଇଦ୍ରାବାଦସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବାବେଳେ ଗୁରୁବାର ତାଙ୍କର ପରଲୋକ ଘଟିଥିଲା। ଶୁକ୍ରବାର ତାଙ୍କ ମରଶରୀର ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ସେଠାରୁ ସିଧା କଟକସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲକୁ ନିଆଯାଇଥିଲା। ଏହାପରେ ତାଙ୍କୁ ପଟିଆସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ପରେ ଶାସ୍ତ୍ରୀ ନଗରସ୍ଥିତ ବାସଭବନରେ ପରିବାର ଲୋକଙ୍କ ଶେଷ ଦର୍ଶନ ପାଇଁ ନିଆଯାଇଥିଲା। ସେଠାରେ ତାଙ୍କ ସ୍ତ୍ରୀ ତଥା ସାଇ ଇଣ୍ଟନ୍ୟାଶନାଲ ଗ୍ରୁପ୍‌ର ଭାଇସ ଚେୟାରପର୍ସନ ଡ. ଶିଳ୍ପୀ ସାହୁ, ଝିଅ ଭିଜିଶା, ଦୁଇ ପୁଅ ବିକ୍ରମ ଆଦିତ୍ୟ ଓ ବିଶାଳ ଆଦିତ୍ୟ ସାହୁ ଉପସ୍ଥିତ ଥିଲେ। ସେଠାରେ ବିଏମ୍‌ସି କମିଶନର ସଞ୍ଜୟ ସିଂ, କ୍ରୀଡ଼ା ଓ ପର୍ଯ୍ୟଟନ ବିଭାଗ ସଚିବ ବିଶାଳ ଦେବ, ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ସମେତ ବହୁ ରାଜନେତା, ଜଣାଶୁଣା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଓ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ସ୍ୱର୍ଗତ ବିଜୟ ସାହୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟରୁ ଶିକ୍ଷା ଉଦ୍ୟୋଗୀ ହୋଇଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ ଆଗକୁ ବଢ଼ିବାର ମନୋବଳ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ଏଭଳି ଜଣେ ଶିକ୍ଷା ଉଦ୍ୟୋଗୀ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ଉପସ୍ଥିତ ବ୍ୟକ୍ତିମାନେ କହିଥିଲେ।

## ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

**ବୃଦ୍ଧ ବ୍ୟବସାୟୀଙ୍କୁ ଅତିରିକ୍ତ ତହସିଲଦାରଙ୍କ ମାଡ଼ ଘଟଣା**

ଝାରସୁଗୁଡାରେ ଜଣେ ବୃଦ୍ଧ ବ୍ୟବସାୟୀଙ୍କୁ ଅତିରିକ୍ତ ତହସିଲଦାରଙ୍କ ମାଡ଼ ଘଟଣାକୁ ନେଇ ଶୁକ୍ରବାର ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ତାଙ୍କ ପିଟିଶନରେ ଘଟଣା ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି। ଉକ୍ତ ସମ୍ବେଦନଶୀଳ ଘଟଣାରେ ଜିଲାପାଳ ଓ ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେବାସହ ମାଡ଼ ଖାଇଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ନ୍ୟାୟ ଓ ଦୋଷୀ ଅତିରିକ୍ତ ତହସିଲ୍‌ଦାରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା ପାଇଁ ପଦକ୍ଷେପ ନେବାକୁ ସେ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି।

ସୂଚନା ମୁତାବକ, ସାରା ରାଜ୍ୟରେ ଲକ୍‌ଡାଉନ ଜାରି ରହିଥିବାବେଳେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ କିଣାବିକା ପାଇଁ ସକାଳ ୭ଟାରୁ ଦିନ ୧୧ଟା ଯାଏ କଟକଣା କୋହଳ କରାଯାଇଛି। ଗତ ବୁଧବାର ଝାରସୁଗୁଡା ସହରରେ ଜଣେ ୮୦ ବୟସ୍କ ତରଭୁଜ ବେପାରୀ ପୂର୍ବାହ୍ନ ପ୍ରାୟ ୧୧ଟାରେ ଦୋକାନ ବନ୍ଦ କରି ତରଭୁଜ ସ୍ଥାନାନ୍ତର ପାଇଁ ଅଟୋକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅତିରିକ୍ତ ତହସିଲଦାର ଯୋଗୀତା ତିର୍କୀ ପହଞ୍ଚି ଉକ୍ତ ବୃଦ୍ଧ ଓ ପାଖରେ ଠିଆ ହୋଇଥିବା ୧୧ ବର୍ଷର ନାବାଳକଙ୍କୁ ଲାଠିରେ ପିଟିଥିଲେ। ବୃଦ୍ଧ ଜଣକ ଜୀବନ ବିକଳରେ ଚିତ୍କାର କରିବା ସହ ଠିଆ ହେବାର କାରଣ କହିଥିଲେ ମଧ୍ୟ ସେ କିଛି ନ ଶୁଣି ପିଟି ଚାଲିଥିଲେ। ଘଟଣାଟି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାନବାଧିକାର କର୍ମୀ ପ୍ରଦୀପ୍ତ ବୃଦ୍ଧ ବ୍ୟବସାୟୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି।


## ଆଜିଠାରୁ ବୀମାଭୁକ୍ତ ଖବରଦାତାଙ୍କୁ ଦ୍ୱିତୀୟ ଡୋଜ୍ ଟିକା

**ଭୁବନେଶ୍ୱର, ୪।୬ (ବ୍ୟୁରୋ)**

କରୋନା ମହାମାରୀ ଲଢେଇରେ ସମ୍ମୁଖ ଯୋଦ୍ଧା ସାଜିଥିବା ଖବରଦାତାଙ୍କ ଟିକାକରଣ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ପଷ୍ଟ କରିଛି। ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମାଭୁକ୍ତ ଖବରଦାତାଙ୍କୁ ଶନିବାରଠାରୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ। ଆଇଆର୍‌ସି ଭିଲେଜ୍ ନୟାପଲ୍ଲୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ୩ଦିନ ଧରି ଏହି ଟିକାକରଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକାକରଣ କରାଯିବ। ଯେଉଁ ଖବରଦାତାମାନେ ପୂର୍ବରୁ ଅନୁଷ୍ଠିତ ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମରେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି, ସେମାନଙ୍କୁ ଏଠାରେ ଦ୍ୱିତୀୟ ଡୋଜ୍ ଟିକା ପ୍ରଦାନ କରାଯିବ। ତେବେ ସୋମବାର ଓ ମଙ୍ଗଳବାର ସକାଳ ୯ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକାକରଣ ହେବ। ଟିକା ନେବାକୁ ଥିବା ଖବରଦାତାଙ୍କ ତାଲିକା ବିଏମ୍‌ସି ପକ୍ଷରୁ ଦିଆଯିବ। ତେଣୁ ସେହି ତାଲିକା ଅନୁଯାୟୀ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଖବରଦାତାମାନେ ଉପସ୍ଥିତ ରହିବାକୁ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ରାଜଧାନୀରେ ପ୍ରେମୀ ଯୁଗଳଙ୍କ ହାଇଡ୍ରାମା

**ଭୁବନେଶ୍ୱର, ୪।୬(ବ୍ୟୁରୋ)**


ଯୁବତୀ ଜଣକ ଯୁବକଙ୍କ ଶାର୍ଟ ଧରି ବିବାହ କରିବାକୁ ଜିଦ୍ ଧରିଛନ୍ତି।

- ବାହା ହେବାପାଇଁ ଘର ଛାତ ଡେଇଁ ଆସିଛି: ଯୁବତୀ
- ୫ଟା କେସ୍ ଖାଇଲେ ବି ବାହା ହେବି ନାହିଁ: ଯୁବକ

'ତୋତେ ବାହା ହେବି ବୋଲି ଘର ଛାତ ଡେଇଁ ପଳେଇ ଆସିଛି। ଆଉ ଘରକୁ ଫେରିବିନି। ତୁ ଯୋଉଠି କହିବୁ ସେଇଠି ରହିବି। ତୁ ଟ୍ରେନ୍ ଲାଇନରେ ଶୋଇଲେ ମୁଁ ତୋ ସହ ଟ୍ରେନ୍ ଲାଇନ୍‌ରେ ଶୋଇବି।' ପ୍ରେମିକାର ଏଭଳି ଜିଦ୍ ସତ୍ତ୍ୱେ ପ୍ରେମିକ କିନ୍ତୁ ନିଜ ଜିଦ୍‌ରେ ଅଟଳ। '୫ଟା କେସ୍ ଖାଇବି ପଛେ ତୁମକୁ ଆଉ ବାହା ହେବିନି।' ବୋଲି ରୋକ୍‌ଠୋକ୍ ଶୁଣାଇଛନ୍ତି। ଶୁକ୍ରବାର କ୍ୟାପିଟାଲ ଥାନା ଅନ୍ତର୍ଗତ ଆଇଜି ପାର୍କ ନିକଟରେ ପ୍ରେମୀ ଯୁଗଳଙ୍କ ଏଭଳି ହାଇଡ୍ରାମା ଦେଖିବାକୁ ମିଳିଥିଲା। ଲୋକଙ୍କ ଭିଡ଼ ଜମିବା ପରେ ଦୀର୍ଘ ସମୟ ଧରି ସେଠାରେ ଯୁବତୀ ଜଣକ ଯୁବକଙ୍କ ବାଟ ଓଗାଳି ବସିଥିଲେ। ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଏବେ ଧରାଛୁଆଁ ଦେଉ ନ ଥିବା ନେଇ ପ୍ରେମିକା ଜଣକ ବାରମ୍ବାର ଅଭିଯୋଗ ଆଣୁଥିଲେ। ବାହା ନ ହେଲେ ଥାନାକୁ ଯିବି ବୋଲି ଯୁବତୀ ଜଣକ କହୁଥିଲେ। ଅନ୍ୟପକ୍ଷରେ ପ୍ରେମ ସମ୍ପର୍କକୁ ପ୍ରେମିକ ମାନିଥିଲେ ମଧ୍ୟ ଯୁବତୀ ଜଣକ ପୂର୍ବରୁ ବିବାହିତ ଥିବା ଓ ତାଙ୍କର ଏକ ଝିଅ ଥିବା କହି ବିବାହ କରିବାକୁ ସମ୍ପୂର୍ଣ୍ଣ ଏଡ଼ାଇଯାଇଥିଲେ। ତେବେ ଘଟଣା ଥାନାକୁ ଯିବା ପରେ ଉଭୟଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ଆପୋସ ବୁଝାମଣା ପାଇଁ ଉଦ୍ୟମ କରିଥିଲେ। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି।

ସୂଚନା ଅନୁଯାୟୀ, ଯୁବକଙ୍କ ଘର ରାଉରକେଲାରେ ଓ ଯୁବତୀଙ୍କ ଘର ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ। ଗତ ଅକ୍ଟୋବରରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବକ ଜଣକ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେବାପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଆରମ୍ଭ ହୋଇଥିଲା। ଦୁହେଁ କିଛିଦିନ ଭୁବନେଶ୍ୱରରେ ଲିଭ୍ ଇନ୍ ସମ୍ପର୍କରେ ଥିଲେ। ହେଲେ ପରବର୍ତ୍ତୀ ସମୟରେ ଯୁବକ ଜଣକ ବିବାହ କରି ନ ଥିଲେ। ମାତ୍ର ଯୁବତୀ ଜଣକ ବାରମ୍ବାର ଯୁବକଙ୍କ ଘରକୁ ଯାଇ ବିବାହ କରିବାକୁ କହିଥିଲେ। ଉଭୟଙ୍କ ପରିବାର ଲୋକେ ବିବାହ ନେଇ ଆଲୋଚନା କରିଥିଲେ ମଧ୍ୟ ଯୁବକ ଜଣକ ଆଉ ତାଙ୍କୁ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଯୁବତୀ ଜଣକ ରାଉରକେଲାସ୍ଥିତ ଯୁବକଙ୍କ ଘରେ ପହଞ୍ଚି ତାଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। ଯୁବକ ଜଣକ ତାଙ୍କୁ ଶୁକ୍ରବାର କୋର୍ଟରେ ବିବାହ କରିବେ ବୋଲି କହି ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିଲେ। ହେଲେ ଆଇଜି ପାର୍କ ନିକଟରେ ଯୁବକ ଜଣକ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଯୁବତୀ ଜଣକ ତାଙ୍କ ପ୍ୟାଣ୍ଟ ପକେଟକୁ ଜାବୁଡି ଧରି ଚିତ୍କାର କରିବାରୁ ଘଟଣା ନଜରକୁ ଆସିଥିଲା।

# ଏସ୍‌ସିବିରେ ଖୋଲିଲା ବ୍ଲାକ୍ ଫଙ୍ଗସ୍ ୱାର୍ଡ

**କଟକ ଅଫିସ, ୪।୬:** କଟକ ଏସ୍‌ସିବି ମେଡ଼ିକାଲର କର୍ଣ୍ଣ-ନାସା-ଗଳା ବିଭାଗରେ ୩୦ ଶଯ୍ୟା ବିଶିଷ୍ଟ ମ୍ୟୁକରମାଇକୋସିସ୍(ବ୍ଲାକ୍ ଫଙ୍ଗସ୍) ୱାର୍ଡ ଖୋଲାଯାଇଛି। ଏହି କର୍ଣ୍ଣ-ନାସା-ଗଳା ବିଭାଗ ସର୍ଜରି ବିଭାଗର ଫାଷ୍ଟ ଫ୍ଲୋରକୁ ସ୍ଥାନାନ୍ତର କରାଯାଇଛି। ଏବେ ଏସ୍‌ସିବିରେ ମେଡିସିନ ବିଭାଗର ଆଇସିୟୁରେ ଦୁଇଜଣ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି। ତେବେ ବ୍ଲାକ୍ ଫଙ୍ଗସ୍ ୱାର୍ଡରେ ଆଇସିୟୁ ନ ଥିବାରୁ ଏମାନେ ଏଠାରେ ଚିକିତ୍ସିତ ହେଉଛନ୍ତି। ଆଇସିୟୁରୁ ବାହାରିବା ପରେ ଏମାନଙ୍କୁ ବ୍ଲାକ୍ ଫଙ୍ଗସ ୱାର୍ଡକୁ ନିଆଯାଇ ଚିକିତ୍ସା ଜାରି ରଖାଯିବ। କର୍ଣ୍ଣ-ନାସା-ଗଳା ବିଭାଗର ମୁଖ୍ୟ ସୁବ୍ରତ ବେହେରା ବ୍ଲାକ୍ ଫଙ୍ଗସ୍ ୱାର୍ଡରେ ମୁଖ୍ୟ ଦାୟିତ୍ୱରେ ରହିଛନ୍ତି ବୋଲି ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି।

# ଉତ୍କଳିକାର ୱେବ୍‌ସାଇଟ୍ ଲୋକାର୍ପିତ

**ଭୁବନେଶ୍ୱର, ୪।୬ (ବ୍ୟୁରୋ)**

**ଏଣିକି ଅନ୍‌ଲାଇନରେ ଅର୍ଡର କରିହେବ ହସ୍ତତନ୍ତ ଶାଢ଼ି, ଅନ୍ୟ ସାମଗ୍ରୀ**


ଉତ୍କଳିକା ପକ୍ଷରୁ ବିକ୍ରି ପାଇଁ ଥିବା ହସ୍ତଶିଳ୍ପ ସାମଗ୍ରୀ।

କରୋନା ପରିସ୍ଥିତି ପାଇଁ ବର୍ଷେ ହେବ ଓଡ଼ିଶାର ବିଭିନ୍ନ ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପକୁ ଆଧାର କରି ଜୀବିକା ନିର୍ବାହ କରୁଥିବା ବ୍ୟବସାୟୀମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି। ତେଣୁ ହସ୍ତତନ୍ତ, ବୟନ ଶଳ୍ପ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ଉତ୍କଳିକା ଅନ୍‌ଲାଇନ୍ ମାଧ୍ୟମରେ ନିଜ ଉତ୍ପାଦର ବିକ୍ରୟ କରିବାକୁ ନିଜସ୍ୱ ୱେବ୍‌ସାଇଟ୍ ଆରମ୍ଭ କରିଛି। ଶୁକ୍ରବାର ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନ ଗୁଗଲ୍ ମିଟ୍ ମାଧ୍ୟମରେ ୱେବ୍‌ସାଇଟ୍ www.utkalikaodisha.comକୁ ଲୋକାର୍ପଣ କରିଛନ୍ତି। ଏଣିକି ଏହି ୱେବ୍‌ସାଇଟ୍‌କୁ ଲଗ୍ ଇନ୍ କରି କିମ୍ବା ଗୁଗଲ ପ୍ଲେ ଷ୍ଟୋର୍‌ରୁ ଉତ୍କଳିକା ଆପ୍ ଡାଉନ୍‌ଲୋଡ୍ କରି ପସନ୍ଦ ମୁତାବକ ହସ୍ତତନ୍ତ ଶାଢ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଅର୍ଡର କରିପାରିବେ। ଏହାଦ୍ୱାରା ଉଭୟ ହସ୍ତଶିଳ୍ପୀ ଓ ଗ୍ରାହକମାନେ ଉପକୃତ ହେବା ସହ ଉତ୍କଳିକା ତା'ର ବ୍ୟବସାୟ କ୍ଷେତ୍ରରେ ଆଗକୁ ବଢ଼ିବ ବୋଲି ଆଶା ରଖିଛି।

ସୂଚନାନୁସାରେ, ବର୍ତ୍ତମାନ ସମ୍ବଲପୁରୀ ଶାଢ଼ି ସହିତ ପଟ୍ଟଚିତ୍ର ଶାଢ଼ି, ରଘୁରାଜପୁର ପଟ୍ଟଚିତ୍ର, ଜନଜାତି ଅଳଙ୍କାର ଓ ଓଡ଼ିଶା ଗହଣା ଆଦି ବିକ୍ରୟ ପାଇଁ ରହିଛି। ଆଗାମୀ ଦିନରେ ଓଡ଼ିଶା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀ ଏହି ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ଉତ୍କଳିକା ମାଧ୍ୟମରେ କାରିଗରଙ୍କ ଉତ୍ପାଦଗୁଡ଼ିକ ଆହୁରି ଅଧିକରୁ ଅଧିକ ଲୋକାଭିମୁଖୀ ହେବାର ସୁଯୋଗ ରହିବ। ସେହିଭଳି ଏହା ମାଧ୍ୟମରେ ଉତ୍କଳିକା ଗ୍ରାହକଙ୍କ ଚାହିଦା ମୁତାବକ ଉତ୍ପାଦଗୁଡ଼ିକର ଆହୁରି ଆଧୁନିକୀକରଣ ଓ ଯୁଗୋପଯୋଗୀ କରିପାରିବ। ଏହି ଲୋକାର୍ପଣ ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ଅତିରିକ୍ତ ଶାସନ ସଚିବ ସରୋଜ କୁମାର ପଟେଲ, ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶକ ସନାତନ ନାୟକ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ସ୍ୱୟଂପ୍ରଭା ମୁଦୁଲି, ଶିଳ୍ପ ବିକାଶ ଅଧିକାରୀ ରଶ୍ମିରେଖା, ହସ୍ତଶିଳ୍ପ ବିକାଶ ଅଧିକାରୀ ପଦ୍ମିନୀ ମିଶ୍ର, ପ୍ରୀତୀଶ କୁମାର ବେହେରା ପ୍ରମୁଖ ଭର୍ଚୁଆଲରେ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୫ ଜୁନ୍, ୨୦୨୧



## ସଂକ୍ଷେପରେ

### ଶ୍ୱାସରୁଦ୍ଧ ହୋଇ ସାଢ଼େ ୩ ଫୁଟ ଲମ୍ବର କୁମ୍ଭୀର ମୃତ

ରାଜନଗର,୪।୬(ଡିଏନ୍.ଏ.):ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ପାଟଶାଳା ନଦୀରୁ ଏକ ସାଢ଼େ ୩ ଫୁଟ ଲମ୍ବର ବଉଳା କୁମ୍ଭୀରର ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଶ୍ୱାସ



ରୁଦ୍ଧ ହୋଇ କୁମ୍ଭୀରଟି ମୃତ୍ୟୁବରଣ କରିଥିବା ଜଣାପଡିଛି। ଛୁଆ କୁମ୍ଭୀରଟି କିପରି ଶ୍ୱାସ ରୁଦ୍ଧ ହେଲା ଓ ମୃତ୍ୟୁବରଣ କଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ବନ ବିଭାଗ ସୂଚନା ମୁତାବକ ପାଟଶାଳା ନଦୀର ରାବଣେଶ୍ୱର ଗାଁ ନିକଟରୁ ୨ ତାରିଖ ରାତିରେ ସାଢ଼େ ୩ ଫୁଟ ଲମ୍ବର ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଉଦ୍ଧାର ସମୟରେ କୁମ୍ଭୀରଟି ପଚି ଯାଇ ଦୁର୍ଗନ୍ଧ ହେଉଥିଲା। ବ୍ୟବଚ୍ଛେଦ ଠିକ୍ ଭାବେ ହୋଇପାରିଲାନି। ହେଲେ ରିପୋର୍ଟରେ ଶ୍ୱାସରୁଦ୍ଧ ହୋଇ ମରିଥିବା ଦର୍ଶାଯାଇଛି।

### ଦୋକାନ ଖୋଲିବାକୁ ନେଇ ଦୋକାନୀ, ପ୍ରଶାସନ ମୁହାଁମୁହିଁ

କୁଜଙ୍ଗ,୪।୬(ଡି.ଏନ୍.ଏ.): କୁଜଙ୍ଗ ବଜାରରେ ଦୋକାନୀ ଓ ବ୍ୟବସାୟୀମାନେ ଲକ୍‌ଡାଉନ ନିୟମ ଉଲ୍ଲଂଘନ କରି ବ୍ୟବସାୟ ଚଳାଇଥିଲେ। ଖବରପାଇ ବ୍ଲକ ପ୍ରଶାସନ ସେଠାରେ ପହଞ୍ଚିବା ପରେ ଉତ୍ତେଜନାମୂଳକ ପରିସ୍ଥିତି ହୋଇଛି। କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଓ ଅତିରିକ୍ତ ତହସିଲଦାର ଡ. ପୂଜା ଲେଙ୍କା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ କେତେକ ଲୁଗାଦୋକାନ ଖୋଲାଥିବା ଦେଖି ସେମାନେ ପଚରାଉଚୁରା କରିବାରୁ ଦୋକାନୀମାନେ ସେମାନଙ୍କୁ ବିରୋଧ କରିଥିଲେ। ଫଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୋକାନୀମାନେ ମିଶ୍ର ଓ ଲେଙ୍କାଙ୍କ ସହ ଯୁକ୍ତିତର୍କ କରିବା ସହ ବାରମ୍ବାର ଏଠାକୁ କାହିଁକି ଆସୁଛ ବୋଲି ପ୍ରଶ୍ନ କରିଥିଲେ। ଖବରପାଇ ଥାନା ଅଧିକାରୀ ପାରାଓ ଟୁଡୁ ସଦଳବଳ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

### ପଟ୍ଟାମୁଣ୍ଡାଇ କଲେଜ ଏନ୍‌ଏସ୍‌ଏସ୍‌ର କରୋନା ୱେବିନାର

ପଟ୍ଟାମୁଣ୍ଡାଇ,୪।୬(ସ୍ୱ.ପ୍ର.):ପଟ୍ଟାମୁଣ୍ଡାଇ କଲେଜ ଏନଏସ୍‌ଏସ୍ ପକ୍ଷରୁ କମ୍ୟୁନିଟ ପାଟିସିପେଶନ ଆଣ୍ଡ ଆୱାର ରୋଲ ଆଣ୍ଡ ରେସପନସିବିଲିଟି ଡିଉରିଙ୍ଗ ପାଣ୍ଡେମିକ ପିରିୟଡ ଶୀର୍ଷକ କରୋନା ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ଡ. ପ୍ରମୋଦ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ୱେବିନାରରେ ସମ ହସ୍ପିଟାଲ ବିଶେଷଜ୍ଞ ଡା. ସୁଧାଂଶୁ ଶେଖର ଲେଙ୍କା ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ କରୋନା ସମୟରେ ଆବଶ୍ୟକ ସତର୍କତା ଅବଲମ୍ବନ ଉପରେ ବିଶଦ ଆଲୋଚନା କରିଥିଲେ। ଏହି ୱେବିନାରରେ ପ୍ରଶିକ୍ଷକ ନିରୋଗ ବରଣ ଖୁଣ୍ଟିଆ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ ରାଉତ ଓ ପଦ୍ମଜା କବି ଶତପଥୀ ପ୍ରମୁଖ ଯୋଗଦେଇ କରୋନାରୁ ସୁରକ୍ଷା ଓ ସତର୍କତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ସୁଭାଶିଷ ମିଶ୍ର, ଡ. ନୀଳମଣି ଲେଙ୍କା, ଡ. ସୁନୀଲ ପ୍ରଧାନ ଓ ଡ. ଫକୀର ଚରଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ସମୂହ ବିଶୋଧନ, ସଚେତନତା କାର୍ଯ୍ୟକ୍ରମ

କୁଜଙ୍ଗ,୪।୬(ଡି.ଏନ୍.ଏ.):କୁଜଙ୍ଗର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ସମୂହ ଓ ଗଳିକନ୍ଦିରେ ଥିବା ଦୋକାନ ବଜାର ସମୂହକୁ ଶୁକ୍ରବାର ବିଶୋଧନ କରାଯାଇଛି। ଏଥିସହ ସାନିଟାଇଜର ଓ ମାସ୍କ ବଣ୍ଟନକରାଯାଇଛି। ଏହି ଅବସରେ ସ୍ଥାନୀୟ ଲୋକଙ୍କ ମଧରେ କରୋନା ପାଇଁ ସଚେତନତା ସୃଷ୍ଟି କରାଯାଇଛି। କୁଜଙ୍ଗର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫ୍ରେଣ୍ଡସ୍ ଫର୍ ଏଭର ଓ ଶ୍ରଦ୍ଧାର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।କାର୍ଯ୍ୟକ୍ରମକୁ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ସୂଚନା କେନ୍ଦ୍ର ପରିସରରେ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ତହସିଲଦାର ପୂଜା ଲେଙ୍କା, ବିଡିଓ ଅମିୟ କୁମାର ପଣ୍ଡା, ଥାନା ଅଧିକାରୀ ପାରାଓ ଟୁଡୁ, କୁଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ପ୍ରସନ୍ନ ପଣ୍ଡାଙ୍କ ସମେତ ଫ୍ରେଣ୍ଡସ ଫର୍ ଏଭରର ଆବାହକ ଶିବ କୁମାର ସାହୁ, କୁଜଙ୍ଗ ବାର୍ ଆସୋସିଏଶନର ଉପସଭାପତି ନୃସିଂହ ଚରଣ ପ୍ରଧାନ, ଶ୍ରଦ୍ଧାର ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ବାରିକ ଓ ସଲିଳ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଅଧିକ ଭାଙ୍ଗିଛି ସରକାରୀ ଗୃହ

- ପ୍ରାଥମିକ ଆକଳନରେ ୟାସ୍ କ୍ଷତି ୭୦ କୋଟି
- ୪ ଆଲର୍ଟ କେନ୍ଦ୍ରରେ ବାଜିଲାନି ସାଇରନ
- ବନ୍ୟା, ବାତ୍ୟା ନିରୋଧୀ ସବୁଜ ବଳୟ ପାଇଁ ଦାବି

କେନ୍ଦ୍ରାପଡ଼ା ଅଫିସ, ୪।୬

ସାମୁଦ୍ରିକ ଝଡ ୟାସ ଯୋଗୁ କେନ୍ଦ୍ରାପଡ଼ା ଜିଲାରେ ୭୦ କୋଟି ୧ ଲକ୍ଷ ୧୧ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ଏଥିମଧ୍ୟରୁ ୬୯ କୋଟି ୨୨ଲକ୍ଷ ୧୯ ହଜାର ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ ହୋଇଛି। ଅବଶିଷ୍ଟ ବ୍ୟକ୍ତିଗତ ସମ୍ପତ୍ତି ନଷ୍ଟ ହୋଇଥିବା ଦର୍ଶାଯାଇଛି। ତେବେ ଏହି ରିପୋର୍ଟରେ ବ୍ୟକ୍ତିଗତ ଅପେକ୍ଷା ସରକାରୀ ସମ୍ପତ୍ତି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଜିଲାର ୨୦ ଆଲର୍ଟ କେନ୍ଦ୍ରରୁ ୪ଟିରେ ସାଇରନ ବାଜି ନ ଥିବା ସ୍ଥାନୀୟ ଅଞ୍ଚଳରୁ ଅଭିଯୋଗ ଆସିଛି। ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ଜିଲା ସମ୍ମୁଖୀନ ହେଉଥିବା ବେଳେ ସମୁଦ୍ର ତଟାଞ୍ଚଳରେ ସବୁଜ ବଳୟ ସୃଷ୍ଟି କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ମେ' ୨୬ରେ ସାମୁଦ୍ରିକ ଝଡ ୟାସ୍ ଜିଲାର ସମସ୍ତ ସ୍ଥାନରେ ପ୍ରଭାବ ପକାଇଛି। ୟାସ୍‌ରେ ଜିଲାର ୨୭୭ ହେକ୍ଟର ଅଞ୍ଚଳରେ ଫସଲ କ୍ଷତି ହୋଇଛି। ସେହିପରି ୫୪୧ଟି କୁଡିଆ ଓ ଚାଳ ଘର କ୍ଷତି ହୋଇଥିବା ବେଳେ ୨୫୭ଟି ଗୁହାଳ ଘରର ଆଂଶିକ କ୍ଷତି ହୋଇଛି। ୮ ବୋଟ ନଷ୍ଟ ହେବା ସହ ୪୧୮ ପୋଖରୀ ଉପରେ ଏହି ଝଡର ପ୍ରଭାବ ପଡିଛି। ଅପରପକ୍ଷରେ ସରକାରୀ ସମ୍ପତ୍ତି ମଧ୍ୟରେ ୨୦୩ କି.ମି. ପରିମାଣର ୨୧୫ଟି ରାସ୍ତା, ୧୪୨ କି.ମି. ଲମ୍ବର ୭୦ ସ୍ଥାନରେ ନଦୀବନ୍ଧ ଦୁର୍ବଳ କରିଛି। ସେହିପରି ୭୮୧ଟି ସରକାରୀ ବିଲ୍ଡିଂ ଓ ୭୬୯ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଥିବା ଦର୍ଶାଯାଇଛି।

ରିପୋର୍ଟ ସମ୍ପର୍କରେ ସାମାଜିକ କର୍ମୀ ଆକାଶ ଦାସ, ସେକ୍ ଅମଜାନ, ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ କୁହନ୍ତି, ୟାସ୍ ସମଗ୍ର ଜିଲାରେ ଅନୁଭୂତ ହୋଇଥିଲେ ମଧ୍ୟ ସମୁଦ୍ର ତଟ ସଂଲଗ୍ନ ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବିଶେଷ ପ୍ରଭାବ ପକାଇଛି। ଏଥିସହ ଆଳି, ରାଜକନିକା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସାମୟିକ କ୍ଷତି କରିଛି। ରିପୋର୍ଟକୁ ଦେଖିଲେ ସରକାରୀ କଳର ଅପାରଗତାକୁ ଘୋଡାଇବାକୁ ଏହି ସାମୁଦ୍ରିକ ଝଡ ଆସିଥିବା ପରି ମନେହେଉଛି। କମ୍ ସଂଖ୍ୟକ କଚ୍ଚା ଘର ଭାଙ୍ଗିଥିବା ବେଳେ ଅଧିକ ସଂଖ୍ୟକ ସରକାରୀ ଗୃହ ନଷ୍ଟ ହୋଇଥିବା ଆଦୌ ଗ୍ରହଣୀୟ ନୁହେଁ। ଆଗକୁ ବର୍ଷା ଋତୁ ଆସୁଛି। ୭୦ ସ୍ଥାନରେ ନଦୀ ବନ୍ଧ ଦୁର୍ବଳ ଦର୍ଶାଇବା ଯୋଗୁ ବନ୍ୟାରେ କ୍ଷୟକ୍ଷତି ହେଲେ ୟାସ୍‌କୁ ସାହାରା କରି ବିଭାଗୀୟ ଅଧିକାରୀ ପାର ହେବାକୁ ଚେଷ୍ଟା କରିବେ। ସେହିପରି ରାସ୍ତା ନିର୍ମାଣ ଅନିୟମିତତା ଅଭିଯୋଗ ଜିଲାରେ ସାଧାରଣ କଥା ହୋଇଛି। ମାତ୍ର ୨ ମାସ ମଧ୍ୟରେ ନିର୍ମାଣ କରାଯାଇଥିବା ଗରାପୁର ଭାୟା କୋର୍ଟ ଦେଇ ତିନିମୁହାଣୀ ପର୍ଯ୍ୟନ୍ତ ରାସ୍ତାରେ ଏବେ ଶତାଧିକ ଗାଡ ଦେଖାଯାଇଛି। ୟାସ୍‌ରେ ଲୋକଙ୍କ କଚ୍ଚା ଘର କମ ସଂଖ୍ୟକ ଭାଙ୍ଗିଥିବା ବେଳେ ୨ ଶହରୁ ଅଧିକ କି.ମି. ରାସ୍ତା ନଷ୍ଟ ହେବା ଏବେ ସନ୍ଦେହ ସୃଷ୍ଟି କରିଛି। ମହାକାଳପଡା ଯୁଥ କ୍ଲବ ସଭାପତି ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ଉପାନ୍ତ ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ଜିଲାରେ ସାଇରନ ଆଲର୍ଟ କେନ୍ଦ୍ର ସ୍ଥାପନ ହୋଇଛି। ୟାସ ବାତ୍ୟାରେ ବଟତୁଳି ଓ ତାଳଚୁଆ ଅଞ୍ଚଳର ୪ଟି ଆଲର୍ଟ କେନ୍ଦ୍ରରୁ ସାଇରନ ଶବ୍ଦ ଶୁଭିଲା ନାହିଁ। ଲୋକଙ୍କ ସୁରକ୍ଷା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ପ୍ରଶାସନିକ ଅଧିକାରୀଙ୍କ ଅମନଯୋଗୀ ପାଇଁ ଏଠାରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ପରିବେଶବିତ୍ ଅଶୋକ ସ୍ୱାଇଁ, ପ୍ରଭୁ ପ୍ରସାଦ ମହାପାତ୍ର କହିଛନ୍ତି, ଏହି ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ। ଏପରି କି ଜିଲାର ୬୪ଟି ସୁନାମୀ ପ୍ରବଣ ଗ୍ରାମ ଚିହ୍ନଟ ହୋଇଛି। ଏପରି ବିପତ୍ତିକୁ ବହୁ ଅଂଶରେ ହେନ୍ତାଳବଣ ସୁରକ୍ଷା ଦେଇପାରିବ। ତଟାଞ୍ଚଳରେ ୧୦ କି.ମି. ଚଉଡାର ସବୁଜ ବଳୟ ସୃଷ୍ଟି ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀଙ୍କୁ ପଚାରିବାରେ ଏହି ରିପୋର୍ଟ ପ୍ରାଥମିକ ଆକଳନରେ ପ୍ରସ୍ତୁତ ହୋଇଛି। ଆସନ୍ତା ଦୁଇଦିନ ମଧ୍ୟରେ ସମସ୍ତ କ୍ଷୟକ୍ଷତିର ହିସାବ ମିଳିଯିବ। ସାଇରନ ଆଲର୍ଟ କେନ୍ଦ୍ର ସମ୍ପର୍କରେ ଏସ୍ଆରସିଙ୍କୁ ସୂଚନା ଦିଆଯାଇଛି ବୋଲି ସେ କହିଛନ୍ତି।

## ଇଫ୍‌କୋର ନାନୋ ୟୁରିଆ ବଟଲ ଆରମ୍ଭ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ପାରାଦୀପ,୪।୬(ସ୍ୱ.ପ୍ର.)

ପାରାଦୀପସ୍ଥିତ ଇଫ୍‌କୋ ସାର କମ୍ପାନୀ ନାନୋ ବଟଲ ୟୁରିଆର ବଜାର ପ୍ରବେଶ କରିଛି। ଏହା ବିଶ୍ୱର ପ୍ରଥମ ବୋଲି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ କୀର୍ତ୍ତିକୁମାର ଯଶୋଭାଇ ପଟେଲ ସୂଚନା ଦେଇଛନ୍ତି। ଏହି ନାନୋ ବଟଲ ୟୁରିଆ ଓଡ଼ିଶା ତଥା ଦେଶର ଚାଷୀଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କୁହାଯାଇଛି। ଗୋଟିଏ ୫୦୦ ମିଲିମିଟର ବଟଲ ଦର ୨୪୦ ଟଙ୍କା ରହିଛି। ଏକ ବସ୍ତା ସାର ସହ ଗୋଟିଏ ବଟଲ ନାନୋ ୟୁରିଆକୁ ତୁଳନା କରାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ବସ୍ତା ସାରଠାରୁ ୧୦ ପ୍ରତିଶତ କମ୍ ଖର୍ଚ୍ଚ ଏବଂ ପରିବେଶ ଉପଯୋଗୀ ବୋଲି ଦର୍ଶାଯାଇଛି। କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଅଧୀନରେ ଏହି ନାନୋ ପ୍ଲାଣ୍ଟ ଗୁଜରାଟର କଲଲୋ ୟୁନିଟ୍‌ରେ ଉତ୍ପାଦନ ହେଉଛି।

## ପିପିଏଲ୍ ପକ୍ଷରୁ କୋଭିଡ୍ ଉପକରଣ ପ୍ରଦାନ



ପିପିଏଲ୍ ପକ୍ଷରୁ ଦିଆଯାଇଥିବା କୋଭିଡ୍-ଉପକରଣ।

ପାରାଦୀପ,୪।୬(ସ୍ୱ.ପ୍ର.)

ପାରାଦୀପ ଫସଫେଟସ୍ ଲିମିଟେଡ୍ (ପିପିଏଲ୍)ପକ୍ଷରୁ କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ପାଇଁ କୋଭିଡ-୧୯ ପ୍ରୋଟେକସନ ଉପକରଣ ଯୋଗାଇ ଦିଆଯାଇଛି। କମ୍ପାନୀର ସିଏସ୍ଆର୍ ମ୍ୟାନେଜର ସୌମ୍ୟଶ୍ରୀ ଓମପ୍ରକାଶ ସାହୁ ଏହି ଉପକରଣଗୁଡିକୁ କୁଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ଅମିୟ କୁମାର ପଣ୍ଡାଙ୍କୁ ହସ୍ତାନ୍ତର କରିଥିଲେ। ଏଥିରେ ହାଇପୋକ୍ଲୋରାଇନ୍ ସଲୁଶନ, ସାନିଟାଇଜର, ପିପିଇ କିଟ, ଥର୍ମାଲସ୍କାନର, ଅକ୍ସିମିଟର, ଏନ୍ ୯୫ ମାସ୍କ ଓ ପଲ୍ସମିଟର ଆଦି ଅନ୍ତର୍ଭୁକ୍ତ। ଏଗୁଡ଼ିକର ମୂଲ୍ୟ ୨.୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଦର୍ଶାଯାଇଛି। କାରଖାନା ସଂଲଗ୍ନ ପଞ୍ଚାୟତଗଡ, ବଗଦିଆ, କୋଠି ଓ ମଙ୍ଗରାଜପୁର ଅଞ୍ଚଳରେ ଏହାକୁ ବଣ୍ଟନ କରାଯିବ।

# ଗୋବରୀ ନଦୀରେ ସମୁଦ୍ର ଇଲିଶି

- ମତ୍ସ୍ୟଜୀବୀଙ୍କ ଭିଡ଼, କିଲୋ ଦେଢ଼ ହଜାର
- ପାରାଦୀପ, କୋଲକାତା ଚାଲାଣ

ମହାକାଳପଡ଼ା, ୪।୬(ଡି.ଏନ.ଏ.)

ୟାସ୍ ବାତ୍ୟା ପରେ ମଧୁର ଜଳ ପାଇଁ ଗଭୀର ସମୁଦ୍ରର ଇଲିଶି ସ୍ଥାନୀୟ ଗୋବରୀ ନଦୀ ମଧ୍ୟକୁ ପଶି ଆସିଛନ୍ତି। ସ୍ଥାନୀୟ କ୍ଷୁଦ୍ର ନାମମାତ୍ର ମତ୍ସ୍ୟଜୀବୀ ଛୋଟ ଛୋଟ ଡଙ୍ଗାରେ ଜାଲ ଦେଇ ଇଲିଶି ଧରି ସ୍ଥାନୀୟ ମାଛ ବେପାରୀଙ୍କୁ କିଲୋ ଦେଢ଼ ହଜାରରୁ ଅଧିକରେ ବିକ୍ରି କରୁଛନ୍ତି। ସାଧାରଣତଃ ଗଭୀର ସମୁଦ୍ର ପବନ ଉତ୍ତର ପୂର୍ବ ଦିଗରୁ ବୋହିଲେ ଇଲିଶ ମାଛ କୂଳ ଅଭିମୁଖେ ଆସିଥାନ୍ତି। ଏମାନେ ମଧୁର ଜଳରେ ଅଣ୍ଡା ପ୍ରଦାନ କରିଥାନ୍ତି। ବିଗତ ୩୦ ବର୍ଷ ପୂର୍ବରୁ ଗୋବରୀ ନଦୀରେ ଇଲିଶି ମିଳୁଥିଲା। ଏବେ ଆଉ ଆଗଭଳି ଇଲିଶି ଖାଇବା ଦୁଃସ୍ୱପ୍ନ ହେଲାଣି। ମହାମାରୀ କରୋନା ସମୟରେ ସ୍ଥାନୀୟ ମତ୍ସ୍ୟଜୀବୀ ଭଲ ରୋଜଗାର କରୁଛନ୍ତି। ତେବେ



ସମୁଦ୍ର ଇଲିଶି ଗୋବରୀ ନଦୀରେ ମିଳୁଛି।

ସ୍ଥାନୀୟ ଲୋକ ଏହି ଚଢ଼ା ଦରରେ କିଣି ଖାଇବା କଷ୍ଟକର ହେଉଛି। ସ୍ଥାନୀୟ ମାଛ ବ୍ୟବସାୟୀ ଏହି ଇଲିଶିକୁ ବଡ ଖୁଡ଼ିରେ ପ୍ୟାକିଙ୍ଗ କରି ପାରାଦୀପ, କୋଲକାତା ଆଦି ଚାଲାଣ କରୁଥିବା କୁହାଯାଇଛି। ବର୍ଷାଦିନେ ବନ୍ୟା ଜଳ ମହାନଦୀରେ ଆସି ମୁହାଣ ନିକଟରେ ସମୁଦ୍ରରେ ଗୋଳିଆ ପାଣି ମିଶିଥାଏ। ଏହି ସମୟରେ ଇଲିଶ ବନ୍ୟା ଜଳ ଆସୁଥିବା ଦିଗକୁ ଆସିଥାନ୍ତି। ଇଲିଶି ସାଧାରଣତଃ ଗଭୀର ସମୁଦ୍ର ଜଳ ରାଶିରେ ଦଳ ଦଳ ହୋଇ ରହିଥାନ୍ତି। ୟାସ୍ ବାତ୍ୟାରେ ସାମୁଦ୍ରିକ ଜୁଆର ୧୦ ଫୁଟରୁ ଅଧିକ କୂଳକୁ ମାଡ଼ି ଆସିଥିଲା। ଯାହା ଫଳରେ ଇଲିଶିଗୁଡିକ ବିଭିନ୍ନ ନଦୀକୁ ପ୍ରବେଶ କରିଛନ୍ତି। ଏହି ମାଛ ଗୋବରୀ ନଦୀରେ ପ୍ରଚୁର ପରିମାଣର ମିଳୁଥିବାରୁ ପାଖ ଗାଁ ଲୋକେ ଭଉଁରୀ ଜାଲ ପକାଇ ଇଲିଶି ମାଛ ଧରୁଥିବା ଦେଖିବାକୁ ମିଳିଛି।

## ହଂସୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା କେନ୍ଦ୍ର ଖୋଲିବାକୁ ଦାବି

ରାହାମା, ୪।୬ (ଡି.ଏନ୍.ଏ)

କୁଜଙ୍ଗ ବ୍ଲକ ହଂସୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକା କେନ୍ଦ୍ର ଖୋଲିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ପ୍ରସନ୍ନ ପଣ୍ଡାଙ୍କୁ ସେମାନେ ଦାବିପତ୍ର ଦେଇଛନ୍ତି। ଦାବିରେ ରାହାମାରେ ଗୋଟିଏ ମାତ୍ର ଟିକାକରଣ କେନ୍ଦ୍ର ଯୋଗୁ ଅଧିକ ଭିଡ଼ ହେଉଛି। ପ୍ରାୟ ଭୋର ୪ଟାରୁ ଲୋକଙ୍କ ଭିଡ଼ ଜମୁଛି। ୨୦୦ ଟିକା ପାଇଁ ୨୦୦୦ରୁ ଊର୍ଦ୍ଧ୍ୱ ଲୋକ ଲାଇନ୍‌ରେ ଠିଆ ହେଉଛନ୍ତି। ଫଳରେ ଗୋଷ୍ଠୀ ସଂକ୍ରମଣ ହେବାର ଆଶଙ୍କା ରହିଛି। ଏ ନେଇ ହଂସୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଏକ ଟିକାକରଣ କେନ୍ଦ୍ର ଖୋଲାଯାଉ। ଏ ସମ୍ପର୍କରେ ପଣ୍ଡା କହିଛନ୍ତି, ହଂସୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଏକ ଟିକାକରଣ କେନ୍ଦ୍ର ଖୋଲିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି। ଏହା ପରେ ଯେଉଁ ଟିକା ଆସିବ ହଂସୁଆରେ ଦିଆଯିବ।

## ପଟ୍ଟାମୁଣ୍ଡାଇରେ ୨୪ ପଜିଟିଭ

ପଟ୍ଟାମୁଣ୍ଡାଇ,୪।୬(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରୁ ୨୪ ଜଣ କରୋନା ପଜିଟିଭ ଶୁକ୍ରବାର ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଖଡିଅଣ୍ଟାରୁ୩, ଦାଣ୍ଡିସାହିରୁ୩, ଅଳପୁଆରୁ ୨, ନୂଆପଡାରୁ ୨, ସାନମୂଳବସନ୍ତ, ନରସିଂହପୁର, ଆଇନିପଡା, ସିଧବାଲି ଓ କୈଳାସି ଗ୍ରାମରୁ ଜଣେ ଲେଖାଏ କାରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ପୌରାଞ୍ଚଳର ତନୁପୁରରୁ ୨, କଷଣଅଣ୍ଡାରୁ ୨, ପଟ୍ଟମୁଣ୍ଡାଇରୁ ୨, ବେଲତଳ, ପୋଖରିଆପଡା, ବାଲିପଡାରୁ ଜଣେ ଲେଖାଏ କାରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

## ନାଉଗାଁ ତହସିଲ ପକ୍ଷରୁ ବୁଲିଲା ରାଜସ୍ୱ ରଥ




ତହସିଲଦାର ଜଣେ ଆବେଦନକାରୀଙ୍କୁ ଜମି ସମ୍ପର୍କିତ କାଗଜପତ୍ର ପ୍ରଦାନ କରୁଛନ୍ତି।

ନାଉଗାଁ,୪।୬(ସ୍ୱ.ପ୍ର.)

ଲକ୍‌ଡାଉନ ସମୟରେ ଜନସାଧରଣଙ୍କୁ ସୁବିଧାରେ ସେବା ଯୋଗାଇ ଦେବା ପାଇଁ ନାଉଗାଁ ତହସିଲ ପକ୍ଷରୁ ଶୁକ୍ରବାର ରାଜସ୍ୱ ରଥର ଶୁଭାରମ୍ଭ ହୋଇଛି। ଏହି ରଥ ମାଧ୍ୟମରେ ଅନ୍‌ଲାଇନ ମାଧ୍ୟମରେ ଜମିପଟ୍ଟା ପାଇଁ ଆବେଦନ କରିଥିବା ଲୋକଙ୍କୁ ପଟ୍ଟା ଓ ଅନ୍ୟାନ୍ୟ ଜମିଜମା ସମ୍ପର୍କିତ କାଗଜପତ୍ର ପ୍ରଦାନ କରାଯିବ। ତହସିଲଦାର ଜେ.କଳ୍ପନା ବିଭିନ୍ନ ରାଜସ୍ୱସର୍କଲକୁ ଯାଇ ଏହି ସେବା ପ୍ରଦାନ କରୁଛନ୍ତି।

## ଆହତ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଲେ ଆଇଆଇସି

ଆଳି,୪।୬(ଡି.ଏନ.ଏ)

ଆଳି ଥାନା ଆଇଆଇସି ଶୁକ୍ରବାର ଦିନ ନିଜ ଡ୍ୟୁଟିରୁ ଫେରିବା ସମୟରେ ବାଟରେ ଜଣେ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରି ମାନବିକତାର ପରିଚୟ ଦେଇଛନ୍ତି। ଚଉଦ କୁଲାଟ ଅଞ୍ଚଳର ତବସମ ବିବି ନାମକ ଜଣେ ମହିଳା ଆଳି ପଟରୁ ଏକ ବାଇକ୍ ଯୋଗେ ଫେରିବା ସମୟରେ କଟକ-ଚାନ୍ଦବାଲି ରାସ୍ତାର ଛପୋଲିଆ ନିକଟରେ କୌଣସି କାରଣରୁ ଦୁର୍ଘଟଣାର



ଆହତଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

ଶିକାର ହୋଇଥିଲେ। ମହିଳା ଜଣକ ରାସ୍ତାରେ ପଡିଥିବା ବେଳେ ପଟ୍ଟାମୁଣ୍ଡାଇ ପଟରୁ ଆଇଆଇସି ସଲିଲ କୁମାର ପ୍ରଧାନ ଡ୍ୟୁଟିରୁ ଫେରୁଥିଲେ। ଏଭଳି ଘଟଣା ଦେଖି ସେ ଅଟକି ଯାଇଥିଲେ। ସେ ଆଳି ଦମକଳ ବିଭାଗକୁ ଏ ବିଷୟରେ ଜଣାଇ ଆହତ ମହିଳାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳାଙ୍କ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଆଇଆଇସି ପ୍ରଧାନ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## 'ପ୍ରତ୍ୟେକଙ୍କୁ ଟିକା ଦିଆଯାଉ'

ଜଗତ୍‌ସିଂହପୁର ଅଫିସ, ୪।୬

ଭାରତର ପ୍ରତ୍ୟେକ ନାଗରିକଙ୍କୁ ଟିକା ଦିଆଯାଉ। ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏହି ଦାବି କରାଯାଇଛି । ଏହାକୁ ସମର୍ଥନ କରି ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସମୟରେ ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଜିଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି ଓ ଯୁବ କଂଗ୍ରେସ କୋଷାଧ୍ୟକ୍ଷ ବିଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।




କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

# ମିଶ୍ରଣରେ ସାମିଲ ସ୍କୁଲକୁ ଅଡୁଆ

- ହାଇକୋର୍ଟର ରୋକ ପରେ ବି ପୁନଃ ବିଭାଜନ ହୋଇନି
- ବହୁ ଶିକ୍ଷାର୍ଥୀ ଅଧିକ ରାସ୍ତା ଚାଲିବାକୁ ନାରାଜ
- ସରକାରଙ୍କ ତୁରନ୍ତ ପଦକ୍ଷେପ ପାଇଁ ଅଭିଭାବକଙ୍କ ଦାବି

କେନ୍ଦ୍ରାପଡ଼ା ଅଫିସ, ୪।୬

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦ରୁ କମ୍ ଶିକ୍ଷାର୍ଥୀ ଥିବା ସ୍କୁଲକୁ ନିକଟସ୍ଥ ସ୍କୁଲ ସହ ମିଶ୍ରଣ ପାଇଁ ୨୦୨୦ ମାର୍ଚ୍ଚ ୧୧ରେ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରି କେନ୍ଦ୍ରାପଡ଼ା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜାନୁୟାରୀ ୧୩ ସୁଦ୍ଧା ପ୍ରସ୍ତାବିତ ୨୧୭ଟିରୁ ୨୦୨ଟି ସ୍କୁଲର ମିଶ୍ରଣ କରିଛନ୍ତି। ତେବେ ଚଳିତବର୍ଷ ମେ' ୪ ରେ ଏ ନେଇ ହୋଇଥିବା ମାମଲାର ବିଚାର କରି ଓଡ଼ିଶା ହାଇକୋର୍ଟ ବିଚାରପତି ବି.ଆର. ଷଡ଼ଙ୍ଗୀ ଏହି ସ୍କୁଲ ମିଶ୍ରଣକୁ ଅଗ୍ରାହ୍ୟ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପୁନଃ ବିଭାଜନ କରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାକୁ ମାସେ ବିତିବାକୁ ବସିଥିଲେ ହେଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏ ନେଇ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ଫଳରେ ମିଶ୍ରଣରେ ସାମିଲ ୨୦୨ ସ୍କୁଲ ପାଇଁ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଅଭିଭାବକ ଓ ଶିକ୍ଷାର୍ଥୀମାନେ ଏହାକୁ ବିରୋଧ କରିଛନ୍ତି।

ଏ ସମ୍ପର୍କରେ ଆଇନଜୀବୀ ସରୋଜରାଜ ସିଂହ, ସାମାଜିକ କର୍ମୀ ବାନାମ୍ବର ସାହୁ, ଅଭିଭାବକ ଅମରବର ବିଶ୍ୱାଳ ପ୍ରମୁଖ କହିଛନ୍ତି, ବିକଶିତ ରାଷ୍ଟ୍ର ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତୃଣମୂଳରୁ ଏହାର ସୁଧାର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ନିଷ୍ଠାବାନ ଅଛନ୍ତି। ତେବେ କେତେକ କ୍ଷେତ୍ରରେ ଶିକ୍ଷାଦାନ ଏକ ସେବା ନ ହୋଇ ବ୍ୟବସାୟରେ ପରିଣତ ହୋଇଛି। ଫଳରେ ବେସରକାରୀ ସ୍କୁଲର ଗୁରୁତ୍ୱ ବଢ଼ି ଚାଲିଥିବା ବେଳେ ସରକାରୀ ସ୍କୁଲର ଶିକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ପାଉଛି। ଏଥିପାଇଁ ବିଭିନ୍ନ ସରକାରୀ ଯୋଜନା ସତ୍ତ୍ୱେ ସରକାରୀ ସ୍କୁଲର ଉପସ୍ଥାନ କମ ରହୁଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସକୁ ଉଦ୍‌ବେଗ ପ୍ରକାଶ କରି ୨୦୨୦ରେ ସ୍କୁଲ ମିଶ୍ରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ୨୧୦ ପ୍ରାଥମିକ, ୪ଟି ଉଚ୍ଚ ପ୍ରାଥମିକ ଓ ୩ଟି ହାଇସ୍କୁଲ ମିଶ୍ରଣ ପାଇଁ ପ୍ରସ୍ତାବ ରହିଥିଲା। ଅଦ୍ୟାବଧି ୧୪ଟି ପ୍ରାଥମିକ ଓ ଗୋଟିଏ ହାଇସ୍କୁଲ ବାଦ ପଡିଛି। ଏହି ସ୍କୁଲଗୁଡିକର ମିଶ୍ରଣ ସ୍ଥାନୀୟ ଅଞ୍ଚଳରେ ସମସ୍ୟା ସୃଷ୍ଟି କରିଛି। ପ୍ରଥମରେ ପ୍ରତି ୧ କି.ମି. ମଧ୍ୟରେ ପ୍ରାଥମିକ ଶିକ୍ଷା ପାଇବା ନୀତି କାର୍ଯ୍ୟକାରୀ ହୋଇପାରିବ ନାହିଁ। ସେହିପରି କୋମଳମତି ଛାତ୍ରୀଛାତ୍ରଙ୍କୁ ୨ରୁ ୫ କି.ମି. ରାସ୍ତା ଦୂରରେ ଥିବା ସ୍କୁଲକୁ ଯିବାରେ ଅସୁବିଧା ଅଛି। ଅପରପକ୍ଷରେ ସରକାର ସ୍କୁଲ ଗୃହକୁ ସୁନ୍ଦର କରିବା ଦିଗରେ ଯେତିକି ଆଗ୍ରହୀ ଅଛନ୍ତି, ସେହି ପରିମାଣରେ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। ଶିକ୍ଷକ ଅଭାବରୁ ଗୁଣାତ୍ମକମାନର ଶିକ୍ଷାଦାନ ହ୍ରାସ ପାଇଛି। ଫଳରେ ସାମାନ୍ୟ ଉଚ୍ଚାଭିଳାଷୀ ଅଭିଭାବକ ସରକାରୀ ପରିବର୍ତ୍ତେ ବେସରକାରୀ ସ୍କୁଲ ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ସମସ୍ତଙ୍କ ପାଇଁ ଶିକ୍ଷା ଏକ ମୌଳିକ ଆବଶ୍ୟକତା ହୋଇଥିବାବେଳେ ଏଥିପାଇଁ ଅଧିକାର ଆଇନ ଥାଇ ମଧ୍ୟ ପରୋକ୍ଷରେ ବେସରକାରୀ ସ୍କୁଲରେ ଶିକ୍ଷା ବ୍ୟବସାୟକୁ ପ୍ରୋତ୍ସାହିତ କରାଯାଇଛି। ଉଚ୍ଚ ନ୍ୟାୟାଳୟରେ ଏ ନେଇ ନିର୍ଦ୍ଦେଶନାମା ପରେ ରାଜ୍ୟ ସରକାର ତୁରନ୍ତ ମିଶ୍ରଣ ପ୍ରକ୍ରିୟା ଉପରେ ରୋକ ଲଗାଇ ପୁଣି ବିଭାଜନ କରିବା କଥା। ତେବେ କେନ୍ଦ୍ରାପଡ଼ା ଜିଲାରେ ଅଦ୍ୟାବଧି ଏ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟାକାରୀ କରାଯାଉଛି। ପୁନଃ ବିଭାଜନ ପାଇଁ ନିର୍ଦ୍ଦେଶ ଆସିଲେ ଏହା କାର୍ଯ୍ୟକାରୀ କରାଯିବ।




ରାଜକନିକାର ଏକ ବିଦ୍ୟାଳୟ ।

## ମାହୁନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ହାତୀ

କେରଳର କୋଟାୟାମ ଜିଲାରେ ଗୁରୁବାର ଜଣେ ମାହୁନ୍ତଙ୍କ ମୃତ୍ୟୁରେ ତାଙ୍କ ପୋଷା ହାତୀ ଶ୍ରଦ୍ଧାଞ୍ଜଳି ଜଣାଇବା ଭଳି ବିରଳ ଆବେଗଭରା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାର ଏକ ସଂକ୍ଷିପ୍ତ ଭିଡିଓ ଭାରତୀୟ ବନ ସେବା ଅଧିକାରୀ ପରଭିନ୍ କସ୍ୱାନ ଟୁଇଟରରେ ପୋଷ୍ଟ କରିବା ପରେ ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମାହୁନ୍ତ ଦାମୋଦରନ୍ ନାୟାରଙ୍କର କ୍ୟାନ୍ସରରେ ମୃତ୍ୟୁ ଘଟିବା ପରେ ହାତୀ ପଲ୍ଲାଟ୍ଟୁ ବ୍ରହ୍ମଦାଥନ ତାଙ୍କ ଶେଷକୃତ୍ୟ ସ୍ଥଳରେ ପହଞ୍ଚି ଶୁଣ୍ଢ ଉଠାଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ମରଶରୀରକୁ ଛୁଇଁଥିଲା। ଦାମୋଦରନ୍‌ଙ୍କ ପୁଅ ହାତୀକୁ କୁଣ୍ଢାଇ ଧରି କାନ୍ଦି ପକାଇଥିଲେ।

# ହ୍ରଦରେ କମୁଛି ଅମ୍ଳଜାନ



**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନର କଥା ଉଠିଲେ ମନରେ ଉଙ୍କିମାରେ ସମୁଦ୍ର ଜଳପତ୍ତନ ବୃଦ୍ଧି, ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଭଳି ଅନେକ ସମସ୍ୟା। ଗ୍ଲୋବାଲ ୱାର୍ମିଂର ପ୍ରଭାବରେ ଛୋଟ ଅଥଚ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ପରିସଂସ୍ଥାର ଅସ୍ତିତ୍ୱ ମଧ୍ୟ ସଙ୍କଟ ଭିତରକୁ ଟାଣିହୋଇଯାଉଛି। ଏଥିରେ ଆଗରେ ରହିଛି ମଧୁର ଜଳପୂର୍ଣ୍ଣ ହ୍ରଦ। ଏଭଳି ଅନେକ ହ୍ରଦରେ ଦ୍ରବୀଭୂତ ଅମ୍ଳଜାନ ପରିମାଣ ଆଶାତୀତ ଭାବେ ହ୍ରାସ ପାଇବାରେ ଲାଗିଛି। ଫଳରେ ଏଭଳି ଜଳାଶୟକୁ ନେଇ ଗଠିତ ପରିସଂସ୍ଥାର ସଂରଚନା ବିଗିଡ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି।

ଜଳବାୟୁ ପରିବର୍ତ୍ତନଜନିତ ପ୍ରସଙ୍ଗରେ ସବୁବେଳେ ସାଗର, ମହାସାଗର ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରାଯାଉଥିବାବେଳେ ଏଥିରେ ଛୋଟ ଛୋଟ ହ୍ରଦର ଭୂମିକା ଗୌଣ ହୋଇଯାଉଛି। ହେଲେ ଏଭଳି କ୍ଷୁଦ୍ର ଜଳାଶୟ ଉପରେ ମଧ୍ୟ ତାପମାତ୍ରା ବୃଦ୍ଧିର ପ୍ରଭାବ ପଡୁଛି। ସମଶୀତୋଷ୍ଣ ଜଳବାୟୁ ଅନୁଭୂତ ହେଉଥିବା ଅଞ୍ଚଳର ୩୯୩ଟି ହ୍ରଦକୁ ଜଳନମୁନାକୁ ନେଇ ଦୀର୍ଘଦିନ ହେଲା ପରୀକ୍ଷଣ ଚାଲିଛି। ୧୯୪୧ରୁ ୨୦୧୭ ମଧ୍ୟରେ ହୋଇଥିବା ଏହି ଗବେଷଣାର ଫଳାଫଳ ବେଶ୍ ଚିନ୍ତାଜନକ। କାରଣ ବିଗତ ଦିନରେ ହ୍ରଦଜଳରେ ମିଶି ରହିଥିବା ଅମ୍ଳଜାନର ପରିମାଣ କମିବାରେ ଲାଗିଛି। ଏହି ସମସ୍ୟା କେବଳ ହ୍ରଦପୃଷ୍ଠ ଦେଶରେ ସୀମିତ ହୋଇ ରହିନାହିଁ। ହ୍ରଦର ଆଭ୍ୟନ୍ତରୀଣ ଅଞ୍ଚଳରେ ମଧ୍ୟ ଅନୁରୂପ ପ୍ରଭାବ ଦେଖିବାକୁ ମିଳିଥିବା

**ଜଳବାୟୁ ପରିବର୍ତ୍ତନ କାରଣରୁ ମଧୁର ଜଳପୂର୍ଣ୍ଣ ହ୍ରଦର ଅମ୍ଳଜାନସ୍ତର କମିବାରେ ଲାଗିଛି। ଏହାଦ୍ୱାରା ଜୀବଜଗତ ସମେତ ପରିବେଶ ଉପରେ ବଡ଼ ବିପତ୍ତି ଘନେଇବାରେ ଲାଗିଛି।**

ବିଶେଷଜ୍ଞମାନେ କହିଛନ୍ତି। ହ୍ରଦରେ ଦ୍ରବୀଭୂତ ଅମ୍ଳଜାନ ସାନ୍ଦ୍ରତାରେ ଏଭଳି ହ୍ରାସ ଦୃଶ୍ୟମାନ ନ ହେଲେ ବି ଏହାର ପ୍ରଭାବ ବ୍ୟାପକ। ଏହାଦ୍ୱାରା ଜୈବ ଭୂରସାୟନ ପ୍ରଭାବିତ ହେବା ଆଶଙ୍କା ସର୍ବାଧିକ, ଯାହାର ସିଧାସଳଖ ପ୍ରଭାବ ମାନବ ସଭ୍ୟତା ଉପରେ ପଡ଼ିବ। ଫଳରେ ଏକ ବୃହତ୍ ଜନସଂଖ୍ୟା ଏହାଦ୍ୱାରା ପ୍ରଭାବିତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପଟେ ଅମ୍ଳଜାନସ୍ତର ହ୍ରାସ ପାଇବା ପରେ ହ୍ରଦରେ ବ୍ୟାକ୍ଟେରିଆ ବଂଶ ବୃଦ୍ଧି ପାଏ। ସେମାନେ ମାତ୍ରାଧିକ ମିଥେନ ନିର୍ଗମନ କରିଥାଆନ୍ତି, ଯାହା ଗ୍ରୀନ୍‌ହାଉସ୍ ଭଳି ସମସ୍ୟାକୁ ଆମନ୍ତ୍ରଣ କରେ ବୋଲି ବିଶେଷଜ୍ଞ ଦଳ କହିଛନ୍ତି।

ନ୍ୟୁୟର୍କସ୍ଥିତ ରେନ୍‌ସିଲିଏର ପଲିଟେକ୍‌ନିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପରିବେଶ ଜୀବବିଜ୍ଞାନୀ କେଭିନ୍ ରୋଜ୍‌ଙ୍କ କହିବା କଥା, ସବୁ ଜଟିଳ ଜୀବନ ଅକ୍ସିଜେନ ଉପରେ ନିର୍ଭରଶୀଳ। ଜଳଚର ପ୍ରାଣୀଙ୍କ ଖାଦ୍ୟର ପ୍ରମୁଖ ମାଧ୍ୟମ ଜଳ। ଜଳରେ ଅମ୍ଳଜାନର ସ୍ତର କମିଯିବା ଫଳରେ ଖାଦ୍ୟପ୍ରଣାଳୀ ଭୟଙ୍କର ଭାବେ ପ୍ରଭାବିତ ହୁଏ। ଏହି ଧାରା ଜାରି ରହିଲେ ବୃହତ୍ ସଂଖ୍ୟକ ଜଳଚର ଜୀବ ପ୍ରଜାତି ଲୋପ ପାଇଯିବ। ରୋଜ୍ ଆହୁରି ମଧ୍ୟ କହିଛନ୍ତି, ମହାସାଗର ତୁଳନାରେ ହ୍ରଦଗୁଡ଼ିକରେ ୨.୭୫ରୁ ୯.୩ ଗୁଣ ଅଧିକ ଅକ୍ସିଜେନ କମିବାରେ ଲାଗିଛି। ଗତ ୪ ଦଶନ୍ଧି ମଧ୍ୟରେ ଏହି ମାତ୍ରା ୫.୫% ହାରରେ କମିବାରେ ଲାଗିଛି। ଅନ୍ୟପଟେ କେତେକ ହ୍ରଦର ଅମ୍ଳଜାନ ଏବଂ ତାପମାତ୍ରା ଉଭୟ ବଢ଼ିଥିବା ପରିଲକ୍ଷିତ ହୋଇଛି। ଏହା ପଛରେ 'ସାଇନୋ ବ୍ୟାକ୍ଟେରିଆ' ଥିବା ବୈଜ୍ଞାନିକମାନେ କହିଛନ୍ତି। 'ସାଇନୋ ବ୍ୟାକ୍ଟେରିଆ' ମୁଖ୍ୟତଃ ଜମି ଏବଂ ସହରାଞ୍ଚଳର ପୋଷଣଯୁକ୍ତ ପାଣିରେ ଅଧିକ ମାତ୍ରାରେ ଦେଖାଯାଆନ୍ତି। ବର୍ଷାପାଣି ସହିତ ଏହି ବ୍ୟାକ୍ଟେରିଆ ହ୍ରଦରେ ପହଞ୍ଚିଥାଆନ୍ତି। ଏହି ପ୍ରଜାତିର ବ୍ୟାକ୍ଟେରିଆ ପୃଥକ୍ ଭାବେ ଅମ୍ଳଜାନ ସୃଷ୍ଟି କରିବାରେ ସକ୍ଷମ। ତେଣୁ ଉକ୍ତ ହ୍ରଦଗୁଡ଼ିକରେ ଉଭୟ ଅମ୍ଳଜାନ ଏବଂ ତାପମାତ୍ରା ସମାନ୍ତରାଳ ଭାବେ ବଢୁଥିବା ଜଣାପଡ଼ିଛି।

### ତାପମାତ୍ରା ବୃଦ୍ଧି ପାଇଁ ସମସ୍ୟା

ତାପମାତ୍ରା ବୃଦ୍ଧି ଫଳରେ ବାୟୁମଣ୍ଡଳ ଉତ୍ତପ୍ତ ହେଉଛି। ଏହି ଗରମ ବାୟୁ ହ୍ରଦର ଉପରି ଭାଗ ଦେଇ ପ୍ରବାହିତ ହେଲା ବେଳେ ପାଣିକୁ ଉଷ୍ମ କରିଦେଉଛି। ଏଭଳି ପରିସ୍ଥିତିରେ ଏଥିରେ ଅମ୍ଳଜାନ ମିଶିବା କଷ୍ଟକର ହୋଇଯାଉଛି। ହ୍ରଦ ପୃଷ୍ଠର ପାଣି ଦୀର୍ଘ ସମୟ ଉତ୍ତପ୍ତ ରହିଲେ ଏହି ପ୍ରକ୍ରିୟା ଅଧିକ ସମୟ ଯାଏ ଚାଲୁଛି। ଫଳରେ ଯେତେ ପରିମାଣର ଅମ୍ଳଜାନ ମିଶିବା କଥା ତାହା ହୋଇପାରୁନାହିଁ। ହ୍ରଦର ଗଭୀର ଜଳରେ ମଧ୍ୟ ଅମ୍ଳଜାନ ସ୍ତର ହ୍ରାସ ପାଇବାରେ ଲାଗିଛି। ସାଗର, ମହାସାଗରରେ ଅନୁରୂପ ସମସ୍ୟା ଦୃଷ୍ଟିଗୋଚର ହେଉଥିବା ବିଶେଷଜ୍ଞମାନେ କହିଛନ୍ତି।



# ଆଦିତ୍ୟ ଧରଙ୍କ ହାତ ଧରିଲେ ୟାମୀ


**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ୟାମୀ ଗୌତମ ନିଜ ପିରବାର ଲୋକଙ୍କ ଉପସ୍ଥିତିରେ ବିବାହ କରିଛନ୍ତି। ସେ 'ଉରି ଦି ସର୍ଜିକାଲ ଷ୍ଟ୍ରାଇକ୍'ର ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ହାତ ଧରିଛନ୍ତି। ଏହି ଅବସରରେ ସେ ଫ୍ୟାନ୍‌ମାନଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି। ୟାମୀ ତାଙ୍କ ବିବାହ ବେଳର ପ୍ରଥମ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଫଟୋ ସହ କ୍ୟାପ୍ସନରେ ସେ ଲେଖିଛନ୍ତି, 'ତୁମ୍ହାରି ରୋଷନି ମେ ମେନେ ପ୍ୟାର ଶିଖା ହେ'। ଏଥିରେ ଲାଲ ଯୋଡ଼ା ପିନ୍ଧିଥିବା ୟାମୀଙ୍କୁ ବୋହୂ ବେଶରେ ଦେଖିବାକୁ ମିଳିଛି। ଆଦିତ୍ୟ ଓ ୟାମୀ ପରସ୍ପରକୁ ଦେଖି ମୁରୁକି ହସୁଛନ୍ତି। ଆଦିତ୍ୟ ଧଳାରଙ୍ଗର ଶେରୱାନି ଓ ପଗଡ଼ିରେ ନଜର ଆସୁଛନ୍ତି। ସୁନ୍ଦରୀ ୟାମୀ ଓ ତାଙ୍କ ନିର୍ଦ୍ଦେଶକ ସ୍ୱାମୀଙ୍କୁ ସୋସିଆଲ ମିଡିଆରେ ଫ୍ୟାନ୍ ତଥା ସେଲିବ୍ରିଟିମାନେ ଅଭିନନ୍ଦନ ଜଣାଇଛନ୍ତି।

# ବିଚାରପତିଙ୍କୁ ଜୋତା ଫିଙ୍ଗିବାରୁ ୧୮ ମାସ ଜେଲ



**ଅହମ୍ମଦାବାଦ:** ଗୁଜରାଟ ହାଇକୋର୍ଟରେ ଜଣେ ବିଚାରପତିଙ୍କୁ ଜୋତା ଫିଙ୍ଗିବାରୁ ଜଣେ ବ୍ୟକ୍ତିଙ୍କୁ ଦେଢ଼ବର୍ଷ ପାଇଁ ଜେଲ ଦଣ୍ଡାଦେଶ ହୋଇଛି। ରାଜକୋଟ ଜିଲା ଭୟଭଦର ଚା' ଦୋକାନୀ ଭବାନୀଦାସ ଭବାଜୀ ଏକ ମାମଲାର ଫଇସଲା ପାଇଁ ହାଇକୋର୍ଟ ଧାଇଁ ଧାଇଁ ନୟାନ୍ତ ହୋଇଯାଇଥିଲେ। ୨୦୧୨ ଏପ୍ରିଲ ୧୨ରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାଭେରିଙ୍କ ଉପରକୁ ଅନ୍ୟ ଏକ ମାମଲାର ଶୁଣାଣି ବେଳେ ଜୋତା ଫିଙ୍ଗିଥିଲେ। ତେବେ ସୌଭାଗ୍ୟବଶତଃ ତାହା ଜଷ୍ଟିସ୍ ଝାଭେରିଙ୍କ ଦେହରେ ବାଜି ନ ଥିଲା। କାହିଁକି ଜୋତା ଫିଙ୍ଗିଲ ବୋଲି ପ୍ରଶ୍ନ କରାଯିବାରୁ ତାଙ୍କ ମାମଲାର ଶୁଣାଣି ହେଉ ନ ଥିବାରୁ ହତାଶ ହୋଇ ସେ ଏପରି କରିଥିବା କହିଥିଲେ। ରାସ୍ତାକଡ଼ରେ ଥିବା ତାଙ୍କ ଚା' ଦୋକାନକୁ ଭୟଭଦର ପୌରପାଳିକା ହଟାଇଦେଇଥିଲା। ଫଳରେ ସେ ବେରୋଜଗାର ହୋଇ ମାନସିକ ଭାରସାମ୍ୟ ହରାଇଥିଲେ। ଅହମ୍ମଦାବାଦକୁ ଯାଇ ହାଇକୋର୍ଟଙ୍କ ବିଚାର ଶୁଣିବାକୁ ତାଙ୍କ ପାଖରେ ଟଙ୍କା ନ ଥିବାରୁ ଧାର କରିବାକୁ ପଡ଼ିଥିଲା। ଏଥିଲାଗି ସେ ଜୋତା ଫିଙ୍ଗିଥିଲେ ବୋଲି କହିଥିଲେ। ରାଜକୋଟ ଜିଲା ମିର୍ଜାପୁର ରୁରାଲ କୋର୍ଟର ବିଚାରବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍ ଭି.ଏ. ଧଧାଲ ଗୁରୁବାର ଏହି ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଭବାନୀଦାସଙ୍କୁ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୫୩ ଅନୁସାରେ ଦୋଷୀ ସାବ୍ୟସ୍ତ କରି ୧୮ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ତାଙ୍କ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଭବାନୀ ଦାସଙ୍କୁ କୌଣସି ଜରିମାନା କରାଯାଇ ନାହିଁ।

# ବାଘ, ସିଂହର କରୋନା ମୃତ୍ୟୁ



**ରାଞ୍ଚି/ଚେନ୍ନାଇ**

ତାମିଲନାଡୁର ଭଣ୍ଡାଲୁରସ୍ଥିତ ଆରିଗ୍‌ନାର ଆନ୍ନା ଜାତୀୟ ଉଦ୍ୟାନରେ ୯ ସିଂହ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯ ବର୍ଷର ଏକ ମାଈ ସିଂହର ମୃତ୍ୟୁ ଘଟିଛି। ଜୁଲୋଜିକାଲ ପାର୍କର ସଫାରି ଏରିଆରେ ରଖାଯାଇଥିବା ଏହି ସିଂହଟି ଗୁରୁବାର ସନ୍ଧ୍ୟା ୬ଟା ୧୫ରେ ଆଖି ବୁଜିଦେଇଥିଲା ବୋଲି ଶୁକ୍ରବାର ଏକ ପ୍ରେସ୍ ରିଲିଜ୍‌ରେ କୁହାଯାଇଛି। ସେହିପରି ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଥିବା ଭଗବାନ ବିର୍ସା ମୁଣ୍ଡା ବାୟୋଲୋଜିକାଲ ପାର୍କରେ ୧୦ ବର୍ଷର ଅଣ୍ଡିରା ବାଘ 'ଶିବା' ମଧ୍ୟ ଗୁରୁବାର ରାତିରେ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ଶିବାକୁ ୨୦୧୪ରେ ବେଙ୍ଗାଲୁରୁରୁ ଉକ୍ତ ଚିଡ଼ିଆଖାନାକୁ ଅଣାଯାଇଥିଲା। ଗତ ୪ ଦିନ ଧରି ବାଘଟି ଜ୍ୱର ଓ ସଂକ୍ରମଣରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲା ବୋଲି ଜୁ'ର ପ୍ରାଣୀ ଚିକିତ୍ସକ ଡ. ଓମ୍ ପ୍ରକାଶ ସାହୁ ସୂଚନା ଦେଇଛନ୍ତି।

## ଖେଳ ଖବର

# ୟୁଏଫା ୟୁରୋ ଫୁଟ୍‌ବଲ

ୟୁଏଫା ୟୁରୋ ଫୁଟ୍‌ବଲ ଚାମ୍ପିୟନଶିପ୍ ଚଳିତ ମାସ ୧୧(ଭାରତୀୟ ସମୟ ଜୁନ୍ ୧୨ ରାତି ୧୨ଟା ୩୦)ରୁ ଜୁଲାଇ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରକୃତରେ ଏହି ପ୍ରତିଯୋଗିତା ୨୦୨୦ ଜୁନ୍ ୧୨ରୁ ଜୁଲାଇ ୧୨ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କୋଭିଡ୍-୧୯ ମହାମାରୀ କାରଣରୁ ଏହାକୁ ସ୍ଥଗିତ ରଖା ଯାଇଥିଲା। ତେଣୁ ପ୍ରତିଯୋଗିତାର ନାମ ୟୁଏଫା ୟୁରୋ-୨୦୨୦ ଅପରିବର୍ତ୍ତିତ ରହିଛି। ଟୁର୍ନାମେଣ୍ଟର ୬୦ ବର୍ଷ ଇତିହାସରେ ଏଥର ପ୍ରଥମ ଥର ପାଇଁ ପ୍ରତିଯୋଗିତା ୟୁରୋପର ୧୧ଟି ବୃହତ୍ ସହରରେ ଅନୁଷ୍ଠିତ ହେବ। ଆୟୋଜକ ସହରଗୁଡ଼ିକ ହେଲେ ଲଣ୍ଡନ, ସେଭିଲେ, ଗ୍ଲାସ୍‌ଗୋ, କୋପେନହାଗେନ, ବୁଦାପେଷ୍ଟ, ଆମଷ୍ଟରଡାମ, ବୁକାରେଷ୍ଟ, ରୋମ୍, ମ୍ୟୁନିଚ୍, ବାକୁ ଏବଂ ସେଣ୍ଟ ପିଟର୍ସବର୍ଗ।

**ଲିଗ୍ ପର୍ଯ୍ୟାୟ କାର୍ଯ୍ୟସୂଚୀ**

| ତାରିଖ | ମ୍ୟାଚ | ସମୟ | ସ୍ଥାନ |
|---|---|---|---|
| ଜୁନ୍ ୧୨ | ତୁର୍କୀ ବନାମ ଇଟାଲୀ | ରାତି ୧୨.୩୦ | ରୋମ୍ |
| | ୱେଲ୍ସ ବନାମ ସୁଇଜରଲାଣ୍ଡ | ସନ୍ଧ୍ୟା ୬ଟା ୩୦ | ବାକୁ |
| | ଡେନ୍‌ମାର୍କ ବନାମ ଫିନ୍‌ଲାଣ୍ଡ | ରାତି ୯ଟା ୩୦ | କୋପେନହାଗେନ |
| ଜୁନ୍ ୧୩ | ବେଲଜିୟମ ବନାମ ରୁଷିଆ | ରାତି ୧୨ଟା ୩୦ | ସେଣ୍ଟ ପିଟର୍ସବର୍ଗ |
| | ଇଂଲଣ୍ଡ ବନାମ କ୍ରୋଏସିଆ | ସନ୍ଧ୍ୟା ୬ଟା ୩୦ | ଲଣ୍ଡନ |
| | ଅଷ୍ଟ୍ରିଆ ବନାମ ନର୍ଥ ମେସେଡୋନିଆ | ରାତି ୯ଟା ୩୦ | ବୁକାରେଷ୍ଟ |
| ଜୁନ୍ ୧୪ | ନେଦରଲାଣ୍ଡ୍ସ ବନାମ ୟୁକ୍ରେନ | ରାତି ୧୨ଟା ୩୦ | ଆମଷ୍ଟରଡାମ |
| | ସ୍କଟଲାଣ୍ଡ ବନାମ ଚେକ୍ ରିପବ୍ଲିକ୍ | ସନ୍ଧ୍ୟା ୬ଟା ୩୦ | ଗ୍ଲାସ୍‌ଗୋ |
| | ପୋଲାଣ୍ଡ ବନାମ ସ୍ଲୋଭାକିଆ | ରାତି ୯ଟା ୩୦ | ସେଣ୍ଟ ପିଟର୍ସବର୍ଗ |
| ଜୁନ୍ ୧୫ | ସ୍ପେନ ବନାମ ସ୍ୱିଡେନ | ରାତି ୧୨ଟା ୩୦ | ସେଭିଲେ |
| | ହଙ୍ଗେରି ବନାମ ପର୍ତ୍ତୁଗାଲ | ରାତି ୯ଟା ୩୦ | ବୁଦାପେଷ୍ଟ |
| ଜୁନ୍ ୧୬ | ଫ୍ରାନ୍ସ ବନାମ ଜର୍ମାନୀ | ରାତି ୧୨ଟା ୩୦ | ମ୍ୟୁନିଚ୍ |
| | ଫିନ୍‌ଲାଣ୍ଡ ବନାମ ରୁଷିଆ | ସନ୍ଧ୍ୟା ୬ଟା ୩୦ | ସେଣ୍ଟ ପିଟର୍ସବର୍ଗ |
| | ତୁର୍କୀ ବନାମ ୱେଲ୍ସ | ରାତି ୯ଟା ୩୦ | ବାକୁ |
| ଜୁନ୍ ୧୭ | ଇଟାଲୀ ବନାମ ସୁଇଜରଲାଣ୍ଡ | ରାତି ୧୨ଟା ୩୦ | ରୋମ୍ |
| | ୟୁକ୍ରେନ ବନାମ ନର୍ଥ ମାସେଡୋନିଆ | ସନ୍ଧ୍ୟା ୬ଟା ୩୦ | ବୁକାରେଷ୍ଟ |
| | ଡେନ୍‌ମାର୍କ ବନାମ ବେଲଜିୟମ | ରାତି ୯ଟା ୩୦ | କୋପେନହାଗେନ |
| ଜୁନ୍ ୧୮ | ନେଦରଲାଣ୍ଡ୍ସ ବନାମ ଅଷ୍ଟ୍ରିଆ | ରାତି ୧୨ଟା ୩୦ | ଆମଷ୍ଟରଡାମ |
| | ସ୍ୱିଡେନ ବନାମ ସ୍ଲୋଭାକିଆ | ସନ୍ଧ୍ୟା ୬ଟା ୩୦ | ସେଣ୍ଟ ପିଟର୍ସବର୍ଗ |
| | କ୍ରୋଏସିଆ ବନାମ ଚେକ୍ ରିପବ୍ଲିକ | ରାତି ୯ଟା ୩୦ | ଗ୍ଲାସ୍‌ଗୋ |
| ଜୁନ୍ ୧୯ | ଇଂଲଣ୍ଡ ବନାମ ସ୍କଟଲାଣ୍ଡ | ରାତି ୧୨ଟା ୩୦ | ଲଣ୍ଡନ |
| | ହଙ୍ଗେରି ବନାମ ଫ୍ରାନ୍ସ | ସନ୍ଧ୍ୟା ୬ଟା ୩୦ | ରୋମ୍ |
| | ପର୍ତ୍ତୁଗାଲ ବନାମ ଜର୍ମାନୀ | ରାତି ୯ଟା ୩୦ | ଜର୍ମାନୀ |
| ଜୁନ୍ ୨୦ | ସ୍ପେନ ବନାମ ପୋଲାଣ୍ଡ | ରାତି ୧୨ଟା ୩୦ | ସେଭିଲେ |
| | ଇଟାଲୀ ବନାମ ୱେଲ୍ସ | ସନ୍ଧ୍ୟା ୬ଟା ୩୦ | ରୋମ୍ |
| | ସୁଇଜରଲାଣ୍ଡ ବନାମ ତୁର୍କୀ | ରାତି ୯ଟା ୩୦ | ବାକୁ |
| ଜୁନ୍ ୨୧ | ନର୍ଥ ମାସେଡୋନିଆ ବନାମ ନେଦରଲାଣ୍ଡ୍ସ | ରାତି ୯ଟା ୩୦ | ଆମଷ୍ଟରଡାମ |
| | ୟୁକ୍ରେନ ବନାମ ଅଷ୍ଟ୍ରିଆ | ରାତି ୯ଟା ୩୦ | ବୁକାରେଷ୍ଟ |
| ଜୁନ୍ ୨୨ | ରୁଷିଆ ବନାମ ଡେନ୍‌ମାର୍କ | ରାତି ୧୨ଟା ୩୦ | କୋପେନହାଗେନ |
| | ଫିନ୍‌ଲାଣ୍ଡ ବନାମ ବେଲଜିୟମ | ରାତି ୧୨ଟା ୩୦ | ସେଣ୍ଟ ପିଟର୍ସବର୍ଗ |
| ଜୁନ୍ ୨୩ | ଚେକ୍ ରିପବ୍ଲିକ ବନାମ ଇଂଲଣ୍ଡ | ରାତି ୧୨ଟା ୩୦ | ଲଣ୍ଡନ |
| | କ୍ରୋଏସିଆ ବନାମ ସ୍କଟଲାଣ୍ଡ | ରାତି ୧୨ଟା ୩୦ | ଗ୍ଲାସ୍‌ଗୋ |
| | ସ୍ଲୋଭାକିଆ ବନାମ ସ୍ପେନ | ରାତି ୯ଟା ୩୦ | ସେଭିଲେ |
| | ସ୍ୱିଡେନ ବନାମ ପୋଲାଣ୍ଡ | ରାତି ୯ଟା ୩୦ | ସେଣ୍ଟ ପିଟର୍ସବର୍ଗ |
| ଜୁନ୍ ୨୪ | ଜର୍ମାନୀ ବନାମ ହଙ୍ଗେରୀ | ରାତି ୧୨ଟା ୩୦ | ମ୍ୟୁନିଚ୍ |
| | ପର୍ତ୍ତୁଗାଲ ବନାମ ଫ୍ରାନ୍ସ | ରାତି ୧୨ଟା ୩୦ | ବୁଦାପେଷ୍ଟ |

ବି.ଦ୍ର: ୬ଟି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଏବଂ ଅବଶିଷ୍ଟ ୪ ପ୍ରଭାବୀ ପ୍ରଦର୍ଶନକାରୀ ଦଳ ରାଉଣ୍ଡ ଅଫ୍-୧୬ରେ ପ୍ରବେଶ କରିବେ। ଏହି ପର୍ଯ୍ୟାୟ ଜୁନ୍ ୨୬ରୁ ୩୦ ପର୍ଯ୍ୟନ୍ତ ଚାଲିବ। କ୍ୱାର୍ଟରଫାଇନାଲ ଜୁଲାଇ ୨ରୁ ୪, ସେମିଫାଇନାଲ ଜୁଲାଇ ୭ ଓ ୮ ଏବଂ ଫାଇନାଲ ଜୁଲାଇ ୧୨ ତାରିଖରେ ଅନୁଷ୍ଠିତ ହେବ। ସେମିଫାଇନାଲ ଓ ଫାଇନାଲ ଲଣ୍ଡନରେ ଖେଳାଯିବ)।

## ତୃତୀୟ ଦିନ ଖେଳ ସମ୍ଭବ ହେଲାନି

**ଲର୍ଡ୍ସ, ୪।୬:** ଏଠାରେ ଚାଲିଥିବା ଇଂଲଣ୍ଡ-ନ୍ୟୁଜିଲାଣ୍ଡ ପ୍ରଥମ କ୍ରିକେଟ ଟେଷ୍ଟ ତୃତୀୟ ଦିବସ ଖେଳ ବର୍ଷା ଯୋଗୁ ବାତିଲ ହୋଇଛି। ବର୍ଷା ଲାଗି ରହିବାରୁ ଗୋଟିଏ ହେଲେ ବଲ୍ ପଡ଼ିବା ସମ୍ଭବ ହୋଇ ନ ଥିଲା। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩୭୮ ରନ କରିଥିବାବେଳେ ଇଂଲଣ୍ଡ ପ୍ରଥମ ଇନିଂସ ୧୧୧/୨ରେ ବନ୍ଦ ରହିଛି।

## ଆଇସିୟୁରେ ମିଲ୍‌ଖାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

**ଚଣ୍ଡିଗଡ,୪।୬(ପି.ଟି.):** କିମ୍ବଦନ୍ତୀ ଭାରତୀୟ ଆଥଲେଟ୍ ମିଲ୍‌ଖା ସିଂ କୋଭିଡ୍-୧୯ ଲଢେଇ ଜାରି ରଖିଛନ୍ତି। ସ୍ଥାନୀୟ ପିଜିଆଇଏମ୍‌ଇଆର ହସ୍ପିଟାଲର ଇଣ୍ଟେନସିଭ କେୟାର ୟୁନିଟ୍ (ଆଇସିୟୁ)ରେ ତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଫୋନରେ ତାଙ୍କ ସହ କଥା ହୋଇଛନ୍ତି। ଗୁରୁବାରଠାରୁ ମିଲ୍‌ଖାଙ୍କ ସ୍ୱାସ୍ଥ୍ୟାବସ୍ଥା ଅପେକ୍ଷାକୃତ ଭଲ ରହିଛି ବୋଲି ହସ୍ପିଟାଲ ତରଫରୁ କୁହାଯାଇଛି। ଶରୀରରେ ଅକ୍ସିଜେନସ୍ତର କମିବା ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ବିଭିନ୍ନ ମେଡିକାଲ ପାରାମିଟର ଅନୁଯାୟୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ବୋଲି ପିଜିଆଇଏମ୍‌ଇଆର ମୁଖପାତ୍ର ପ୍ରଫେସର ଆଶୋକ କୁମାର କହିଛନ୍ତି। ଏକ ୩ ଜଣିଆ ଡାକ୍ତର ଦଳ ମିଲ୍‌ଖାଙ୍କ ଉପରେ ନଜର ରଖିଛନ୍ତି। ମିଲ୍‌ଖାଙ୍କ



ପୁଅ ଜୀଭ ମଧ୍ୟ ପିତାଙ୍କ ସ୍ୱାସ୍ଥ୍ୟ ଭଲ ଅଛି ବୋଲି କହିଛନ୍ତି ଓ ଫୋନ୍‌ରେ କଥା ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିଜ ବ୍ୟସ୍ତବହୁଳ କାର୍ଯ୍ୟସୂଚୀରୁ ସମୟ ବାହାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିତାଙ୍କ ସହ କଥା ହୋଇଥିବାରୁ ତାଙ୍କ କୃତଜ୍ଞତା ଜଣାଉଛି ବୋଲି ଜୀଭ ଟୁଇଟ କରି ଜଣାଇଛନ୍ତି।

ପୂର୍ବରୁ କରୋନ ସଂକ୍ରମଣ କାରଣରୁ ମିଲ୍‌ଖା ମୋହାଲିର ଏକ ପ୍ରାଇଭେଟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ରବିବାର ଛାଡ଼ ପାଇଥିଲେ। ତେବେ ଘରେ ସେ ଅକ୍ସିଜେନ ସପୋର୍ଟରେ ରହିଥିଲେ। ତାଙ୍କ ୮୨ ବର୍ଷୀୟା ପତ୍ନୀ ମଧ୍ୟ ସମାନ କାରଣ ପାଇଁ ଫୋର୍ଟିସ ହସ୍ପିଟାଲର ଆଇସିୟୁରେ କ୍ରମାଗତ ଭାବେ ରହିଆସୁଛନ୍ତି। ଦୁବାଇରୁ ମେ' ୧୨ ତାରିଖରେ ଜୀଭ ଚଣ୍ଡିଗଡରେ ପହଞ୍ଚିଥିଲେ। ତାଙ୍କ ବଡ଼ ଭଉଣୀ ମୋନା ମିଲ୍‌ଖା ସିଂ ମଧ୍ୟ ଆମେରିକାରେ ଜଣେ ଡାକ୍ତର ଭାବେ ଅବସ୍ଥାପିତ। ସେ ମଧ୍ୟ ଏଠାରେ ପହଞ୍ଚିଛନ୍ତି। ଘରେ କାମ କରୁଥିବା ବ୍ୟକ୍ତିମାନଙ୍କଠାରୁ ମିଲ୍‌ଖା ସଂକ୍ରମିତ ହେବା ଆଶଙ୍କା କରାଯାଉଛି।

ଉଲ୍ଲେଖଥାଉ କି ମିଲ୍‌ଖା ୧୯୫୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୬୦ ରୋମ ଅଲିମ୍ପିକ୍ସରେ ସେ ୪୦୦ ମିଟର ଫାଇନାଲରେ ଚତୁର୍ଥ ସ୍ଥାନ ଅଧିକାର କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତାଙ୍କର ଟାଇମିଂ ଜାତୀୟ ରେକର୍ଡ ଭାବେ ୩୮ ବର୍ଷଧରି ବଜାୟ ରହିଥିଲା। ୧୯୯୮ରେ ପରମଜିତ୍ ସିଂ ତାଙ୍କର ଏହି ରେକର୍ଡ ଭାଙ୍ଗିଥିଲେ। ମିଲ୍‌ଖା ୧୯୫୬ ଓ ୧୯୬୪ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।

## ପାକିସ୍ତାନ ଟି୨୦ ଦଳରେ ମୋଇନଙ୍କ ପୁଅ

**କରାଚୀ,୪।୬(ପି.ଟି.)**

ଆଗାମୀ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ପାକିସ୍ତାନ ଟି୨୦ ଦଳ ଘୋଷଣା କରିଛି। ପୂର୍ବତନ ଅଧିନାୟକ ମୋଇନ ଖାଁଙ୍କ ପୁଅ ଆଜାମଙ୍କୁ ଏଥିରେ ସ୍ଥାନ ମିଳିଛି। ଚୟନକର୍ତ୍ତାମାନେ ଇମାଦ ୱାସିମଙ୍କୁ ଏହି ଦଳରେ ପୁଣିଥରେ ସାମିଲ କରିଛନ୍ତି। ଇଂଲଣ୍ଡ ବିପକ୍ଷ ୩ ଟି୨୦ ମ୍ୟାଚ୍ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ୱାସିମ ଖେଳିବାର ସୁଯୋଗ ପାଇବେ। ସେହିପରି ହାରିସ ସୋହେଲ ଇଂଲଣ୍ଡ ବିପକ୍ଷ ୩ଟି ଦିନିକିଆ ମ୍ୟାଚ୍ ପାଇଁ ଦଳରେ ସ୍ଥାନ ପାଇଛନ୍ତି। ଦ୍ରୁତ ବୋଲର ମହମ୍ମଦ ଆବାସ ଓ ନସିମ ଶାହ ଟେଷ୍ଟ ଦଳରେ ସାମିଲ ହୋଇଛନ୍ତି ଓ ଏମାନେ ଜାମାଇକାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦୁଇଟି ଟେଷ୍ଟ ଖେଳିବେ। ଏହି ଦୁଇ ବୋଲରଙ୍କୁ ପୂର୍ବରୁ ଜିମ୍ବାୱେ ବିପକ୍ଷ ଦୁଇ ଟେଷ୍ଟରେ ସାମିଲ କରାଯାଇ ନ ଥିଲା। ଟି୨୦, ଦିନିକିଆ ଓ ଟେଷ୍ଟ ପାଇଁ ୩ଟି ଦଳ ଗୁରୁବାର ଘୋଷଣା କରାଯାଇଛି। ବାବର ଆଜମଙ୍କୁ ୩ଟି ଫର୍ମାଟ ପାଇଁ ନେତୃତ୍ୱ ପ୍ରଦାନ କରାଯାଇଛି।

ମୋଇନଙ୍କ ପୁଅ ୨୨ ବର୍ଷୀୟ ଆଜାମଙ୍କୁ ଚୟନକର୍ତ୍ତାମାନେ ଟି୨୦ ଦଳରେ ସାମିଲ କରି ସମସ୍ତଙ୍କୁ ଚକିତ କରିଛନ୍ତି। ସେ ଗୋଟିଏ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ବେଳେ ୩୬ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଛକା ମାରିବାରେ ସେ ସିଦ୍ଧହସ୍ତ ଓ ତାଙ୍କ ସିକ୍ସ ହିଟିଂ ପାୱାର ସମସ୍ତଙ୍କୁ ପ୍ରଭାବିତ କରିଛି। ଜୁଲାଇ ୮ରୁ ୨୦ ତାରିଖ ମଧ୍ୟରେ ପାକିସ୍ତାନ ଇଂଲଣ୍ଡରେ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳିବ। ଏହାପରେ ବିଶ୍ୱ ଚାମ୍ପିୟନ ୱେଷ୍ଟଇଣ୍ଡିଜ ବିପକ୍ଷରେ ପାକିସ୍ତାନ ୫ଟି ଟି୨୦ ଓ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବ। ଅଧିନାୟକ ବାବର ଆଜମ ଓ ହେଡ୍ କୋଚ୍ ମିସବା ଉଲ ହକଙ୍କ ପରାମର୍ଶ କ୍ରମେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପୁରୁଷ ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଏକ ସନ୍ତୁଳିତ ଦଳ ଚୟନ କରିବାକୁ ପ୍ରୟାସ କରାଯାଇଛି ବୋଲି ମୁଖ୍ୟ ଚୟନକର୍ତ୍ତା ମହମ୍ମଦ ୱାସିମ କହିଛନ୍ତି।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
BPL, ଇଟାଭାଟି, କୁକୁଡ଼ାପାଳନ
ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ
ଘରେ ବସି ପାଆନ୍ତୁ ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱ.ରଘୁନାଥ ଭଞ୍ଜ
ଅଣ୍ଡାଇଲୋ, ଖଇରା, ବାଲେଶ୍ୱର
ଆବିର୍ଭାବ: ୧୩।୦୪।୧୯୪୩
ତିରୋଧାନ: ୨୬।୦୫।୨୦୨୧
ବାପା, ଆପଣଙ୍କର ବିଚ୍ଛେଦ ଆମ ପାଇଁ ଅପୂରଣୀୟ କ୍ଷତିହୋଇ ରହିଗଲା। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବଡ଼ପୁଅ: ମାନସ, ସାନପୁଅ: ସୁରେଶ, ବଡ଼ବୋହୂ, ସାନବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ
ଧ-୨୦୮୩୬

୨୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ.ଇଂ ଦୟାନିଧି ମହାପାତ୍ର
ଗ୍ରାମ : ବଡଝରିଲୋ, କଟକ
ଘର : କି-୫, ଜୟଗୁରୁ ନିବାସ, ବିଜେବି ନଗର, ଭୁବନେଶ୍ୱର
ଆବିର୍ଭାବ- ୦୨.୦୧.୧୯୨୩
ତିରୋଧାନ- ୧୩.୦୫.୧୯୯୬
ନନା, ତୁମ ହାତ ଧରି ଆମେ ଆଜି ଚାଲି ଶିଖିଲୁ, ତୁମ ହାତର ସାହାରା ପାଇ ଜୀବନରେ ଆଗେଇ ଗଲୁ। ନନା, ତୁମରି ହାତ ଆମର ଲକ୍ଷକୁ ଇଶାରା କଲା, ତୁମରି ହାତ ଆମକୁ ସଙ୍କଟ ଭିତରେ ବାଟ କଢାଇ ନେଲା। ନନା, ଆଜି ତୁମରି ହାତ ତୁମ ପିଲାଙ୍କୁ ଆଶୀର୍ବାଦ କରୁଥାଉ, ଅଦୃଶ୍ୟ ଏ ବିପଦରୁ ଆମ ସମସ୍ତଙ୍କୁ ରକ୍ଷା କରୁଥାଉ।
ଶୋକସନ୍ତପ୍ତ- ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୧୦୮

ଏକାଦଶାହ ଉପଲକ୍ଷେ



ସ୍ୱ.ଶ୍ରୀଯୁକ୍ତ ଶଙ୍କର୍ଷଣ ସାହୁ
ଆବିର୍ଭାବ- ତା.୧୧.୦୪.୧୯୪୯
ତିରୋଧାନ- ତା.୨୬.୦୫.୨୦୨୧
ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପତ୍ନୀ:ମାନସୀ ସାହୁ, ପୁତ୍ର:ସାଉ ଶଙ୍କର ସାହୁ, ସୌଭାଗ୍ୟ ଶଙ୍କର ସାହୁ, ରାମ ଶଙ୍କର ସାହୁ, କନ୍ୟା:ଶୁଭଲକ୍ଷ୍ମୀ ସାହୁ, ଭାଗ୍ୟଲକ୍ଷ୍ମୀ ସାହୁ, ଜ୍ୱାଇଁ:ବିମଳ କୁମାର ସାହୁ, ଅଶୋକ ସାହୁ, ଭାଇ:ଶଶୀଭୂଷଣ ସାହୁ,ସଦାଶିବ ସାହୁ, ଭଉଣୀ: ସୁପ୍ରଭା ସାହୁ, ସୌଭାଗିନୀ ସାହୁ, ଭିଣୋଇ: ନରହରି ସାହୁ, ରାଜକିଶୋର ସାହୁ, ହେମନ୍ତ କୁମାର ସାହୁ, ପୁତୁରା ଝିଆରୀ:ରୁଦ୍ରାଦିତ୍ୟ ସାହୁ, ଆକାଂକ୍ଷା ସାହୁ, ସ୍ୱଗେନ୍ଦୁ ସାହୁ, ସୁଦିପ୍ତା ସାହୁ, ଭଣଜା ଭାଣିଜୀ:ପପୁ, ଦିପୁ, ଝୁମି, ଟୁମ୍ପି, ଇଲା, ସିଲା, ରୁନିଆ, ଇତ୍ୟାଦି।
ଧ-୨୦୮୩୮

## କହିଲ ଦେଖି



**ମ**ଣିଷ ନୁହେଁ କି ପଶୁ ସେ ନୁହେଁ
ଆମ ସମ୍ପତ୍ତିକୁ ସେ ଜଗିଥାଏ
ଧନୀ ହେଉ ଅବା ହେଉ ଗରିବ
ସଭିଙ୍କୁ ଭରସା ସେ ଏକା ଦେବ
କିଏ ସେ ପାରିବ ନାମ ତା' କହି
ସମସ୍ତଙ୍କ ପାଖେ ଥିବ ସେ ରହି।
ଉ–**ତାଲା**



**ତି**ନୋଟି ରଙ୍ଗରେ ସଜେଇ ହୋଇ
ଛକ ଛକରେ ସେ ରହିଛି ଚାହିଁ
ନାଲି ହଳଦୀ ଆଉ ସବୁଜ ରଙ୍ଗ
କି ସୁନ୍ଦର ଦିଶେ ତାହାରି ଅଙ୍ଗ
ଗାଡ଼ି ମୋଟରକୁ ସେ ସଙ୍କେତ ଦିଏ
ନାମଟି ତାହାର କୁହ କହିବ କିଏ।
ଉ–**ଟ୍ରାଫିକ୍ ଲାଇଟ୍**



**ଛ**'ଖଣ୍ଡ କାଠରେ ତିଆରି ହୁଏ
ମଲାପରେ ସିଏ ମଶାଣି ନିଏ
ଧନୀ ହେଉ ଅବା ହେଉ ଗରିବ
ଶେଷବେଳେ ନିଶ୍ଚେ ତାକୁ ଖୋଜିବ।
ଉ–**କୋକେଇ**



**ନା**ଲି ଟହ ଟହ ରୂପଟି ତା'ର
ପ୍ରେମର ପ୍ରତୀକ ସିଏ
ଡାଳ ସାରା ତା'ର କଣ୍ଟକପୂର୍ଣ୍ଣ
ନାମଟି ଜାଣିଛ କିଏ।
ଉ–**ଗୋଲାପ**

*–**ପ୍ରଶାନ୍ତ କୁମାର ନାଥ**, ସୁନ୍ଦରପୁର, ପ୍ରୀତିପୁର, ଯାଜପୁର*

## ମତାମତ

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ପ୍ରକାଶିତ ବିଜ୍ଞାନ ସମ୍ବନ୍ଧୀୟ ଲେଖା ପ୍ରକାଶ ପାଇଥିବାରୁ ସେଥିରୁ ବହୁତ କିଛି କଥା ଶିଖି ହେଲା।
*–ବିକ୍ରମ କୁମାର ସିଂହ, କଟକ*

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କବିତାଗୁଡ଼ିକ ଛୋଟ ହୋଇଥିଲା ଏବଂ ଏଥିରେ ସ୍ଥାନୀତ ଚିତ୍ରଗୁଡିକ ବହୁତ ସୁନ୍ଦର ଲାଗିଲା।
*–ମମତା ଜେନା, ଭୁବନେଶ୍ୱର*

ଆ ଇ ନା



କ୍ରିଷ୍ଣା
୫ବର୍ଷ

## କବିତା

### ଆମ ପରିବେଶ ଆମ ହାତରେ

**ସ**ବୁ ଗ୍ରହଠାରୁ ସତରେ ସୁନ୍ଦର
ଆମର ଏ ବିଶ୍ୱ ଧରିତ୍ରୀମାତା
ଆଉ ଯେତେ ଗ୍ରହ ଉପଗ୍ରହ ଅଛି
ପୂଜୁ ଆମେ ତାଙ୍କୁ ମାନି ଦେବତା।

ଘନସବୁଜିମା ଅରଣ୍ୟ କୋଳରେ
କେତେ ଜୀବଜନ୍ତୁ କରନ୍ତି ବାସ
ସମୟ କ୍ରମରେ ଋତୁ ବଦଳିଲେ
ବଦଳି ବି ଯାଏ ପ୍ରକୃତି ବେଶ।

ପ୍ରଭାତ ହୋଇଲେ ସୂର୍ଯ୍ୟ ଉଇଁ ଆସେ
ରାତି ହେଲେ ଜହ୍ନତାରାଙ୍କ ମେଳ
ଗଛରେ ଲତାରେ ଝୁଲିପଡ଼େ ଏଠି
ଜାତିଜାତି କେତେ ଫୁଲ ଓ ଫଳ।

ଏ ସୁନ୍ଦର ବିଶ୍ୱ ସୁନ୍ଦର ରହିବ
ସେଥିପାଇଁ ଆମେ ଶପଥ ନେବା
ଆମ ପରିବେଶ ଆମରି ହାତରେ
ଆସ ପରିବେଶ ସୁସ୍ଥ ରଖିବା।

*–**ବିନୟ କୁମାର ଦାସ***
*ଅନାମିକା ନୀଡ଼,*
*ଅଙ୍ଗାରଗଡ଼ିଆ, ବାଲେଶ୍ୱର*

### ପରିବେଶଟି ବଦଳିଯିବ

**ଟାଁ**ଙ୍ଗରା ଭୂଇଁ ପିଚୁସଡ଼କ
ମାଳକୁମାଳ କୋଠା
ନିଜର ସୁଖ ସରଗ ପାଇଁ
ଚାଲିଛି ଗଛ କଟା।

ମିଳୁନି ଫୁଲ ଫଳ ଓ କୋଳି
ପବନ, ଛାଇ, ପାଣି
ଛାଇ ବଦଳେ ବଢୁଛି ଦେଖ
ତାତି ଖରାର ଠାଣି।

ଖରା ବେଳରେ ପଥିକ ଭାଇ
ମାରିବା ପାଇଁ ଥକା
ଗଛ ତ ନାହିଁ ବଢ଼ିଚାଲଇ
ବାଧା, ବିପଦ, ଶଙ୍କା।

ପିଇବା ପାଇଁ ପାଣି ମିଳୁନି
ନଈ ଯାଇଛି ଶୁଖି
ପରିବେଶକୁ ନଷ୍ଟ କରିକି
ମଣିଷ ସାଜେ ଦୁଃଖୀ।

ସାହି, ସହର ଗାଆଁର ରୂପ
ବଦଳିଯାଏ ଆଜି
ସବୁଜ ସୁଖ ସମ୍ପଦ ଶିରୀ
ସବୁ ଗଲାଣି ହଜି।

ବଦଳିଯିବ ପରିବେଶଟି
ଲଗାଇ ଦେଲେ ଗଛ
ଗଛ ହସିଲେ ପରିବେଶଟି
ହୋଇବ ଦିନେ ସ୍ୱଚ୍ଛ।

*–**ପ୍ରଶାନ୍ତ କୁମାର ଦାଶ***
*କୁଞ୍ଜର, ପିପିଲି, ପୁରୀ*

### ଅମ୍ଳଜାନ

କହିଲା କୁନା ଶୁଣୁଲୋ କୁନୀ
ପରିବେଶ ଆଜି ନଷ୍ଟ
ପ୍ରକୃତି ରାଣୀ ରାଗ କରୁଛି
ଜଙ୍ଗଲ ପାଉଛି କଷ୍ଟ।
କହିଲା କୁନୀ କୁନା ଭାଇନା
କହୁଛି କଥା ଶୁଣ
ମଣିଷ ଆଜି ଧ୍ୱଂସ କରୁଛି
ପରିବେଶକୁ ଜାଣ।
ପାଣି ପବନେ ଗଛଲତାରେ
ଭରୁଛି ଖାଲି ବିଷ
ବାୟୁ ମଣ୍ଡଳ ଶୁଷ୍କ ହେଉଛି
ଅମ୍ଳଜାନ ହୁଏ ଶେଷ।
ଗଛ ନ ଥିଲେ ପାଇବା ନାହିଁ
ବିଶୁଦ୍ଧ ଅମ୍ଳଜାନ
ଅଙ୍ଗାରକାମ୍ଳ ଶୋଷଣ କରି
ବାୟୁ କରଇ ଦାନ।
ଶପଥ କରି ଆଜି ଦିନରେ
ଆଗେଇ ଆମେ ଯିବା
ଧାଡ଼ିକି ଧାଡ଼ି ଗଛଲଗାଇ
ଯତନ ତା'ର ନେବା।

*–**କବିତା ମିଶ୍ର***
*ନୀଳାଦ୍ରିବିହାର, ଭୁବନେଶ୍ୱର*



ବିଶ୍ୱ ପରିବେଶ ଦିବସ ଉପଲକ୍ଷେ

# ଗଛ ଆମର ବନ୍ଧୁ

ଗପ



**ଜ**ଣେ ପିଲାକୁ ଆମ୍ବଗଛ ଭାରି ଭଲଲାଗେ। ସେ ପ୍ରତିଦିନ ତା' ପାଖକୁ ଯାଏ। ଗଛରେ ଚଢ଼େ। ଆମ୍ବ ସମୟରେ ଆମ୍ବ ତୋଳି ଖାଏ। ସେଇଠି ଖେଳେ ପୁଣି ଥକିପଡିଲେ ତାହାରି ମୂଳରେ ଶୋଇପଡେ। କ୍ରମଶଃ ଦୁହିଁଙ୍କ ମଧ୍ୟରେ ଅପୂର୍ବ ସମ୍ପର୍କ ଗଢି ଉଠିଲା। କିନ୍ତୁ ପିଲାଟି ଯେମିତି ବଡ଼ ହେଲା ଆମ୍ବଗଛ ପାଖକୁ ଆସିବା ପୂର୍ବ ଅପେକ୍ଷା ବହୁତ କମିଗଲା। କିଛିବର୍ଷ ମଧ୍ୟରେ ଆସିବା ବିଲକୁଲ ବନ୍ଦ ହୋଇଗଲା।

କିନ୍ତୁ ଆମ୍ବଗଛଟି ସେହି ପିଲାକୁ ମନେ ପକାଇ ବହୁତ କାନ୍ଦେ। ହଠାତ ଦିନେ ସେହି ପିଲା ତା' ପାଖକୁ ଆସୁଥିବାର ଦେଖିଲା। ପିଲାଟି ତା' ନିକଟରେ ପହଞ୍ଚିବା ପରେ ସେ ପଚାରିଲା, ଆରେ ତୁ ଏତେଦିନଯାଏ କୁଆଡ଼େ ଚାଲି ଯାଇଥିଲୁ? ଚାଲ ତୁ ଆସିଛୁ ମାନେ ଆମେ ଦୁହେଁ ସାଙ୍ଗହୋଇ ଖେଳିବା।

ପିଲାଟି ଗମ୍ଭୀର ହୋଇ କହିଲା,ଏବେ ଆଉ ମୋର ଖେଳିବା ବୟସ ନାହିଁ। ମୋର ବହୁତ ପାଠପଢ଼ା ଅଛି। ସ୍କୁଲ, କଲେଜ ଉତ୍ତୀର୍ଣ୍ଣ ହେବାକୁ ପଡିବ ହେଲେ ମୋ ପାଖରେ ଏବେ ସ୍କୁଲ ଫିସ୍ ଭରିବାକୁ ପଇସା ନାହିଁ।

ଆମ୍ବଗଛ ବାଳକର ଦୁଃଖଭରା ମୁହଁକୁ ଦେଖି କହିଲା, ଆଚ୍ଛା ଏଇକଥା! ତୁ ଗୋଟେ କାମ କର ମୋ ଗଛରୁ ସବୁ ଆମ୍ବ ତୋଳିନେଇ ହାଟ ବଜାରରେ ବିକ୍ରି କରିଦେ। ସେଇଥିରୁ ଯାହା ପଇସା ବାହାରିବ ସ୍କୁଲ ଫିସ ଦେଇଦେବୁ।

ଆମ୍ବଗଛର ପରାମର୍ଶରେ ବାଳକ ସେଇୟା କଲା। ଗଛରୁ ସବୁ ଆମ୍ବ ତୋଳିନେଇ ଚାଲିଗଲା। ପୁଣି କିଛିବର୍ଷ ଦେଖାଦେଲା ନାହିଁ। ବାଳକର ଆସିବା ରାସ୍ତା ଦେଖି ଦେଖି ଆମ୍ବଗଛ ଆଖିରୁ ବି ଲୁହ ଶୁଖିଗଲାଣି। ଏତିକିବେଳେ ଜଣେ ଯୁବକ ଆସି କହିଲା,ଏବେ ମୋତେ ଚାକିରି ମିଳିଯାଇଛି। ବାହାଘର ବି ହୋଇସାରିଛି। କିନ୍ତୁ ମୋର ନିଜର ବୋଲି ଘର ଖଣ୍ଡେ ନାହିଁ। ଘର ତିଆରି କରିବାକୁ ହେବ। ଘରଟି ପୂରା ତିଆରି କରି ପାରିବି କି ନା ଜାଣେନି। ପାଖରେ ବି ଏତେଗୁଡିଏ ଟଙ୍କା ନାହିଁ। କ'ଣ କରିବି କିଛି ବୁଦ୍ଧି ବାଟ ଦେଖାଯାଉନି।

ଆମ୍ବଗଛ ଯୁବକକୁ ଚିହ୍ନିପାରି କହିଲା, ଆରେ ତୁ ଏଇଥିପାଇଁ ଏତେ ବ୍ୟସ୍ତ ହେଉଛୁ। ତୁ ମୋ ଡାଳ କାଟି ନେଇଯାଆ। ମୋ ଗଛ ଡାଳର କାଠ ବିକ୍ରି କରି ଯେତେ ଟଙ୍କା ପାଇବୁ ତୋ ଘର ବନେଇବା ଅଭାବକୁ ପୂରଣ କରିଦେବ। ତା'ପରେ ଯୁବକ ଆମ୍ବଗଛର ଡାଳକୁ କାଟି ବିକ୍ରି କରି ଦେଲା। ଯାହା କେବଳ ଗଛର ଗଣ୍ଡି ପଡ଼ିରହିଲା। ସବୁଜଶୂନ୍ୟ ଥୁଣ୍ଟା ଗଛକୁ ଆଉ କେହି ଭଲରେ ଦେଖିଲେ ନାହିଁ କି ତା' ପାଖକୁ ଗଲେନାହିଁ। ସେ ଯୁବକ ଯେ ଆଉ ତା' ପାଖକୁ ଆସିବ ଏକଥା ମନରୁ ବିଶ୍ୱାସ ହରେଇ ବିଚରା ଦୁଃଖରେ ଭାଙ୍ଗି ପଡିଥାଏ।

ଦିନେ ଆକସ୍ମିକ ଜଣେ ବୃଦ୍ଧ ବ୍ୟକ୍ତି ତା' ପାଖକୁ ଆସିଲେ। ଡାଳ ପତ୍ର ଶୂନ୍ୟ ଆମ୍ବଗଛ ନିକଟକୁ ଯାଇ କହିଲେ,ବୋଧହୁଏ ତୁ ମୋତେ ଚିହ୍ନିପାରିଲୁ ନାହିଁ?ମୁଁ ସେଇ ବାଳକ ସେଇ ଯୁବକ ଯିଏ ବହୁବାର ତୋ ନିକଟକୁ ଆସିଛି। ତୋଠାରୁ ଜନ୍ମିତ ଫଳ, ତୋ ଅଂଶର ଟୁକୁରାକୁ କାଟି ମୋତେ ତୁ ଦାନ କରିଛୁ। ତୋର ଅଯାଚିତ ସହାୟତାରେ ମୁଁ ମଣିଷ ହୋଇଛି।

ଆମ୍ବଗଛ ଆଉ କୋହ ସମ୍ଭାଳି ନ ପାରି କହିଲା, ହେଲେ ଏବେ ତୋତେ ସାହାଯ୍ୟ କରିବାପାଇଁ ମୋ ପାଖରେ ଆଉ କିଛି ନାହିଁରେ। ତୁ ମୋତେ ଏକା ଛାଡି ଚାଲିଯାଆ।

ଆମ୍ବଗଛର କୋହରେ ନିଜକୁ ସମ୍ମିଳିତ କରି ବୃଦ୍ଧ କହିଲେ, ଆଜି ମୁଁ ତୋଠାରୁ କିଛି ନେବାପାଇଁ ଆସିନାହିଁରେ, ତୋ ସହ ମନଭରି ଖେଳିବାକୁ ଆସିଛି। ତୋ କୋଳରେ ମୁଣ୍ଡ ରଖି ଶୋଇବାକୁ ଆସିଛି। ତୁ କ'ଣ ମୋତେ ଏତିକି ଟିକେ ଦେଇ ପାରିବୁନି?

ଥୁଣ୍ଟା ଆମ୍ବଗଛ ଆଶ୍ଚର୍ଯ୍ୟ। କ'ଣ କହିବ ତା' ପାଟିରୁ ଭାଷା ବାହାରୁ ନ ଥାଏ। ନିଜ ଭୁଲ୍‌ର ପ୍ରାୟଶ୍ଚିତ୍ତ କରିବା ଲାଗି ସହସା ବୃଦ୍ଧ ଆମ୍ବଗଛକୁ କୁଣ୍ଢେଇ ଧରି ଭୋ ଭୋ କାନ୍ଦିବାକୁ ଲାଗିଲେ। ତାଙ୍କ କାନ୍ଦ ଭିତରେ ଆପଣାଦ୍ୱର ମୋହ ବାରି ହେଉଥିଲା।

ବାସ୍ତବରେ ଆଜି ଆମେମାନେ ଗଛ ପ୍ରତି କେତେ ଯେ ଅନ୍ୟାୟ କରୁଛୁ ତା'ର ହିସାବ ନାହିଁ। ଗଛର ବି ଜୀବନ ଅଛି। ସେ ତା'ର ସର୍ବସ୍ୱ ସମର୍ପି ଦେଲା ପରେ ବି ମଣିଷକୁ ଭୁଲି ପାରୁନାହିଁ। ହେଲେ ମଣିଷ ତାଠାରୁ ସର୍ବସ୍ୱ ଲୁଟି ସାରିବା ପରେ ହାଣି କାଟି ତା' ଜୀବନକୁ ନଷ୍ଟ କରିଚାଲିଛି।

ଗଛ ଆମର ବନ୍ଧୁ, ପରିଜନ, ପରିବାର ସବୁକିଛି। ଗଛ ନ ରହିଲେ ଦୁନିଆ ବି ରହିବନି। ଦୁନିଆ ନ ରହିଲେ ଆମେ ବି ରହିବା ନାହିଁ। ଆସନ୍ତୁ ସଭିଏ ଗଛ ଲଗାଇ ଗଛକୁ ଜୀବଦାନ ଦେବା। ତେବେ ଯାଇ ସବୁଜିମାରେ ହସିଉଠିବ ଆମ ପ୍ରକୃତିର ପରିବେଶ।

*–**ସୁଧାଂଶୁ ଶେଖର ଦ୍ୱିବେଦୀ***
ବିସି–୭୪, ସଲଟ ଲେକ, କୋଲକାତା–୬୪

## ଖିଲିଖିଲି ହସ

**୧**

ଟିଣ୍ଟୁ– ଶିକ୍ଷକ ଓ ଅମ୍ପାୟାର ଭିତରେ ସମାନତା କ'ଣ ଅଛି କହିଲୁ ?
ବଣ୍ଟୁ– ମୁଁ ଜାଣିନି
ଟିଣ୍ଟୁ– ଆରେ ଏତିକି ଜାଣିନୁ ଦୁହେଁ କିଛି କରନ୍ତି ନାହିଁ। ଖାଲି ଛିଡା ହୋଇ ଆଙ୍ଗୁଳି ଦେଖାନ୍ତି।

**୨**

ଶିକ୍ଷକ– ରାମୁ କହିଲୁ ଜଳର କେମିକାଲ ଫର୍ମୁଲା କଣ ?
ରାମୁ– ଏଚ୍, ଆଇ, ଜେ, କେ, ଏଲ୍,ଏମ୍, ଏନ୍, ଓ
ଶିକ୍ଷକ– ଏ କଣ, ମୁଁ କଣ ପଚାରିଲି ତୁ କଣ ସବୁ କହୁଛୁ ?
ରାମୁ– ସାର୍ ଆପଣ ତ କହିଥିଲେ କି 'ଏଚ୍ ଟୁ ଓ' (ଅର୍ଥାତ୍, ଏଚ୍ ରୁ ଓ ପର୍ଯ୍ୟନ୍ତ)।

**୩**

ଶିକ୍ଷକ– ପପୁ, ତୁ ସୌରଜଗତରେ ଥିବା ଗ୍ରହଗୁଡିକର ନାଁ ସବୁ କଣ କହିଲୁ ?
ପପୁ– ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ ଇତ୍ୟାଦି... ଇତ୍ୟାଦି...
ଶିକ୍ଷକ– ସାବାସ୍, ହେଲେ ଆଉ ସବୁ କଣ କହ...
ପପୁ– ଆଉ କଣ କହିବି ସାର୍, ମା ତାରିଣୀଙ୍କ କୃପାରୁ ସବୁ ଠିକ୍ ଠାକ୍ ଚାଲିଛି।

**୪**

ମୋହନ– ବାପା ସ୍କୁଲର ଟେଷ୍ଟ ପରୀକ୍ଷାରେ ମୋର ଫେଲ୍ ମାର୍କ ରହିଛି, ହେଲେ ତମେ ବିଶ୍ୱାସ କର ମୁଁ ପୁଣି ଥରେ ପରୀକ୍ଷା ଦେଇ ପାସ୍ କରିଯିବି।
ମୋହନଙ୍କ ବାପା– କୁଳାଙ୍ଗାର, ଆଜିଠୁ ତୁ ମତେ ଆଉ ବାପା ଡାକିବୁ ନାହିଁ।
ମୋହନ– ଇଏ କଣ ବାପା, ଏହା ତ ସ୍କୁଲ ଟେଷ୍ଟ ଥିଲା, କୋଉ ଡିଏନଏ ଟେଷ୍ଟ ହେଇଛି ଯେ ତମେ ଏମିତି କହୁଛ।

## ଟଗଲା ଭୀମୁ




ଗିନିଜ୍ ୱାର୍ଲ୍ଡ ରେକର୍ଡ

## ବିସ୍ମୟ ବାଳିକା



**ପି**ଲାମାନେ ତୁମେ ତ ଜାଣିଛ କି ସବୁ ଦେଶର ରାଜଧାନୀର ନାଁ ଅଲଗା। ତୁମମାନଙ୍କ ମଧ୍ୟରୁ ଅନେକ ମଧ୍ୟ ବିଭିନ୍ନ ଦେଶ ଓ ତା' ରାଜଧାନୀର ନାଁ ମନେରଖିଥିବ! କିନ୍ତୁ ତୁମେମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ ସବୁ ଦେଶ ଓ ତା'ର ରାଜଧାନୀକୁ ଖୁବ୍ ଶୀଘ୍ର କହି ଦେଇପାରନ୍ତି ରାଜସ୍ଥାନ ଭିଲୱାରାର ମାତ୍ର ଦଶ ବର୍ଷର ଝିଅ ସାରା ଛିପା। ଖାଲି ସେତିକି ନୁହେଁ, ସବୁ ଦେଶର ନୋଟ୍‌କୁ କ'ଣ କୁହାଯାଏ ସେସବୁକୁ ମଧ୍ୟ ସେ ଅତି ଅନାୟାସରେ କହିଦେଇପାରନ୍ତି। ଏଥିପାଇଁ ଏବେ ସେ ଗିନିଜ୍ ୱାର୍ଲଡ ରେକର୍ଡ କରିଛନ୍ତି। ମୋଟ ୧୯୫ଟି ଦେଶର ନାଁ ସହିତ ରାଜଧାନୀ ଓ ସେହି ଦେଶର ନୋଟ୍‌ର ନାଁ ମାତ୍ର ୧୫ ମିନିଟ ମଧ୍ୟରେ କହିପାରିଥିବାରୁ ଗିନିଜ୍ ରେକର୍ଡ କରିଛନ୍ତି। ତେବେ ସାରା ଏଭଳି ରେକର୍ଡ କରିବା ପାଇଁ ତିନି ମାସ ଧରି ଅଭ୍ୟାସ କରିଥିଲେ ଏବଂ ଏଥିପାଇଁ ତାଙ୍କୁ ତାଙ୍କ ଅଭିଭାବକ ଓ ଶିକ୍ଷକମାନେ ସାହାଯ୍ୟ କରିଥିଲେ। ତେବେ ସାରାଙ୍କ ପୂର୍ବରୁ କେବଳ ଦେଶର ନାଁ ସହିତ ରାଜଧାନୀର ନାଁ କହି ଏହି ରେକର୍ଡ ରହିଥିଲା, ମାତ୍ର ସାରା ଦେଶର ନୋଟ୍ ମିଶାଇ କହିଥିବାରୁ ରେକର୍ଡ ଭାଙ୍ଗି ପାରିଥିଲେ।

ତୁମ ତୂଳୀରୁ



**ଅନନ୍ୟା ରୁପାଲି ତ୍ରିପାଠୀ**
କ୍ଲାସ–୬, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଗୋବିନ୍ଦପାଲୀ, ମାଲକାନଗିରି





**ଭାସ୍ୱତୀ ବିଶୋଇ**
କ୍ଲାସ–୬, କେନ୍ଦ୍ରୀୟ ବିଦ୍ୟାଳୟ,
ନଂ– ୩, ଭୁବନେଶ୍ୱର





**ଓମ୍ପ୍ରକାଶ ବାରିକ**
କ୍ଲାସ–୭, ବସନ୍ତପୁର ଇଂଲିଶ ମିଡିୟମ୍ ସ୍କୁଲ,
ମୁର୍ସିଦାବାଦ, କୋଲକାତା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁନ୍ ୫/୨୦୨୧ Bhubaneswar, Saturday, June 5/ 2021

# ମ୍ୟାଚ ଫିକ୍ସିଂ: ଟେନିସ ଖେଳାଳି ଗିରଫ

ପ୍ୟାରିସ, ୪।୬ (ଏପି)

ଚଳିତ ବର୍ଷର ଫ୍ରେଞ୍ଚ ଓପନ ଚାଲିଥିବାବେଳେ ଗତବର୍ଷ ମ୍ୟାଚ ଫିକ୍ସିଂ କାର୍ଯ୍ୟରେ ସମ୍ପୃକ୍ତ ଥିବା ସନ୍ଦେହରେ ଜଣେ ଅନ୍ତର୍ଜାତୀୟ ଟେନିସ ଖେଳାଳି ଗିରଫ ହୋଇଛନ୍ତି। ପ୍ୟାରିସ ପ୍ରସିକ୍ୟୁଟର କାର୍ଯ୍ୟାଳୟ ତରଫରୁ ଏହି ସୂଚନା ଦିଆଯାଇଥିଲେ ମଧ୍ୟ ତାଙ୍କ ନାମ ପ୍ରକାଶ କରାଯାଇ ନାହିଁ। ସ୍ଥାନୀୟ ଏକ ଖବରକାଗଜ ରିପୋର୍ଟରେ କିନ୍ତୁ ଏହି ଖେଳାଳି ଜଣକ ନାମ ୭୬୫ତମ ର୍‍ୟାଙ୍କିଂପ୍ରାପ୍ତ ରୁଷିଆର ୟାନା ସିଜିକୋଭା ବୋଲି ଦର୍ଶାଯାଇଛି। ସେ ବର୍ତ୍ତମାନ ପୋଲିସ ହେପାଜତରେ ରହିଛନ୍ତି। ୨୦୨୦ ସେପ୍ଟେମ୍ବରରେ କ୍ରୀଡ଼ାରେ ଲାଞ୍ଚ କାରବାର ଓ ସଂଗଠିତ ଜାଲିଆତି କାର୍ଯ୍ୟ ଅଭିଯୋଗରେ ଏହି ଖେଳାଳି ଜଣକ ଗୁରୁବାର ରାତିରେ ଗିରଫ ହୋଇଛନ୍ତି। ବେଟିଂ ଜାଲିଆତି ଓ ମ୍ୟାଚ ଫିକ୍ସିଂ ମାମଲା ପାଇଁ ଉଦ୍ଦିଷ୍ଟ ଫ୍ରେଞ୍ଚ ପୋଲିସର ଏକ ସ୍ୱତନ୍ତ୍ର ୟୁନିଟ୍


ୟାନା ସିଜିକୋଭା

ତରଫରୁ ଗତବର୍ଷ ଅକ୍ଟୋବରରୁ ତଦନ୍ତ ଆରମ୍ଭ ହୋଇଥିଲା। ଏହି ୟୁନିଟ୍ ପୂର୍ବରୁ ବେଲଜିୟମ ପୋଲିସ ସହ ମିଳିତ ଭାବେ ପ୍ରଫେସନାଲ ଟେନିସର ନିମ୍ନସ୍ତରରେ ଯେଉଁ ମ୍ୟାଚଗୁଡ଼ିକ ଫିକ୍ସିଂ ହୋଇଥିବା ସନ୍ଦେହ କରାଯାଉଥିଲା ତାହାର ତଦନ୍ତ କରୁଥିଲା। ପ୍ରସିକ୍ୟୁଟର କାର୍ଯ୍ୟାଳୟ କହିଛି ଗତବର୍ଷ ରୋଲାଣ୍ଡ ଗ୍ୟାରୋସର ଏକ ମ୍ୟାଚ ଉପରେ ସନ୍ଦେହ କରାଯାଇଥିଲା। ତେବେ କେଉଁ ମ୍ୟାଚ ତାହା ସ୍ପଷ୍ଟ କରିନାହିଁ। କିନ୍ତୁ ଏକ ଫ୍ରେଞ୍ଚ କ୍ରୀଡ଼ା ଦୈନିକ ଏବଂ ଜର୍ମାନ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁସାରେ ସେପ୍ଟେମ୍ବର ୩୦ରେ ଖେଳାଯାଇଥିବା ଏକ ମହିଳା ଡବଲ୍ସ ମ୍ୟାଚ ବେଟିଂ ସହ ଜଡ଼ିତ ଥିବା ସନ୍ଦେହ କରାଯାଉଛି। ତାହା ହେଉଛି କୋର୍ଟ ନମ୍ବର ୧୦ରେ ସିଜିକୋଭା ଓ ତାଙ୍କ ଆମେରିକୀୟ ପାର୍ଟନର ମ୍ୟାଡିସନ ବ୍ରେଙ୍ଗଲ ବନାମ ରୋମାନିଆର ଆନ୍ଦ୍ରିଆ ମିତୁ ଓ ପ୍ୟାଟ୍ରିସିଆ ମାରିଆ ଟିଗ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ। ମ୍ୟାଚର ଦ୍ୱିତୀୟ ସେଟ୍‌ର ୫ମ ଗେମ୍‌ରେ ସିଜିକୋଭା ଦୁଇଥର ଲଭ୍ ସର୍ଭିସ ବ୍ରେକ୍ କରିଥିଲେ। ଏହାଛଡ଼ା ତାଙ୍କର ଡବଲ ଫଲ୍ଟ ହୋଇଥିଲା। ରିପୋର୍ଟ ଅନୁସାରେ ଏହି ମ୍ୟାଚରେ ରୋମାନିଆନ ଯୋଡ଼ିଙ୍କ ବିଜୟ ସପକ୍ଷରେ ବିଭିନ୍ନ ଦେଶର ବେଟିଂ ସଂସ୍ଥାରେ ପ୍ରାୟ ୧୦ ହଜାର ୟୁରୋର ବାଜି ଲଗାଯାଇଥିଲା। ଖବରକାଗଜ ରିପୋର୍ଟ ଅନୁସାରେ ଗୁରୁବାର ରୋଲାଣ୍ଡ ଗ୍ୟାରୋସରେ ଡବଲ୍ସ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହେବା ପରେ ସିଜିକୋଭାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ହୋଟେଲ ରୁମ୍‌ର ତଲାସି କରାଯାଇଥିଲା। ସିଜିକୋଭା କୌଣସି ଆର୍ଟନର ସହାୟତା ନେଇଛନ୍ତି କି ନା ତାହା ସ୍ପଷ୍ଟ ହୋଇନାହିଁ। କରୋନା ମହାମାରୀ ଯୋଗୁ ଗତବର୍ଷ ଫ୍ରେଞ୍ଚ ଓପନ ବିଳମ୍ବରେ ହୋଇଥିଲା। ଏହା ସେପ୍ଟେମ୍ବର ଶେଷ ଏବଂ ଅକ୍ଟୋବର ପ୍ରଥମ ଭାଗରେ ଖେଳାଯାଇଥିଲା।

# ୧୮ ବର୍ଷରୁ କମ୍ ରାଜ୍ୟ ଅନ୍‌ଲାଇନ୍ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୪।୬(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ୧୮ ବର୍ଷରୁ କମ୍ ବାଳିକା ଏବଂ ଓପନ ଅନ୍‌ଲାଇନ ଚେସ୍ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ ସଭାପତି ସଞ୍ଜୟ କପୁର, ସମ୍ପାଦକ ଭରତ ସିଂ ଚୌହାନ, ଖିମ୍‌ଜୀ ଜୁଏଲର୍ସ ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ପ୍ରମୁଖ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଫେୟାର କମିଟି ମୁଖ୍ୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ରଞ୍ଜନ ମହାନ୍ତି, ସମ୍ପାଦକ ଦେବବ୍ରତ ଭଞ୍ଜ, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଟୋର୍ନେଲୋ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ହେଉଥିବା ଏହି ଟୁର୍ନାମେଣ୍ଟରେ ୪୬ ବାଳକ ଏବଂ ୧୯ ବାଳିକା ଭାଗ


ଭର୍ଚୁଆଲ୍‌ରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭାଗ ନେଇଥିବା ଅତିଥିମାନେ।

ନେଇଛନ୍ତି। ବାଳକ ବିଭାଗରେ ୬ ଏବଂ ବାଳିକାରେ ୫ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ। ସମସ୍ତ ଗେମ୍ ସରିବା ପରେ ଫେୟାରପ୍ଲେ କମିଟି କ୍ରସ୍ ଚେକ୍ କରିବା ପରେ ଫଳାଫଳ ଘୋଷଣା ହେବ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରତିଯୋଗିତା ପରିଚାଳନା କରିବେ। ଉଭୟ କାଟେଗୋରିରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀ ଓଡ଼ିଶା ପକ୍ଷରୁ ଆସନ୍ତା ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ଜାତୀୟ ପ୍ରତିଯୋଗିତା ଟୋର୍ଲେନୋ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଜୁନ୍ ୧୦ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଭାରତୀୟ ଖେଳାଳିଙ୍କୁ ୩ ଦିନ ପରସ୍ପର ସହ ମିଶିବା ମନା



**ସାଉଥାମ୍ପଟନ, ୪।୬ (ପି.ଟି.):** ସମ୍ପ୍ରତି ୟୁନାଇଟେଡ କିଙ୍ଗଡମ୍ ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳର ୩ ଦିନିଆ କଠିନ କ୍ୱାରାଣ୍ଟାଇନ୍ ଆରମ୍ଭ ହୋଇଛି। ଏହି ସମୟ ମଧ୍ୟରେ ଖେଳାଳିମାନଙ୍କୁ ପରସ୍ପର ସହ ମିଶିବାକୁ ବାରଣ କରାଯାଇଛି। ୩ ଦିନିଆ କ୍ୱାରାଣ୍ଟାଇନ୍ ପରେ ଖେଳାଳିଙ୍କୁ ଏଜେସ ବାଓଲରେ ଟ୍ରେନିଂ ପାଇଁ ଅନୁମତି ମିଳିବ। ଭାରତ-ନ୍ୟୁଜିଲାଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଚଳିତ ମାସ ୧୮ ତାରିଖରୁ ଏଠାରେ ଆରମ୍ଭ ହେବ। ବୁଧବାର ଏଠାରେ ପହଞ୍ଚିଥିବା ଭାରତୀୟ ଦଳ ପାଇଁ ଅଭ୍ୟାସ କରିବାକୁ ଖୁବ୍ କମ୍ ସମୟ ଅଛି। ୟୁକେ ଆସିବା ପୂର୍ବରୁ ଭାରତୀୟ ଦଳ ମୁମ୍ବାଇରେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିଥିଲା। ଏଠାରେ ପହଞ୍ଚିବା ପରେ ସଂକ୍ଷିପ୍ତ ତଥା କଠିନ କ୍ୱାରାଣ୍ଟାଇନ୍ ଆରମ୍ଭ ହୋଇଛି। "୩ ଦିନ କ୍ୱାରାଣ୍ଟାଇନ ମଧ୍ୟରେ ଆମକୁ କେହି କାହାରି ସହିତ ନ ମିଶିବାକୁ ପରାମର୍ଶ ଦିଆଯାଇଛି। ତେଣୁ ବିଶ୍ରାମ ନେବୁ" ବୋଲି ବିସିସିଆଇ ପକ୍ଷରୁ ପୋଷ୍ଟ କରାଯାଇଥିବା ଭାରତୀୟ ଦଳର ଭ୍ରମଣ ସମୟର ଏକ ଭିଡିଓରେ ତାରକା ସ୍ପିନର ଅକ୍ଷର ପଟେଲ ପ୍ରକାଶ କରିଛନ୍ତି। ଗୋଟିଏ ଚାର୍ଟାର୍ଡ ବିମାନରେ ଭାରତୀୟ ମହିଳା ଓ ପୁରୁଷ ଦଳ ଯାତ୍ରା କରିଥିଲେ।

# ରେସ୍‌ଲର ସୁମିତ ଡୋପ୍ ଟେଷ୍ଟରେ ବିଫଳ

ନୂଆଦିଲ୍ଲୀ, ୪।୬ (ପି.ଟି.)

ଟୋକିଓ ଅଲିମ୍ପିକ୍ସ ହେବାକୁ ଆଉ କିଛି ସପ୍ତାହ ବାକି ରହିଥିବାବେଳେ ଏଥିରେ ଭାଗ ନେବାକୁଥିବା ଭାରତୀୟ ରେସ୍‌ଲର ସୁମିତ୍ ମଲିକ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଦେଶପାଇଁ ଏହା ଲଜ୍ଜାଜନକ ବିଷୟ। ବୁଲଗେରିଆରେ ନିକଟରେ ଅନୁଷ୍ଠିତ କ୍ୱାଲିଫାୟର୍ସରେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ଅଲିମ୍ପିକ୍ସ ପୂର୍ବରୁ ଜଣେ ରେସ୍‌ଲର ଡୋପ୍ ଜାଲରେ ଧରାପଡ଼ିବା ଏହା ଦ୍ୱିତୀୟ ଦୃଷ୍ଟାନ୍ତ। ୨୦୧୬ ରିଓ ଅଲିମ୍ପିକ୍ସ ପୂର୍ବରୁ ନରସିଂହ ପଞ୍ଚମ ଯାଦବ ଡୋପ୍ ଟେଷ୍ଟରେ ଧରାପଡ଼ି ୪ ବର୍ଷ ବାସନ୍ଦ ହୋଇଥିଲେ। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ବୁଲଗେରିଆର ସୋଫିଆଠାରେ ଅନୁଷ୍ଠିତ ବିଶ୍ୱ ଅଲିମ୍ପିକ କ୍ୱାଲିଫାୟର ଇଭେଣ୍ଟର ୧୨୫ କେଜି କାଟେଗୋରିରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କିନ୍ତୁ ବର୍ତ୍ତମାନ ଏହି ୨୮ ବର୍ଷୀୟ ରେସ୍‌ଲର ଜୁଲାଇ


ସୁମିତ୍ ମଲିକ

୨୩ରୁ ଆରମ୍ଭ ହେବାକୁଥିବା ମୁଖ୍ୟ ଇଭେଣ୍ଟରେ ଅଂଶଗ୍ରହଣ ଅନିଶ୍ଚିତ ମଧ୍ୟକୁ ଠେଲି ହୋଇଯାଇଛି। ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ସମ୍ପାଦକ ବିନୋଦ ତୋମାର କହିଛନ୍ତି, ସୁମିତ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ବିଷୟ ସେମାନେ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)ଠାରୁ ଆସିଥିବା ଏକ ଇ-ମେଲ୍‌ରୁ ଜାଣିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଛି। ତାଙ୍କ ନିକଟରୁ ସଂଗୃହୀତ ସାମ୍ପଲରୁ ଯେଉଁ ଉପାଦାନ ଠାବ କରାଯାଇଛି ତାହା ହେଉଛି ୫-ମେଥିଲହେକ୍ସାନ-୨-ଆମିନେ (୧,୪-ଡେମିଥିଲପେଣ୍ଟିଲାମିନେ)। ଫଳାଫଳକୁ ନେଇ ଡବ୍ଲ୍ୟୁଏଫ୍ଆଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛି। କାରଣ ସୁମିତ୍‌ଙ୍କ ଟ୍ରାକ୍ ରେକର୍ଡ ଖୁବ୍ ଭଲ ରହିଛି। ତାଙ୍କ 'ବି' ସାମ୍ପଲକୁ ଅପେକ୍ଷା କରାଯାଇଛି। ସାଧାରଣତଃ ଅଣ ନିର୍ଦ୍ଦିଷ୍ଟ ପଦାର୍ଥଗୁଡ଼ିକ ହେଉଛି ଆନାବୋଲିକ୍ ଷ୍ଟେରଏଡ ଏବଂ ନିର୍ଦ୍ଦିଷ୍ଟ ପଦାର୍ଥଗୁଡ଼ିକ ହେଉଛି ଷ୍ଟିମୁଲାଣ୍ଟ।

# ଚତୁର୍ଥ ରାଉଣ୍ଡରେ ଜେଭରେଭ, ନିଶିକୋରି

ପ୍ୟାରିସ,୪।୬

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ଶୁକ୍ରବାର ଷଷ୍ଠ ଦିବସରେ ପହଞ୍ଚିଛି। ପୁରୁଷ ସିଙ୍ଗଲ୍ସରେ ଜର୍ମାନୀର ଷଷ୍ଠ ସିଡ୍ ଖେଳାଳି ଆଲେକଜାଣ୍ଡର ଜେଭରେଭ, ଜାପାନର କେଇ ନିଶିକୋରି, ଆର୍ଜେଣ୍ଟିନାର ଫେଡେରିକୋ ଡେଲବୋନିସ,

**ଫ୍ରେଞ୍ଚ୍ ଓପନ୍ ଟେନିସ**

ସ୍ପେନର ଆଲେଜାଣ୍ଡ୍ରୋ ଫୋକିନା, ଦ୍ୱିତୀୟ ସିଡ୍ ଖେଳାଳି ରୁଷିଆର ଡାନିଲ ମେଡଭେଡେଭ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ମେଡଭେଡେଭ ତୃତୀୟ ରାଉଣ୍ଡରେ ଆମେରିକାର ରିଲି ଓପେଲକାଙ୍କୁ ୬-୪, ୬-୨, ୬-୪ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜେଭରେଭ ତୃତୀୟ ରାଉଣ୍ଡ ମୁକାବିଲାରେ ସର୍ବିଆର ଲାସଲୋ ଡେରେଙ୍କୁ ୬-୨, ୭-୫, ୬-୨ ସେଟରେ ପରାସ୍ତ କରି


ଭିକ୍ଟୋରିଆ ଅଜାରେଙ୍କା

ଅଗ୍ରଗତି କରିଛନ୍ତି। ଜେଭରେଭ ଚତୁର୍ଥ ରାଉଣ୍ଡରେ ନିଶିକୋରିଙ୍କୁ ଭେଟିବେ। ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସୁଇଜରଲାଣ୍ଡର ହେନରୀ ଲାକୋସେନେନ ରିଟାୟାର୍ଡ ହର୍ଟ ହୋଇ ଓହରିଯିବା ଫଳରେ ନିଶିକୋରି ଚତୁର୍ଥ ରାଉଣ୍ଡକୁ ଉଠିଥିଲେ। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ଡେଲବୋନିସ୍ ଓ ଫୋକିନା ପରସ୍ପରକୁ ଭେଟିବା ନିଶ୍ଚିତ ହୋଇଛି। ଡେଲବୋନିସ ୬-୪, ୬-୧, ୬-୩ ସେଟ୍‌ରେ ୨୭ତମ ସିଡ୍ ଇଟାଲୀର ଫାବିଓ ଫୋଗନିନିଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଫୋକିନା ୧୫ତମ ସିଡ୍ ନରୱେର କାସ୍ପର ରୁଡ୍‌ଙ୍କୁ ୭-୬, ୨-୬, ୭-୬, ୦-୬, ୭-୫ ମାରାଥନ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି।

**ସେରେନା, ଆଜାରେଙ୍କାଙ୍କ ଅଗ୍ରଗତି, ସାବାଲେଙ୍କାଙ୍କ ବିପର୍ଯ୍ୟୟ**

ମହିଳା ସିଙ୍ଗଲ୍ସରେ ୧୫ତମ ସିଡ୍ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଓ ରୁଷିଆର ୩୧ତମ ସିଡ୍ ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭା ଚତୁର୍ଥ ରାଉଣ୍ଡରେ ମୁହାଁମୁହିଁ ହେବା ସ୍ପଷ୍ଟ ହୋଇଛି। ଆଜାରେଙ୍କା ତୃତୀୟ ରାଉଣ୍ଡରେ ଆମେରିକାର ମାଡିନସନ କେଜଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଥିବା ବେଳେ ପାଭଲ୍ୟୁଚେଙ୍କୋଭା ୬-୪, ୨-୬, ୬-୦ ସେଟ୍‌ରେ ତୃତୀୟ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି। କାଜାଖସ୍ତାନର ଏଲିନା ରିବାକିନା ୬-୧, ୬-୪ ସେଟ୍‌ରେ ରୁଷିଆର ଏଲିନା ଭେସନିନାଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେରେନା ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୪, ୬-୪ ସେଟ୍‌ରେ ଡାନିଏଲ କଲିନ୍ସଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତାମରା ଜିଡାନସେକ ୦-୬, ୭-୬, ୬-୨ ସେଟ୍‌ରେ ଚେକ ଗଣରାଜ୍ୟର କାଟେରିନା ସିନିଆକୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

# ଅଲିମ୍ପିକ ଚାମ୍ପିୟନ ରୋଲିନ୍ସ ମ୍ୟାକ୍‌ନିଲ ୫ବର୍ଷ ବାସନ୍ଦ

ମୋନାକୋ, ୪।୬ (ଏପି)

ଅଲିମ୍ପିକ ହର୍ଡଲ୍ସ ଚାମ୍ପିୟନ ବ୍ରାଏନା ରୋଲିନ୍ସମ୍ୟାକ୍‌ନିଲ ଏକ ଡୋପିଂ ମାମଲାରେ ୫ବର୍ଷ ବାସନ୍ଦ ହୋଇଛନ୍ତି। ଫଳରେ ସେ ଚଳିତବର୍ଷର ଟୋକିଓ ଗେମ୍ସ ଓ ୨୦୨୪ ପ୍ୟାରିସ ଗେମ୍ସରେ ଅଂଶଗ୍ରହଣ କରିପାରିବେ ନାହିଁ। ଡୋପିଂ କଣ୍ଟ୍ରୋଲ ସାମ୍ପଲ୍ସର ରେଜଲ୍ଟ ମ୍ୟାନେଜମେଣ୍ଟ ପ୍ରୋସେସ୍‌ରେ ଟ୍ୟାମ୍ପରିଂ ପାଇଁ ଆମେରିକାର ଏହି ଆଥ୍‌ଲେଟ



ତାଙ୍କ କ୍ୟାରିୟରରେ ଦ୍ୱିତୀୟ ଥର ବାସନ୍ଦ ହୋଇଥିବା ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) କହିଛି। ୨୯ବର୍ଷୀୟ ହର୍ଡଲ୍ସ ଧାବକ ବାସନ୍ଦ ଦଣ୍ଡ ୨୦୨୪ ପର୍ଯ୍ୟନ୍ତ ରହିବ। ସେତେବେଳକୁ ପ୍ୟାରିସ ଅଲିମ୍ପିକ୍ସ ଶେଷ ହୋଇଯାଇଥିବ। ତେବେ ରୋଲିନ୍ସମ୍ୟାକ୍‌ନିଲ ଯେପରି ଆସନ୍ତା ମାସରେ ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇପାରିବେ ସେଥିପାଇଁ ଅପିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ଠାରୁ ସେ ଏକ ମଧ୍ୟବର୍ତ୍ତିକାଳୀନ ରାୟ ଚାହିବେ। ଯାହାଫଳରେ ସେ ଚଳିତ ମାସରେ ୟୁଏସ୍ ଅଲିମ୍ପିକ୍ ଟ୍ରାଏଲରେ ଭାଗ ନେଇପାରିବେ। ତାଙ୍କ ପୂର୍ଣ୍ଣାଙ୍ଗ ଅପିଲର ଶୁଣାଣି ଜୁଲାଇ ୨୩ରେ ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବା ପୂର୍ବରୁ ହେବ ବୋଲି ଏଆଇୟୁ କହିଛି। ମେଡିକାଲ ରେକର୍ଡ ସମ୍ପର୍କିତ ହୋଇଥିବାରୁ ଗୋପନୀୟତା ଦୃଷ୍ଟିକୋଣରୁ ଏଆଇୟୁ ଏହି ଡୋପିଂ ମାମଲାର ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିନାହିଁ।

# ଅଧିନାୟକ ପାଇଁ ଆଗ୍ରହୀ ନୁହନ୍ତି ରଶିଦ

ଆବୁଧାବି, ୪।୬ (ପି.ଟି.)

ଆଫଗାନିସ୍ତାନ ଟି୨୦ କ୍ରିକେଟ ଦଳର ଅଧିନାୟକ ହେବାକୁ ଆଗ୍ରହୀ ନୁହନ୍ତି ଦେଶର ଷ୍ଟାର ସ୍ପିନ ବୋଲର ରଶିଦ ଖାଁ। କାରଣ ଜଣେ ଖେଳାଳି ହିସାବରେ ଏହା ତାଙ୍କ ପ୍ରଦର୍ଶନରେ ପ୍ରଭାବ ପକାଇବ ବୋଲି ସେ ମନେକରୁଛନ୍ତି। ଆଫଗାନିସ୍ତାନ ବାରମ୍ବାର ଏହାର ଅଧିନାୟକ ପଦବୀରେ ପରିବର୍ତ୍ତନ କରୁଥିବା ଲକ୍ଷ୍ୟ କରାଯାଉଛି। ଚଳିତ ସପ୍ତାହରେ ହସମାତୁଲ୍ଲା ଶାହିଦଙ୍କୁ ଉଭୟ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଦଳର ଅଧିନାୟକ ମନୋନୀତ କରାଯାଇଛି। ତେବେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ଏ ପର୍ଯ୍ୟନ୍ତ ଟି୨୦ ଅଧିନାୟକଙ୍କ ନାମ ଘୋଷଣା କରିନାହିଁ। ରଶିଦ ଖାଁ କହିଛନ୍ତି, ଜଣେ ଖେଳାଳି ହିସାବରେ ସେ ଠିକ୍ ଅଛନ୍ତି। ସେ ଦଳର ଉପଅଧିନାୟକ ମଧ୍ୟ ଅଛନ୍ତି। ଏଥିରେ କୌଣସି ଅସୁବିଧା ନାହିଁ। ଆବଶ୍ୟକ ସ୍ଥଳେ ସେ ଅଧିନାୟକଙ୍କୁ ସହାୟତା କରିପାରିବେ। କିନ୍ତୁ ଅଧିନାୟକ ପଦବୀରୁ ସେ ସବୁବେଳେ ଦୂରେଇ ରହିବାକୁ ଚାହିଁବେ। ସେ ଜଣେ ଖେଳାଳି ହିସାବରେ ଦଳ ପାଇଁ ଭଲ ପ୍ରଦର୍ଶନ କରିବାକୁ ଚାହାଁନ୍ତି, ଯାହାକି ଦଳ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଧିନାୟକ ହେଲେ ବିଭିନ୍ନ କଥା ଚିନ୍ତା କରିବାକୁ ହୋଇଥାଏ। ଏହା ହୁଏତ ତାଙ୍କ ପ୍ରଦର୍ଶନ ଉପରେ ପ୍ରଭାବ ପକାଇପାରେ ବୋଲି ରଶିଦ କହିଛନ୍ତି।

# କ୍ରୀଡ଼ାମନ୍ତ୍ରୀଙ୍କ ଇଣ୍ଟିଗ୍ରେଟେଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ତଦାରଖ

ଭୁବନେଶ୍ୱର, ୪।୬(କ୍ରୀଡ଼ା ପ୍ରତିନିଧି)

କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁକ୍ରବାର ଭର୍ଚୁଆଲ ମାଧ୍ୟମରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଅଧ୍ୟକ୍ଷତା କରିବା ସହିତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସମେତ ବ୍ରହ୍ମପୁର, ପୁରୀ, ଜୟପୁର, ସମ୍ବଲପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱର ଆଦି ସ୍ଥାନରେ ଥିବା ଇଣ୍ଟିଗ୍ରେଟେଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀ ଓ ଇଡ୍‌କୋ, ପିଡବ୍ଲ୍ୟୁଡି ଏବଂ ୱାକସ ଭଳି ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କୋଭିଡ୍ ପ୍ରତିକୂଳ ପରିସ୍ଥିତି ଯୋଗୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଥିବା ବେଳେ ବିକଳ୍ପ ପନ୍ଥା ବାହାର କରି ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ଉପରେ ସେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ସରକାର ଦେଶରେ ସବୁଠୁ ଭଲ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ କୌଣସି ପରିସ୍ଥିତିରେ କାର୍ଯ୍ୟର ଗୁଣବତ୍ତା ସହିତ ସାଲିସ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଥିଲେ। ଏଥିସହିତ ରାଉରକେଲାରେ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମର ନିର୍ମାଣ, ପୌରାଞ୍ଚଳ କ୍ରୀଡ଼ା ଭିତ୍ତିଭୂମିର ବିକାଶ, କୋଚ ଓ କ୍ରୀଡ଼ା ଶିକ୍ଷକଙ୍କ ତାଲିମ, କ୍ରୀଡ଼ା ଛାତ୍ରାବାସ ଓ ହାଇପରଫର୍ମାନ୍ସ ସେଣ୍ଟରର ସୁପରିଚାଳନା ବିଷୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସ୍ୱତନ୍ତ୍ର ଶାସନ ସଚିବ ଆର. ଭିନିଲ କ୍ରିଷ୍ଣା, ଉପ ଶାସନ ସଚିବ ରଞ୍ଜିତ ପରିଡାଙ୍କ ସହ ଆଲୋଚନା କରିଥିଲେ।

ସେହିପରି ତୁଷାରକାନ୍ତି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ସମୀକ୍ଷା ବୈଠକରେ କୋଭିଡ୍ ସମୟରେ ସୂଚନାପ୍ରଯୁକ୍ତିର ବ୍ୟାପକ ଉପଯୋଗ ଉପରେ ବିଭାଗୀୟ ଶାସନ ସଚିବ ମନୋଜ ମିଶ୍ର, ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ପଟ୍ଟନାୟକ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଡାଟା ସେଣ୍ଟର ବିକାଶ ପାଇଁ ଟେଣ୍ଡର କାର୍ଯ୍ୟକୁ ଶୀଘ୍ର ଶେଷ ସହ ଏସ୍‌ଏଚଜି ମହିଳାଙ୍କୁ ଡିଜିଟାଲ ଶିକ୍ଷା ତାଲିମ ଓ ସମଗ୍ର ରାଜ୍ୟରେ ଟେଲି ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଷ୍ଟେଟ ଡାଟ୍ ବୋର୍ଡ, କୋଭିଡ୍ ପରୀକ୍ଷା ସମ୍ପର୍କିତ ତଥ୍ୟ ଏବଂ ମୋ ସରକାର କଲ୍ ସେଣ୍ଟର ଆଦି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଖଣ୍ଡପଡ଼ା ବ୍ଲକରେ କର୍ମଚାରୀଙ୍କ ଅଭାବ, ଅଚଳାବସ୍ଥା ଜାରି

**ଖଣ୍ଡପଡା,୪।୬(ସ୍ୱ.ପ୍ର):** ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ଯୋଗୁ ବିଭିନ୍ନ ସମୟରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଅଚଳାବସ୍ଥା ଦେଖା ଦେଉଛି। ୨ମାସ ଧରି ଏବିଡିଓଙ୍କ ପଦବୀ ଖାଲି ପଡିଥିବା ବେଳେ ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀଗୁଡିକ ଖାଲି ପଡିଛି। ଫଳରେ ୨ରୁ୩ଟି ପଞ୍ଚାୟତ ପରିଚାଳନାର ଦାୟିତ୍ୱ ଜଣେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ଉପରେ ନ୍ୟସ୍ତ କରାଯାଇଥିବାରୁ ପ୍ରଶାସନିକ ଅବ୍ୟବସ୍ଥା ଲାଗି ରହିଛି। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ବ୍ଲକ ପ୍ରଶାସନ ଜରିଆରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକ ତଦାରଖ କରିବା ନିମନ୍ତେ କନିଷ୍ଠଯନ୍ତ୍ରୀଙ୍କର ଅଭାବ ପରିଲକ୍ଷିତ ହେଉଛି। ସେହିପରି ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକରେ ପଦବୀଗୁଡିକ ଖାଲି ପଡିଥିବାରୁ କାମଚଳା ଅଧିକାରୀଙ୍କୁ ନେଇ କାର୍ଯ୍ୟାଳୟ ଚାଲିଛି। ବ୍ଲକରେ ଖାଲିପଡିଥିବା ପଦବୀଗୁଡିକ ପୂରଣ ଦିଗରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ସଚିବ ଓ ମନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନୟାଗଡ଼ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ପ୍ରଧାନ ଶିକ୍ଷୟିତ୍ରୀ

**ଖଣ୍ଡପଡା,୪।୬(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ଭାବେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସାହୁ ବ୍ଲକ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଏ ସମ୍ପର୍କିତ ଚିଠିରୁ ଜଣାପଡିଛି।

### ୨୧୯ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ ଅଫିସ,୪।୬:** ନୟାଗଡ ଜିଲାରେ ଶୁକ୍ରବାର ୨୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଦ୍ୱିତୀୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯,୯୭୬ରେ ପହଞ୍ଚିଛି। ଶୁକ୍ରବାର ରିପୋର୍ଟରେ ଭାପୁର ବ୍ଲକରେ ୧୧, ଦଶପଲ୍ଲାରେ୧୩, ଗଣିଆରେ ୪, ଖଣ୍ଡପଡାରେ ୨୦, ନୟାଗଡରେ ୩୬, ନୂଆଗାଁରେ ୩୧, ଓଡଗାଁରେ ୪୩, ରଣପୁର ବ୍ଲକରେ ୩୩, ନୟାଗଡ ମ୍ୟୁନିସିପାଲିଟିରେ ୨୮ଜଣ ଅଛନ୍ତି।

### ସାର୍ବଜନୀନ ଟିକାକରଣ ଦାବି ନେଇ ସ୍ମାରକପତ୍ର



**ନୟାଗଡ ଅଫିସ,୪।୬:** ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନକ୍ରମେ ନୟାଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଦେଶ ବ୍ୟାପୀ ଦେୟ ମୁକ୍ତ ସାର୍ବଜନିନ ଟିକାକରଣକୁ ସମର୍ଥନ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ସ୍ମାରକପତ୍ର ଉପଜିଲାପାଳ ଲମ୍ବଜିତ୍ ରାଉତଙ୍କ ଜରିଆରେ ଦିଆଯାଇଛି। ଜିଲା କଂଗ୍ରେସ ପ୍ରତିନିଧି ଦଳରେ ଜିଲା ସଭାପତି ରଣଜିତ୍ ଦାଶ, ଜିଲା ଯୁବ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ନୂଆଗାଁ ବ୍ଲକ ସଭାପତି ଅଶୋକ ନାୟକ, ଛାତ୍ର କଂଗ୍ରେସ ନେତା ଅକ୍ଷୟ ମଲ୍ଲ ପ୍ରମୁଖ ସାମିଲ ହୋଇଥିଲେ।

### ଟ୍ରକ୍ ଚାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୪।୬:** ବଡ଼ବଜାର ଥାନା ଫାଷ୍ଟଗେଟ ଅଟୋନଗର ରାସ୍ତାରେ ଜଣେ ଟ୍ରକ୍ ଡ୍ରାଇଭର୍ ଗୁରୁବାର ରାତିରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାବା ଦିନ୍ (୩୨)। ଶୁକ୍ରବାର ପୋଲିସ ମୃତଦେହ ଜବତ କରିଛି। ମଧ୍ୟପ୍ରଦେଶ ଚିତ୍ରକୋଟ ଜିଲା ମାଣିକପୁର ବାବା ଦିନ ନାଗପୁରରୁ ଟ୍ରକରେ ଡାଲି ଧରି ଗୁରୁବାର ବ୍ରହ୍ମପୁର ଆସିଥିଲେ। ରାତିରେ ଟ୍ରକଟି ଅଟୋନଗର ରାସ୍ତାରେ ପାର୍କିଂ ହୋଇଥିଲା। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ଟ୍ରକ ଡାଲା ହୁକରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା।

# ବିଷ ବଳୟରେ ବିଶ୍ୱ ପରିବେଶ

**ଖଣ୍ଡପଡ଼ା,୪।୬(ସ୍ୱ.ପ୍ର.)**

ଜୁନ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରୁଛି। ଠିକ୍ ସେତିକିବେଳେ ମଣିଷ ଆଗରେ ମହାମାରୀ କରୋନା ଏକ ବଡ଼ ଆହ୍ୱାନ ହୋଇ ଛିଡା ହୋଇଛି। ବିଜ୍ଞାନୀ ମଣିଷ ସହ ଭୂତାଣୁର ଯୁଦ୍ଧ ଚାଲିଛି। ଏକ ଅଦ୍‌ଭୁତ ନିଃଶବ୍ଦ ଯୁଦ୍ଧରେ ବିଶ୍ୱବାସୀ ବନ୍ଦି। କୋଟି କୋଟି ମଣିଷଙ୍କ ଜୀବନହାନି ହେଉଛି। ବିଶ୍ୱର ପ୍ରାୟ ସମଗ୍ର ଦେଶ ସଂକ୍ରମିତ। ହଳାହଳ ବିଷ ବଳୟରେ ବିଶ୍ୱ ପରିବେଶ। ଏହା ଦେଖି ପରିବେଶ ବିଶେଷଜ୍ଞମାନେ ମତ ଦେଲେଣି ଏହା ପ୍ରକୃତିର ପ୍ରତିଶୋଧ। ପରିବେଶର ସତର୍କ ଘଣ୍ଟି। ଯଦି ମାନବ ସମାଜ ଏବେଠାରୁ ସତର୍କ ନ ହୁଏ, ଭବିଷ୍ୟତ ପିଢିଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ରୂପେ ବିପଦପୂର୍ଣ୍ଣ ସାବ୍ୟସ୍ତ ହେବ। ଯେଉଁ ଗଛ ମଣିଷଙ୍କୁ ଦେଇ ଆସିଛି ପାଣି, ପବନ, ଛାଇ ପୁଣି ବଞ୍ଚିବାର ଅନେକ ରାହା, ସେଇ ଗଛ ପାଇଁ ଲୋଡା ଅଭୟ ସୁରକ୍ଷା ବୋଲି ମତ ପ୍ରକାଶ ପାଇଛି।



ସୁସ୍ଥ ପରିବେଶ ହେଉଛି ସୁସ୍ଥ ସମାଜର ପ୍ରତୀକ। ପରିବେଶ ଗଛ, ଲତା, ପଶୁ, ପକ୍ଷୀ ଓ ପାହାଡ ଝରଣା ଇତ୍ୟାଦିକୁ ନେଇ ସଜୀବ ହୁଏ। ପରିବେଶ ସବୁଜ ଏବଂ ସୁନ୍ଦର ରହିଲେ ମାନବର ଅତ୍ୟନ୍ତ ଆବଶ୍ୟକ ଅକ୍ସିଜେନ ସୁଲଭ ଭାବେ ମିଳିଥାଏ। ଏହାବ୍ୟତୀତ ସମାଜର ସମସ୍ତ ଆବଶ୍ୟକତାକୁ ପୂରଣ କରିବାରେ ସୁସ୍ଥ ପରିବେଶ ଆମକୁ ଏକ ବରଦାନ ତୁଲ୍ୟ। କରୋନା ଆମକୁ ଚେତେଇ ଦେଲା ସମାଜ ପାଇଁ ଗଛ କେତେ ଉପକାରୀ। ତେଣୁ ଆସନ୍ତୁ ସମସ୍ତେ ପାରିପାର୍ଶ୍ୱିକ ପରିବେଶ ସୁସ୍ଥ ରଖିବା ସହ ଦିବ୍ୟ ଜୀବନକୁ ଅନୁଭବ କରିବା।

**– ପ୍ରଫେସର ଡ. ଭାରତ ଭୂଷଣ ରଥ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ**



ବୈଦିକ କାଳରୁ ପରିବେଶ ସୁରକ୍ଷା ପାଇଁ ମୁନି ଋଷିମାନେ ଅନେକ ଯତ୍ନ କରି ଆସିଛନ୍ତି। ସୁସ୍ଥ ପରିବେଶ ହିଁ ସୁସ୍ଥ ସମାଜ ଗଠନ କରିବା ପାଇଁ ଏକାନ୍ତ ଆବଶ୍ୟକ। ପରିବେଶ ଦିବସରେ ବହୁଳ ବୃକ୍ଷରୋପଣ ତଥା ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ତଥା କର୍ତ୍ତବ୍ୟ ହେବା ଜରୁରୀ ହୋଇ ପଡିଛି।

**–ଜ୍ୟୋତ୍ସ୍ନା ମହାରଣା, ଅଧ୍ୟାପିକା**



ସମଗ୍ର ଜୀବ ଜଗତ ବିନା ସୁସ୍ଥ ପରିବେଶର କଳ୍ପନା ଅସମ୍ଭବ। ଏଭଳି ଏକ ଗୁରୁଦାୟିତ୍ୱକୁ ବହନ କରୁଥିବା ସମାଜ ସଦାସର୍ବଦା ପରିବେଶ କଥା ଭାବିବା ଉଚିତ। କରୋନା କବଳିତ ବିଶ୍ୱ ପାଇଁ ସୁସ୍ଥ ପରିବେଶ କେତେ ଯେ ଜରୁରୀ ତତ୍ ସଂକ୍ରାନ୍ତୀୟ ସଚେତନତା ସମସ୍ତଙ୍କ ପାଇଁ ଆବଶ୍ୟକ ରହିଛି। ବିଶେଷକରି ଲୋକ ପ୍ରତିନିଧିମାନେ ସୁସ୍ଥ ପରିବେଶ ଗଠନ ଦାୟିତ୍ୱ ରୂପେ ଗ୍ରହଣ କରିବାର ଆବଶ୍ୟକତା ରହିଛି।

**–ସଦାଶିବ ମିଶ୍ର, ସାମାଜିକ କର୍ମୀ, ଗଣିଆ**



ପ୍ରକୃତି କୋଳରେ ମଣିଷର ସୃଷ୍ଟି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାହା ଉପରେ ମଣିଷ ନିର୍ଭରଶୀଳ। ସେ ଆଉ କେହି ନୁହେଁ ଆମ ପରିବେଶ। ପ୍ରକୃତିର ଅବଦାନ ଅତୁଳନୀୟ। ଏହାର ଗୁରୁତ୍ୱ ଓ ଉପଯୋଗିତାକୁ ଉପଲବ୍ଧି କରିବାକୁ ଆମେ ପରିବେଶ ଦିବସ ପାଳନ କରୁଛୁ। ହେଲେ ମଣିଷର ଏହି ବୁଝିବା ପଣିଆରେ ସାମାନ୍ୟ ବ୍ୟତିକ୍ରମ ପ୍ରକୃତିର ଭୟାବହତା ଆଡକୁ ଠେଲିଦିଏ। ପ୍ରକୃତିର ବଦାନ୍ୟତାକୁ ସ୍ୱୀକାର କରି ଏହାକୁ ପରିପୃଷ୍ଟ କରିବାକୁ ଯତ୍ନବାନ ହେବା ଦରକାର।

**–ଡ. ଅଜିତ ବସନ୍ତରାୟ, ଅଧ୍ୟାପକ, ମହିଳା ମହାବିଦ୍ୟାଳୟ, ଖଣ୍ଡପଡା**



ବିଜ୍ଞାନର ଦ୍ରୁତ ଉନ୍ନତି ଯୋଗୁ ଆମ ସଭ୍ୟତାର ଶେଷ ସୀମାରେ ଉପନୀତ ହେଲେ ମଧ୍ୟ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ପରିବେଶ ବିପର୍ଯ୍ୟସ୍ତ। ପ୍ରାକୃତିକ ପରିବେଶ ଧ୍ୱଂସ ହେଲେ ସାମାଜିକ ସାଂସ୍କୃତିକ, ଅର୍ଥନୈତିକ ତଥା ରାଜନୈତିକ ସ୍ଥିତିରେ କୁପ୍ରଭାବ ପଡିବା ଅବଶ୍ୟମ୍ଭାବୀ। ଯାହା ଆଜି ଆମେ ପ୍ରତି ମୁହୂର୍ତ୍ତରେ ଉପଲବ୍ଧ କରୁଛେ। ଆମକୁ ଆଜି ଜଳଠାରୁ ଅମ୍ଳଜାନ ପର୍ଯ୍ୟନ୍ତ କିଣିବାକୁ ପଡୁଛି। ତେଣୁ ବିଶ୍ୱ ପରିବେଶ ଦିବସରେ ସମସ୍ତଙ୍କୁ ନିବେଦନ ବୃକ୍ଷରୋପଣ ସହ ଏଗୁଡିକର ସୁରକ୍ଷା ପ୍ରତି ଯତ୍ନବାନ ହୁଅନ୍ତୁ।

**– ଇଂ. ଅର୍ଚ୍ଚନା ଦାଶ, ନୟଗଡ଼ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାପତି**



ବିଶ୍ୱରେ କରୋନା ମହାମାରୀ ଜୀବନ ଜୀବିକାକୁ ଦୋହଲାଇ ଦେଲାଣି। ଏଥିପାଇଁ ମାନବ ସମାଜ ସମ୍ପୂର୍ଣ୍ଣ ଦାୟୀ। ଆମର ସ୍ୱାର୍ଥ ପାଇଁ ଗଛ, ଜଙ୍ଗଲ ପାହାଡକୁ ନଷ୍ଟ କରି ଚାଲିଛେ। ଏହାର ପ୍ରଭାବ ଆମକୁ ହିଁ ଭୋଗିବାକୁ ପଡୁଛି। ତେଣୁ ବିପୁଳ ପରିମାଣର ବୃକ୍ଷରୋପଣ ସହ ଏହାର ସୁରକ୍ଷା କରାଗଲେ ଅନ୍ତତଃ ପକ୍ଷେ ସମାଜ ତିଷ୍ଠି ରହିପାରିବ। ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା ପାଇଯିବ।

**– ଅଞ୍ଜନା ଦାଶ, ଅଭିନେତ୍ରୀ**


## ଆବର୍ଜନାରୁ ଖାଦ୍ୟ ସଂଗ୍ରହ କରୁଛନ୍ତି ଯୁବକ

### ଭୋକର ବିକଳ ଚିତ୍ର



**ନୟାଗଡ଼ ଅଫିସ,୪।୬**

ନୟାଗଡ଼ ସହର ଟ୍ରାଫିକ ଛକ ପାର୍ଶ୍ୱସ୍ଥ ରାସ୍ତା କଡରେ ଜଣେ ଅଚିହ୍ନା ଯୁବକ ରାସ୍ତା କଡ ଆବର୍ଜନା ଗଦାରୁ ଶୁକ୍ରବାର ଅପରାହ୍ନ ୧ଟାରେ ଖାଦ୍ୟ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଯୁବକ ଜଣକ ନିଜର ଭୋକ ମେଣ୍ଟାଇବା ପାଇଁ ଅଳିଆ ଗଦାରୁ ପଚା ଅଙ୍ଗୁର, କଦଳୀ ଓ ଅଇଁଠା ପତ୍ର ଚାଟୁଥିବା ଦେଖା ଯାଇଥିଲା। ଏଭଳିଆ ଦୃଶ୍ୟ ଦେଖି କ'ଣ ଭୋକିଲା ଅଛ, ଖାଦ୍ୟ ଖାଇବାକୁ ଚାଲ କହିବାରୁ କିଛି ନ କହି ଦୌଡି ପଳାଇ ଯାଇଥିଲେ। ନୟାଗଡ ସହରରେ ଏଭଳିଆ ଦୃଶ୍ୟ ପୁଣି ମୁଖ୍ୟ ଛକରେ ଚାଲିଥିବାବେଳେ କାହାରି ଦୃଷ୍ଟି ପଡୁ ନ ଥିଲା। ଜିଲା ସଦର ମହକୁମାରେ ଏଭଳି ଦୃଶ୍ୟକୁ ନେଇ କେତେଜଣ ଲୋକ କେବଳ ପ୍ରତବାଦ କରି ନୀରବତା ଅବଲମ୍ବନ କରିଥିଲେ।



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଆହାର କେନ୍ଦ୍ରରେ ଲୋକଙ୍କ ଭିଡ଼।

## ଆହାର କେନ୍ଦ୍ରରେ ଭିଡ଼

**ନୟାଗଡ ଅଫିସ,୪।୬**

କରୋନା କଟକଣାକୁ ନେଇ ଲକ୍‌ଡାଉନ ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଖୋଲିଥିବା ଆହାର କେନ୍ଦ୍ରରେ ଶୁକ୍ରବାର ପ୍ରବଳ ଭିଡ ହୋଇଥିଲା। ମିଲସ୍ ପାର୍ସଲ ନେବାକୁ ଲୋକମାନେ ଧାଡିରେ ଠିଆ ହୋଇଥିଲେ ହେଁ ସମାଜିକ ଦୂରତ୍ୱ ରକ୍ଷା କରିବାକୁ ଭୁଲି ଯାଇଥିଲେ। କିଛି ଲୋକଙ୍କ ମୁହଁରେ ମାସ୍କ ନ ଥିଲା।

## କବାଟ ଭାଙ୍ଗି ସ୍କୁଲରୁ ଚୋରି

**ନୟାଗଡ଼ ଅଫିସ,୪।୬**

ନୟାଗଡ଼ ଟାଉନ ଥାନା ସିନ୍ଧୁରିଆ ଉଚ୍ଚବିଦ୍ୟାଳୟର କବାଟ ଭାଙ୍ଗି ଗୁରୁବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଆକ୍ୱାଗାର୍ଡ, ମଧ୍ୟାହ୍ନଭୋଜନ ରୋଷେଇ ଉପକରଣ, ଦୁଇଟି ଚୌକି, ଫ୍ୟାନ ଚୋରି କର ନେଇଛନ୍ତି। ବର୍ଷକରେ ଏହି ବିଦ୍ୟାଳୟରୁ ୪ଥର ଚୋରି ହୋଇ ସାରିଲାଣି। ସନ୍ଧ୍ୟା ହେଲେ ଯୁବକମାନେ ଆସି ଆଡ୍ଡା ଜମାଇବା ସହ ସ୍କୁଲର ବିଦ୍ୟୁତ୍ ବଲବ ଭାଙ୍ଗି ଦେଉଛନ୍ତି।

# କୋଭିଡ୍ ସେଣ୍ଟର ଉଦ୍‌ଘାଟିତ

**ଦଶପଲା, ୪।୬(ଡି.ଏନ.ଏ.)**

ଦଶପଲ୍ଲା ସରକାରୀ ହାଇସ୍କୁଲକୁ ଶୁକ୍ରବାର କୋଭିଡ୍ ସେଣ୍ଟର ରୂପେ ଉଦ୍‌ଘାଟନ କରାଯାଇଛି। ଦଶପଲାରେ କରୋନା ସଂକ୍ରମଣ ଦିନକୁଦିନ ଆଶାତିତ ଭାବେ ବୃଦ୍ଧି ପାଉଥିବା ଯୋଗୁ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ କୋଭିଡ୍ କେୟାର ସେଣ୍ଟର ଖୋଲିବା ଜରୁରୀ ଆବଶ୍ୟକ ମନେ କରାଯାଉଥିଲା। ଏଥିପାଇଁ କିଛିଦିନ ତଳେ ଜନସାଧାରଣଙ୍କ ପକ୍ଷରୁ ମଧ୍ୟ ଦାବି କରାଯାଇଥିଲା। ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ ଜିଲାପାଳ ଡ. ପୋମା ଟୁଡୁ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଉପସ୍ଥିତିରେ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଅଧିକାରୀ ରଶ୍ମିରଞ୍ଜନ ଭଦ୍ରା, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ କର, ବ୍ଲକ ଉପାଧ୍ୟକ୍ଷ ବସନ୍ତ ସାହୁ, ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏଣିକି କରୋନାର ପ୍ରାଥମିକ ଅବସ୍ଥାରେ ଥିବା ରୋଗୀ ଏଠାରେ ରହି ଚିକିତ୍ସିତ ହୋଇ ପାରିବେ। ଏଭଳି ଦାୟିତ୍ୱ ସମ୍ପୂର୍ଣ୍ଣ କାର୍ଯ୍ୟଧାରା ଯୋଗୁ ବିଧାୟକ ଏବଂ ଜିଲାପାଳଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।





କୋଭିଡ୍ ସେଣ୍ଟର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

# '୫ ଶହ ଲାଞ୍ଚ ଦେବ ନା ୫ ହଜାର ଚାଲାଣ କାଟିବି'

**ନୟାଗଡ଼ ଅଫିସ,୪।୬**

- ବାଇକ୍ ଯାଞ୍ଚ ଆଳରେ ରୋଜଗାର
- ଭାଇରାଲ ହେଲା ହାବିଲଦାରଙ୍କ କାରନାମା

କରୋନା ସମୟରେ ନୟାଗଡ଼ ଜିଲାର ଦଶପଲ୍ଲା ଥାନା ପୋଲିସ ବାଇକ୍ ଯାଞ୍ଚ ଆଳରେ ରୋଜଗାର କରୁଥିବା ଅଭିଯୋଗ ହେଉଛି। ୫ ଶହ ଲାଞ୍ଚ ଦେବ ନା ୫ ହଜାର ଚାଲାଣ କଟାଯିବ ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲାଞ୍ଚ ମାଗିଥିବା ହାବିଲଦାରଙ୍କ ଗୁମର ଫିଟିଛି। ଏ ନେଇ ଲାଞ୍ଚୁଆ ହାବିଲଦାରଙ୍କୁ ନିଲମ୍ବିତ କରିବାକୁ ବିଭିନ୍ନ ସ୍ତରରୁ ଦାବି ଉଠିଛି। ଅଭିଯୁକ୍ତଙ୍କୁ ଛାଡି ଦେଲେ ପୋଲିସ ତା'ର ମାନସିକତାରେ ପରିବର୍ତ୍ତନ ଆଣିବ ନାହିଁ ବୋଲି କୁହାଯାଇଛି। ଅଭିଯୋଗ ଅନୁସାରେ ଗତ ୧ ତାରିଖରେ ଦଶପଲ୍ଲାରେ ବାଇକ୍ ଯାଞ୍ଚ ହେଉଥିଲା। ଜଣେ ବ୍ୟକ୍ତିଙ୍କର ବାଇକ୍ କାଗଜାତ ଠିକ୍ ନ ଥିଲା। ସମ୍ପୃକ୍ତ ବାଇକ୍ ଚାଳକଙ୍କୁ ଦଶପଲ୍ଲା ଥାନାର ହାବିଲଦାର ୫୦୦ ଟଙ୍କା ଦେଇ ଚାଲିଯିବାକୁ ପରାମର୍ଶ ଦେଇଥିଲେ। ଲାଞ୍ଚ ନ ଦେଲେ ୫ ହଜାର ଚାଲାଣ କଟିବ। ଅଯଥାରେ ଟେନସନ ନେବ। ଏଭଳିସ୍ଥଳେ କେହି ହାବିଲଦାରଙ୍କ ଲାଞ୍ଚ ମାଗିବାର ଘଟଣାକୁ ଭିଜୁଆଲ କରି ସୋସିଆଲ ମିଡିଆରେ ଶୁକ୍ରବାର ଛାଡି ଦେଇଛନ୍ତି। ଏହି ଭିଡିଓ ଭାଇରାଲ ପରେ ପୋଲିସର ଭାବମୂର୍ତ୍ତି ଉପରେ ଦାଗ ଲାଗିଛି। ଏ ନେଇ ଦଶପଲ୍ଲା ଥାନା ଅଧିକାରୀ ଜୟ ପ୍ରକାଶ ପରିଡା କୁହନ୍ତି, ଲାଞ୍ଚ ମାଗିବାର ଭିଡିଓକୁ ଦେଖି ବାଇକ୍ ଚାଳକ ଓ ହାବିଲଦାରଙ୍କ ସହ ଆଲୋଚନା କରିଥିଲି। ହେଲେ ମଜାରେ ହାବିଲଦାର ଏପରି କହିଥିବା ବାଇକ୍ ଚାଳକ କହିଥିବା କହିଛନ୍ତି। ଭିଡିଓଟି ୪ରୁ ୫ ଦିନ ତଳର ବୋଲି ଜଣାପଡିଛି ବୋଲି ସେ କହିଥିଲେ।

# ଗୋରୁ ଗାଡ଼ି ଜବତ, ୩ ଗିରଫ

**ନୟାଗଡ଼ ଅଫିସ,୪।୬**

ନୟାଗଡ଼ ଜିଲାର ଚାନ୍ଦପୁର ଥାନା ପୋଲିସ ୩ ଜଣ ଗୋରୁ ଚୋରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ଗୋରୁ ଗାଡି ସହ ୫ ହଜାର ଟଙ୍କା, ୩ଟି ମୋବାଇଲ, ମାରଣାସ୍ତ୍ର ଜବତ କରିଛି। ଦୁର୍ବୃତ୍ତମାନେ ଗୁରୁବାର ରାତିରେ ଚାନ୍ଦପୁର ଗୋପବନ୍ଧୁନଗରସାହିରୁ ୨ଟି ଗାଈ ଚୋରି କରି ନେଇଥିଲେ। ଖବରପାଇ ପୋଲିସ ପାଟ୍ରୋଲିଂ ଟିମ୍ ପିଛା କରି ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ବଡପୋଖରିଆଠାରେ ଗୋରୁ ଗାଡିକୁ ଜବତ କରିଥିଲା। ଜବତ ଟ୍ରକରେ ୧୦ଟି ଗୋରୁ ଥିଲେ ବୋଲି ଜଣାପଡିଛି।

# ରାଜସ୍ୱ ରଥର ଶୁଭାରମ୍ଭ କଲେ ଜିଲାପାଳ

**ଦଶପଲ୍ଲା ,୪।୬ (ଡି.ଏନ.ଏ.)**

ଦଶପଲା ତହସିଲ କାର୍ଯ୍ୟାଳୟ ପରିସରେ ଶୁକ୍ରବାର ରାଜସ୍ୱ ରଥର ଶୁଭାରମ୍ଭ କରିଛନ୍ତି ଜିଲାପାଳ ଡ. ପୋମା ଟୁଡୁ। ଏହି ରଥ ସମଗ୍ର ଦଶପଲ୍ଲା ବ୍ଲକ ଅଞ୍ଚଳରେ ବୁଲି ଜନସାଧାରଣଙ୍କ ଦ୍ୱାର ଦେଶରେ ସେବା ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ। ଲୋକମାନେ ଖର୍ଚ୍ଚାନ୍ତ ହୋଇ କାମଧନ୍ଦା ଛାଡି ତହସିଲ କାର୍ଯ୍ୟାଳୟକୁ ନ ଆସି ଦ୍ୱାର ଦେଶରେ ଆବଶ୍ୟକ ସେବା ପାଇ ପାରିବେ। ଜାତି ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର, ଜମି ପଟ୍ଟା, ଦାଖଲ ଖାରଜ ଆଦି ଆବଶ୍ୟକ କାର୍ଯ୍ୟକ୍ରମ ସବୁ ଏହି ଗାଡି ମାଧ୍ୟମରେ ପ୍ରଶାସନର ଦୃଷ୍ଟି ଗୋଚର ହେବା ସହ ସମାଧାନ କରାଯିବ ବୋଲି କହିଛନ୍ତି ଦଶପଲା ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ। ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲାପାଳ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଉପାଧ୍ୟକ୍ଷ ବସନ୍ତ ସାହୁ, ତହସିଲଦାର ଖେମୁଣ୍ଡୁ, ତହସିଲର ସମସ୍ତ କର୍ମଚାରୀ, ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।





ଜିଲାପାଳ ଓ ବିଧାୟକ ପତାକା ଦେଖାଇ ରାଜସ୍ୱ ରଥକୁ ଉଦ୍‌ଘାଟନ କରୁଛନ୍ତି।

# ମୁକୁଳା ଡ୍ରେନ୍‌ରେ ପଡ଼ିଲା ସ୍ଲାବ

**ଓଡ଼ଗାଁ, ୪।୬(ସ୍ୱ.ପ୍ର.)**

- ସାହି ବାସିନ୍ଦା, ଛୋଟପିଲା ଓ ଗୃହପାଳିତ ଅଶ୍ୱସ୍ତ
- ଜଳ ନିଷ୍କାସନ ପାଇଁ ନାହିଁ ରାସ୍ତା



ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ଘୋଷଣା ହେବା ପୂର୍ବରୁ ୮ ନମ୍ବର ୱାର୍ଡ ବିଜୟ ମଣ୍ଡପ ସାହିରେ ନିର୍ମାଣ ହୋଇଥିବା ଡ୍ରେନ ମୁକୁଳା ପଡିଥିଲା। ପ୍ରାୟ ୫୦୦ ମିଟର ଲମ୍ବ ଡ୍ରେନ ମୁକୁଳା ପଡିଥିବା ବେଳେ କେବଳ ଲୋକେ ନିଜ ଘରକୁ ଯିବା ଆସିବା କରିବାକୁ ଗୋଟିଏ ଲେଖା ସ୍ଲାବ ପକାଇ ଥିଲେ। ସ୍ଥାନୀୟ ଅଫିସ ପାଚେରିଠାରୁ ସାଇ ମନ୍ଦିର ଦେଇ ଦକ୍ଷିଣପାର୍ଶ୍ୱକୁ ଲମ୍ବିଥିବା ଏହି ରାସ୍ତା ଅଣ ଓସରିଆ ହୋଇଥିବାରୁ ଗୋଟିଏ ହାଲୁକା କିମ୍ବା ଭାରୀଯାନ ଗଲାବେଳେ ଅନ୍ୟ ଗୋଟିଏ ଅତିକ୍ରମ କରିବା କଷ୍ଟକର ହେଉଥିଲା। ଫଳରେ ଅତ୍ୟନ୍ତ ଯତ୍ନର ସହ ସାଇକେଲ କିମ୍ବା ବାଇକ୍‌ରେ ଅନ୍ୟ କୌଣସି ଯାନବାହାନକୁ ଅତିକ୍ରମ କରିବା ସମୟରେ ଲୋକେ ଅସାବଧାନତାରୁ ଡ୍ରେନ ଭିତରକୁ ଖସି ଆହାତ ହେବାର ବହୁ ନଜୀର ରହିଥିଲା। ଏପରିକି ଏକାଧିକ ଗୃହପାଳିତ ସ୍ଥାନୀୟ ବାସିନ୍ଦା ତଥା ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର ହୋଇଛନ୍ତି। ପାଖାପାଖି ୭ରୁ ୮ବର୍ଷ ମୁକୁଳା ଡ୍ରେନ ରହିବା ଦ୍ୱାରା ନାନା ପୁତିଗନ୍ଧମୟ ପରିସ୍ଥିତ ଦେଖାଦେଇଥିଲା। ଏ ନେଇ ବାସିନ୍ଦା ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିଲା। ଫଳରେ ଏ ନେଇ ଏପ୍ରିଲ ୧୮ ରେ କେବଳ 'ଧରିତ୍ରୀ'ରେ ସ୍ଲାବ ନାହିଁ, ମୁକୁଳା ପଡିଛି ଡ୍ରେନ ଶିର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ସେହିଦିନ ହିଁ ସୁଧାଂଶୁ ଜେନା ନାମକ ଜଣେ ବ୍ୟକ୍ତି ଏହାକୁ ମୁଖ୍ୟମନ୍ତ୍ରୀ ଓଡିଶା, ନଗର ଉନ୍ନୟନ ବିଭାଗ, ଜିଲା ପ୍ରଶାସନ ଓ ଏନ୍‌ଏସି ଓଡ଼ଗାଁକୁ ଟ୍ୱିଟ କରିଥିଲେ। ଫଳସ୍ୱରୁପ ଡ୍ରେନ ଉପର ସ୍ଲାବ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟା ପରେ ତୁରନ୍ତ କାମ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ସାହି ବାସିନ୍ଦାଙ୍କ ବୃହତ୍ତର ସ୍ୱାର୍ଥ ସାଧନ ହୋଇଥିବା ଗୃହିଣୀ ମମତା ସାହୁ ଓ କଳ୍ପନା ସାହୁ ପ୍ରକାଶ କରିବା ସହ ଧରିତ୍ରୀକୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷେ ଏହି ଡ୍ରେନରୁ ଉପରମୁଣ୍ଡରୁ ତଳମୁଣ୍ଡକୁ ବହିଯାଉଥିବା ଡ୍ରେନ ପାଣି ନିଷ୍କାସନ ନିମନ୍ତେ ଆଗକୁ ଅତ୍ୟନ୍ତ ସଙ୍କୁଚିତ ରହିଛି। ଫଳରେ ସମସ୍ତ ଡ୍ରେନ ପାଣି ବ୍ଲକ କାନ୍ଥରେ ଥିବା ସହରୀଙ୍କ ଘର ସାମନା ରାସ୍ତା ଉପରକୁ ଉଠି ପରିବେଶକୁ ଅତ୍ୟନ୍ତ ଦୂଷିତ କରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଏ ନେଇ ସ୍ଥାନୀୟ ଏନ୍‌ଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ସାନିଟାରୀ ନିରୀକ୍ଷକଙ୍କ ଦ୍ୱାରା ଏହାର ପରିଦର୍ଶନ କରାଇ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।